The DIGF (Central) requested DCF (Nodal) to invite the user agencies to attend the future FRCM meetings and directed the Staff of Regional Office to ensure that e-mail should also be sent to the user agencies from the Regional Office.

Additionally, he directed that the Minutes of the Meeting (MoM) of the FRCM be circulated to all concerned user agencies to keep them informed and to encourage their participation in future FRCMs.

This issues with the approval of the competent authority.

Memo No. 7(113)2021-FCE — 9th October, 2025

Copy to:

1. The Inspector General of Forests (ROHQ), Ministry of Environment, Forest & Climate Change, Indira Paryavaran Bhawan, Jor Bagh Road, Aliganj, New Delhi for kind information.
2. The Addl. Chief Secretary, Forest, Environment & Climate Change Department, Govt. of Odisha, Kharvel Bhawan, Bhubaneswar for kind information.
3. The PCCF & HoFF, Forest Department, Govt. of Odisha, Aranya Bhawan, Chandrasekharpur, Bhubaneswar for information.
4. The CCF & Nodal Officer (FCA), Forest Department, Govt. of Odisha, Aranya Bhawan, Chandrasekharpur, Bhubaneswar for information and necessary action.
5. The concerned user agencies.

Digitally signed by Sujoy Dutta
Date: 09-10-2025 14:01:37
(Sujoy Dutta)
Assistant Commissioner (Forestry)

ମେ'ଫେୟାରକୁ ଜଙ୍ଗଲ କିସମ ଜମି ପ୍ରଦାନ ନେଇ ଏସିଏଫ୍ ସୁଜୋୟ ଦତ୍ତଙ୍କ ପ୍ରଦତ୍ତ ବିବରଣୀ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** - ଆଜି କୃତ୍ତିକା ନକ୍ଷତ୍ର କର୍ମକ୍ଷେତ୍ରରେ ପ୍ରତିବନ୍ଧକଜନିତ ବିଷୟକୁ ନେଇ ଚିନ୍ତିତ ରହିପାରନ୍ତି। ମନରେ ଅସ୍ଥିରତା ଲାଗି ରହିବାରୁ ଅନ୍ୟମାନଙ୍କ କଥା ଠିକ୍ ଥିଲେ ମଧ ଆପଣଙ୍କୁ ଭଲ ଲାଗିବ ନାହିଁ। ଭୁଲ୍ ବୁଝାମଣାରୁ ପାରିବାରିକ ଜୀବନରେ ଉତ୍‌ଥାନ ପତନ ଲାଗିରହିବ। ଅଟକି ରହିଥିବା କାମଗୁଡିକ ସମ୍ପନ୍ନ ହେବା କଷ୍ଟକର ହୋଇପାରେ।

**ବୃଷ** - ଘର ସକାଶେ, ଜମିଜମା କିମ୍ବା ଯାନ୍ତ୍ରିକ ଜିନିଷ କ୍ଷେତ୍ରରେ ଅର୍ଥ ବ୍ୟୟ କରିବେ। ସାହିତ୍ୟ ଚର୍ଚ୍ଚାଦି ପ୍ରତିଦ୍ୱନ୍ଦ୍ୱିତାରେ ସଫଳତା ପାଇ ପାରିବେ। ମୃଗଶିରା ନକ୍ଷତ୍ର ସକାଶେ ଆଜି ମୋଟାଅଙ୍କର ଅର୍ଥ ଆବଶ୍ୟକ ହୋଇପାରେ। ପରିବାରରେ ସନ୍ତାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁ ବିଚଳିତ ହେବା ଫଳରେ ମାନସିକ ଦ୍ୱନ୍ଦ୍ୱ ବୃଦ୍ଧି ପାଇବ।

**ମିଥୁନ** - ଆଜି ଯେତେ ଚେଷ୍ଟା କଲେ ମଧ ଆର୍ଦ୍ରା ନକ୍ଷତ୍ରର କୌଣସି କାମ ସୁବିଧାରେ ହୋଇପାରିବ ନାହିଁ। ସାହାଯ୍ୟର ପ୍ରତିଶ୍ରୁତି ଦେଇଥିବା ମିତ୍ରମାନେ ମତ ବଦଳାଇ ଅସହଯୋଗ କରିପାରନ୍ତି। ଶିଳ୍ପ, ବାଣିଜ୍ୟ ପ୍ରଭୃତିରେ ସ୍ଥିତି ଅନୁକୂଳ ହେବ। ପାର୍ଟିର ଆୟୋଜନ ଦ୍ୱାରା ଘରେ ବନ୍ଧୁ ମିଳନ, ଆମୋଦ ପ୍ରମୋଦର ସୁଅ ଛୁଟିପାରେ।

**କର୍କଟ** - ପୁନର୍ବସୁ ନକ୍ଷତ୍ର ଦୀର୍ଘ ଦିନରୁ ଅପେକ୍ଷା କରିଥିବା ଖବରଟି ଆଜି ପାଇ ଖୁସି ହୋଇଯିବେ। ଶିଳ୍ପ, ସାମ୍ବାଦିକତା, ପରିବହନ ଓ ବ୍ୟବସାୟରେ ଆଶାନୁରୂପ ଲାଭ ପାଇବେ। ଜୀବନରେ ଶାନ୍ତି ଓ ସ୍ଥିରତା ଅବ୍ୟାହତ ରହିବ। ସବୁ କଥାରେ ନରମି ରହିପାରିଲେ ହିଁ ଭଲ। ପାରିବାରିକ କ୍ଷେତ୍ରରେ ପ୍ରତିକ୍ରିୟା ପ୍ରକାଶ କରି ବିବାଦୀୟ ହୋଇପାରନ୍ତି।

**ସିଂହ** - ପୂର୍ବାଫାଲଗୁନୀ ନକ୍ଷତ୍ର ବନ୍ଧୁଙ୍କ ଦ୍ୱାରା ପ୍ରଭାବିତ ହୋଇ ଭୋଗ, ବିଳାସ ଦିଗକୁ ଟାଣିହୋଇପାରନ୍ତି। ବ୍ୟବସାୟକୁ ଆଗକୁ ବଢ଼ାଇବାପାଇଁ ନୂତନ ପଦକ୍ଷେପ ଗ୍ରହଣ କରିବେ। କର୍ମକ୍ଷେତ୍ରରେ ଆଗାମୀ ସାଂସ୍କୃତିକ ଉତ୍ସବ ନିମନ୍ତେ ପ୍ରସ୍ତୁତି ଆରମ୍ଭ କରିବେ। ବନ୍ଧୁଙ୍କ ସହ ଅଧିକାଂଶ ସମୟ ଆଳାପ ଆଲୋଚନାରେ କଟାଇବେ।

**କନ୍ୟା** - ଆଜି ଚିତ୍ରା ନକ୍ଷତ୍ରର ଆର୍ଥିକ ଉନ୍ନତି ଏବଂ କାର୍ଯ୍ୟସିଦ୍ଧିଜନିତ ମନ ଉତ୍‌ଫୁଲ୍ଲିତ ରହିବ। ଶନିଙ୍କ କୁପ୍ରଭାବରେ ପାରିବାରିକ ଅଶାନ୍ତି ଦେଖାଦେବ। ବନ୍ଧୁଙ୍କ ସହ ଭାଙ୍ଗିପଡିଥିବା ସମ୍ପର୍କ ପୁଣି ଯୋଡି ହୋଇଯିବାର ଆଶା ରହିଛି। ଅବଶ୍ୟ ସାମାଜିକ ସ୍ତରରେ ଗଠନମୂଳକ କାର୍ଯ୍ୟରେ ଗତି ମନ୍ଥର ହେବ, ତଥାପି କାମ ଅଟକିବ ନାହିଁ।

**ତୁଳା** - ସ୍ୱାତୀ ନକ୍ଷତ୍ର ସକାଶେ ଦୈହିକ ସୁସ୍ଥତା ଅକ୍ଷୁଣ୍ଣ ରହିବା ସହ ଅନ୍ୟମାନଙ୍କୁ ଖୁସିରେ ରଖିବାର ସୁସ୍ଥ ପରିବେଶ ସୃଷ୍ଟି କରିପାରନ୍ତି। କର୍ମକ୍ଷେତ୍ରରେ ଖଳଲୋକଙ୍କ ଦ୍ୱାରା ପ୍ରାୟୋଜିତ ଗୁଜବ ମନକୁ ଆତଙ୍କିତ କରିପାରେ। ନିକଟତର ବନ୍ଧୁଙ୍କ ସହ ଅର୍ଥକୁ ନେଇ ତର୍କର ସମ୍ମୁଖୀନ ହେବେ। ବନ୍ଧୁଙ୍କ ଅନୁରୋଧ କ୍ରମେ ଦେବାର୍ଚ୍ଚନା ପାଇଁ ମନ ବଳାଇପାରନ୍ତି।

**ବିଛା** - ଅନୁରାଧା ନକ୍ଷତ୍ର ନୂଆ କାମ ପାଇଁ ମନରେ ଉତ୍ସୁକତା ଲାଗିରହିଲେ ମଧ ବୁଧଗ୍ରହ ପଦେ ପଦେ ସମସ୍ୟା ସୃଷ୍ଟି କରିପାରନ୍ତି। ଗତକାଲିଠାରୁ ଯେଉଁ କାମରେ ହାତ ଦେବେ କୃତକାର୍ଯ୍ୟ ହେବେ। ଲେଖାପଢାରୁ, ସାହିତ୍ୟରେ ଓ ଅଭିନୟ କ୍ଷେତ୍ରରୁ ପ୍ରଶଂସା ପାଇବେ। ଯେଉଁ ବିବାଦୀୟ ଘଟଣା ପାଇଁ ଆଶଙ୍କା କରୁଛନ୍ତି ସେଥିରେ କିଛି ହେବ ନାହିଁ।

**ଧନୁ** - ଉତ୍ତରାଷାଢ଼ା ନକ୍ଷତ୍ର ସ୍ୱାସ୍ଥ୍ୟ ଓ କର୍ମହାନି ସାଙ୍ଗକୁ ବିବାଦୀୟ ସ୍ଥିତିରେ ଅଣନିଃଶ୍ୱାସୀ ହୋଇପାରନ୍ତି। ବନ୍ଧୁଙ୍କ ପ୍ରେରଣାରେ ନୂତନ କାମର ପରିକଳ୍ପନା କରିବେ କିନ୍ତୁ ଖର୍ଚ୍ଚଭାର ଯୋଗୁ ଚିନ୍ତା ପ୍ରକଟ କରିବେ। ପାରିବାରିକ ସମସ୍ୟା ସୁଧାରିବାରେ ବନ୍ଧୁ ସାହାଯ୍ୟ କରିବେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ସମସ୍ୟା ଲାଗିରହିବ।

**ମକର** - ଆଜି ଶ୍ରବଣା ନକ୍ଷତ୍ର ଯାହା ପାଇବା କଥା ତାହା ଠିକ୍ ସମୟରେ ପାଇବା କଷ୍ଟକର ହେବ। ସହକର୍ମୀଙ୍କ ଦୌରାତ୍ମ୍ୟ ଅସହ୍ୟ ହେବାରୁ ଉପରିସ୍ଥଙ୍କୁ ଅଭିଯୋଗ କରିପାରନ୍ତି । ଭୁଲ୍ ବୁଝାମଣାରୁ ବନ୍ଧୁଙ୍କ ସହ ଭାଙ୍ଗିପଡ଼ିଥିବା ସମ୍ପର୍କ ପୁନଃ ପ୍ରତିଷ୍ଠିତ ହେବେ। ପାରସ୍ପରିକ ଆଲୋଚନା ମାଧ୍ୟମରେ ପରିବାରରେ ଟେନ୍‌ସନ କମିଯିବ।

**କୁମ୍ଭ** - ଧନିଷ୍ଠା ନକ୍ଷତ୍ର ସକାଶେ ପିଲାଙ୍କ ସମସ୍ୟା ଓ ପରିବାରର କୌଣସି ଘଟଣା ମନକୁ ବିବ୍ରତ କରିବ। ବନ୍ଧୁଙ୍କ ଉପରେ ବୃଥା ସନ୍ଦେହ କଲେ କ୍ଷତି ହେବ। ଜମିଜମା, କଳ କାରଖାନା, ପରିବହନରେ ସମସ୍ୟା କ୍ରମଶଃ ଜଟିଳ ହେବ। ଚିନ୍ତା କରିଥିବା ଯୋଜନା ବିଗିଡିଯିବା କାରଣରୁ ମନ ଭଲ ରହିବ ନାହିଁ।

**ମୀନ** - ଦୀର୍ଘଦିନ ପରେ ବୃହସ୍ପତିଙ୍କ ରାଶି ପରିବର୍ତ୍ତନରେ ପ୍ରତ୍ୟେକ ଦିଗରୁ ଅନୁକୂଳ ବାତାବରଣ ସୃଷ୍ଟି ହେବ। ଅଟକିଥିବା କାମ ସମ୍ପନ୍ନ ହେବାରେ ବନ୍ଧୁଙ୍କ ଅବଦାନ ଅବିସ୍ମରଣୀୟ ରହିବ। ଅର୍ଥ, ସମ୍ମାନ ଲାଭର ସୁଯୋଗ ପାଇବା ସହ ବନ୍ଧୁମିଳନରୁ ଖୁସି ରହିବେ। ରେବତୀ ନକ୍ଷତ୍ର ସକାଶେ ପରୋକ୍ଷ ଶତ୍ରୁତା ବାଧା ସୃଷ୍ଟି କରିବାର ଆଶଙ୍କା ରହିଛି।

ଆଜି ନଭେମ୍ବର ୬ ତାରିଖ, ପଣ୍ଡିତ ନୀଳକଣ୍ଠ ଦାସଙ୍କ ତିରୋଧାନ ଦିବସ, ମାର୍ଗଶିର କୃଷ୍ଣ ପ୍ରତିପଦା ଯୁକ୍ତ ଦ୍ୱିତୀୟା ଗୁରୁବାର, ମାଣବସା ଗୁରୁବାର ପ୍ରଥମ ପାଳି। ରାଶି ନକ୍ଷତ୍ର-କୃତ୍ତିକା/ମେଷ, ଦିବା ଘ. ୧୧।୪୭ ଗତେ ବୃଷ ଚନ୍ଦ୍ର, ପ୍ରତିପଦାର ଏକୋଦ୍ଦିଷ୍ଟ ଓ ପାର୍ବଣ ଏବଂ ଦ୍ୱିତୀୟାର ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୫।୫୩ ଗତେ ଘ.୦୭।୨୩ ମଧ୍ୟେ ଶୁଦ୍ଧ ଶୁଭ ବେଳା । ଦିବା ଘ.୧୨।୫୪ ଗତେ ଘ.୦୨।୧୮ ମଧ୍ୟେ ରାହୁ କାଳ।

# ସହଯୋଗୀଙ୍କ ସହ ସାର୍ପ ଶୁଟରଙ୍କ କ୍ରାଇମ୍ ସିନ୍ ରିକ୍ରିଏଶନ



ବ୍ରହ୍ମପୁର,୫।୧୧(ସୁବାସ ଚନ୍ଦ୍ର ପାଢ଼ୀ)

## ପୀତବାସ ପଣ୍ଡା ହତ୍ୟା ମାମଲା

ବ୍ରହ୍ମପୁରର ଆଇନଜୀବୀ ତଥା ଭାଜପା ନେତା ପୀତବାସ ପଣ୍ଡା ହତ୍ୟା ମାମଲାରେ ପୋଲିସ ବୁଧବାର ସାର୍ପ ଶୁଟର କୁରୁପତି ଭୂୟାଁ ଓ ତାଙ୍କ ସହଯୋଗୀ ବାଇକ୍ ଚାଳକ ବିଷ୍ଣୁପ୍ରଧାନଙ୍କୁ ନେଇ କ୍ରାଇମ୍‌ସିନ୍‌ରିକ୍ରିଏଶନ କରାଇଛି। ଅପରାହ୍ନରେ ଉଭୟଙ୍କୁ ହତ୍ୟାକାଣ୍ଡସ୍ଥଳ ବୈକୁଣ୍ଠନଗର ଛକକୁ ନିଆଯାଇଥିଲା। ସେଠାରେ ବ୍ୟାରିକେଡ୍ ବ୍ୟବସ୍ଥା କରାଯାଇଥିଲା। ମାସକ ପୂର୍ବରୁ ଅର୍ଥାତ୍ ୬ ତାରିଖ କୁମାରପୂର୍ଣ୍ଣିମା ରାତିରେ ସେମାନେ ପୀତବାସଙ୍କୁ କେମିତି ହତ୍ୟା କରିଥିଲେ ତାହା ଦେଖାଇବା ସହ ସେହି ରାତିର ଘଟଣା ସମ୍ପର୍କରେ କହିଥିଲେ। ରାତି ୯ଟା ୫୦ରେ କୁରୁପତି ଓ ବିଷ୍ଣୁ ବୈକୁଣ୍ଠନଗର ଛକଠାରେ ପୀତବାସଙ୍କୁ ଅପେକ୍ଷା କରିଥିଲେ। ପୀତବାସ ହୋଟେଲରୁ ପାର୍ସଲ ଧରି ସ୍କୁଟି ଯୋଗେ ଆସୁଥିଲେ। ଘରଠାରୁ ଅଳ୍ପ ଦୂରରେ ଥିବା ବୈକୁଣ୍ଠନଗର ଛକ ବୁଲାଣି ବୁଲୁଥିବା ବେଳେ କୁରୁପତି ବାଇକ୍‌ରୁ ଓହ୍ଲାଇ ବଡ଼ପାଟିରେ ପଣ୍ଡାବାବୁ ନମସ୍କାର ବୋଲି କହିଥିଲେ। ଏହା ଶୁଣି ପୀତବାସ ନିଜ ଗାଡ଼ି ସ୍ଲୋ କରିବା ସହ କିଏ ବୋଲି ପଚାରି ସ୍କୁଟି ଷ୍ଟାଣ୍ଡ ମାରିବାକୁ ଚେଷ୍ଟା କରୁଥିଲେ। ଏହି ସମୟରେ କୁରୁପତି ନିଜ ପାଖରେ ରଖିଥିବା ଏକ ଦେଶୀ ବନ୍ଧୁକ ବାହାରକରି ତାଙ୍କ ଉପରକୁ ଗୁଳି ଚଳାଇଥିଲେ। ଗୁଳିଟି ପୀତବାସଙ୍କ ଡାହାଣ ଛାତିରେ ବାଜିବାରୁ ସ୍କୁଟି ସହ ସେ ତଳେ ପଡ଼ିଯାଇଥିଲେ। ନିଜକୁ ବଞ୍ଚାଇବାକୁ ଉଦ୍ୟମକରି କିଛି ପାଦ ଆଗକୁ ଘୋଷାଡ଼ି ହୋଇ ଯିବାକୁ ଉଦ୍ୟମ କରିବା ବେଳେ ସେଠାରେ ହିଁ ତଳେ ପଡ଼ିଯାଇଥିଲେ। ଏହାଦେଖି କୁରୁପତି ଆଉ ଗୋଟିଏ ରାଉଣ୍ଡ ଗୁଳି ଚଳାଇଥିଲେ ମଧ୍ୟ ତାହା ଫୁଟି ନ ଥିଲା। ଏହାପରେ କୁରୁପତି ଓ ବିଷ୍ଣୁ ବାଇକ୍‌ରେ ବସି ଗୋକର୍ଣ୍ଣେଶ୍ୱର ମନ୍ଦିର ହୋଇ ଲୋଚାପଡ଼ା ଦେଇ ଶୀତଳାପଲ୍ଲୀ ଗ୍ରାମକୁ ଯାଇ ସେଠାରୁ ଫେରାର୍ ହୋଇ ଯାଇଥିଲେ ବୋଲି କୁରୁପତି ଓ ବିଷ୍ଣୁ ପୋଲିସକୁ କ୍ରାଇମ୍ ସିନ୍ ରିକ୍ରିଏଶନ ବେଳେ କହିଥିଲେ। ଅନ୍ୟପକ୍ଷରେ ପୀତବାସ ପଣ୍ଡା ହତ୍ୟା ମାମଲାରେ ପୋଲିସ ବୁଧବାର ୪ ଜଣଙ୍କୁ ରିମାଣ୍ଡରେ ନେଇଛି। ସେମାନେ ହେଲେ କର୍ପୋରେଟର ମଳୟ ବିଷୋୟୀ, ବିଜେଡି ନେତା ମଦନ ଦଳେଇ, ଅଭିଯୁକ୍ତ ଯୋଗୀ ରାଉତ ଓ ବିଷ୍ଣୁ ପ୍ରଧାନ। ଏଥିସହ ବ୍ରହ୍ମପୁରର ଜଣେ ଆଇନଜୀବୀ ତଥା କର୍ପୋରେଟରଙ୍କୁ ମଧ୍ୟ ଥାନାକୁ ନେଇ ପଚରାଉଚରା କରୁଛି। ସେ ପୂର୍ବତନ ବିଧାୟକ ବିକ୍ରମ ପଣ୍ଡାଙ୍କ ଘନିଷ୍ଠ ସହଯୋଗୀ। ତାଙ୍କୁ ବୈଦ୍ୟନାଥପୁର ଥାନାରେ ଅଟକ ରଖି ପୋଲିସ ଜେରା କରିଛି।

### ‘ଆମ ପରିବାର ପ୍ରତି ବିପଦ ଅଛି’

ବ୍ରହ୍ମପୁରର ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ଘଟଣାକୁ ଗୁରୁବାର ମାସେ ପୂରିବ। ଇତିମଧ୍ୟରେ ଘଟଣାରେ ସମ୍ପୃକ୍ତ ସମସ୍ତ ଅଭିଯୁକ୍ତଙ୍କୁ ପୋଲିସ ପର୍ଯ୍ୟାୟକ୍ରମେ ଗିରଫ କରିଛି। ହତ୍ୟାକାଣ୍ଡ ଭିଆଇଥିବା ୨ ଅଭିଯୁକ୍ତଙ୍କୁ ନେଇ ପୋଲିସ ବୁଧବାର କ୍ରାଇମ୍ ସିନ୍ ରିକ୍ରିଏଶନ କରିଛି। ଏହି ସମୟରେ ପୀତବାସଙ୍କ ଭାଇ ପୂର୍ଣ୍ଣଚନ୍ଦ୍ର ପଣ୍ଡା ତାଙ୍କ ପରିବାର ପ୍ରତି ବିପଦ ଥିବା ପ୍ରତିକ୍ରିୟାରେ ପ୍ରକାଶ କରି କହିଛନ୍ତି। ସେ କହିଛନ୍ତି, ଗତ ୫/୭ ଦିନ ତଳେ ତାଙ୍କ ପୁତୁରା (ପୀତବାସଙ୍କ ପୁଅ)ଙ୍କ ମୋବାଇଲକୁ ଧମକପୂର୍ଣ୍ଣ କଲ୍ ଆସିଥିଲା। କିଏ ଟେଲିଫୋନ୍ କରିଥିଲେ ସେ ଜାଣିନାହାନ୍ତି। ପୁତୁରା ପ୍ରଥମ କଲ୍‌କୁ ଏଡ଼ାଇ ଯାଇଥିବାବେଳେ ଦ୍ୱିତୀୟ କଲ୍ ରିସିଭ୍ କରିଥିଲେ। ଫୋନ୍‌ରେ କେହି ଜଣେ ଧମକପୂର୍ଣ୍ଣ ବ୍ୟବହାର ସହିତ ଅଶ୍ଲୀଳ ଭାଷାରେ ଗାଳିଗୁଲଜ କରି ଥାନାରୁ ମାମଲା ଉଠାଇବାକୁ କହିଥିଲେ। ଏ ସମ୍ପର୍କରେ ପରିବାର ପକ୍ଷରୁ ଏସ୍‌ଡିପିଓ ଓ ବୈଦ୍ୟନାଥପୁର ଥାନା ଆଇଆଇସିଙ୍କୁ ଜଣାଇ ଦିଆଯାଇଥିବା ପୂର୍ଣ୍ଣଚନ୍ଦ୍ର କହିଛନ୍ତି। ପରିବାରକୁ ଧମକ ମିଳିବା ପରେ ପୋଲିସ କି ପଦକ୍ଷେପ ନେଇଛି ପଚାରିବାରୁ ଯେ କୌଣସି ସମୟରେ ଚାହିଁଲେ ସୁରକ୍ଷା ଯୋଗାଇ ଦିଆଯିବ ବୋଲି ପୋଲିସ କହିଥିବା ପୂର୍ଣ୍ଣଚନ୍ଦ୍ର ସୂଚନା ଦେଇଛନ୍ତି।

# ବାଲେଶ୍ୱରରେ ଆନ୍ତଃ ରାଜ୍ୟ ବନ୍ଧୁକ କାରବାର

■ ୩ ଅଭିଯୁକ୍ତ ଗିରଫ
■ ୨ ଜୀବନ୍ତ ଗୁଳି, ୪ ପିସ୍ତଲ, ୪ ମାଗାଜିନ୍ ଜବତ

ରେମୁଣା(ରବୀନ୍ଦ୍ର ମହାକୁଡ଼)/ ବାଲେଶ୍ୱର(ବାଞ୍ଛାନିଧି ଦେ), ୫।୧୧



ଖବରଦାତା ସମ୍ମିଳନୀରେ ଅତିରିକ୍ତ ଏସ୍‌ପି ସୂଚନା ଦେଉଛନ୍ତି।

ବାଲେଶ୍ୱର ଜିଲାରେ ବେଆଇନ ଭାବେ ଚାଲିଥିବା ଆନ୍ତଃରାଜ୍ୟ ବନ୍ଧୁକ କାରବାରର ସମ୍ପୃକ୍ତ ୩ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ସେମାନଙ୍କ ନିକଟରୁ ୨ ଜୀବନ୍ତ ଗୁଳି ସହ ୪ ପିସ୍ତଲ ଓ ୪ ମାଗାଜିନ୍ ଜବତ ହୋଇଥିବା ବୁଧବାର ରେମୁଣା ଥାନା ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଅତିରିକ୍ତ ଏସ୍‌ପି ଦେବଜ୍ୟୋତି ଦାସ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଗିରଫ ଅଭିଯୁକ୍ତମାନେ ହେଲେ ରେମୁଣା ଥାନା ଅନ୍ତର୍ଗତ ନିଆଁବାଗ ଗ୍ରାମର ମୁନା ଓରଫ ଶାନ୍ତନୁ ଦାସ(୨୬), ଡିହରେମୁଣା ଗ୍ରାମର ନିତାଇ ଓରଫ୍ ଅମିତାବ ଦ୍ୱିବେଦୀ (୨୧) ଓ ଶିଳ୍ପାଞ୍ଚଳ ଥାନା ଅଚ୍ୟୁତପୁର ଗ୍ରାମର ଗୁଡୁ ଓରଫ୍ ମନୋଜ କୁମାର ଭୂୟାଁ (୨୭)। ଏସମ୍ପର୍କରେ ପୋଲିସ ଆର୍ମସ ଆକ୍ଟରେ ଏକ ମାମଲା (ନଂ. ୨୦୦/୨୫) ରୁଜୁ କରି ଗିରଫ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ନୀଳଗିରି ଏସ୍‌ଡିପିଓ ପ୍ରମୋଦ କୁମାର ମଲ୍ଲିକଙ୍କ ନେତୃତ୍ୱରେ ପୋଲିସର ଏକ ସ୍ୱତନ୍ତ୍ର ଟିମ୍ ମଙ୍ଗଳବାର ରାତିରେ ଅଭିଯୁକ୍ତ ଶାନ୍ତନୁଙ୍କ ଘରେ ଚଢ଼ାଉ କରିଥିଲା। ତାଙ୍କ ବେଡରୁମ୍‌ରେ ଥିବା ଏୟାର ବ୍ୟାଗ୍‌ରୁ ଏକ କଳାରଙ୍ଗର ଏୟାର ଗନ୍ (ପିସ୍ତଲ), କେଜିୟୁ୪୧୭ ଲେଖାଥିବା ଗୋଟିଏ ମାଗାଜିନ, ଗୋଟିଏ କଳା-ପିତଳ ରଙ୍ଗର ୭ଏମ୍‌ଏମ୍ ଦେଶୀ ପିସ୍ତଲ, ଗୋଟିଏ ମାଗାଜିନ୍ ସହ ଫିଟ୍ ହୋଇଥିବା ଦୁଇ ରାଉଣ୍ଡ ଜୀବନ୍ତ ଗୁଳି ଜବତ ହୋଇଥିଲା। ତାଙ୍କ ନିକଟରେ ଅସ୍ତ୍ରଶସ୍ତ୍ର ରଖିବାର କୌଣସି ଲାଇସେନ୍ସ ନ ଥିବା ତଦନ୍ତରୁ ଜଣାପଡ଼ିଛି। ଅପରପକ୍ଷରେ ଶାନ୍ତନୁ ଅନ୍ୟ ଦୁଇ ଅଭିଯୁକ୍ତ ମନୋଜଙ୍କୁ ଗୋଟିଏ ଓ ଅମିତାଭଙ୍କୁ ଗୋଟିଏ ଲେଖାଏଁ ପିସ୍ତଲ ବିକ୍ରି କରିଥିବା ପୋଲିସ ଆଗରେ ସ୍ୱୀକାର କରିଥିଲେ। ଏହାପରେ ପୋଲିସ ଟିମ୍ ଉଭୟଙ୍କ ଘରେ ସଙ୍ଗେ ସଙ୍ଗେ ଚଢ଼ାଉ କରିଥିଲେ। ଅମିତାଭଙ୍କ ଘରୁ ଗୋଟିଏ କଳା-ଧୂସର ରଙ୍ଗର ୭ ଏମ୍‌ଏମ୍ ଦେଶୀ ପିସ୍ତଲ ଓ ମନୋଜଙ୍କ ଘରୁ ଏକ ସିଲ୍‌ଭର-କଳା ରଙ୍ଗର ୭ଏମ୍‌ଏମ୍ ଦେଶୀ ପିସ୍ତଲ ଜବତ ହୋଇଥିଲା। ଶାନ୍ତନୁ ବିହାର ଏବଂ ଝାଡ଼ଖଣ୍ଡ ରାଜ୍ୟରୁ ଏସବୁ ବନ୍ଧୁକ ବ୍ୟବସାୟ ନିମନ୍ତେ ଆଣି ବିକ୍ରି କରୁଥିବା ଜଣାପଡ଼ିଛି ବୋଲି ଅତିରିକ୍ତ ଏସ୍‌ପି ଦାସ ସୂଚନା ଦେଇଛନ୍ତି। ଖବରଦାତା ସମ୍ମିଳନୀରେ ନୀଳଗିରି ଏସ୍‌ଡିପିଓ ପ୍ରମୋଦ କୁମାର ମଲ୍ଲିକ ଓ ଆଇଆଇସି ବିମଳ କୁମାର ନାୟକ ଉପସ୍ଥିତ ଥିଲେ।

# କଟୁରି ଚୋଟରେ ସ୍ତ୍ରୀ, ଶାଶୁ, ଶ୍ୱଶୁର ଗୁରୁତର

ଜେଲ ଗଲେ ଅଭିଯୁକ୍ତ ଜ୍ୱାଇଁ

ବାଙ୍କୀ, ୫।୧୧ (ଶୁଭେନ୍ଦୁ ମହାପାତ୍ର/ଜ୍ଞାନେନ୍ଦ୍ର ମୋହନ ମିଶ୍ର)



କଟକ ଜିଲା ବାଙ୍କୀ ଥାନା ଅନ୍ତର୍ଗତ ଶିଶୁଆ ଗ୍ରାମରେ ବୁଧବାର ଏକ ଅଭାବନୀୟ ଘଟଣା ଘଟିଯାଇଛି। ଶ୍ୱଶୁର ଘରେ ଜ୍ୱାଇଁଙ୍କ କଟୁରି ଚୋଟରେ ଶାଶୁ, ଶ୍ୱଶୁର ଓ ସ୍ତ୍ରୀ ଗୁରୁତର ହୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ପୋଲିସ ଅଭିଯୁକ୍ତ ଜ୍ୱାଇଁଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ମିଳିଥିବା ସୂଚନାନୁସାରେ ବାଙ୍କୀ ଥାନା ଅନ୍ତର୍ଗତ ବିଜ୍ଞାପିତ ଅଞ୍ଚଳ ପରିଷଦ ଶିଶୁଆ ଗ୍ରାମର ଚନ୍ଦ୍ରମଣି ଦାସଙ୍କ ଝିଅ ପୁଷ୍ପଲତା(୨୬) ୮ବର୍ଷ ପୂର୍ବେ ସେହି ଗ୍ରାମର ନାରଣ ଦାସଙ୍କ ପୁତ୍ର ସଞ୍ଜୟଙ୍କ ସହିତ ପ୍ରେମ ବିବାହ କରିଥିଲେ। ତାଙ୍କର ୭ ବର୍ଷର ଏକ ଝିଅ ଅଛି। କୌଣସି କାରଣବଶତଃ ପୁଷ୍ପଲତା ଆଜକୁ ୨ବର୍ଷ ଧରି ବାପଘରେ ରହି ଆସୁଥିଲେ। କାର୍ତ୍ତିକ ପୂର୍ଣ୍ଣିମାରେ ଜ୍ୱାଇଁ ସଞ୍ଜୟ ଶ୍ୱଶୁର ଘରକୁ ଆସିଥିଲେ। ଘରେ ସଞ୍ଜୟଙ୍କ ସହିତ ତାଙ୍କ ସ୍ତ୍ରୀ, ଶାଶୁ, ଶ୍ୱଶୁରଙ୍କ ମଧ୍ୟରେ କୌଣସି କାରଣରୁ ବଚସା ହୋଇଥିଲା। ଏଥିରେ ସଞ୍ଜୟ ରାଗିଯାଇ ଘରେ ଥିବା କଟୁରି ଧରି ସେମାନଙ୍କୁ ମାରିବାକୁ ଧମକାଇଥିଲେ। ଶ୍ୱଶୁର ଘରେ ଏଭଳି ପାଟିତୁଣ୍ଡ ଏବଂ ଗଣ୍ଡଗୋଳ ନ କରିବାକୁ ପରିବାର ସଦସ୍ୟ କହିବାରୁ ଏଥିରେ ସଞ୍ଜୟ ଉତ୍କ୍ଷିପ୍ତ ହୋଇ ସ୍ତ୍ରୀ ପୁଷ୍ପଲତାଙ୍କ ମୁଣ୍ଡକୁ କଟୁରିରେ ହାଣିଥିଲେ। ଶାଶୁ ଓ ଶ୍ୱଶୁର ବିରୋଧ କରିବାରୁ ତାଙ୍କୁ ମଧ୍ୟ କଟୁରିରେ ଆକ୍ରମଣ କରିଥିଲେ। ଫଳରେ ଶ୍ୱଶୁର ଚନ୍ଦ୍ରମଣିଙ୍କ ହାତର ୨ଟି ଆଙ୍ଗୁଠି କଟିଯାଇଥିଲା। ଶାଶୁଙ୍କ ହାତରେ ମଧ୍ୟ କଟୁରି ଚୋଟ ବାଜିଥିଲା। ରକ୍ତ ଜୁଡୁବୁଡୁ ଅବସ୍ଥାରେ ସେମାନଙ୍କୁ ପ୍ରଥମେ ବାଙ୍କୀ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ପୁଷ୍ପଲତାଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ଡାକ୍ତରଙ୍କ ପରାମର୍ଶକ୍ରମେ ତାଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିବା ସହିତ ସଞ୍ଜୟଙ୍କୁ ଗିରଫ କରିଥିବା ଆଇଆଇସି ଦିଲୀପ କୁମାର ମର୍ଦ୍ଦରାଜ ଭୂୟାଁ କହିଛନ୍ତି।

# ଘରୋଇ ହସ୍ପିଟାଲରେ ନର୍ସଙ୍କୁ ଯୌନ ନିର୍ଯାତନା ଅଭିଯୋଗ

ଭୁବନେଶ୍ୱର,୫।୧୧(ସତ୍ୟଜିତ୍ ରାଉତ)

## ମାମଲା ରୁଜୁକରି ତଦନ୍ତ ଆରମ୍ଭକଲା ପୋଲିସ

ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳରେ ଥିବା ଏକ ଘରୋଇ ହସ୍ପିଟାଲରେ ଜଣେ ନର୍ସଙ୍କୁ ଯୌନ ନିର୍ଯାତନା ଦିଆଯାଇଥିବା ଅଭିଯୋଗ ହୋଇଛି। ଏନେଇ ପୀଡ଼ିତା ଜଣକ ଚନ୍ଦ୍ରଶେଖରପୁର ଥାନାରେ ବୁଧବାର ଏତଲା ଦେଇଛନ୍ତି। ଜଣେ ସହଯୋଗୀ ନ୍ୟୁରୋ ଟେକ୍ନିସିଆନ୍ ତାଙ୍କୁ ଦୁର୍ବ୍ୟବହାର କରିବା ସହ ଯୌନ ନିର୍ଯାତନା ଦେଇଥିବା ସେ ଏତଲାରେ ଉଲ୍ଲେଖ କରିଛନ୍ତି। ଉକ୍ତ ଘରୋଇ ହସ୍ପିଟାଲଟି ମୈତ୍ରୀବିହାର ଥାନା ଆଧୀନରେ ଆସୁଥିବାରୁ ଚନ୍ଦ୍ରଶେଖରପୁର ଥାନା ପକ୍ଷରୁ ଜିରୋ ଏଫ୍‌ଆଇଆର୍ ପଞ୍ଜୀକୃତ କରାଯାଇ ସମ୍ପୃକ୍ତ ଥାନାକୁ ଟ୍ରାନ୍ସଫର କରିଦିଆଯାଇଛି। ପରେ ମୈତ୍ରୀବିହାର ଥାନା ପୋଲିସ ଏକ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛି।

ଅଭିଯୋଗ ଅନୁଯାୟୀ, ପୀଡ଼ିତା ମହିଳାଙ୍କ ଘର କଟକ ଜିଲା ଗୁରୁଡ଼ିଝାଟିଆ ଥାନାଞ୍ଚଳରେ ହୋଇଥିବା ବେଳେ ସେ ଉକ୍ତ ହସ୍ପିଟାଲରେ ୧୦ ମାସ ହେବ ଓଟି ଇନ୍‌ଚାର୍ଜ ଭାବେ କାମ କରୁଥିଲେ। ଅକ୍ଟୋବର ୨୫ ଅପରାହ୍ନ ପ୍ରାୟ ୨ଟା ୩୦ରେ ସହଯୋଗୀ ଟେକ୍ନିସିଆନ ଜଣକ ତାଙ୍କୁ ଅସଦାଚରଣ କରିଥିଲେ। ଏଥିସହ ଏହାର ଭିଡିଓ ମଧ୍ୟ କରିଥିଲେ। ଏହାକୁ ସେ ବିରୋଧ କରିବାକୁ ଅଭିଯୁକ୍ତ ଟେକ୍ନିସିଆନ୍ ତାଙ୍କୁ ଗାଳିଗୁଲଜ କରିଥିଲେ। ଏଥିସହ ସେଠାରେ କାମ କରୁଥିବା ଟେକ୍ନିସିଆନଙ୍କ ଜଣେ ସାଙ୍ଗ ମଧ୍ୟ ତାଙ୍କୁ ଧମକ ଦେଇଥିଲେ। ଏନେଇ ପୀଡ଼ିତା ଜଣକ ଉପରିସ୍ଥ ଅଧିକାରୀଙ୍କୁ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ ତାଙ୍କୁ ନ୍ୟାୟ ମିଳି ନ ଥିଲା। ଏପରିକି ୨୭ ତାରିଖରେ ଏଚ୍‌ଆର୍ ଅଧିକାରୀ ତାଙ୍କୁ ଚାକିରି ଛାଡ଼ିବାକୁ କହିଥିଲେ। ଚାକିରି ନ ଛାଡ଼ିଲେ ବହିଷ୍କୃତ କରିଦିଆଯିବ ବୋଲି କୁହାଯାଇଥିଲା। ଏନେଇ ପୀଡ଼ିତା ଜଣକ ମାନସିକ ଚାପରେ ରହିବା ସହ ନ୍ୟାୟ ପାଇଁ ଥାନାର ଦ୍ୱାରସ୍ଥ ହୋଇଛନ୍ତି।

## Business

# ଶିଳ୍ପ ସଂଯୋଗୀକରଣ ବଢ଼ାଇବ ଜଖପୁରା ଜିସିଟି

■ ଓଡ଼ିଶାରେ ପଣ୍ୟ ପରିବହନ ଭିତ୍ତିଭୂମିକୁ ପ୍ରୋତ୍ସାହନ
■ ମାସକୁ ୮୬ ରେକ୍ ପରିଚାଳନା ଆକଳନ

ଭୁବନେଶ୍ୱର,୫।୧୧



ପୂର୍ବତଟ ରେଳପଥ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ଅନ୍ତର୍ଗତ ଜଖପୁରା ଷ୍ଟେଶନଠାରେ ନିକଟରେ ଏକ ନୂତନ ଗତିଶକ୍ତି କାର୍ଗୋ ଟର୍ମିନାଲ (ଜିସିଟି) କାର୍ଯ୍ୟକ୍ଷମ ହୋଇଛି। ଯାଜପୁର ଜିଲାରେ ଅବସ୍ଥିତ ଏହି ଟର୍ମିନାଲ ଓଡ଼ିଶାରେ ପଣ୍ୟ ପରିବହନ ଭିତ୍ତିଭୂମି ଓ ଶିଳ୍ପ ସଂଯୋଗୀକରଣକୁ ପ୍ରୋତ୍ସାହିତ କରିବ ବୋଲି ଆଶା କରାଯାଉଛି। ବିସ୍ତୃତ ପ୍ରକଳ୍ପ ରିପୋର୍ଟ (ଡିପିଆର୍) ଅନୁଯାୟୀ ମୋଟ ପ୍ରକଳ୍ପ ମୂଲ୍ୟ ୩୬.୮୫ କୋଟି ଟଙ୍କା । ଟର୍ମିନାଲର ଚାରୋଟି ଲାଇନ ପରିଚାଳନା କ୍ଷମତା ଅଛି ଏବଂ ଏହା ସ୍ୱତନ୍ତ୍ର ବ୍ୟବହାର ପାଇଁ ଡିଜାଇନ କରାଯାଇଛି। ବାହ୍ୟ ସାମଗ୍ରୀ ଭାବରେ ଏହି କାର୍ଗୋ ଟର୍ମିନାଲ ସିମେଣ୍ଟ ପରିବହନ କରିବାକୁ ଥିବାବେଳେ କ୍ଲିଙ୍କର, ସ୍ଲାଗ୍ ଏବଂ ଜିପ୍‌ସମ ଭଳି ଦ୍ରବ୍ୟ ଆଭ୍ୟନ୍ତରୀଣ ସାମଗ୍ରୀ ଭାବରେ ପରିବହନ କରାଯାଇପାରିବ। ଆକଳନ ଅନୁଯାୟୀ ଏହି କାର୍ଗୋ ଟର୍ମିନାଲ ପ୍ରତି ମାସରେ ପ୍ରାୟ ୮୬ ରେକ୍ ପରିଚାଳନା କରିବ ବୋଲି ଆଶା କରାଯାଉଛି, ଯେଉଁଥିରେ ୩୬ଟି ବାହ୍ୟ (ଇନ୍‌ୱାର୍ଡ) ଏବଂ ୫୦ଟି ଆଭ୍ୟନ୍ତରୀଣ (ଆଉଟ ୱାର୍ଡ) ରେକ୍ ଅନ୍ତର୍ଭୁକ୍ତ। ଏହା ସିମେଣ୍ଟ ଏବଂ ଆନୁଷଙ୍ଗିକ ଶିଳ୍ପ ପାଇଁ କଞ୍ଚାମାଲ ଏବଂ ସମାପ୍ତ ଉତ୍ପାଦର ପରିବହନରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେବ। ଏହି ଗତିଶକ୍ତି କାର୍ଗୋ ଟର୍ମିନାଲ କାର୍ଯ୍ୟକ୍ଷମ ହେବା ଦ୍ୱାରା ପଣ୍ୟ ପରିବହନ ଦକ୍ଷତା ବୃଦ୍ଧିପାଇବା ସହ ଲଜିଷ୍ଟିକ୍ସ ଖର୍ଚ୍ଚ ହ୍ରାସ ପାଇବ ଏବଂ ଏହି ଅଞ୍ଚଳରେ ଶିଳ୍ପ ଯୋଗାଣ ଶୃଙ୍ଖଳାକୁ ସୁଦୃଢ଼ କରାଯାଇପାରିବ। ଏହା ଉଭୟ ରେଳପଥ ଏବଂ ସ୍ଥାନୀୟ ଅର୍ଥନୀତିକୁ ଲାଭଦାୟକ ହେବ ବୋଲି ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ପକ୍ଷରୁ କୁହାଯାଇଛି।

# ବଜାଜ୍ ଫାଇନାନ୍ସର ନୂଆ ୫୨% ଗ୍ରାହକ

ଭୁବନେଶ୍ୱର,୫।୧୧

ବଜାଜ୍ ଫାଇନାନ୍ସ ଲିମିଟେଡ୍ ପକ୍ଷରୁ ଏହି ପାର୍ବଣ ଋତୁରେ ଉପଭୋକ୍ତା ଋଣ ଚାହିଦାରେ ବୃଦ୍ଧି ହୋଇଛି। କମ୍ପାନୀ ଗତ ବର୍ଷ ତୁଳନାରେ ୨୭% ଅଧିକ ଓ ୨୯% ଅଧିକ ଉପଭୋକ୍ତା ଋଣ ପ୍ରଦାନ କରିଛି। ଉପଭୋକ୍ତା ଋଣରେ ଏହି ବୃଦ୍ଧି, ଜିଏସ୍‌ଟି ସଂସ୍କାର ଏବଂ ବ୍ୟକ୍ତିଗତ ଆୟକର ହାରରେ ପରିବର୍ତ୍ତନର ଏକ ସକାରାତ୍ମକ ଫଳାଫଳ, ଯାହା ଗ୍ରାହକ କ୍ରୟ ଶକ୍ତି ବୃଦ୍ଧି କରିବାକୁ ସହାୟକ ହେଉଛି। ବଜାଜ୍ ଫାଇନାନ୍ସ ସେପ୍ଟେମ୍ବର୨୨ ରୁ ଅକ୍ଟୋବର ୨୬, ୨୦୨୫ ମଧ୍ୟରେ ପ୍ରାୟ୬.୩ ନିୟୁତ ଋଣ ପ୍ରଦାନ କରିଛି। ଏହି ସମୟ ମଧ୍ୟରେ କମ୍ପାନୀ ୨.୩ ନିୟୁତ ନୂତନ ଗ୍ରାହକଙ୍କୁ ଯୋଡ଼ିଛି, ଯାହା ମଧ୍ୟରୁ ୫୨ % ନୂତନ କ୍ରେଡିଟ୍ (ପ୍ରଥମ ଥର ଋଣଗ୍ରହୀତା) ଥିଲେ। ବଜାଜ ଫାଇନାନ୍ସର ଅଧ୍ୟକ୍ଷ ସଞ୍ଜୀବ ବଜାଜ୍ କହିଛନ୍ତି, ଜିଏସ୍‌ଟି ସଂସ୍କାର ଏବଂ ଆୟକର ହାରରେ ପରିବର୍ତ୍ତନ ଦୈନନ୍ଦିନ ଅତ୍ୟାବଶ୍ୟକ ଜିନିଷଗୁଡ଼ିକୁ ଅଧିକ ସୁଲଭ କରିଛି, ଯାହା ଲକ୍ଷ ଲକ୍ଷ ମଧ୍ୟବିତ୍ତ ଏବଂ ନିମ୍ନ-ଆୟ ପରିବାରକୁ ଉତ୍ସବ କ୍ରୟ କରିବାକୁ ସକ୍ଷମ କରିଛି।

# ଶ୍ରୀକ୍ଷେତ୍ର ଟିଭିଏସ୍ ପକ୍ଷରୁ ଏନ୍‌ଟର୍କ ୧୫୦ର ଅନାବରଣ

ଭୁବନେଶ୍ୱର,୫।୧୧(ଅନୁରାଧା ମହାରଣା)




ଭୁବନେଶ୍ୱର ପଳାଶୁଣିସ୍ଥିତ ଶ୍ରୀକ୍ଷେତ୍ର ଟିଭିଏସ୍ ପକ୍ଷରୁ ଭାରତର ଦ୍ରୁତତମ ହାଇପର୍ ସ୍ପୋର୍ଟସ୍ ସ୍କୁଟର ଟିଭିଏସ୍ ଏନ୍‌ଟର୍କ ୧୫୦ ଉନ୍ମୋଚିତ ହୋଇଯାଇଛି। ୧୪୯.୭ ସିସିର ରେସ୍ ଆଧାରିତ ଇଞ୍ଜିନ ଦ୍ୱାରା ଚାଳିତ ଏବଂ ଷ୍ଟିଲ୍‌ଥ ଏୟାରକ୍ରାଫ୍ଟ ଡିଜାଇନରୁ ଅନୁପ୍ରାଣିତ। ଏହି ସ୍କୁଟର ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ହୋଇଥିବାବେଳେ ଏହାର ସ୍ପୋର୍ଟି ଲୁକ୍ ନୂଆ ପିଢ଼ିକୁ ଆକୃଷ୍ଟ କରିବ ବୋଲି ଆଶା କରାଯାଉଛି। ବୁଧବାର ଅନୁଷ୍ଠିତ ଉନ୍ମୋଚନ ଉତ୍ସବରେ ଟିଭିଏସ୍ ସ୍କୁଟରର ଏରିଆ ସେଲସ୍ ମ୍ୟାନେଜର ଦୀପକ କୁମାର ମହାପାତ୍ର ଏବଂ ରୋଟାରିଆନ୍ ଯଜ୍ଞାଶିଷ ମହାପାତ୍ର, ସଞ୍ଜୟ ଚୌଧୁରୀ, ପ୍ରମୋଦ ଦାଶ ଶ୍ରୀକ୍ଷେତ୍ର ଭେଞ୍ଚର୍ସର ପରିଚାଳନା ନିର୍ଦ୍ଦେଶକ ପରେଶ ନାଥ ସାହୁ, ନିର୍ଦ୍ଦେଶକ ଅବନୀନ୍ଦ୍ର ସାହୁ, ଟିଏମ୍(ସେଲ୍‌ସ) ସୂର୍ଯ୍ୟକାନ୍ତ ମୁଦୁଲି, ବିକାଶ ସିହ୍ନା ଓ ଏରିଆ ସର୍ଭିସ୍ ମ୍ୟାନେଜର ଶୁଭଦୀପ ଗାଙ୍ଗୁଲି ଅତିଥିଭାବେ ନୂଆ ଟିଭିଏସ୍ ଏନ୍‌ଟର୍କ ୧୫୦ର ଅନାବରଣ କରିଥିଲେ। ଏହାର ଏକ ବିଶେଷ ପ୍ରାରମ୍ଭିକ ମୂଲ୍ୟ ୧,୨୬,୦୦୦(ଅନ୍‌ରୋଡ୍) ରହିଛି। ପ୍ରଥମ ୧୦ ଗ୍ରାହକଙ୍କ ପାଇଁ ଶ୍ରୀକ୍ଷେତ୍ର ଟିଭିଏସ୍ ପକ୍ଷରୁ ସ୍ୱତନ୍ତ୍ର ଉପହାର ଘୋଷଣା କରାଯାଇଛି। ଏହି ନୂତନ ସ୍କୁଟର ୪ଟି ରଙ୍ଗରେ ଉପଲବ୍ଧ ହେଉଥିବାବେଳେ ଏଥିରେ ମଲ୍ଟି ପଏଣ୍ଟ ପ୍ରୋଜେକ୍ଟର ହେଡ୍‌ଲ୍ୟାମ୍ପ, ଏୟାରୋଡାଇନାମିକ୍ ୱିଙ୍ଗଲେଟ୍, ରଙ୍ଗିନ ଆଲୟ ଚକ ଏବଂ ସିଗ୍‌ନେଚର ମଫଲର ନୋଟ୍‌ଏହାର ରେସିଂ ଡିଏନ୍‌ଏକୁ ଉଜ୍ଜ୍ୱଳ କରିଛି ଏବଂ ଆଲେକ୍ସା ଏବଂ ସ୍ମାର୍ଟୱାଚ୍ ସମନ୍ୱୟ, ଲାଇଭ୍ ଟ୍ରାକିଂ, ନେଭିଗେଶନ ଏବଂ ଓଟିଏ ଅପ୍‌ଡେଟ୍ ପରି ୫୦ରୁ ଅଧିକ ସ୍ମାର୍ଟ ବୈଶିଷ୍ଟ୍ୟ ସହ ଏକ ହାଇ-ରେସ୍ ଟିଏଫ୍‌ଟି କ୍ଲଷ୍ଟର ଏହାକୁ ଏହାର ଶ୍ରେଣୀର ସବୁଠାରୁ ଉନ୍ନତ ସ୍କୁଟର ଭାବରେ ଗଢ଼ି ତୋଳିଛି। ଟିଭିଏସ୍ ଏନ୍‌ଟର୍କ ୧୫୦ ଏକ ୧୪୯.୭ ସିସି, ଏୟାରକୁଲ୍‌ଡ, ଓ୩ସି ଟେକ୍ ଇଞ୍ଜିନ୍ ଦ୍ୱାରା ଚାଳିତ ଯାହା ୭୦୦୦ ଆର୍‌ପିଏମ୍‌ରେ ୧୩.୨ ପିଏସ୍ ଏବଂ ୫,୫୦୦ ଆର୍‌ପିଏମ୍‌ରେ ୧୪.୨ ଏନ୍‌ଏମ୍ ଟର୍କ ପ୍ରଦାନ କରୁଛି।

# ୟୁକୋ ବ୍ୟାଙ୍କର ସମ୍ବଳ, ଏମ୍‌ଏସ୍‌ଏମ୍‌ଇ ଓ କୃଷି ମହୋତ୍ସବ




ଭୁବନେଶ୍ୱର,୫।୧୧

ୟୁକୋ ବ୍ୟାଙ୍କ ଭୁବନେଶ୍ୱର ଅଞ୍ଚଳ ପକ୍ଷରୁ ସମ୍ବଳ, ଏମ୍‌ଏସ୍‌ଏମ୍‌ଇ ଓ କୃଷି ମହୋତ୍ସବ ଭୁବନେଶ୍ୱର କେଳୁଚରଣ ମହାପାତ୍ର ଓଡ଼ିଶୀ ରିସର୍ଚ୍ଚ ସେଣ୍ଟର୍‌ରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ୟୁକୋ ବ୍ୟାଙ୍କ ଭୁବନେଶ୍ୱର ଅଞ୍ଚଳର ଉପ ମହାପ୍ରବନ୍ଧକ ତଥା ଆଞ୍ଚଳିକ ମୁଖ୍ୟ ଭାଗବତ ସିଂ ଭାକୁନି ଚଳିତ ଆର୍ଥିକ ବର୍ଷର ପ୍ରଥମାର୍ଦ୍ଧ ପାଇଁ ଭୁବନେଶ୍ୱର ଜୋନ୍‌ର ପ୍ରଦର୍ଶନ ସମ୍ପର୍କରେ କହିଥିଲେ। ମୁଖ୍ୟ ମହାପ୍ରବନ୍ଧକ ଗୌତମ ପାତ୍ର ମହିଳା ଏମ୍‌ଏସ୍‌ଏମ୍‌ଇ ଉଦ୍ୟୋଗୀ ଏବଂ ସ୍ୱୟଂସହାୟକ ଗୋଷ୍ଠୀଗୁଡ଼ିକୁ ଆର୍ଥିକ ସହାୟତା ପ୍ରଦାନ କରିବାରେ ୟୁକୋ ବ୍ୟାଙ୍କର ପ୍ରତିବଦ୍ଧତା ଉପରେ ଆଲୋକପାତ କରିଥିଲେ। ଉପ ମହାପ୍ରବନ୍ଧକ ପ୍ରସନ୍ନଜିତ୍ ରାୟ କହିଥିଲେ, ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକ କେବଳ ଆର୍ଥିକ ସହାୟତା ପ୍ରଦାନ ସହ ଇକୋ ସିଷ୍ଟମ ସୃଷ୍ଟିକରି ଦେଶ ନିର୍ମାଣରେ କେନ୍ଦ୍ରବିନ୍ଦୁ ପାଲଟିଛନ୍ତି। ସହାୟକ ମହାପ୍ରବନ୍ଧକ ରାମଚନ୍ଦ୍ର ଦାଶ ବ୍ୟାଙ୍କର ମହିଳା ଗ୍ରାହକମାନଙ୍କ ପାଇଁ ପିଙ୍କ୍ ବାସ୍କେଟ୍, ୟୁକୋ ଅପରାଜିତା, ୟୁକୋ ଜୟଲକ୍ଷ୍ମୀ ଏବଂ ୟୁକୋ ସହାୟିକା ସମ୍ପର୍କରେ କହିଥିଲେ। ଉପ ଆଞ୍ଚଳିକ ମୁଖ୍ୟ କୃଷ୍ଣପାଲ ସିଂହ ଧନ୍ୟବାଦ ଦେଇଥିଲେ।

# ଭୁବନେଶ୍ୱରରେ ଫ୍ଲିପ୍‌କାର୍ଟ ବ୍ୟବସାୟ ବୃଦ୍ଧି

ଭୁବନେଶ୍ୱର,୫।୧୧

ଫ୍ଲିପ୍‌କାର୍ଟ ସୁରଟ ଓ ଭିୱାଣ୍ଡିଠାରୁ ଆରମ୍ଭକରି ଜୟପୁର ଓ କର୍ନାଲ ପର୍ଯ୍ୟନ୍ତ ଖୋଲିଥିବା ନୂଆ ଆଞ୍ଚଳିକ ବାଣିଜ୍ୟିକ କେନ୍ଦ୍ରଗୁଡ଼ିକ ଡିଜିଟାଲ ପ୍ଲାଟ୍‌ଫର୍ମରେ ସଫଳ ହେଉଛନ୍ତି। ପାର୍ବଣ ଋତୁ ସମୟରେ ଏହି ଉଚ୍ଚ ଅଭିବୃଦ୍ଧିଶୀଳ ବର୍ଗଗୁଡ଼ିକରୁ ନୂଆ କଲେକ୍ସନରେ ୧.୪ ଗୁଣ ବୃଦ୍ଧି ହେବା ସହ ଫ୍ଲିପ୍‌କାର୍ଟ ଟିୟର ୨ ଓ ଟିୟର ୩ ସହରଗୁଡ଼ିକର ଉଦ୍ୟୋଗୀମାନଙ୍କୁ ସ୍ଥାୟୀ, ଟେକ୍ନୋଲୋଜିଭିତ୍ତିକ ବ୍ୟବସାୟଗୁଡ଼ିକୁ ବିସ୍ତାର କରିବା ଏବଂ ଭାରତର ବାଣିଜ୍ୟ କାହାଣୀକୁ ନୂଆ ଉଚ୍ଚତାକୁ ନେବା ପାଇଁ ସକ୍ଷମ କରୁଛି। ଭୁବନେଶ୍ୱର ସମେତ ଟିୟର ୨ ସହରଗୁଡ଼ିକ ମଧ୍ୟରେ ଭିୱାଣ୍ଡି ଓ ଦୁର୍ଗାପୁରରେ ପାର୍ବଣ ଋତୁ ସମୟରେ ସର୍ବାଧିକ ଅଭିବୃଦ୍ଧି ହୋଇଛି। ଫ୍ଲିପ୍‌କାର୍ଟର ବରିଷ୍ଠ ଉପାଧ୍ୟକ୍ଷ ସଙ୍କେତ ଚୌଧୁରୀ କହିଛନ୍ତି, ସୁରଟ ହେଉ କିମ୍ବା ମିରଟ କିମ୍ବା ଲକ୍ଷ୍ନୌ, ଭାରତର ନୂଆ ବାଣିଜ୍ୟ କେନ୍ଦ୍ରଗୁଡ଼ିକ ଦ୍ରୁତବେଗରେ ଇକମର୍ସ ଅଭିବୃଦ୍ଧିର ଇଞ୍ଜିନରେ ପରିଣତ ହେଉଛନ୍ତି।




ଭୁବନେଶ୍ୱର ଲୁଇସ୍ ରୋଡ୍‌ସ୍ଥିତ ଜୟବାବା ଅଟୋମୋବାଇଲ୍ସ ପକ୍ଷରୁ ପାର୍ବଣ ଋତୁରେ ସର୍ବାଧିକ ରୟାଲ ଏନ୍‌ଫିଲ୍ଡ ବାଇକ୍ ବିକ୍ରି ନେଇ ସ୍ୱତନ୍ତ୍ର ଉତ୍ସବ ପାଳନ କରାଯାଇଛି। ଏହି ଅବସରରେ ନରେନ୍ଦ୍ର ଶ (ଆର୍‌ବିଏମ୍), ତଲିବ ରସୁଲ(ଏଏଏସ୍‌ଏମ୍), ମାଧବ ଲୋଧା(ଡିପି), ହର୍ଷିତ ଲୋଧା(ଡିପି)ଙ୍କ ସହ ଜୟବାବା ଟିମ୍ ଯୋଗଦେଇଛନ୍ତି।

ସ୍ୱାର୍ଥପରତା ହିଁ ଏକମାତ୍ର ପାପ। ନୀଚତା ହିଁ ଏକମାତ୍ର କୁବୃତ୍ତି। ଘୃଣା ହିଁ ଏକମାତ୍ର ଅପକର୍ମ। ଆଉ ସବୁକୁ ସତ୍‌ରୂପରେ ପରିବର୍ତ୍ତନ କରାଯାଇପାରେ। କିନ୍ତୁ ଏଇ କେତୋଟି ହେଲା ଭଗବାନଙ୍କର ଚିରଶତ୍ରୁ। -ଶ୍ରୀଅରବିନ୍ଦ



# ଯୁଦ୍ଧ ପ୍ରଚ୍ଛଦରେ ମନ୍ଦିର



ଦେବଦତ୍ତ ପଟ୍ଟନାୟକ

କାମ୍ବୋଡ଼ିଆ ଓ ଥାଇଲାଣ୍ଡ ଦୁଇଟି ବୌଦ୍ଧ ଧର୍ମାବଲମ୍ବୀ ଦେଶ। ନିକଟରେ ଏହି ଦୁଇ ଦେଶର ସୀମା ପାଖରେ ଥିବା ଏକ ହିନ୍ଦୁ ମନ୍ଦିରକୁ କେନ୍ଦ୍ର କରି ଉଭୟ ଦେଶ ମଧ୍ୟରେ ଯୁଦ୍ଧ ହୋଇଥିଲା। ଏହି ମନ୍ଦିର ପ୍ରିହ ବିହିୟର ଭାବେ ଜଣାଶୁଣା। ଏଠାରେ ନବମ ଏବଂ ଦ୍ୱାଦଶ ଶତାବ୍ଦୀ ମଧ୍ୟରେ ଦାନଗ୍ରେକ୍ ପର୍ବତର ଶିଖରରେ ଏକ ବିଶାଳ ଶିବ ମନ୍ଦିର ନିର୍ମାଣ କରାଯାଇଥିଲା। ୧୯୬୨ରେ ଇଣ୍ଟରନ୍ୟାଶନାଲ କୋର୍ଟ ଅଫ୍ ଜଷ୍ଟିସ୍ ବା ଅନ୍ତର୍ଜାତୀୟ ନ୍ୟାୟାଳୟ (ଆଇସିଜେ) ରାୟ ଦେଇଥିଲେ ଯେ, ସୀମା ପାଖରେ ଥିବା ହିନ୍ଦୁ ମନ୍ଦିର କାମ୍ବୋଡ଼ିଆର। କିନ୍ତୁ ଏହି ମନ୍ଦିର ଚାରିପାଖରେ ଥିବା ଅଞ୍ଚଳକୁ ନେଇ ଥାଇଲାଣ୍ଡ ଓ କାମ୍ବୋଡ଼ିଆ ମଧ୍ୟରେ ବାରମ୍ବାର ସଂଘର୍ଷ ଘଟିଛି। ତେବେ ପୁରୁଣା ରୀତିନୀତି ବା କର୍ମକାଣ୍ଡ କୈନ୍ଦ୍ରିକ କେନ୍ଦ୍ରଗୁଡ଼ିକ କିଭଳି ଆଧୁନିକ ରାଜନୀତି ଓ ଜାତୀୟ ଗର୍ବର ଅଂଶ ପାଲଟିଛି, ତାହା ଦୁଇ ଦେଶ ମଧ୍ୟରେ ଲାଗି ରହିଥିବା ତିକ୍ତତା ଦର୍ଶାଉଛି। କିନ୍ତୁ କାହିଁକି ଏଠାରେ ଏକ ହିନ୍ଦୁ ମନ୍ଦିର ରହିଛି, ଏହାର ଉତ୍ତର ପାଇବାକୁ ହେଲେ ଆମକୁ ଭାରତ ମହାସାଗରରେ ମୌସୁମୀବାହିତ ଜାହାଜଗୁଡ଼ିକର ପଥକୁ ଅନୁସରଣ କରିବାକୁ ପଡ଼ିବ।

ଦୁଇ ହଜାରରୁ ଊର୍ଦ୍ଧ୍ୱ ବର୍ଷ ଧରି ମୌସୁମୀ ପବନ ବାଣିଜ୍ୟ ଧାରା ବା ଚକ୍ରକୁ ନୂଆ ରୂପ ଦେଇଆସିଛି। ବର୍ଷାଦିନ ପୂର୍ବରୁ ଆରବ ଓ ଆଫ୍ରିକାରୁ ଜାହାଜଗୁଡ଼ିକ ଭାରତର ପଶ୍ଚିମ ଉପକୂଳକୁ ଆସୁଥିଲା ଏବଂ ମୌସୁମୀ ଚାଲିଗଲା ପରେ ଫେରୁଥିଲା। ମୌସୁମୀ ପୂର୍ବରୁ ପୂର୍ବ ଉପକୂଳରୁ ଜାହାଜଗୁଡ଼ିକ ସମୁଦ୍ର ପଥରେ ଏବେ କୁହାଯାଉଥିବା ମ୍ୟାନ୍‌ମାର, ଥାଇଲାଣ୍ଡ, କାମ୍ବୋଡ଼ିଆ, ଭିଏତ୍‌ନାମ ଏବଂ ଇଣ୍ଡୋନେସିଆ ଭଳି ଦେଶଗୁଡ଼ିକ ଅଭିମୁଖେ ଯାତ୍ରା କରୁଥିଲା ଏବଂ ପବନର ଗତିପଥ ବିପରୀତ ହେବା ପରେ ଫେରିଆସୁଥିଲା। ଉଲ୍ଲେଖନୀୟ, ଭାରତର ସୂତା ପୋଷାକ ନେଇ ଜାହାଜସବୁ ପୂର୍ବ ଆଡ଼କୁ ଯାତ୍ରା କରୁଥିଲା ଏବଂ ସେଠାରୁ ଫେରିବାବେଳେ ସୁନା, ସୁଗନ୍ଧିତ କାଠ, ମସଲା, ନୀଳା, ମାଣିକ ଆଦି ସାଙ୍ଗରେ ନେଇ ଆସୁଥିଲା। ତୃତୀୟ ଶତାବ୍ଦୀ ପ୍ରାରମ୍ଭରେ ଚାଇନାର ରେକର୍ଡଗୁଡ଼ିକରେ ମେକଙ୍ଗ ନଦୀ ଅବବାହିକାରେ ଭାରତୀୟ ବଣିକ, ନୃତ୍ୟଶିଳ୍ପୀ ଏବଂ ଲେଖକଙ୍କ ସମ୍ପର୍କରେ ବର୍ଣ୍ଣନା ରହିଛି। ପରବର୍ତ୍ତୀ ସମୟରେ ମେକଙ୍ଗ ଅବବାହିକା ଫୁନାନ ଭାବେ ପରିଚିତ। ଅନେକ କାହାଣୀର ବର୍ଣ୍ଣନା ଅନୁଯାୟୀ, କୌନ୍ୟା ନାମ୍ନୀ ଜଣେ କନ୍ୟା ଜଣେ ନାଗା ରାଜକୁମାରଙ୍କୁ ବିବାହ କରିଥିଲେ ଏବଂ ପରେ ସେ ଭାରତୀୟ ଜୀବନଶୈଳୀକୁ



ଆପଣାଇଥିଲେ। କେବଳ ଏତିକି ନୁହେଁ, ସେ ମଧ୍ୟ ଭାରତୀୟ ପରମ୍ପରା, ଲେଖା ଏବଂ ବ୍ରହ୍ମାଣ୍ଡ (ମହାକାଶ) ବିଜ୍ଞାନର ସିଦ୍ଧାନ୍ତକୁ ଗ୍ରହଣ କରିଥିଲେ। ତେବେ ମେକଙ୍ଗ ଅବବାହିକାର ସ୍ଥଳପଥ ବାଣିଜ୍ୟ ସମୟକ୍ରମେ ସମୁଦ୍ରପଥରେ ଚାଲିଥିଲା ଏବଂ ଏହା ଏକ ପ୍ରମୁଖ ବାଣିଜ୍ୟ କେନ୍ଦ୍ର ହୋଇଯାଇଥିଲା। ସମୁଦ୍ର ସହ ଯେଉଁଠି ନଦୀଗୁଡ଼ିକ ମିଳିତ ହୋଇଥିଲେ, ବିଶେଷକରି କଳିଙ୍ଗର ମହାନଦୀ ତ୍ରିକୋଣଭୂମି ଅଞ୍ଚଳ, ଆନ୍ଧ୍ରପ୍ରଦେଶର ଗୋଦାବରୀ ଓ କୃଷ୍ଣାନଦୀ ଧୋୟାଞ୍ଚଳ, ତାମିଲନାଡୁର କାବେରୀ ଓ ବୈଗାୟି ଏବଂ ଶ୍ରୀଲଙ୍କା, ବର୍ମା, ଥାଇଲାଣ୍ଡ ଓ ଜାଭାର ନଦୀମୁହାଣ ନିକଟରେ ବାଣିଜ୍ୟ କେନ୍ଦ୍ର ଗଢ଼ି ଉଠିଥିଲା। ସମୟକ୍ରମେ ନଦୀମୁହାଣଗୁଡ଼ିକ ସାମଗ୍ରୀ, ବିଭିନ୍ନ କାହାଣୀ ଓ ଦେବତାଙ୍କ ଭାବନାର ବିନିମୟ ଘଟିଲା ଏବଂ ସାଂସ୍କୃତିକ ଆଦାନପ୍ରଦାନର ସ୍ଥଳୀ ପାଲଟିଗଲା।

ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି, ସପ୍ତମ ଶତାବ୍ଦୀ ପରେ ଶୈବସଂସ୍କୃତିର ସିଦ୍ଧାନ୍ତ ପୂର୍ବଦିଗକୁ ବ୍ୟାପିଥିଲା। ସପ୍ତମ ଓ ଦ୍ୱାଦଶ ଶତାବ୍ଦୀ ମଧ୍ୟର ସମୟ ଥିଲା ଏକ ମହାନ୍ ଶୈବଯୁଗ। ସେହି ସମୟରେ ଶିବଗୁରୁମାନେ ରାଜାମାନଙ୍କୁ ଶିକ୍ଷା ଦେଇଥିଲେ ଯେ, ଶିବଙ୍କ ଶକ୍ତି ସେମାନଙ୍କ ଶରୀରରେ ସଂଚାର କରାଯାଇପାରିବ। ଶିବତତ୍ତ୍ୱରେ ସଞ୍ଚରିତ ଜଣେ ରାଜା ବର୍ଷାକୁ ନିର୍ଦ୍ଦେଶ ଦେବା, ଲୋକଙ୍କୁ ମୋହିତ କରିବା, ରାଜ ଦରବାରକୁ ଜ୍ଞାନୀଙ୍କୁ ଆକର୍ଷିତ କରିବା ସହ ଶତ୍ରୁମାନଙ୍କ ମନରେ ଭୟ ସୃଷ୍ଟି କରିପାରୁଥିବା କୁହାଯାଉଥିଲା। ସେମାନଙ୍କୁ ନେଇ ମଣ୍ଡଳ ସାମ୍ରାଜ୍ୟ ଗଢ଼ିଉଠୁଥିଲା ; ଯାହା ଥିଲା ସମୃଦ୍ଧି, ସଙ୍ଗୀତ, ନୃତ୍ୟ ଏବଂ ପ୍ରାଚୁର୍ଯ୍ୟର କେନ୍ଦ୍ର। ତେବେ ଶିବ ଉପାସକ ବା ମତାବଲମ୍ବୀଙ୍କ ଦ୍ୱାରା ରଚିତ ଗ୍ରନ୍ଥଗୁଡ଼ିକରେ ବର୍ଣ୍ଣନା ରହିଛି ଯେ, ଏସବୁ ଘଟିବା ପାଇଁ ବ୍ୟାପକ ରୀତିନୀତି ଆପଣାଇବାକୁ ପଡୁଥିଲା। ଏପରିକି ସେହି ସମୟରେ ବୈଦିକ ବ୍ରାହ୍ମଣମାନେ ଅଲୋଡ଼ା ହୋଇଯାଇଥିଲେ ବୋଲି ଏଥିରେ ଉଲ୍ଲେଖ ରହିଛି। ଏହିସବୁ କର୍ମକାଣ୍ଡ ପାଇଁ ପବିତ୍ର ସ୍ଥାନର ଆବଶ୍ୟକତା ପଡ଼ିଲା ଏବଂ ଭାରତ ଓ ଦକ୍ଷିଣ ଏସିଆରେ ବିରାଟକାୟ ଶିବ ମନ୍ଦିରସବୁ ଗଢ଼ିଉଠିଲା। ଆମେ ଜାଭାରେ ପ୍ରମ୍ବନନ୍, ଭିଏତ୍‌ନାମରେ ମାଇଁ ସନ୍ ଏବଂ କାମ୍ବୋଡ଼ିଆରେ ବିଶାଳ ଅଙ୍ଗକୋର ସ୍ଥଳୀ ନିର୍ମାଣ କରାଯାଇଥିଲା। କେତେକ ମନ୍ଦିରରେ ଶିବଙ୍କ ବଦଳରେ ବିଷ୍ଣୁ ମୂର୍ତ୍ତି ମଧ୍ୟ ସ୍ଥାପନ କରାଯାଇଥିଲା, ଦୁଇ ଦେବତାଙ୍କ ବିପରୀତ ଶକ୍ତି ଭାବେ ଦେଖାଯାଉଥିଲା। ଅଧା ବିଷ୍ଣୁ ଓ ଅଧା ଶିବ (ହରିହର) ମୂର୍ତ୍ତିଗୁଡ଼ିକ ଓଡ଼ିଶା ଏବଂ ଦକ୍ଷିଣ-ପୂର୍ବ ଏସିଆରେ ଲୋକପ୍ରିୟ ହୋଇଯାଇଥିଲା।

କାମ୍ବୋଡ଼ିଆ ଓ ଥାଇଲାଣ୍ଡ ସୀମାରେ ଥିବା ମନ୍ଦିର ଏହି ପରମ୍ପରାର ଏକ ଅଂଶ। ସାଧାରଣ ଲୋକେ ଦର୍ଶନ ପାଇଁ ଯାଉଥିବା ତଥା ପାହାଡ଼ ଉପରେ ଥିବା ଏହି ମନ୍ଦିର ଏକ ଭକ୍ତି ମନ୍ଦିର ନ ଥିଲା। ଏହା ଥିଲା ଏକ ରାଜକୀୟ କର୍ମକାଣ୍ଡ କ୍ଷେତ୍ର, ଯେଉଁଠି ରାଜାମାନେ ଦିବ୍ୟ ଆଭା ପ୍ରାପ୍ତ ସକାଶେ ଏବଂ ସେମାନଙ୍କ ସାମ୍ରାଜ୍ୟକୁ ଏକ ଅଲୌକିକ ସ୍ୱର୍ଗରେ ପରିଣତ କରିବା ଲାଗି ବିଭିନ୍ନ ଉତ୍ସବ ଆୟୋଜନ କରୁଥିଲେ। ଏହା ଥିଲା କଳାର ରାଜ୍ୟ, ଯେଉଁଠି ରାଜତ୍ୱ ଜନକଲ୍ୟାଣ କିମ୍ବା ଯୁଦ୍ଧ ଉପରେ କମ୍ ନିର୍ଭରଶୀଳ ଥିଲା ଏବଂ ଅଧିକ ଉତ୍ପାଦନ କୈନ୍ଦ୍ରିକ ଥିଲା। ମୌସୁମୀ ସମୟ ଅନୁଯାୟୀ ବିହନ ବୁଣିବା ଓ ଅମଳ କରିବାରେ ସଫଳତା ସମୃଦ୍ଧିକୁ ନିଶ୍ଚିତ କରୁଥିଲା। ଏହି ରୀତିନୀତିକୁ ଆଧାର କରି ରାଜାମାନେ ନିଜକୁ ମର୍ତ୍ତ୍ୟ-ସ୍ୱର୍ଗର ଇନ୍ଦ୍ର ବୋଲି ମଣୁଥିଲେ। ଏହା ଏକଚ୍ଛତ୍ରବାଦ ନ ଥିଲା। ରାଜା କେବଳ ଜଣେ ଜମିଦାର ନ ଥିଲେ, ବରଂ ଥିଲେ ଜଣେ ଉତ୍ତମ ରାଜା କିମ୍ବା ଦେବରାଜ, ଯେଉଁମାନେ ପ୍ରକୃତି ଓ ସଂସ୍କୃତିକୁ ଧରି ରଖୁଥିଲେ। ଏପରିକି ଏହି ବିଚାରଧାରା ବୌଦ୍ଧଧର୍ମକୁ ବ୍ୟାପିଥିଲା ଏବଂ ଏହା ବୌଦ୍ଧଧର୍ମର ତାନ୍ତ୍ରିକ ପରମ୍ପରାକୁ ଜନ୍ମ ଦେଇଥିଲା। ଏହି ତାନ୍ତ୍ରିକ ରୀତିନୀତି କାମ୍ବୋଡ଼ିଆ, ଜାଭା ଓ ତିବ୍ବତକୁ ବ୍ୟାପିଥିଲା।

କାମ୍ବୋଡ଼ିଆ ଓ ଥାଇଲାଣ୍ଡ ଯେଉଁ ମନ୍ଦିରକୁ ନେଇ ଲଢ଼େଇ କରୁଛନ୍ତି ତାହା ହେଉଛି ସମୟର ଏକ ଜୀବାଶ୍ମ। ସେତେବେଳେ ରାଜାମାନେ କ୍ଷମତା ସହ ଅଲୌକିକତା ଚାହୁଁଥିଲେ। ସେହି ସମୟରେ ମୌସୁମୀ ଉପରେ ନିର୍ଭରଶୀଳ ବାଣିଜ୍ୟ ମାଧ୍ୟମରେ ଭାରତୀୟ ଦେବତାଙ୍କୁ ସୁଦୂର ଦେଶଗୁଡ଼ିକୁ ନେଇଥିଲା ଏବଂ ରାଜାମାନେ ସେମାନଙ୍କ ସାମ୍ରାଜ୍ୟକୁ ଧନୀ ଓ ଉଜ୍ଜ୍ୱଳ ତଥା ଏକ ମର୍ତ୍ତ୍ୟର ସ୍ୱର୍ଗ ରୂପେ ଗଢ଼ିବାର ସ୍ୱପ୍ନ ଦେଖୁଥିଲେ। ଏହିସବୁ ମନ୍ଦିର ନିର୍ମାଣ କରାଯାଇଥିବା ସମୟରେ ସେମାନଙ୍କ ଶାସିତ ଅଞ୍ଚଳର କୌଣସି ସୀମା ନ ଥିଲା। ସେତେବେଳେ କାମ୍ବୋଡ଼ିଆ ନ ଥିଲା କି ଥାଇଲାଣ୍ଡ। ତେବେ ଏବେ ପୁରୁଣା ଦେବତାଙ୍କ ସ୍ଥଳୀ ଏବଂ ସେଗୁଡ଼ିକର ରାଜକୀୟ ସଂରକ୍ଷଣ ହେଉଛି ଗର୍ବର ବିଷୟ ଏବଂ ଏଗୁଡ଼ିକ ପର୍ଯ୍ୟଟକଙ୍କ ଆକର୍ଷଣ କେନ୍ଦ୍ର ପାଲଟିଛି। ଏଥିରୁ ଉପୁଜିଥିବା ଆର୍ଥିକ ଓ ରାଜନୈତିକ ଉତ୍ତେଜନାରୁ ଯୁଦ୍ଧ ସୃଷ୍ଟି ହେଉଛି। ଏହାର ଲୋକଙ୍କ ବିଶ୍ୱାସ ସହିତ କୌଣସି ସମ୍ପର୍କ ନାହିଁ।

-devduttofficial@gmail.com

# ପୁସ୍ତକର ଚାହିଦା



ଭଗବାନ ଦାଶ

ଏବେ ସହଜରେ ମୋବାଇଲରେ ବହୁତ କିଛି ମିଳିଯାଉଛି। ବହି ଅଲୋ ନେଟ୍‌ରେ କେତେକେତେ ବହିର ପସରା ! ଗପ ହେଉ କି ପ୍ରବନ୍ଧ କିମ୍ବା କବିତା ହେଉ କି ସମ୍ବାଦ ହାତପାହାନ୍ତାରେ। ଇଣ୍ଟରନେଟ୍ ଥିଲେ ଟିପ ଅଗରେ। ଫଳରେ ବହିର ପୃଷ୍ଠା ଲେଉଟେଇବାର ପ୍ରଚେଷ୍ଟା କରିବେ କାହିଁକି? ପିଲାମାନେ ଲାଇବ୍ରେରିରେ ବହି ପଢ଼ିବା ଅପେକ୍ଷା ଫଟୋ ଉଠାଇ ଆଣି ଘରେ ପଢ଼ିବାକୁ ଅଧିକ ପସନ୍ଦ କରୁଛନ୍ତି। ବହି ଖାଲି ସଜ୍ଜା ହୋଇ ଥୁଆହେଉଛି। ଦୈନିକ ଖବରକାଗଜ, ମାଗାଜିନ୍‌ର କିଛିଟା ଅଂଶ ପଢ଼ାଯିବାର ନଜରରେ ଆସୁଛି। ସମ୍ବାଦପତ୍ର ଛପା ପରିମାଣ ବହୁ ପରିମାଣରେ କମିଗଲାଣି। ବୁଝିବାକୁ ହେବ, ପଢ଼ିବା ଯେ ଗଢ଼ିବା ପାଇଁ। କିନ୍ତୁ ଏ ଗଢ଼ିବା ଯେ କେତେ ସୁଗମ ହେଇଗଲାଣି, ତାହା ତାଙ୍କୁ ମୋବାଇଲ ଚେତାଇଦେବ। କେତେକେତେ ସନ୍ଧାନ ଦେବ। ଯେମିତି ଚାହୁଁଛ ସେମିତି ମିଳିପାରିବ। ଏ ପରିସ୍ଥିତିରେ ବହି ଦରକାର ହେବ କାହିଁକି?

ହଁ, ପାଠ୍ୟ ପୁସ୍ତକ କଥା ଛାଡ଼। ଏବେ ଯିବା ଧର୍ମପୁସ୍ତକ ଆଡ଼କୁ। ଗୀତା ହେଉଛି ଭାଗବତ ଭକ୍ତିର ସସମ୍ପନ୍ନ ଆଦର୍ଶବାଣୀଭରା ଧର୍ମଗ୍ରନ୍ଥ। ବେଦ, ପୁରାଣ ଯାହା ଖୋଜିବାକୁ ବର୍ଷ ବର୍ଷ ଲାଗିଯାଏ, ତାହା କ୍ଷଣକେ ଟିପ ଲାଗିଲେ ମୋବାଇଲରୁ ମିଳେ। ପୁସ୍ତକ ତଥାପି ସୃଷ୍ଟି ହେଉଛି। ବଜାରକୁ ଆସୁଛି। ତେବେ ବିକ୍ରି ବହୁତ କମ ହେଉଛି। ଏବେ ପୁସ୍ତକ କିଣିବାର ପ୍ରଚାର ଆବଶ୍ୟକ ହେଲାଣି। ଆପେ ଆପେ ପୁସ୍ତକ କିଣିବା ଲୋକଙ୍କ ସଂଖ୍ୟା ନଗଣ୍ୟ। ‘‘ବିଦ୍ୟା ଅଟଇ ମହାଧନ, ବାଳକେ କର ଉପାର୍ଜନ’’ର ପରିଭାଷା ବଦଳିଗଲାଣି। ଯେଉଁ ଜ୍ଞାନୀବନ୍ଧୁ ଯାହା ବଖାଣିବେ, ତାହାଠାରୁ ଆହୁରି ଭଲ ଏବେ କୃତ୍ରିମ ଧୀ ସମ୍ପନ୍ନ ଯନ୍ତ୍ର (ଆର୍ଟିଫିସିଆଲ କମ୍ପ୍ୟୁଟର) ମୁହୂର୍ତ୍ତକେ ଜଣାଇପାରୁଛି। ସୁନ୍ଦର ସୁନ୍ଦର ଗୀତ ଗପ ତ ଏବେ ସାଧାରଣ କଥା।

ଧନ୍ୟରେ ବିଜ୍ଞାନ! କମ୍ପ୍ୟୁଟର ସିନା ପାଠପଢ଼ା ପିଲାଙ୍କର ଅତି ଅପରିହାର୍ଯ୍ୟ, ହେଲେ ଭାରତ ଭଳି ଗରିବ ଦେଶରେ ଅଧିକାଂଶଙ୍କ ଜୀବିକା ଚାଷ। ଏପରି ବହୁତ ପରିବାର ଅଛନ୍ତି ଯାହାଙ୍କ ଘରେ ବିଦ୍ୟୁତ୍ ଆଲୋକ ଅପହଞ୍ଚ। ସେମାନେ କରିବେ କ’ଣ ? ଗୀତା, ଭାଗବତ, ରାମାୟଣ, ମହାଭାରତ ଗାଁରେ ଗାଁରେ, ଘରେ ଘରେ ପଢ଼ାଯାଏ। ପିଲେ କିନ୍ତୁ ଶିକ୍ଷିତ ହେଲା ପରେ ସେସବୁ ବଦଳିଯାଉଛି। ଧର୍ମ ଆଉ ବିଭେଦର କାରଣ ନ ହୋଇ ରୋଜଗାର ଏବେ ତା’ ସ୍ଥାନ ନେଲାଣି। ରକ୍ଷଣଶୀଳ ଲୋକେ ଧର୍ମକୁ ଆଧାରକରି କଥା କହିଲେ। ପିଲେ କହିଲେଣି ଧର୍ମ କ’ଣ ବଞ୍ଚାଇପାରିବ! ପାଳି ପୋଷିବାରେ ସହାୟକ ହେବ! ମଣିଷକୁ ମଣିଷ ପରି ବଞ୍ଚିବାକୁ ଆଧୁନିକ ସରଞ୍ଜାମ ଯୋଗାଇ ଉନ୍ନତ କରିପାରିବ! ବିନା ପଇସାରେ ପରା କିଛି ହେବନି। ଏବେ ତ ପରିସ୍ଥିତି ଆହୁରି ଅଧିକ ଜଟିଳ ହେବାକୁ ଗଲାଣି। ଏଇ ମଣିଷ ଗଢ଼ୁଛି କୃତ୍ରିମ ଜ୍ଞାନ କୌଶଳରେ ଅନେକ ଅଦ୍ଭୁତ ମେଶିନ। ସେହି ମେଶିନ ସବୁ ଏ ଲୋକଙ୍କୁ ନିଷ୍କ୍ରିୟ କରିବାକୁ ବସିଲାଣି। ରୋବୋଟ ଅବିଶ୍ରାନ୍ତ କାମ ଦେଶରୁ ଶ୍ରମ ଦିବସ ବହୁଳ ଭାବରେ ହ୍ରାସ କରିବାର ଲକ୍ଷଣ ଦେଖାଇଲାଣି। ଆଗ ପାଗ ଏବେ ନାହିଁ। ବ୍ୟବସ୍ଥା ବୈଷୟିକ ଶିକ୍ଷାକୁ ଆପଣେଇବାକୁ ବାଧ୍ୟ କଲାଣି। ହଁ, ଏତିକି ହୋଇପାରେ, ଆଜି ଯେଉଁ ଯନ୍ତ୍ରଟି ଶହେ ଲୋକଙ୍କର କାମ କରିପାରୁଛି, କାଲି ହୁଏତ ତାହା ଏକ ହଜାର ଲୋକଙ୍କର କାମ କରିପାରିବ। ଏହି ମେଶିନ ନିର୍ମାଣରେ ଅଧିକ ବୈଷୟିକ ଶିକ୍ଷାବିତ୍‌ଙ୍କର ବୁଦ୍ଧି। ଜ୍ଞାନ ତଥା ମାନବ ସମ୍ବଳର ଉପଯୋଗ କରାଯାଇପାରେ। କିନ୍ତୁ ବେକାରୀ ବଢ଼ିବା ଥୟ। ରୋଜଗାର ହଟିବ। କ୍ରୟ ଶକ୍ତି କମିବ। ଜୀବନ ବଞ୍ଚାଇବା ଅସହଜ ହେବ। ସେଠି ପୁସ୍ତକ କଥା କିଏ ବୁଝିବ ? ମୋବାଇଲରୁ ମନ ପସନ୍ଦର ବହି କ୍ଷଣକ ମଧ୍ୟରେ ଅନାୟାସରେ ମିଳିପାରିବ। ତେବେ ଆଉ ପୁସ୍ତକ ଲେଖିବ କିଏ ? ବହି ଛାପିବେ କାହିଁକି ? ସମ୍ପୃକ୍ତ ସମସ୍ତ ବର୍ଗ ବେକାର ହେବେ। ରୋଜଗାର ସାତ ସପନ ହେବ। ପୁସ୍ତକ ଆସ୍ତେ ଆସ୍ତେ ଲୋକଲୋଚନରୁ ଅପସରିବାକୁ ଲାଗିବ। ସଂରକ୍ଷଣ ପାଇଁ ଆବଶ୍ୟକ ସ୍ଥାନ ଖୋଜା ପଡ଼ିବ ନାହିଁ। ମୋବାଇଲରେ କେତେ ଯେ ବହି ରହିଯିବ, ତାହା କଳନା କରି ହେବନି। ପୁସ୍ତକର କଳେବର ଲୋକେ ଭୁଲିଯିବେ। ଏଇ ଯେପରି ଢିଙ୍କି, ଧାନ ଉଷୁଁଆ ଚୁଲି, ଡିବିରିବତି, ଶଗଡ଼ ଆଦି ଆଉ ଦିଶୁନି, ବରଂ ପିଲେ ଶୁଣିଲେ ସେଗୁଡ଼ିକ କ’ଣ, କିପରି ଜିନିଷ ବୋଲି ପ୍ରଶ୍ନ କରୁଛନ୍ତି। ପୂର୍ବରେ ପୋଥିପତ୍ର ଯେପରି ଅଦୃଶ୍ୟ, ଦୁଷ୍ପ୍ରାପ୍ୟ ପୁସ୍ତକଗୁଡ଼ିକ ଠିକ ସେହି ଦଶା ଭୋଗିବେ। କବି, ଲେଖକ ଆଉ ଅମର ହୋଇ ରହିବେନି ! ଅସି ଠାରୁ ମସି ବଳବତ୍ତର ରହିବ ନାହିଁ। ପାଠକ ମିଳିବେ ନାହିଁ। ଧର୍ମ ଗ୍ରନ୍ଥ ସବୁ ଆସ୍ତେ ଆସ୍ତେ ହଜିଯିବେ। ପୁସ୍ତକ ସଂଗ୍ରହାଳୟର ସଂରକ୍ଷିତ ବସ୍ତୁ ସାଜିବ ଭବିଷ୍ୟତ ପିଢ଼ିଙ୍କ ଦର୍ଶନ ପାଇଁ।

**ଗୁଣ୍ଡିଚା ବିହାର, ପୁରୀ**
**ମୋ: ୮୨୪୯୦୮୨୪୦୦**

## ଏଇ ଭାରତରେ

ଇଚ୍ଛାଶକ୍ତି ଆଗରେ ବୟସ ହାର୍ ମାନେ- ଏହା ପ୍ରମାଣ କରିଛନ୍ତି କେରଳର ମହିଳା ଚାଳକ ମଣି ଅମ୍ମା। ତାଙ୍କ ବୟସ ୭୪ ଛୁଇଁଲାଣି, ହେଲେ ସେ ନିର୍ଭୀକ ଭାବେ ଭାରିଯାନ ଚଳାଉଛନ୍ତି। ଟ୍ରକ୍, ବସ୍, କ୍ରେନ୍‌ଠାରୁ ଆରମ୍ଭକରି ବିଭିନ୍ନ ଭାରିଯାନ ଚଳାଇ ସେ ତାଙ୍କ ସାହସ ଓ ଧୈର୍ଯ୍ୟର ପରିଚୟ ଦେଇଛନ୍ତି। କେବଳ ଏତିକି ନୁହେଁ, ସେ ଏକ ଡ୍ରାଇଭିଂ ସ୍କୁଲ୍ କରି ସେଠାରେ ବିଶେଷକରି ମହିଳାମାନଙ୍କୁ ଡ୍ରାଇଭିଂ ପ୍ରଶିକ୍ଷଣ ଦେଉଛନ୍ତି। ମଣି ଅମ୍ମାଙ୍କର ଜନ୍ମ ଏକ ମଧ୍ୟବିତ୍ତ ପରିବାରରେ। ସେ ଦଶମ ପଢୁଥିବା ବେଳେ ବିବାହ କରିଥିଲେ। ପରେ ପରିବାରର ଦାୟିତ୍ୱ ବହନ କରିବା ପାଇଁ ସ୍ୱାମୀଙ୍କ ପ୍ରେରଣାରେ ଗାଡ଼ି ଚଳାଇବା ଆରମ୍ଭ କରିଥିଲେ। ସମୟକ୍ରମେ ସେ ୧୧ଟି ଭାରିଯାନ ଲାଇସେନ୍ସ ମଧ୍ୟ ହାସଲ କରିଥିଲେ, ଯାହା ଏକ ବିରଳ ସଫଳତା। ଏଥିପାଇଁ ୨୦୨୨ରେ ସେ ଇଣ୍ଡିଆନ୍ ବୁକ୍ସ ଅଫ୍ ରେକର୍ଡସ୍‌ରେ ସ୍ଥାନ ପାଇପାରିଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

DHARITRI

### ୬ ନଭେମ୍ବର ୧୯୭୬

- ମହାତ୍ମା ଗାନ୍ଧୀଙ୍କ ଘନିଷ୍ଠ ସହଯୋଗୀ ତଥା ସ୍ୱାଧୀନତା ସଂଗ୍ରାମୀ ଜଗନ୍ନାଥ ପ୍ରସାଦ ଚୌଧୁରୀଙ୍କ ୭୬ ବର୍ଷ ବୟସରେ ପରଲୋକ।
- ଭାରତରେ ସାମୁଦ୍ରିକ ନକ୍‌ସା ଓ ଡିଜାଇନ କେନ୍ଦ୍ର ସ୍ଥାପନ ପାଇଁ ଭାରତ ଓ ନରୱେ ମଧ୍ୟରେ ଏକ ଚୁକ୍ତି ସ୍ୱାକ୍ଷରିତ।
- ଜାତିସଂଘର ଶିଶୁ ସମ୍ପର୍କୀୟ ଜରୁରୀ ପାଣ୍ଠିକୁ ଭାରତ ଦେଲା ୧୧ ଲକ୍ଷ।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 2 | | | | | | | 7 |
| 3 | | | 1 | 6 | 9 | | | |
| | | | | | 8 | 6 | | 5 |
| | | | | | | | | |
| 4 | | | | 9 | | | | 3 |
| | 8 | | | | 2 | 1 | | |
| 8 | 9 | | 4 | 5 | | | | |
| | | 2 | | | | | 8 | 1 |
| | | 3 | | | | 5 | | 6 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 3 | 6 | 8 | 9 | 1 | 4 | 7 | 5 |
| 7 | 8 | 9 | 5 | 6 | 4 | 2 | 3 | 1 |
| 4 | 1 | 5 | 3 | 2 | 7 | 8 | 9 | 6 |
| 9 | 7 | 3 | 2 | 4 | 5 | 6 | 1 | 8 |
| 5 | 2 | 1 | 6 | 7 | 8 | 3 | 4 | 9 |
| 6 | 4 | 8 | 9 | 1 | 3 | 7 | 5 | 2 |
| 3 | 5 | 7 | 1 | 8 | 6 | 9 | 2 | 4 |
| 1 | 6 | 2 | 4 | 3 | 9 | 5 | 8 | 7 |
| 8 | 9 | 4 | 7 | 5 | 2 | 1 | 6 | 3 |

ଗତକାଲିର ଉତ୍ତର

# କ୍ୱାଣ୍ଟମ୍ ପ୍ରଭାବ



ଡ. ଗୌରୀଶଙ୍କର ସାହୁ

ଜର୍ମାନ୍ ଭାଷାରେ ପ୍ରକାଶିତ ଜର୍ନାଲ ଜ୍ୟାଟ୍‌ଶ୍ରିଫ୍ଟ ଫ୍ରୋର୍ ଫିଜିକ୍‌ରେ ବିଶ୍ୱବିଖ୍ୟାତ ପଦାର୍ଥ ବିଜ୍ଞାନୀ ୱେରନର ହାଇଜେନ୍‌ବର୍ଗ ୧୯୨୫ ଡିସେମ୍ବର ସଂସ୍କରଣରେ ଗୋଟିଏ ଯୁଗାନ୍ତକାରୀ ଗବେଷଣାତ୍ମକ ନିବନ୍ଧ ପ୍ରକାଶ କରିଥିଲେ। ଏହି ଆଲେଖ୍ୟ କ୍ୱାଣ୍ଟମର ତତ୍ତ୍ୱକୁ କ୍ୱାଣ୍ଟମ ମେକାନିକ୍ସକୁ ରୂପାନ୍ତରିତ କରିଥିଲା। ଦୃଶ୍ୟମାନ କଣିକା- ସମୂହଙ୍କ ଆନ୍ତଃସମ୍ପର୍କ ଉପରେ ପର୍ଯ୍ୟବସିତ ଥିଲା ଏହି ନିବନ୍ଧ ଯାହା କ୍ୱାଣ୍ଟମ୍ ମେକାନିକ୍ସର ଭିତ୍ତି ସ୍ଥାପନ କରିପାରିଥିଲା। ୨୦୨୫କୁ ଏହି ପ୍ରକାଶନକୁ ୧୦୦ବର୍ଷ ପୂରିଲା। ମିଳିତ ଜାତିସଂଘ ଏ ବର୍ଷକୁ ବିଶ୍ୱ କ୍ୱାଣ୍ଟମ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବର୍ଷ ଭାବେ ଘୋଷଣା କରିଛି ଓ ୟୁନେସ୍କୋ ତରଫରୁ ଏ ବର୍ଷ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି।

ଲକ୍ଷ୍ୟ- କ୍ୱାଣ୍ଟମ ବିଜ୍ଞାନ ଓ ବ୍ୟବହାର ସମ୍ପର୍କରେ ସାଧାରଣରେ ସଚେତନତା ସୃଷ୍ଟି କରିବା, ଗବେଷଣା ପ୍ରତିଷ୍ଠାନ ଏବଂ ଗବେଷକଙ୍କ ମଧ୍ୟରେ ବିଶ୍ୱବ୍ୟାପୀ ସହଯୋଗର ବାତାବରଣ ସୃଷ୍ଟି ସହ ବହୁ ଆୟାମୀ ଓ ଅନ୍ତର୍ଜାତୀୟ ଗବେଷଣାକୁ ପ୍ରୋତ୍ସାହନ ଦେବା, ନିରନ୍ତର ସମୃଦ୍ଧି ପାଇଁ କ୍ୱାଣ୍ଟମ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାର ବ୍ୟବହାରକୁ ତ୍ୱରାନ୍ୱିତ କରିବା। ଯୁବବର୍ଗ ଓ ଶିକ୍ଷକଙ୍କ ମଧ୍ୟରେ ସହଯୋଗ ଓ ସହଭାଗିତା ମାଧ୍ୟମରେ ଏହିସବୁ ଲକ୍ଷ୍ୟ ପୂର୍ତ୍ତି ପାଇଁ ଚେଷ୍ଟା କରୁଛି ୟୁନେସ୍କୋ।

ଏପରି ଏକ ମହତ୍ତ୍ୱପୂର୍ଣ୍ଣ କାଳଖଣ୍ଡରେ ଏବର୍ଷ ବିଶ୍ୱର ଅନ୍ୟତମ ସମ୍ଭ୍ରାନ୍ତ ଓ ଶ୍ରେଷ୍ଠ ପୁରସ୍କାର ନୋବେଲ ପାଇଁ ମନୋନୀତ ହୋଇଛନ୍ତି ୩ଜଣ କ୍ୱାଣ୍ଟମ ଗବେଷକ। ବୈଦ୍ୟୁତିକ ପରିପଥରେ ଏନର୍ଜି(ଶକ୍ତି) କ୍ୱାଣ୍ଟିଜେଶନ ଓ ସ୍ଥୂଳ ଜଗତରେ କ୍ୱାଣ୍ଟମ ଟନେଲିଂକୁ ପ୍ରଦର୍ଶିତ କରିବାରେ ସଫଳତା ହାସଲ କରିଥିବାରୁ ଏ ବର୍ଷ ପଦାର୍ଥ ବିଜ୍ଞାନରେ ନୋବେଲ ପୁରସ୍କାର ପାଇବେ ଯୁକ୍ତରାଷ୍ଟ୍ର ଆମେରିକାର କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ଶିକ୍ଷାବିତ୍ ଜନ୍ କ୍ଲାର୍କ, ମାଇକେଲ୍ ଡେଭୋରେଟ୍ ଓ ଜନ୍ ମାର୍ଟିନିସ୍।

ଏହା ଅନସ୍ୱୀକାର୍ଯ୍ୟ ଯେ ଆଧୁନିକ ସ୍ମାର୍ଟଫୋନ୍‌ଠାରୁ ସୁପର କମ୍ପ୍ୟୁଟର ଆବିଷ୍କାର ପାଇଁ କ୍ୱାଣ୍ଟମ ମେକାନିକ୍ସର ଅବଦାନ ଅବିସ୍ମରଣୀୟ। ଏହା ସମ୍ପ୍ରତି ପ୍ରଯୁକ୍ତିବିଦ୍ୟାର ରୂପାନ୍ତରୀକରଣ ଏବଂ ପ୍ରମୁଖ ଆୟୁଧ ଭାବେ ପରିଚିତି ଲାଭ କରିଛି। ହେଲେ ଦାର୍ଶନିକ ମନୋବିଜ୍ଞାନ ନ ଥିଲେ ଏ ବୈଜ୍ଞାନିକ ତତ୍ତ୍ୱକୁ ବୁଝିବା ଦୁରୂହ ବ୍ୟାପାର କହିଲେ ଅତ୍ୟୁକ୍ତି ହେବନାହିଁ। ବିରୋଧାଭାଷ ଓ ପରସ୍ପର ବିରୋଧୀ ପରିଦୃଶ୍ୟରେ ଭରା କ୍ୱାଣ୍ଟମ ମେକାନିକ୍ସର ତାତ୍ତ୍ୱିକ ନିଷ୍କର୍ଷ, ଯେମିତି କଣିକାଟିଏ ମଧ୍ୟ ତରଙ୍ଗ ପରି ବ୍ୟବହାର କରେ, ବିରୋଧାଭାଷ ପରିପୂର୍ଣ୍ଣ ଏକାଧିକ ପ୍ରାବସ୍ଥାର ଅଧ୍ୟାରୋପଣ(ସୁପରପୋଜିସନ୍)ର ଦୃଶ୍ୟମାନ ସ୍ୱରୂପ ହିଁ ଗୋଟିଏ କଣିକା, ବହୁ ଦୂରରେ ଥିବା ଦୁଇଟି କଣିକା ଏକ ଓ ଏକାତ୍ମ ହୋଇପାରନ୍ତି ଫାନ୍ଦିତ ପ୍ରକ୍ରିୟା(ଏନ୍‌ଟାଙ୍ଗଲ୍‌ମେଣ୍ଟ) ବଳରେ। ଏପରି କଥାସବୁ ଦାର୍ଶନିକ ଦୃଷ୍ଟିକୋଣରୁ ବୁଝିହେବ। ସୂକ୍ଷ୍ମଜଗତ କ୍ୱାଣ୍ଟମ ଗତିଶାସ୍ତ୍ର ନିୟମ ଦ୍ୱାରା ପରିଚାଳିତ ହୁଏ ଓ ସ୍ଥୂଳଜଗତରେ କ୍ୱାଣ୍ଟମ ନିୟମ ସବୁ ପ୍ରଯୁଜ୍ୟ ନୁହେଁ ବୋଲି ଧରିନେଇ ବିଜ୍ଞାନ ଆଗେଇ ଚାଲିଥିଲା। ଏପରି ଏକ ଦ୍ୱନ୍ଦ୍ୱାତ୍ମକ ପରିଦୃଶ୍ୟରେ କ୍ଲାର୍କ, ଡେଭୋରେଟ୍ ଓ ମାର୍ଟିନିସ୍‌ଙ୍କ ଯୁଗାନ୍ତକାରୀ ଆବିଷ୍କାର କ୍ୱାଣ୍ଟମ ମେକାନିକ୍ସକୁ ନବଦିଗନ୍ତ ପ୍ରଦାନ କରିଛି। କ୍ୱାଣ୍ଟମ ମେକାନିକ୍ସର ଅନ୍ୟତମ ମହତ୍ତ୍ୱପୂର୍ଣ୍ଣ ଅବଧାରଣା



କ୍ୱାଣ୍ଟମ ଟନେଲିଂକୁ ସ୍ଥୂଳଜଗତରେ ପ୍ରଦର୍ଶିତକରି ଇତିହାସ ରଚିଛନ୍ତି ଉପରୋକ୍ତ ୩ ଗବେଷକ।

କ୍ୱାଣ୍ଟମ ଟନେଲିଂ - ତା’ହେଲେ କ’ଣ ? ଆମେ ଯଦି ପେଣ୍ଡୁଟିଏ ନେଇ ତାକୁ ଗୋଟିଏ କାନ୍ଥ ଉପରକୁ ଫୋପାଡ଼ିବା କ’ଣ ହେବ ? ପେଣ୍ଡୁଟି କାନ୍ଥରେ ଧକ୍କାହୋଇ ଆମ ଆଡ଼କୁ ଲେଉଟିଆସିବ। କ୍ୱାଣ୍ଟମ ମେକାନିକ୍ସ ମୁତାବକ ଅଣୁ ପରମାଣୁଙ୍କ ସୂକ୍ଷ୍ମଜଗତରେ କାନ୍ଥଟି ଅକ୍ଷତ ରହିବା ପୂର୍ବକ ପେଣ୍ଡୁଟି କାନ୍ଥ ଆରପାଖରେ ମିଳିବ। ବଡ଼ ଆଶ୍ଚର୍ଯ୍ୟ କଥା। କିନ୍ତୁ ପରୀକ୍ଷଣ ଦ୍ୱାରା ଏହା ପ୍ରତିପାଦିତ ହୋଇସାରିଛି ଏବଂ ପ୍ରଯୁକ୍ତି ବିଦ୍ୟା ଏହି ଆବିଷ୍କାର ବଳରେ ବିପ୍ଳବ ଆଣିପାରିଛି। ଟ୍ରାଞ୍ଜିଷ୍ଟରର ବିକାଶରେ ଏହି କ୍ୱାଣ୍ଟମ୍ ଟନେଲିଂ ପ୍ରଭାବର ଅବଦାନ ଅବିସ୍ମରଣୀୟ। ନ୍ୟୁକ୍ଲିୟର ବିଖଣ୍ଡନ ମଧ୍ୟ କ୍ୱାଣ୍ଟମର ଟନେଲିଂ ଯୋଗୁ ସମ୍ଭବ ହୁଏ।

୧୯୭୩ ରେ ପଦାର୍ଥ ବିଜ୍ଞାନରେ ନୋବେଲ ପୁରସ୍କାରରେ ସମ୍ମାନିତ ହେଲେ ବ୍ରିଆନ୍ ଯୋଶେଫସନ, ଲିଓ ଏସାକି, ଇଭାର ଗିଆଭର। ଅତି ପରିବାହୀ ବୈଦ୍ୟୁତିକ ପରିପଥ ଦୁଇଟିକୁ ଗୋଟିଏ ପତଳା ବିଦ୍ୟୁତ୍ କୁପରିବାହୀ ଦ୍ୱାରା ବିଚ୍ଛିନ୍ନ କରିରଖିଲେ ଏହି ପତଳା ବିଦ୍ୟୁତ୍ କୁପରିବାହୀ ପରସ୍ତକୁ ଯୋଶେଫସନ ଜଙ୍କସନ କୁହାଯିବ। ଊନବିଂଶ ଶତାବ୍ଦୀର ଅଶୀ ଦଶକରେ ଜନ୍ କ୍ଲାର୍କ, ମାଇକେଲ ଡେଭୋରେଟ୍ ଓ ଜନ୍ ମାର୍ଟିନିସ୍ ସ୍ଥୂଳଜଗତରେ କ୍ୱାଣ୍ଟମ ଟନେଲିଂ ପ୍ରକ୍ରିୟା ପ୍ରଦର୍ଶନ କରିବା ପାଇଁ ପରୀକ୍ଷଣଟିଏ ଆରମ୍ଭକଲେ। ଦୁଇପଟେ ଦୁଇଟି ଅତି ପରିବାହୀ ପରିପଥ ଓ ମଝିରେ ଯୋଶେଫସନ୍ ଜଙ୍କସନ୍। ଏପଟେ ଅତି ପରିବାହୀରେ ତରଙ୍ଗ ଫଳନ(ୱେଭ୍‌ର ଫଙ୍କସନ) ସାଇୱାନ ଓ ସେପଟେ ଅତି ପରିବାହୀରେ ତରଙ୍ଗ ଫଳନ(ୱେଭ୍ ଫଙ୍କସନ) ସାଇଟରୁ ବୋଲି ଜଣାପଡ଼ିଲା। ଅତି ପରିବାହୀର ଗୋଟିଏ ମହତ୍ତ୍ୱପୂର୍ଣ୍ଣ ଗୁଣହେଲା ଇଲେକ୍ଟ୍ରନ ଯୁଗଳ, କୁପର ପେୟାର ପରି ବ୍ୟବହାର କରନ୍ତି ଯାହାର ତାତ୍ତ୍ୱିକ ଅବଧାରଣା ଦେଇ ଲିଅନ୍ କୁପର, ଜନ୍ ବାର୍ଡିନ୍ ଓ ରବର୍ଟ ଶ୍ରୀଏଫର ୧୯୭୨ରେ ପଦାର୍ଥ ବିଜ୍ଞାନରେ ନୋବେଲ ପୁରସ୍କାର ଲାଭ କରିଥିଲେ। ଇଲେକ୍ଟ୍ରନ୍‌ର ସ୍ପିନ୍ ଅଧା(୧/୨) ହୋଇଥିବାରୁ ଫର୍ମି-ଡିରାକଙ୍କ ପରିସଂଖ୍ୟାନ ମୁତାବକ ଦୁଇଟି ଇଲେକ୍ଟ୍ରନ୍‌ର ତରଙ୍ଗ ଫଳନ(ୱେଭ୍ ଫଙ୍କସନ) ଭିନ୍ନ ଭିନ୍ନ ହୋଇଥାଏ ଓ ଦୁଇଟି ଇଲେକ୍ଟ୍ରନ ଯୁଗଳ(କୁପର ପେୟାର) ଅପରିବାହୀରେ ଗୋଟିଏ ସ୍ଥାନରେ ରହିପାରନ୍ତି ଓ ପରିବାହୀ ସାରା ସମସ୍ତ ଇଲେକ୍ଟ୍ରନ ଯୁଗଳ(କୁପର ପେୟାର)ର ତରଙ୍ଗ ଫଳନ(ୱେଭ୍ ଫଙ୍କସନ) ଗୋଟିଏ ହୋଇପାରେ ସାଇୱାନ୍। କାରଣ ଇଲେକ୍ଟ୍ରନ ଯୁଗଳ(କୁପର ପେୟାର)ର ସ୍ପିନ୍ ଏକ(୧) ହୋଇଥାଏ।

ଗବେଷକ ତ୍ରୟୀ ଯୋଶେଫସନ୍ ଜଙ୍କସନ ଦେଇ ଅତି ଦୁର୍ବଳ ବିଦ୍ୟୁତ୍ ସ୍ରୋତ(କରେଣ୍ଟ) ଦେଲେ ଓ ବିଭବାନ୍ତର(ଭୋଲ୍‌ଟେଜ୍) ମାପିଲେ। ପ୍ରଥମେ ବିଭବାନ୍ତର ଶୂନ ଥିଲା। ଧୀରେ ଧୀରେ ବିଦ୍ୟୁତ୍ ସ୍ରୋତର ମାତ୍ରା ବଢ଼ାଇ ସେମାନେ ସମୀମ ମୂଲ୍ୟର ବିଦ୍ୟୁତ୍ ବିଭବାନ୍ତର ଦେଖିଲେ ଏହି ସାମଗ୍ରିକ ପରିପଥରେ। ଏପଟର ୱେଭ୍ ଫଙ୍କସନ, ଯୋଶେଫସନ୍ ଜଙ୍କସନ୍‌ର ଆରପଟର ୱେଭ୍ ଫଙ୍କସନ ସହ ସମାନ ବୋଲି ଜଣାପଡ଼ିଲା। ଏହି ଅତି ପରିବାହୀ ହାତ ପାପୁଲି ଆକାରର ଏବଂ ଏପରି ସ୍ଥୂଳ ପରିସରରେ ମଧ୍ୟ କ୍ୱାଣ୍ଟମ ଟନେଲିଂ ଦେଖାଯାଇପାରିଲା ଓ ଏବର୍ଷ କ୍ଲାର୍କ, ଡେଭୋରେଟ୍ ଓ ମାର୍ଟିନିସ୍ ନୋବେଲ ପୁରସ୍କାରରେ ସମ୍ମାନିତ ହେବେ। ଶୂନ ବିଭବାନ୍ତର ପ୍ରବସ୍ଥାରୁ, ସମୀମ ବିଭବାନ୍ତର ପ୍ରମାଣିତ କଲା, କିପରି ବିଦ୍ୟୁତ୍ ସ୍ରୋତ ପରିରୋଧୀ କାନ୍ଥ ଆରପାଖକୁ ଚାଲିଗଲା। ଅର୍ଥାତ୍ ସ୍ଥୂଳ ପରିପଥରେ ଟନେଲିଂ ପ୍ରଭାବ ଦୃଷ୍ଟିଗୋଚର ହେଲା। ଏ ଆବିଷ୍କାର ପ୍ରଯୁକ୍ତିବିଦ୍ୟା ବିପ୍ଳବରେ ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ କହିଲେ ଅତ୍ୟୁକ୍ତି ହେବନାହିଁ।

**ପ୍ରାଧ୍ୟାପକ, କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, ହିମାଚଳ ପ୍ରଦେଶ**
**ମୋ: ୭୯୭୮୪୨୧୮୩୫**

## ପାଠକ ଶ୍ରେଷ୍ଠ ବିଚାରକ

### ବୃଦ୍ଧାଶ୍ରମରେ ମାତାପିତା

ମହାଶୟ,

ନିକଟରେ ରେଡିଓରୁ ଏକ ସାକ୍ଷାତ୍‌କାର ଶୁଣିଲି। ବୃଦ୍ଧାଶ୍ରମରେ ଜଣେ ଡାକ୍ତର ବି ଅବସର ପରେ ରହନ୍ତି। ପୁଅବୋହୂ ଉଚ୍ଚ ଶିକ୍ଷିତ ଓ ଶିକ୍ଷିତା ଏବଂ ସେମାନେ ବିଦେଶରେ ରହନ୍ତି। ମା’ ଓ ଶାଶୁଙ୍କ ନିମନ୍ତେ ସମୟ ଦେବାକୁ ଅମଙ୍ଗ। ଗୋଟିଏ ପଟେ ଉଚ୍ଚାଭିଳାଷ, ଅନ୍ୟପଟେ ଉଚ୍ଚାବସ୍ଥାରୁ ନିମ୍ନଗାମୀ ହେବାର ଦୃଷ୍ଟାନ୍ତ। ଯାହାକୁ କୋଳେଇ କାଖେଇ ଛୋଟରୁ ବଡ଼କରିଥିବା ମଣିଷ ଜଣକ ମଧ୍ୟ ଅସହାୟ। ‘ଛୋଟ ପରିବାର ସୁଖୀ ପରିବାର’ ହୋଇପାରେ। ସ୍ୱାମୀ ସ୍ତ୍ରୀ ଯଦି ଉଭୟେ ଚାକିରିଆ ତେବେ ସେମାନଙ୍କ ସନ୍ତାନ ଛାତ୍ରାବାସକୁ ନିଜର ଆପଣାର ଦ୍ୱିତୀୟ ଗୃହ ମଣନ୍ତି। ସେ କ୍ଷେତ୍ରରେ ମାତାପିତା ପରିବାର ସୁଖରୁ ବଞ୍ଚିତହୋଇଥାନ୍ତି। ମୋ ମତରେ ଯଦି ସେମାନଙ୍କୁ କାଳିନ୍ଦୀ ଚରଣ ପାଣିଗ୍ରାହୀଙ୍କ ‘ମାଟିର ମଣିଷ’ ଚଳଚ୍ଚିତ୍ର ପ୍ରଦର୍ଶନ କରାଯାଇପାରନ୍ତା ତେବେ ସମାଜର କିଛିଟା ଉପକାର ହୋଇପାରନ୍ତା। ସୂଚନା ଓ ଲୋକସମ୍ପର୍କ ବିଭାଗ ପ୍ରୋଜେକ୍ଟ ମାଧ୍ୟମରେ ସିନେମା ରାଜ୍ୟରେ ପ୍ରଦର୍ଶନ କରିବା ଉଚିତ। ଅମିନ ବରଜୁ ପ୍ରଧାନଙ୍କ ତ୍ୟାଗ, ଛକଡ଼ିର ନାଟ ଦେଖା ପ୍ରବୃତ୍ତି, ହାରା ବୋଉର ଜଞ୍ଜାଳ ନିଶ୍ଚିତଭାବେ ମନରେ ଗଭୀର ପ୍ରଭାବ ବିସ୍ତାର କରିବ।

**-ପ୍ରତାପ ଚନ୍ଦ୍ର ପାଢ଼ୀ, ନିଗମନଗର, ଆଙ୍କୋଲା, ବ୍ରହ୍ମପୁର, ଗଞ୍ଜାମ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ତୁମରି ପ୍ରେମେ ଭୁବନ ଭଲ ଲାଗଇ
ଚେତନା ମମ ସକଳ ପଥେ ଜାଗଇ
ହତାଶେ ଆଉ ନୁହେଁ ମୁଁ ଜଡ଼
ମରଣ ଆଉ ନ ମଣେ ବଡ଼
ତୁମରି ଲାଗି ଶତ ଜୀବନ ଆଜି ଗୋ ଏଥି ମାଗଇ।
-(ପ୍ରସାଧନ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସଂକ୍ଷେପରେ

### କାର୍ତ୍ତିକ ପୂର୍ଣ୍ଣିମାରେ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼

**ବୀରମହାରାଜପୁର,୫।୧୧(ଯୁଗଳ କିଶୋର ମିଶ୍ର)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଅଞ୍ଚଳରେ କାର୍ତ୍ତିକ ପୂର୍ଣ୍ଣିମା ପାଇଁ ବିଭିନ୍ନ ସ୍ଥାନରେ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭୋରୁ ମହିଳାମାନେ ବିଭିନ୍ନ ଜଳାଶୟରେ ଡଙ୍ଗା ଭସାଇଥିଲେ। ଏହି ଅବସରରେ ବୀରମହାରାଜପୁର ଜଗନ୍ନାଥ ମନ୍ଦିର, ଚମ୍ପାମାଳ ଚମ୍ପେଶ୍ୱର ମହାଦେବ ମନ୍ଦିର, ବଡ଼ ଖମାର ମଠ, ଟିଁପିଲି ମଠରେ ଶ୍ରଦ୍ଧାଳୁଙ୍କ ଭିଡ ଦେଖିବାକୁ ମିଳିଥିଲା। ଚମ୍ପାପୁର, ରଥି ସାହି, ହିଲୁଙ୍ଗ, ଚମ୍ପା ମାଳ, ବାଘମାରିଠାରେ ଅଷ୍ଟପ୍ରହରୀ ନାମ ଯଜ୍ଞ ଅନୁଷ୍ଠିତ ହୋଇଥିବା ବେଳେ ଲାତୁରପେଟଠାରେ ସୁନ୍ଦରକାଣ୍ଡ ପାରାୟଣ ପ୍ରାପ୍ତି ଆଚାର୍ଯ୍ୟ ପାଠ କରିଥିଲେ।

### ଅଷ୍ଟପ୍ରହର ନାମଯଜ୍ଞ ଉଦ୍‌ଯାପିତ

**ବିନିକା,୫।୧୧(ରାମ ଗୋପାଳ ବାଘ)**

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ସେଲେଡି ଗ୍ରାମରେ ଚାଲିଥିବା ଅଷ୍ଟ ପ୍ରହର ନାମଯଜ୍ଞ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ସୋମବାର ଶତାଧିକ ମହିଳା କଳସ ଶୋଭାଯାତ୍ରାରେ ବାହାରି ନିକଟସ୍ଥ ମହାନଦୀରୁ ଜଳ ଆଣି ଯଜ୍ଞମଣ୍ଡପରେ ସ୍ଥାପନ କରିଥିଲେ। ମଙ୍ଗଳବାର ନାମଯଜ୍ଞ ଆରମ୍ଭ ହୋଇଥିଲା। ବୁଧବାର ଦଧି ଭାଣ୍ଡ ଧରି ନଗର ପରିକ୍ରମା କରିବା ପରେ ପୂର୍ଣ୍ଣାହୂତି ହୋଇ ମଣିଗାଁ , ଧାତୁକିପାଲି, ସେଲେଡି, ସିନ୍ଦ୍ରୀୟାବାହାଲ ଦଳ ମଧ୍ୟରେ ବୈଠକ କୀର୍ତ୍ତନ୍ୟ ଅନୁଷ୍ଠିତ ହୋଇଥିଲା। ନାମଯଜ୍ଞରେ ପୂଜକ ଭାବେ ବାସୁଦେବ ବାବା, ଗୁଲେଖ ବାବା ଓ କର୍ତ୍ତାଭାବେ ଦୟାସାଗର ପେରା ଓ ତାଙ୍କ ସ୍ତ୍ରୀ ଦୀପ୍ତିମୟୀ ପେରା ଦାୟିତ୍ୱ ତୁଲାଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ନବୀନ ଜଗଦଲା, ମୁକ୍ତିକାନ୍ତ ପେରା, ଲୁକନାଥ କୁମ୍ଭାର, ଋଷିଦୀପ, ପ୍ୟାରୀ ପେରା, ବେଣୁ ସୁନା, ମନୋରଞ୍ଜନ ନାଏକ, ବିରବଲ ଭରାସାଗର, ସୁରେନ୍ଦ୍ର ପେରା, ସୁଶାନ୍ତ ପାତ୍ର, ରଘୁନାଥ ପେରା ସହଯୋଗ କରିଥିଲେ।

### ମହିମାଧର୍ମୀ ମହିଳାଙ୍କ ପରଲୋକ

**ବିନିକା,୫।୧୧(ରାମ ଗୋପାଳ ବାଘ)**



ସୁବର୍ଣ୍ଣପୁର ଜିଲା ବିନିକା ସହରାଞ୍ଚଳ ୱାର୍ଡ ନଂ ୧୦ ଉର୍ଲେର ମହିମା ଧର୍ମବଲମ୍ବୀ ଧି ଆ ନ 1 ସୁନା(୮୨)ଙ୍କ ନିଜ ବାସଭବନରେ ବୁଧବାର ସକାଳ ୬ଟାରେ ପରଲୋକ ହୋଇଯାଇଛି। ମହିମା ଧର୍ମ ଉପରେ ସେ ଭଜନ କୀର୍ତ୍ତନ କରୁଥିଲେ। ଦିନକ ପୂର୍ବରୁ ଅସୁସ୍ଥ ହେବାରୁ ପରିବାର ଲୋକେ ତାଙ୍କୁ ନିକଟସ୍ଥ ଡାକ୍ତରଖାନା ଆଣି ଚିକିତ୍ସା କରାଇ ଥିଲେ। ହେଲେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହିଖବର ପ୍ରଚାରିତ ହେବାପରେ ବହୁ ମହିମାଧର୍ମୀ ତାଙ୍କ ବାସଭବନ ଆସି ଶେଷ ଦର୍ଶନ କରିଥିଲେ। ବଡ଼ ପୁଅ ଭକ୍ତ ଗୁରୁଦେବ ସୁନା ସମାଧି ଦେଇଥିଲେ ।

### ଷୋହଳ ପ୍ରହର ନାମଯଜ୍ଞ ଉଦ୍‌ଯାପିତ

**ବିନିକା, ୫।୧୧(ରାମ ଗୋପାଳ ବାଘ)**

ବିନିକା ସହରାଞ୍ଚଳ ୱାର୍ଡ ନଂ. ୧୦ରେ ସୋମବାର ପ୍ରାତଃ ୫ଟାରୁ ଆରମ୍ଭ ହୋଇଥିବା ଷୋହଳ ପ୍ରହର ନାମଯଜ୍ଞ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଯଜ୍ଞରେ ୮ଟି ସଂକୀର୍ତ୍ତନ ଦଳ ଯୋଗଦେଇଥିଲେ। କର୍ତ୍ତାଭାବେ ସୂର୍ଯ୍ୟନାରାୟଣ ଦୀପ, ଧର୍ମପତ୍ନୀ ସୁଶୀଳା ଦୀପ କାର୍ଯ୍ୟ ତୁଲାଇଥିଲେ। ବାବା ଅନନ୍ତ ଛତ୍ର ଘୃତାହୂତି କରିଥିଲେ। ସଭାପତି ମେଘୁ ବାଘ, ସଦସ୍ୟ ଗୋପୀନାଥ ପଣ୍ଡା, ବଳରାମ ଦୀପ, ଅସାଢୁ ବାଘ, ହୁକୁଡୁ ସୁନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ସୁବର୍ଣ୍ଣପୁର ସହର ରାମେଶ୍ୱର ତ୍ରିବେଣୀ ସଙ୍ଗମରେ ଆଳତି କରାଯାଉଛି।

# ନଦୀଜଳ ସ୍ୱଚ୍ଛ ରଖିବାକୁ ଆହ୍ୱାନ

## ତ୍ରିବେଣୀ ସଙ୍ଗମରେ ଆଳତି ସମାରୋହ

**ସୋନପୁର,୫।୧୧(ମୃତ୍ୟୁଞ୍ଜୟ ଶତପଥୀ)**

ଓଡ଼ିଶାର ସ୍ୱର୍ଣ୍ଣ ପ୍ରୟାଗ ଭାବରେ ଖ୍ୟାତ ସୁବର୍ଣ୍ଣପୁର ସହରର ପୁଣ୍ୟପୀଠ ରାମେଶ୍ୱର ତ୍ରିବେଣୀ ସଙ୍ଗମରେ ବୁଧବାର ରାତିରେ ଆଳତୀ ସମାରୋହ ଅନୁଷ୍ଠିତ ହୋଇଯାଇଛି। ପ୍ରତ୍ୟେକ ପୂର୍ଣ୍ଣିମାରେ ଆଳତି କରାଯାଉଥିବା ବେଳେ କାର୍ତ୍ତିକ ପୂର୍ଣ୍ଣିମା ସନ୍ଧ୍ୟାରେ ମହାନଦୀ ଓ ତେଲ ନଦୀର ସଙ୍ଗମରେ ମହା ଆଳତି କରାଯାଇଥାଏ। ମହାନଦୀ ଓ ତେଲନଦୀ ସମେତ ରାଜ୍ୟର ସମସ୍ତ ନଦୀଜଳକୁ ସ୍ୱଚ୍ଛ ଓ ନିର୍ମଳ ରଖିବାର ଆହ୍ୱାନ ସହିତ ନଦୀ ସଭ୍ୟତାର ସୁରକ୍ଷା ଏବଂ ଆଧ୍ୟାତ୍ମିକ ଜାଗରଣ ସୃଷ୍ଟି ଏହି ସମାରୋହର ଲକ୍ଷ୍ୟ। ସୁବର୍ଣ୍ଣପୁର ଜିଲାପାଳ ଡ. ନୃପରାଜ ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦାନ କରିଥିଲେ। ତୁଷାରମୟୀ ମିଶ୍ର ଓ ଶ୍ରୀନିବାସ ପୂଜାରେ କର୍ତ୍ତା ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ମୁଖ୍ୟ ପୂଜକ ପଣ୍ଡିତ ରାଜୀବ ଲୋଚନ ପଣ୍ଡା, ଦୀନେଶ ଚନ୍ଦ୍ର ତ୍ରିପାଠୀ, ଶାଶ୍ୱତ ମିଶ୍ର, ବୁଲୁ ମିଶ୍ର, ସୁଶାନ୍ତ ପୁରୋହିତ, ପୁର୍ଣ୍ଣେନ୍ଦୁ ପଣ୍ଡା, ବାସୁଦେବ ଶତପଥୀ ପୂଜାର୍ଚ୍ଚନା ସହିତ ଆଳତୀ ସମର୍ପଣ କରିଥିଲେ। ସଙ୍ଗମ ଆଳତୀ କମିଟିର ମୁଖ୍ୟ ଆୟୋଜକ ଶ୍ୟାମାଓଁ ପ୍ରସାଦ ମିଶ୍ରଙ୍କ ସମେତ ଗଦାଧର ବାରିକ, ଶ୍ରୀବସ୍ତ ମଲ୍ଲିକ, ବେଣୁଧର ପ୍ରଧାନ, ବିଘ୍ନରାଜ ପଣ୍ଡା, ପୁରୁଷୋତ୍ତମ ମିଶ୍ର, ଅଚ୍ୟୁତ ପୁରୋହିତ, ମନୋଜ ବାରିକ ଓ ଗଣପତି ବାଘ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ। ଏହି ଧାର୍ମିକ କାର୍ଯ୍ୟକ୍ରମରେ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥାଏ।

# ଡଙ୍ଗା ଭସାଣ ପାଇଁ ତ୍ରିବେଣୀ ସଙ୍ଗମରେ ଭିଡ଼



ମହାନଦୀର ରାମେଶ୍ୱର ସଙ୍ଗମସ୍ଥଳରେ ଶ୍ରଦ୍ଧାଳୁମାନେ ଡଙ୍ଗା ଭସାଉଛନ୍ତି।

## ସୁବର୍ଣ୍ଣପୁରରେ ବୋଇତ ବନ୍ଦାଣ

**ସୋନପୁର,୫।୧୧(ମୃତ୍ୟୁଞ୍ଜୟ ଶତପଥୀ)**

ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ସୁବର୍ଣ୍ଣପୁର ସହରବାସୀ ସହର ପାର୍ଶ୍ୱରେ ପ୍ରବାହିତ ମହାନଦୀ ଓ ତେଲନଦୀରେ ଡଙ୍ଗା ଭସାଇଛନ୍ତି। ଆ-କା-ମା-ବୈ ପାନ ଗୁଆ ଖଇ ଧ୍ୱନିରେ ବୁଧବାର ଭୋର ପ୍ରକମ୍ପିତ ହୋଇଥିଲା ନଦୀକୂଳ। ଓଡ଼ିଶାର ସ୍ୱର୍ଣ୍ଣପ୍ରୟାଗଭାବେ ଖ୍ୟାତ ପୁଣ୍ୟ ପୀଠ ସୁବର୍ଣ୍ଣପୁରର ରାମେଶ୍ୱର ତ୍ରିବେଣୀ ସଙ୍ଗମ ଓ ମହାନଦୀର ତେନ୍ତୁଲିଘାଟଠାରେ ଡଙ୍ଗା ଭସାଇବା ପାଇଁ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ ଲାଗିଥିଲା। ଭୋର ୪ଟାରୁ ଜିଲା ତଥା ଜିଲା ବାହାରୁ ଲୋକେ ଆସି ରାମେଶ୍ୱର ସଙ୍ଗମଠାରେ ଭଳିକିଭଳି ରଙ୍ଗବେରଙ୍ଗର ଡଙ୍ଗା ଭସାଇଥିଲେ। ସେ ଦିନର ଉତ୍କଳର ନୌବାଣିଜ୍ୟ ପରମ୍ପରାକୁ ମନେ ପକାଇ ପୂଜା ଆରାଧନା କରିବା ସହିତ ଦୀପ ପ୍ରଜ୍ୱଳନ କରିଥିଲେ ଶ୍ରଦ୍ଧାଳୁ। ମହାନଦୀର ଚତୁର୍ଦ୍ଦିଗ ଡଙ୍ଗା ଏବଂ ଦୀପମୟ ହୋଇ ଯାଇଥିଲା। ତେନ୍ତୁଲିଘାଟ ଠାରେ ସକାଳ ୬ଟାରେ ଭଗବତ ସ୍ୱାମୀଙ୍କ ଠାରେ ମଙ୍ଗଳ ଆଳତୀ ହୋଇଥିଲା। ସହର ର ରାମେଶ୍ୱର ଘାଟ, ତେନ୍ତୁଲିଘାଟ, ବ୍ରିଜ୍‌ଘାଟ, ଦଶମତୀ ଘାଟ, ରାଜାପଡା ଘାଟ, ଘୋଡାଘାଟପଡା ମହାନଦୀ ଘାଟରେ ପାଣିରେ ଭାସୁଥିବା ଦୀପର ସୁନ୍ଦରତା ଶ୍ରଦ୍ଧାଳୁଙ୍କୁ ଆକୃଷ୍ଟ କରୁଥିଲା। ସେହିପରି ତେଲନଦୀର ସୁବର୍ଣ୍ଣମେରୁ ମନ୍ଦିର ଘାଟରେ ମଧ୍ୟ ଅନେକ ଶ୍ରଦ୍ଧାଳୁ ଡଙ୍ଗା ଭସାଇଥିଲେ। ତ୍ରିବେଣୀ ସଙ୍ଗମରେ ବୁଡ ପକାଇବା ସହ ଡଙ୍ଗା ଭସାଇ ବାବା ରମେଶ୍ୱରଙ୍କୁ ଦର୍ଶନ କଲେ ମାନସିକ ପୂରଣ ହୋଇଥାଏ ବୋଲି ବିଶ୍ୱାସ ରହିଛି । ତେଣୁ ଜିଲାର ବିଭିନ୍ନ ପ୍ରାନ୍ତ ସହ ପଡୋଶୀ ଜିଲାରୁ ଲୋକେ ଡଙ୍ଗା ଭସାଇବା ପାଇଁ ଆସିଥିଲେ।

# ନିମ୍ବାର୍କ ଜୟନ୍ତୀ ମହୋତ୍ସବ

**ଉଲୁଣ୍ଡା, ୫।୧୧(ଗୌରଚନ୍ଦ୍ର ପରିଚ୍ଛା)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ନୂଆଗାଁ ମରିଚପୁରଠାରେ ବୁଧବାର ୫୧୨୧ତମ ନିମ୍ବାର୍କ ଜୟନ୍ତୀ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି । ମଠାଧିଶ ବଂଶୀଧର ଜି ମହାରାଜ ତତ୍ତ୍ୱାବଧାନ ଏବଂ ଗ୍ରାମବାସୀଙ୍କ ମିଳିତ ସହଯୋଗରେ ଆୟୋଜିତ ଏହି ଉତ୍ସବର ପ୍ରାରମ୍ଭରେ ପାରମ୍ପରିକ ପୂଜାର୍ଚ୍ଚନା ପରେ ଯଜ୍ଞ ଆରମ୍ଭ ହୋଇଥିଲା । ପରେ ସ୍ୱାଗତ ଅଭ୍ୟର୍ଥନା ତଥା ଶ୍ରୀଶ୍ରୀ ଗୁରୁଦେବଙ୍କ ନଗର ପରିକ୍ରମା ସହ ଦେବଗୁରୁ ପୂଜନ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ବ୍ରାହ୍ମଣମାନଙ୍କ ଦ୍ୱାରା ସାମୂହିକ ଗୋପାଳ ସହସ୍ର ନାମ ପଠନ, ହଂସ ଗୀତା ପଠନ, ସଦଗୁରୁ ଦେବଙ୍କର ପାରମ୍ପରିକ ଦିବ୍ୟ ଅମୃତ ବାଣୀ ଶ୍ରବଣ, ବାର୍ଷିକ ବିବରଣୀ ପଠନ, ତଦନ୍ତେ ଆରତୀ, ପୁଷ୍ପାଞ୍ଜଳି ଏବଂ ଶାନ୍ତି ପାଠ ପଠନ ସହ ଉଦଯାପିତ ହୋଇଥିଲା। ଏହି ଉତ୍ସବକୁ ଜିଲା ତଥା ଜିଲ୍ଲା ବାହାରୁ ୩୦ହଜାର ରୁ ଉର୍ଦ୍ଧ୍ୱ ଭକ୍ତ ତଥା ଶ୍ରଦ୍ଧାଳୁ ଯୋଗଦେଇ ଆଧ୍ୟାତ୍ମିକ ଲାଭ ଉଠାଇ ଥିବା ଦେଖିବାକୁ ମିଳିଛି । ଏହି ଅବସରରେ ଜିଲାପାଳ ଡ଼ ନୃପରାଜ ସାହୁ ଯୋଗଦେଇ ବିଭୁକୃପା ଲାଭ କରିଥିଲେ।

# ୬୨ତମ ବାଳକ ଭୋଜନ ସମାରୋହ

**ସୋନପୁର,୫।୧୧(ମୃତ୍ୟୁଞ୍ଜୟ ଶତପଥୀ)**

କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ବୁଧବାର ସୋନପୁର ତେନ୍ତୁଲିଘାଟସ୍ଥିତ ଭାଗବତ ପାଠାଗାର ପ୍ରାଙ୍ଗଣରେ ୬୨ତମ ବାଳକ ଭୋଜନ ସମାରୋହ ଆୟୋଜିତ ହୋଇଥିଲା। ଏଥିରେ ୫ ହଜାରରୁ ଉର୍ଦ୍ଧ୍ୱ ବାଳିକା ବାଳକ ମଧ୍ୟାହ୍ନ ଭୋଜନ କରିଥିଲେ। ଜିଲାପାଳ ଡ. ନୃପରାଜ ସାହୁ ମୁଖ୍ୟ ଅତିଥି, ସମ୍ମାନିତ ଅତିଥିଭାବେ ପୌରାଧ୍ୟକ୍ଷା ତାମସି ତାମସ୍ମିତା ନାୟକ ଯୋଗଦାନ କରିଥିଲେ। ପାଠାଗାର ସଭାପତି ସୂର୍ଯ୍ୟ ନାରାୟଣ ବେହେରା, ଉପସଭାପତି ହିମାଂଶୁ ନାଏକ, ମୁନା ନାଏକ, ସମ୍ପାଦକ ପବିତ୍ର କୁମାର ସାହୁ, କୋଷାଧ୍ୟକ୍ଷ ବୃଷଭ ବୁଡେକ, ବାବୁଲୁ ନାଏକ, ଚନ୍ଦନ ସେଠୀ, ବୈଦ୍ୟନାଥ ସାହୁ, ଜୟରାମ ପଣ୍ଡା, କୁନୁ ବେହେରା, ଟିକୁନୁ ବୁଡେକ ଓ ନାଗାର୍ଜୁନ ପାଣ୍ଡେ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ।



ତେନ୍ତୁଲିଘାଟରେ ବାଳିକା ବାଳକ ମାନେ ମଧ୍ୟାହ୍ନଭୋଜନ କରୁଛନ୍ତି।

# ମିନିଟ୍ରକ୍ ସିକ୍ରେଟ୍ ଚାମ୍ବରରେ ଗଞ୍ଜେଇ







ଜବତ ଗଞ୍ଜେଇ, ଗିରଫ ୨ ଅଭିଯୁକ୍ତ(ବାମ), ଜବତ ମିନିଟ୍ରକ୍(ମଝି) ଓ କାର।

- ବୌଦ୍ଧରୁ ଛତିଶଗଡକୁ ଚାଲାଣ ହେଉଥିଲା
- ୨ ଗିରଫ, ୩ ଫେରାର
- ଟ୍ରକ୍, କାର ଓ ୩୦କିଲୋ ଗଞ୍ଜେଇ ଜବତ

**ସୋନପୁର,୫।୧୧(ମୃତ୍ୟୁଞ୍ଜୟ ଶତପଥୀ)**

ସୁବର୍ଣ୍ଣପୁର ସହର ବ୍ଲକ ଛକ ନିକଟରେ ବୁଧବାର ପୋଲିସ ଚଢାଉ କରି ଗଞ୍ଜେଇ, ଚୋରା ଚାଲାଣରେ ବ୍ୟବହୃତ ଟ୍ରକ ଓ କାର ଜବତ କରିଛି। ଏହି ଘଟଣାରେ ସୋନପୁର ଟାଉନ ପୋଲିସ ୨ଜଣଙ୍କୁ ଗିରଫ କରିଥିବା ବେଳେ ଅନ୍ୟ ୩ଜଣ ଫେରାର ହୋଇଯାଇଛନ୍ତି। ବୌଦ୍ଧ ଜିଲାର ଅନେକ ହଜାର ହେକ୍ଟର ଜମିରେ ଉନ୍ନତ ମାନର ଗଞ୍ଜେଇ ଚାଷ ହୋଇଛି। ଅମଳ ପରେ ଏହି ଗଞ୍ଜେଇ କିଣିବା ପାଇଁ ଏବେ ପ୍ରତିଯୋଗିତା ଚାଲିଛି। ଉତ୍ପାଦିତ ଗଞ୍ଜେଇଗୁଡିକୁ ଭଲ ଭାବେ ପ୍ୟାକିଂ କରି ଛତିଶଗଡ, ମଧ୍ୟପ୍ରଦେଶ, ଉତ୍ତରପ୍ରଦେଶ, ବିହାର, ପଶ୍ଚିମବଙ୍ଗ, ରାଜସ୍ଥାନ ଓ ଦିଲ୍ଲୀ ଭଳି ରାଜ୍ୟକୁ ଚାଲାଣ କରାଯାଉଛି। ପୋଲିସ ଓ ଅବକାରୀ ବିଭାଗର ଧ୍ୟାନ ହଟାଇବା ପାଇଁ ବ୍ୟବସାୟୀମାନେ ଅଭିନବ ଉପାୟରେ ଗଞ୍ଜେଇ ଚାଲାଣ କରୁଛନ୍ତି। ବୁଧବାର ଅଶୋକ ଲିଲାଣ୍ଡ ମିନି ଟ୍ରକ୍(ନଂ ସିଜି୦୪ପିଇ-୧୫୬୯)ରେ ଛତିଶଗଡ଼କୁ ଗଞ୍ଜେଇ ଚାଲାଣ ହେଉଥିଲା ବେଳେ ସୋନପୁର ପୋଲିସ ଏହାକୁ ଧରିଛି। ମିନି ଟ୍ରକ୍‌ର ଷ୍ଟିୟରିଂ ତଳେ ଥିବା ଏକ ସ୍ୱତନ୍ତ୍ର ଚାମ୍ବରରେ ଗଞ୍ଜେଇ ଭର୍ତ୍ତି କରି ବ୍ୟବସାୟୀ ଅଭିନବ ଉପାୟରେ ଚୋରା ଚାଲାଣ କରୁଥିଲେ। ବ୍ଲକ ଛକ ନିକଟରେ ଟ୍ରକ୍‌କୁ ଅଟକ ରଖି ତନଖି ସମୟରେ ୩୦ଟି ଗଞ୍ଜେଇ ପ୍ୟାକେଟ୍ ମୋଟ ୩୦କିଲୋ ଗଞ୍ଜେଇ ମିଳିଥିଲା। ଟ୍ରକ୍‌ରୁ ମୟୁରଭଞ୍ଜ ଜିଲା ରାଇରଙ୍ଗପୁରର ମୂଳ ବାସିନ୍ଦା ତଥା ଏବେ ଛତିଶଗଡ଼ର ଗୋଗାଁରେ ରହୁଥିବା ରିଙ୍କୁ ସାହୁ(୩୦)ଙ୍କୁ ଗିରଫ କରାଯାଇଛି। ତେବେ ଅନ୍ୟ ଜଣେ ଅଭିଯୁକ୍ତ ଫେରାର ହୋଇଯାଇଛି। ସେହିପରି କିଆ କାର(ନଂ ଓଡି୨୩ଜେ-୪୨୦୪)ରେ ଗଞ୍ଜେଇ ବୋଝେଇ ଟ୍ରକ୍‌କୁ ୩ ଯୁବକ ଏସକର୍ଟ ଦେଇ ସହଯୋଗ କରୁଥିଲେ। ପୋଲିସ ଉକ୍ତ କାରରୁ ବୌଦ୍ଧ ଜିଲା ମନମୁଣ୍ଡା ଥାନା ସହରିଆପାଲି ଗ୍ରାମର ମଧୁସୂଦନ ଜାଲ(୨୩)ଙ୍କୁ ଗିରଫ କରିଛି। କାରରେ ଥିବା ଅନ୍ୟ ୨ ଅଭିଯୁକ୍ତ ଫେରାର ହୋଇ ଯାଇଛନ୍ତି। ସୋନପୁର ଥାନାରେ ଏନେଇ ଏକ ମାମଲା ରୁଜୁ ହୋଇଛି।

# ଶ୍ରୀଜୀଉଙ୍କ ରାଜ ରାଜେଶ୍ୱର ବେଶ

**ଉଲୁଣ୍ଡା,୫ ୧୧(ଗୌରଚନ୍ଦ୍ର ପରିଚ୍ଛା):** ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଆଦ୍ୟ ଲୀଳାକ୍ଷେତ୍ର ସୁବର୍ଣ୍ଣପୁର ଜିଲା ପାତାଳୀ ଶ୍ରୀକ୍ଷେତ୍ର କୋଟସମଲାଇଠାରେ ଶ୍ରୀଜୀଉ ବୁଦବାର ରାଜରାଜେଶ୍ୱର ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି । ସକାଳୁ ଦ୍ୱାରଫିଟା, ମଙ୍ଗଳ ଆଳତୀ, ସୂର୍ଯ୍ୟପୂଜା, ଖେଚୁଡ଼ି ଭୋଗ ଆଦି ପୂଜାନୀତି ପରେ ଶ୍ରୀଜୀଉମାନଙ୍କ ରାଜରାଜେଶ୍ୱର ବେଶ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଶ୍ରୀମଦ୍ଭାଗବତ ପାରାୟଣ ହୋଇଥିଲା। ଘଣ୍ଟ, ଶଙ୍ଖ, ହରିବୋଲ ହୁଳହୁଳି ପାତାଳୀ ଶ୍ରୀକ୍ଷେତ୍ର ପ୍ରକମ୍ପିତ ହୋଇ ଉଠିଥିଲା।



ରାଜରାଜେଶ୍ୱର ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି ଶ୍ରୀଜୀଉ।

# ଉଫୁଲାକୁ ପୋଷ୍ୟ ପଞ୍ଚାୟତ ମାନ୍ୟତା ଦାବି

**ବୀରମହାରାଜପୁର,୫।୧୧(ଯୁଗଳ କିଶୋର ମିଶ୍ର)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଉଫୁଲା ପଞ୍ଚାୟତକୁ ପୋଷ୍ୟ ପଞ୍ଚାୟତଭାବେ ମାନ୍ୟତା ଦେବାକୁ ସରପଞ୍ଚ ଶ୍ରୀୟା କର୍ମୀ ମଙ୍ଗଳବାର ଏକ ଦାବିପତ୍ର ଜିଲାପାଳ ଡ. ନୃପରାଜ ସାହୁଙ୍କୁ ପ୍ରଦାନ କରିଛନ୍ତି। ପ୍ରଶାସନ ଦ୍ୱାରା ଉତ୍ତରଦାୟୀ ଜନକେନ୍ଦ୍ରିକ ସେବା ଯୋଗାଣ, ଉଭୟ ସାମୂହିକ ଓ ବ୍ୟକ୍ତିଗତ ଉନ୍ନୟନ ପ୍ରକଳ୍ପ ଏବଂ ଜନ କଲ୍ୟାଣ ଯୋଜନାର ସଫଳ ରୂପାୟନ ପାଇଁ ଉଫୁଲାକୁ ପୋଷ୍ୟ ପଞ୍ଚାୟତର ମାନ୍ୟତା ଦେବାକୁ ଉକ୍ତ ପତ୍ରରେ ଉଲ୍ଲେଖ କରିଛନ୍ତି। ଗ୍ରାମ ପଞ୍ଚାୟତ ପରିସରରେ କୃଷି ବିଭାଗ ଦ୍ୱାରା ୮ ଲକ୍ଷ ଟଙ୍କା ବ୍ୟୟରେ କୃଷକ ପରାମର୍ଶ କେନ୍ଦ୍ର, ଲକ୍ଷାଧିକ ଟଙ୍କା ଅନୁଦାନ ରାଶିରେ ନିର୍ମିତ ରଥପୁର ଜଳଯୋଗାଣ ପ୍ରକଳ୍ପ, ଉଫୁଲା ପଞ୍ଚାୟତ ଅଧୀନ ମିଶନ ଶକ୍ତି କେଫେ ଓ ଇ-ଲାଇବ୍ରେରୀ ପ୍ରକଳ୍ପକୁ ଗ୍ରାମପଞ୍ଚାୟତକୁ ହସ୍ତାନ୍ତରଣ ପାଇଁ ମଧ୍ୟ ଦାବି କରିଥିଲେ। ମିଶନ ଶକ୍ତି କାଫେକୁ ପଞ୍ଚାୟତ ଅଧୀନ ଯୋଗ୍ୟ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଚୟନ କରିବାକୁ ଅନୁରୋଧ କରିଥିଲେ।



ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।


**SS LEGACY ENGINEERS PVT LTD**

**WALK-IN INTERVIEW**

(For O&M Instrumentation & Electrical Candidates with Industrial Experience)

M/s. S S Legacy Engineers Pvt. Ltd. is a leading company in providing O&M service to some of the very big Alumina & Steel Industries. Based in Ahemadabad & the Odisha branch address for VAL Lanjigarh: At-Jagannathpur, Lanjigarh, Kalahandi, Odisha- 766027, Web address: www.sslegacy.in

| Dept. | Position | Experience | Qualification |
|---|---|---|---|
| Instrument | Instrumentation Engineer | 5-7 Years | B.Tech in Electronics/ Instrumentation |
| | | 8-10 Years | Diploma in Electronics/ Instrumentation |
| | Instrumentation Technician | 5 Years | ITI/ Diploma in Instrumentation |
| Electrical | Electrical Engineer | 5-7 Years | B. Tech in Electrical |
| | | 8-10 Years | Diploma in Electrical |
| | Electrician | 5 Years | ITI/Diploma in Electrical with Licence |

**Important Notes:** Interested candidate may attend the interview alongwith their CV, Passport size Photo, Adhaar Card Copy, Educational Certificates, Service Certificates, Pay Slip & Bank Proof etc.

**Walk in to explore new career opportunities:**

Walk-in Interview Date : 09.11.2025 (09-Nov-2025)
Time : Morning to 9:00 AM to evening 4:00 PM
Place: Hotel Dayal Residency, Near Jajpur Road, Hotel Contact No. 8093099916.
Hotel Dayal Residency Address : Chandama, Kaneihpur, Jajpur Road, Odisha

Mail Id: redarea.hrval@sslegacy.co.in, hr.sslegacy@gmail.com, soumyakant.mishra@sslegacy.co.in
Contact No. 9937718861, 9337676362, 7008879687, 8310504784

*For, more information, kindly contact the mentioned mobile numbers.*



**OFFICE OF THE SUPERINTENDING ENGINEER (AGRIL.), NORTHERN ZONE, SAMBALPUR, ODISHA**

Govt. of Odisha

E-mail ID - senzsambalpur@gmail.com

"e"-Procurement Notice No - 1768/Agril, Date - 30.10.2025

Bid Identification No. : 03/Agril./NZ/2025-26 dt.30.10.2025

**No.L-99** : The Superintending Engineer (Agril.), Northern Zone, Sambalpur, Odisha on behalf of Governor of Odisha, invites percentage rate bids in single cover system from the eligible class of contractors through e-procurement in ONLINE MODE only in the website "www.tendersodisha.gov.in", for the work as detailed below.

| | | |
|---|---|---|
| 1. | Nature/Type of the work | : As Mentioned in Column-02 |
| 2. | Estimated Cost put to Tender | : Varies from Rs.5.71 Lakhs to Rs.49.25 Lakhs |
| 3. | EMD Amount | : Varies from Rs.5,720.00 to Rs.49,250.00 |
| 4. | Bid Cost | : As Mentioned in Column-07 |
| 5. | Period of completion | : As Mentioned in Column-08 |
| 6. | No. of work (Tender) | : 15 nos. |
| 7. | Class of Contractor | : "D", "C" & "B" class with valid License as Mentioned in Column - 06 |
| 8. | Date & Time of availability of bid document in the portal | : 03.11.2025 at 10.A.M. to Dt.14.11.2025 at 5.30 P.M. |
| 9. | Last date / Time for receipt of bids in the portal | : Dt.14.11.2025 at 5.30 P.M. |
| 10 | Date of submission of original documents in the tender box | : Dt.13.11.2025 at 10 A.M. to Dt.17.11.2025 at 5.00 P.M. (Working days) only |
| 11 | Date & time of opening of online bids | : Dt.18.11.2025 at 11.00 A.M. |
| 12 | Name and address of the officer inviting Bid | : Superintending Engineer (Agril.), Northern Zone, Remed Chowk, Sambalpur, Odisha, Pin-768006 |

NB. The Bidders have to participate in **ONLINE bidding only** in the e- Procurement website: https://tendersodisha.gov.in with matching class DSC. Any addendum / corrigendum / cancellation of tender / other details of the DTCN can also be seen in the said website. Authority reserves the right to reject/accept any or all of the tenders, increase/decrease the quantities of works without assigning any reasons thereof.

Sd./- Superintending Engineer (Agril.)
Northern Zone, Sambalpur

OIPR-



**OFFICE OF THE PRINCIPAL**

**CREW TRAINING INSTITUTE, CHANDBALI, DIST.: BHADRAK**

PIN - 756133, Email: ctiportsiwt@rediffmail.com Ph. No.: 06786-295745

**ADVERTISEMENT FOR ADMISSION**

No. JJ-64: Applications in prescribed form are invited from intending experienced candidates having requisite qualification and experience for admission into 3 (Three) months Refreshers Course as per prescribed syllabus of Government conducted by Crew Training Institute, Chandabali, Dist.: Bhadrak from **Dt.01.01.2026 to Dt.31.03.2026**. The course is meant for preparing the candidates to serve as Crews of Inland Mechanically propelled vessels, Fishing Trawlers, Sea going Vessels, Harbour Crafts, Tourist boats etc. with more proficiency.

**ELIGIBILITY:**

| | |
|---|---|
| **01. Age** | : Not less than 21 years and not more than 47 years as on Dt.01.01.2026. |
| **02. Educational Qualification** | : H.S.C. Pass from Board of Secondary Education, Odisha or equivalent. Candidate must be able to read & write Odia & English. |
| **03. Experience** | : Candidates must have minimum 3 (Three) years of experience as crew of Inland Mechanically propelled Vessels of 40 B.H.P. in any public sector/reputed private sector Organization/Registered Co-operative Societies. |
| **04. Physical Fitness** | : The candidates should be physically fit to perform the type of work assigned by the authority of the Institute under any condition. A medical fitness certificate from a Medical officer not below the rank of an Assistant Surgeon should be submitted with the application for admission. |

The form and prospectus for admission shall be available from the office of the "Principal, Crew Training Institute, Chandabali, Dist.: Bhadrak" on payment of Rs.50/- (Rupees Fifty) only by cash, money order from **Dt.06.11.25 to Dt.20.11.25 Upto 5.30 P.M.** on all working days. The application forms complete in all respect should reach the undersigned on or before **Dt.30.11.2025 Upto 5.30 P.M.** The application forms should be submitted in an envelope addressed to "Principal, Crew Training Institute, Chandabali, Dist.: Bhadrak".

The application of in-service candidates should be submitted through proper Channel/Competent authority.

Sd./- Principal
Crew Training Institute

OIPR-

## ସଂକ୍ଷେପରେ

### ସ୍ୱେଚ୍ଛାସେବୀଙ୍କ ପ୍ରଶଂସନୀୟ କାର୍ଯ୍ୟ: ଆସନ୍ନ ମୃତ୍ୟୁରୁ ବର୍ତ୍ତିଲେ ମହିଳା

ଲୋଇସିଂହା,୫।୧୧(ସୁଶାନ୍ତ ବାରିକ)

ବୁଧବାର ସକାଳେ ସ୍ଥାନୀୟ ହୀରାପୁର ଫାଟକ ପଡିଥିବା ବେଳେ ବିପଦପୂର୍ଣ୍ଣ ଭାବେ ରେଳ ଟ୍ରାକରେ ଆସୁଥିବା ଜଣେ ମହିଳାଙ୍କୁ ଉଦ୍ଧାର କରାଯାଇଛି। ଫଳସ୍ୱରୂପ ମହିଳା ଜଣକ ଆସନ୍ନ ମୃତ୍ୟୁମୁଖରୁ ବର୍ତ୍ତି ଯାଇଛନ୍ତି । ସେ ହେଲେ ପାଟଣାଗଡ ବ୍ଲକ ଭଇଁଷା ନିକଟସ୍ଥ ତେନ୍ତୁଲିଖୁଣ୍ଟି ଗାଁର ସବିତା ଦୀପ । ସନ୍ଧ୍ୟାରେ ଲୋଇସିଂହା ପୋଲିସ ମହିଳାଙ୍କୁ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି । ମହିଳାଙ୍କ ମାନସିକ ସ୍ଥିତି ଠିକ ନ ଥିବାରୁ ଘରୁ ଚାଲି ଆସିଥିବା ପୋଲିସ କହିଛି । ସୂଚନା ଅନୁଯାୟୀ, ସବିତା ଗତ କିଛିଦିନ ହେଲା ଘରୁ ଚାଲିଆସି ଆଉ ଘରକୁ ଫେରି ନ ଥିଲେ । ସକାଳେ ସେ ବଲାଙ୍ଗୀର ପଟରୁ ଲୋଇସିଂହା ଥାନା ହୀରାପୁର ରେଳ ଫାଟକ ପଟକୁ ରେଳ ଟ୍ରାକରେ ଚାଲି କି ଆସୁଥିବାର ସାମାଜିକ କର୍ମୀ ସାରଙ୍ଗ ଭୋଇ ଓ କେତେଜଣ ଯୁବକ ଦେଖିବାକୁ ପାଇଥିଲେ । ସେମାନେ ସଙ୍ଗେ ସଙ୍ଗେ ମହିଳାଙ୍କୁ ରେଳ ଟ୍ରାକରୁ ଉଦ୍ଧାର କରି ପଚରାଉଚରା କରିଥିଲେ। ରେଳ ଟ୍ରାକ୍‌ରେ କ'ଣ ପାଇଁ ଆସୁଥିଲ ପଚାରିବାରୁ ଭିକ୍ଷା ମାଗି ଆସିଥିବା ଜଣାଇଥିଲେ । ସେମାନେ ତାଙ୍କୁ ଲୋଇସିଂହା ପୋଲିସ ଜିମା ଦେଇଥିଲେ । ପୋଲିସ ମହିଳାଙ୍କୁ ଉଦ୍ଧାର କରି ଥାନାକୁ ଆଣିଥିଲେ । ଲୋଇସିଂହା ପୋଲିସ ପାଟଣାଗଡ ପୋଲିସ ଜରିଆରେ ମହିଳାଙ୍କ ପରିବାର ଲୋକଙ୍କୁ ସୂଚନା ଦେଇ ପରେ ହସ୍ତାନ୍ତର କରିଥିଲା । ସ୍ୱେଚ୍ଛାସେବୀ ଯୁବକଙ୍କ ଉଦ୍ୟମ ଯୋଗୁ ଜଣେ ମହିଳା ମୃତ୍ୟୁମୁଖରୁ ବର୍ତ୍ତି ଯାଇଥିବାରୁ ସାଧାରଣରେ ପ୍ରଶଂସା କରାଯାଇଛି ।

### କାର୍ତ୍ତିକ ପୂର୍ଣ୍ଣିମା ଉପଲକ୍ଷେ ନାମଯଜ୍ଞ

ଲୋଇସିଂହା,୫।୧୧(ସୁଶାନ୍ତ ବାରିକ)

କାର୍ତ୍ତିକ ପୂର୍ଣ୍ଣିମା ଉପଲକ୍ଷେ ଲୋଇସିଂହା ଥାନା ଅଞ୍ଚଳର ବିଭିନ୍ନ ଗ୍ରାମରେ ଚାଲିଥିବା ୨୪ପ୍ରହର ନାମଯଜ୍ଞ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଲୋଇସିଂହା ବ୍ଲକର ବୁର୍ଡା, ମାଣ୍ଡିଆପଦର, ଗୋପାଳପୁର, ଆଗଲପୁର ବ୍ଲକର ନଅଗାଁ(ଖ) ଠାରେ ନାମଯଜ୍ଞ ଧୂମଧାମରେ ହୋଇଛି।

# ବଲାଙ୍ଗୀରରେ ବିଗୁଡୁଛି ଆଇନଶୃଙ୍ଖଳା

ବଲାଙ୍ଗୀର,୫।୧୧(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଜିଲାର ଆଇନ ଶୃଙ୍ଖଳା ପରିସ୍ଥିତି ଧୀରେ ଧୀରେ ହୁଗୁଳା ହେବାରେ ଲାଗିଛି। ସହରରେ ଅସାମାଜିକ ତତ୍ତ୍ୱ, ନିଶାଖୋରଙ୍କ ଉତ୍ପାତ ବଢ଼ିବାରେ ଲାଗିଛି। ଖାଲି ସହର ନୁହେଁ ଏବେ ଗାଁ ଗାଁରେ ଅଶାନ୍ତି ଓ ଉତ୍ତେଜନା ବଢ଼ିବାରେ ଲାଗିଲାଣି। ବଲାଙ୍ଗୀର ସହରରେ ଡ୍ରଗ୍ସ ଓ କଫ୍ ସିରଫ କାରବାର ବହୁ ମାତ୍ରାରେ ଚାଲିଛି। ପୋଲିସ କିଛି ସ୍ଥାନରେ ଚଢ଼ାଉ କରି ନିଶା ବେପାରୀଙ୍କୁ ଗିରଫ କରି ବିଶେଷକରି କଫ୍ ସିରଫ ଓ ଗଞ୍ଜେଇ ଜବତ କରୁଥିବା ଦେଖାଯାଉଥିଲେ ମଧ୍ୟ ଏହା ହାତୀର ଦେଖାଇବା ଦାନ୍ତ ଭଳି ଚର୍ଚ୍ଚା ହେଉଛି। ଯେତେ ମାତ୍ରାରେ କଫ୍ ସିରଫ ଏବଂ ନିଶା କାରବାର ହେଉଛି ତାର ୧୦ ପ୍ରତିଶତ ପୋଲିସ କାର୍ଯ୍ୟାନୁଷ୍ଠାନ ପରିଧିକୁ ଆସିପାରୁଥିବା ଚର୍ଚ୍ଚାର ବିଷୟ ହୋଇଛି। ମଙ୍ଗଳବାର ଦିନ ରେଳବାଇ ପୋଲିସ ଭୁବନେଶ୍ୱରରୁ ବଲାଙ୍ଗୀର ଚାଲାଣ ହେଉଥିବା ପ୍ରାୟ ୫୯୨ ବୋତଲ କଫ୍ ସିରଫ ଜବତ କରିଥିଲା। ଏଥିରେ ଅଭିଯୁକ୍ତ ରାଜା ଜେନାଙ୍କୁ ଗିରଫ କରାଯାଇଥିଲା। ପ୍ରାୟ ପ୍ରତିଦିନ ସହରକୁ କଫ୍ ସିରଫ ଚାଲାଣ ହେଉଥିଲେ ମଧ୍ୟ ପୋଲିସ କେବଳ ଅଳ୍ପ ପରିମାଣର କଫ୍ ସିରଫ ଜବତ କରୁଥିବା ଅଭିଯୋଗ ହେଉଛି। କଫ୍ ସିରଫ ସେବନକାରୀମାନେ ବିଭିନ୍ନ ସମୟରେ ସହରର ବିଭିନ୍ନ ସ୍ଥାନରେ ଅଶାନ୍ତି ସୃଷ୍ଟି କରୁଥିବାରୁ ସହରର ଲୋକେ ଭୟଭୀତ ହୋଇପଡିଛନ୍ତି। ସହରରେ ସ୍ପିଡ୍ ବାଇକରଙ୍କ ଉତ୍ପାତ ବଢ଼ିବାରେ ଲାଗିଛି। ସେମାନେ ଖୋଲାଖୋଲି ଟ୍ରାଫିକ୍ ନିୟମ ଉଲ୍ଲଂଘନ କରି ଲୋକଙ୍କୁ ଅସୁବିଧାରେ ପକାଉଛନ୍ତି।

ଏହାଛଡା ଗତ କିଛି ଦିନ ହେଲା ବଲାଙ୍ଗୀର ଜିଲାର ବିଭିନ୍ନ ଗାଁରେ ଅଶାନ୍ତ ପରିସ୍ଥିତି ସାମ୍ନାକୁ ଆସିଛି। ଦେଓଗାଁ ଥାନାର ଦେଓଗାଁରେ କିଛିଦିନ ହେଲା ଅଶାନ୍ତି ଲାଗି ରହିଛି। ଗତ ଅକ୍ଟୋବର ୧୩ ତାରିଖ ଦିନ

**ଆଇନକୁ ହାତକୁ ନେଉଛନ୍ତି ଲୋକେ, ପୋଲିସ ନୀରବଦ୍ରଷ୍ଟା**

ଦେଓଗାଁରେ କେତେଜଣ ଅସାମାଜିକ ତତ୍ତ୍ୱ ବନ୍ଧୁକ ଓ ମାରଣାସ୍ତ୍ର ଧରି ବିଭିନ୍ନ ଲୋକଙ୍କୁ ଧମକ ଚମକ ଦେଇ ଭୟଭୀତ କରିଥିଲେ। ଏହାର ପ୍ରତିବାଦରେ ଦେଓଗାଁର ଲୋକେ ଦୋକାନ ବଜାର ବନ୍ଦ କରି ଅଭିଯୁକ୍ତମାନଙ୍କ ଗିରଫ ଦାବି କରିଥିଲେ। ଏହି ଘଟଣାରେ ପୋଲିସ ପଶ୍ଚିମବଙ୍ଗରୁ ଆସି ସେଠାରେ ରହି ବ୍ୟବସାୟୀ କରୁଥିବା ଜଣେ ବ୍ୟକ୍ତିଙ୍କ ସମେତ ୫ ଜଣଙ୍କୁ ଗିରଫ କରିଥିଲା । ସେମାନେ ଗତ ୨୨ ତାରିଖ ଦିନ ଜାମିନରେ ବାହାରିବା ପରେ ଉତ୍ତେଜନା ପ୍ରକାଶ ପାଇଥିଲା। ପ୍ରାୟ ୪୦ରୁ ୫୦ ଜଣ ଲୋକ ସଂଘବଦ୍ଧ ଭାବେ ଗତ ୨ ତାରିଖ ଦିନ ସମ୍ପୃକ୍ତ ପଶ୍ଚିମବଙ୍ଗ ବ୍ୟବସାୟୀଙ୍କ ଘରେ ନିଆଁ ଲଗାଇ ଦେଇଥିବା ଅଭିଯୋଗ ହୋଇଥିଲା। ଏଥିରେ ବ୍ୟବସାୟୀଙ୍କ ଘର, ବାଇକ୍ ଏବଂ କପଡା ଦୋକାନ ପୋଡି ଯାଇଥିଲା। ସେହି ଘଟଣାକୁ ନେଇ ଦେଓଗାଁରେ ଉତ୍ତେଜନାମୂଳକ ପରିସ୍ଥିତି ଦେଖାଦେଇଛି। ପୋଲିସ ଇତିମଧ୍ୟରେ ୧୨ ଜଣଙ୍କୁ ଗିରଫ କରିଛି। ଏଥିରେ ସମ୍ପୃକ୍ତ ଥିବା ଅନେକଙ୍କୁ ଗିରଫ କରାଯିବ ବୋଲି ସଦର ଏସଡିପିଓ କହିଛନ୍ତି। ଦେଓଗାଁ ଅଶାନ୍ତି ଏବେ ସାମାନ୍ୟ ଶାନ୍ତ ପଡିଥିଲେ ମଧ୍ୟ ସେଠାରେ ପରିସ୍ଥିତି ସ୍ୱାଭାବିକ ହୋଇନାହିଁ। ଅନ୍ୟପକ୍ଷରେ ଗତ ୧ ତାରିଖ ଦିନ ପୁଇଁନ୍ତଲା ଥାନାର ଆଟଗାଁରେ ଗୋଷ୍ଠୀ ସଂଘର୍ଷ ଭଳି ପରିସ୍ଥିତି ସୃଷ୍ଟି ହୋଇଥିଲା। କେତେଜଣ ବ୍ୟକ୍ତି ପୋଲିସ ଗାଡିର କାଚ ଭାଙ୍ଗି ଦେଇଥିଲେ। ଏଠାରେ ଲୋକେ ଦୀର୍ଘ ସମୟ ଧରି ପୋଲିସ ଓ ଗାଡିକୁ ଅଟକାଇ ରଖିଥିଲେ। ପୋଲିସ ଉଭୟ ପକ୍ଷରୁ ମାମଲା ରୁଜୁ କରି ଶାନ୍ତି କମିଟି ଗଠନ କରି ପରିସ୍ଥିତିକୁ ଶାନ୍ତ କରିବାକୁ ଷ୍ଟୋ କରିଛି। ତେବେ ଜିଲାର ବିଭିନ୍ନ ସ୍ଥାନରେ ନିଶା କାରବାର ବୃଦ୍ଧି ଏବଂ ପୋଲିସର କ୍ରମାଗତ ଅବହେଳାରୁ ଏଭଳି ଅଶାନ୍ତି ସୃଷ୍ଟି ହେଉଥିବା ଚର୍ଚ୍ଚାର ବିଷୟ ହୋଇଛି। ଏ ଦିଗରେ ପୋଲିସ ପ୍ରଶାସନ ଏବଂ ଜିଲା ପ୍ରଶାସନ ତତ୍ପରତା ପ୍ରକାଶ କରୁ ନ ଥିବାରୁ ବୁଦ୍ଧିଜୀବୀ ମହଲରେ ଅଶାନ୍ତି ବୃଦ୍ଧି ପାଉଛି।

## ଦେଓଗାଁ ଅଶାନ୍ତ ଘଟଣା ଦୁର୍ଭାଗ୍ୟଜନକ: ନରସିଂହ

**ଘଟଣାର ନିନ୍ଦା କଲେ, ପ୍ରକୃତ ଦୋଷୀକୁ ଧରିବାକୁ କହିଲେ**


ବରିଷ୍ଠ କଂଗ୍ରେସ ନେତା ନରସିଂହ ମିଶ୍ର।

ଗତ କିଛି ସପ୍ତାହ ହେଲା ଶାନ୍ତିପୂର୍ଣ୍ଣ ଦେଓଗାଁରେ ଅଶାନ୍ତି ଲାଗି ରହିଥିବାରୁ ଏହାକୁ ଦୁର୍ଭାଗ୍ୟଜନକ ବୋଲି କହିବା ସହ ଘଟଣାକୁ ନିନ୍ଦା କରିଛନ୍ତି ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ମନ୍ତ୍ରୀ ନରସିଂହ ମିଶ୍ର। ଏଠାରେ ଆଇନ ଶୃଙ୍ଖଳା ପରିସ୍ଥିତି ବିଗିଡିବାରେ ଲାଗିଥିବାରୁ ପୋଲିସ ଏ କ୍ଷେତ୍ରରେ ଅଧିକ ଯତ୍ନବାନ ହେବା ଆବଶ୍ୟକ ବୋଲି କହିଛନ୍ତି। ସେଠାରେ ଯାହା କିଛି ଘଟଣା ଘଟିଯାଇଛି ତାର ନିରପେକ୍ଷ ତଦନ୍ତ କରିବା ଆବଶ୍ୟକ ଏବଂ ଏହି ଘଟଣାରେ ନିରୀହ ଲୋକଙ୍କୁ ପୋଲିସ ଗିରଫ ନ କରି ପ୍ରକୃତ ଦୋଷୀକୁ ଗିରଫ କରୁ ବୋଲି ବୁଧବାର ଏକ ପ୍ରେସ ବିବୃତିରେ କହିଛନ୍ତି।

ସେ ଆହୁରି କହିଛନ୍ତି, ସ୍ଥାନୀୟ ପୋଲିସ ଆଇଆଇସି ବିନା ତଦନ୍ତରେ ନିରୀହ ଲୋକଙ୍କୁ ଉଠାଇ ଆଣୁଥିବାରୁ ଦେଓଗାଁ ଅଞ୍ଚଳରେ ଏବେ କୋକୁଆ ଭୟ ଦେଖାଦେଇଛି। ଲୋକେ ଘରୁ ବାହାରିବାକୁ ଭୟ କରୁଛନ୍ତି । ଏପରିକି କାର୍ତ୍ତିକ ପୂର୍ଣ୍ଣମୀ ଦିନ ମଧ୍ୟ ଲୋକେ ମନ୍ଦିର ଦର୍ଶନ କରିବାକୁ ଭୟ କରିଛନ୍ତି । ଲୋକଙ୍କ ମନରେ ଥିବା ଭୟକୁ ଦୂର କରିବା ପାଇଁ ପୋଲିସ ଶୀଘ୍ର ପଦକ୍ଷେପ ନେଉ ବୋଲି ସେ କହିଛନ୍ତି। ଗତ ମାସ ୧୩ ତାରିଖ ଦିନ କେତେଜଣ ସଂଖ୍ୟାଲଘୁ ଯୁବକ ଦେଓଗାଁ ଅଞ୍ଚଳରେ ଖଣ୍ଡା ତଥା ମାରଣାସ୍ତ୍ର ଧରି ଲୋକଙ୍କୁ ଭୟଭୀତ କରିଥିଲେ । ଏହା ଯେପରି ଆଗକୁ ଉଗ୍ର ରୂପ ନ ନିଏ ସେଦିଗରେ ପୋଲିସ ଯତ୍ନବାନ ହେଉ ଏବଂ ଉଚିତ୍ ପଦକ୍ଷେପ ଗ୍ରହଣ କରୁ ବୋଲି ମିଶ୍ର କହିଛନ୍ତି। ଜିଲା ଆରକ୍ଷୀ ଅଧୀକ୍ଷକ ଯେତେଶୀଘ୍ର ସମ୍ଭବ ଏହି ଘଟଣାରେ ହସ୍ତକ୍ଷେପ କରି ଦେଓଗାଁ ଅଞ୍ଚଳରେ ଶାନ୍ତି ପ୍ରତିଷ୍ଠା ପାଇଁ ଏକ ଶାନ୍ତି କମିଟି ଗଠନ କରନ୍ତୁ ବୋଲି ମିଶ୍ର ପରାମର୍ଶ ଦେଇଛନ୍ତି। ଏହାଛଡା ପୋଲିସ ଏଫଆଇଆରରେ ଯେଉଁ ଲୋକଙ୍କ ନାଁ ନାହିଁ ସେମାନଙ୍କୁ ଗିରଫ ନ କରିବାକୁ ମିଶ୍ର କହିଛନ୍ତି।

## ହରିଶଙ୍କରରେ ଶ୍ରଦ୍ଧାଳୁଙ୍କ ଭିଡ଼


ହରିଶଙ୍କର ପୀଠରେ ଶ୍ରଦ୍ଧାଳୁମାନେ ଧାଡିରେ ଛିଡା ହୋଇଛନ୍ତି ।

ଖପ୍ରାଖୋଲ,୫।୧୧(ଅଭୟ ତ୍ରିପାଠୀ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକର ପର୍ଯ୍ୟଟନସ୍ଥଳୀ ହରିଶଙ୍କରଠାରେ କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା। ବଡ଼ି ଭୋରରୁ ଶ୍ରଦ୍ଧାଳୁମାନେ ପାପନାଶିନୀ ଝରଣାରେ ସ୍ନାନ କରି ଡଙ୍ଗା ଭସାଇ ହରିଶଙ୍କର ବାବାଙ୍କ ଦର୍ଶନ କରିଥିଲେ। ଭିଡ଼ ନିୟନ୍ତ୍ରଣ ପାଇଁ ପ୍ରଶାସନ ତରଫରୁ ଧାଡ଼ି ବ୍ୟବସ୍ଥା କରାଯାଇଥିଲା।

## ଲାଠୋର-ତୁରେକେଲା ୩୩ କେଭି ବିଦ୍ୟୁତ୍ ସଂଯୋଗ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଉପମୁଖ୍ୟମନ୍ତ୍ରୀ, ବଲାଙ୍ଗୀର ଏମ୍‌ପି ଓ ଅନ୍ୟମାନେ ।

ଲାଠୋର,୫।୧୧(ଭୁବନେଶ୍ୱର ବାରିକ)

**ଉପମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଉଦ୍‌ଘାଟନ**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ଗ୍ରାମସ୍ଥିତ ବିଦ୍ୟୁତ୍ ଗ୍ରୀଡଠାରେ ଟିପିଡବ୍ଲୁଓଡିଏଲ ପକ୍ଷରୁ ଲାଠୋର-ତୁରେକେଲା ୩୩ କେଭି ବିଦ୍ୟୁତ୍ ଲାଇନ ସଂଯୋଗ ବୁଧବାର ଅପରାହ୍ନରେ ହୋଇଯାଇଛି । ଏସଇ ଆଶିଷ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ମୁଖ୍ୟଅତିଥି ଭାବେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଓ ସମ୍ମାନିତ ଅତିଥି ଭାବେ ବଲାଙ୍ଗୀର ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ । ଅନ୍ୟ ଅତିଥିମାନଙ୍କ ମଧ୍ୟରେ ଏଡିଏମ ପବିତ୍ର ବେହେରା, ପାଟଣାଗଡ ଉପଜିଲାପାଳ ସୁନୀଲ ମେହେର, ସରପଞ୍ଚ ସୁଶ୍ରୀ ଜୟଶ୍ରୀ ଭଇଁସାଲ ଯୋଗ ଦେଇଥିଲେ। ବିଭାଗୀୟ ଅଧିକାରୀ ଅଞ୍ଚଳରେ ବିଦ୍ୟୁତ୍ ସମସ୍ୟାର ସମାଧାନ ପାଇଁ ନିରନ୍ତର କାର୍ଯ୍ୟ କରିବା ସହ ସଦାସର୍ବଦା ବିକାଶ ଜାରି ରଖିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଏସଡିପିଓ ସଦାନନ୍ଦ ପୂଝାରୀ, ବିଡ଼ିଓ ବିବେକାନନ୍ଦ ଷଡ଼ଙ୍ଗୀ , ଏମ୍‌ପିଙ୍କ ପ୍ରତିନିଧି ସନ୍ତୋଷ ଭଇଁସାଲ, ବିଧାୟକ ପ୍ରତିନିଧି ପଦ୍ମସିଂ ବରିହା, ଘାସିରାମ ଅଗ୍ରୱାଲ, ପୂର୍ବତନ ସରପଞ୍ଚ ପ୍ରବୀଣ ଅଗ୍ରୱାଲଙ୍କ ସମେତ ପ୍ରଶାସନର ଅନ୍ୟାନ୍ୟ ଅଧିକାରୀ ବୃନ୍ଦ, ବିଦ୍ୟୁତ୍ ବିଭାଗ ପାଟଣାଗଡ ଏସଡିଓ ଦେବଦତ୍ତ ମହାପାତ୍ର, ସଞ୍ଜୀବ ଜେନା ଓ କର୍ମଚାରୀ, ଏସଏଚଜି ମହିଳା, ଅଙ୍ଗନୱାଡ଼ି କର୍ମୀ, ଆଶା କର୍ମୀ, ଦଳୀୟ ନେତା ଓ କର୍ମୀମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ପରିଚାଳନା ଅଭୟ ତ୍ରିପାଠୀ କରିଥିବା ବେଳେ ଟିଟଲାଗଡ ନିର୍ବାହୀ ଯନ୍ତ୍ରୀ ବିନାୟକ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ ।

## ଭରସୁଜାରେ ଅଜଣା ଗାଡ଼ି ଧକ୍କାରେ ୨ ଜଣଙ୍କ ମୃତ୍ୟୁ

ଲୋଇସିଂହା,୫।୧୧( ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା -ପଦ୍ମପୁର ରାସ୍ତାର ଆଗଲପୁର ଥାନା ଅନ୍ତର୍ଗତ ଭରସୁଜା ଛେଲିଆପାଟ ମନ୍ଦିର ଆଗରେ ବୁଧବାର ସନ୍ଧ୍ୟାରେ କୌଣସି ଏକ ଅଜଣା ଗାଡ଼ି ଧକ୍କାରେ ଘଟଣାସ୍ଥଳରେ ୨ ଜଣଙ୍କ ମୃତ୍ୟୁ ଘଟିଛି। ମୃତକ ଦ୍ୱୟ ହେଲେ ଆଗଲପୁର ବ୍ଲକ ବଡ଼ଟୀକା ପଞ୍ଚାୟତ ସାହଜଛାପର ଗ୍ରାମର ଚେରୁ ବେହେରା (୫୨) ଓ ସୁରେଶ ପଧାନ(୨୬)। ଉଭୟ ଏକ ବାଇକ୍‌ରେ ଭରସୁଜା ଯାଇଥିବା ବେଳେ ଦୁର୍ଘଟଣାର ଶିକାର ହୋଇଛନ୍ତି। ସୁରେଶ ବର୍ଷକ ତଳେ ବିବାହ କରିଥିଲେ । ଦୁର୍ଘଟଣା ଘଟାଇଥିବା ଗାଡ଼ି ଘଟଣାସ୍ଥଳରୁ ଫେରାର ହୋଇଯାଇଥିବାରୁ ଲୋକଙ୍କ ମଧ୍ୟରେ ଚାପା ଉତ୍ତେଜନା ପ୍ରକାଶ ପାଇଛି। ଖବରପାଇ ଆଗଲପୁର ପୋଲିସ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରୁଛି। ମୃତକଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନ ଓ ଦୁର୍ଘଟଣା ଘଟାଇଥିବା ଗାଡି ଯଥାଶୀଘ୍ର ଧରିବା ପାଇଁ ଦାବି ହେଉଛି।

## ଟଙ୍କପାଣି-ପତ୍ରାପାଲି ବାଇପାସ୍ ରାସ୍ତା ଅବସ୍ଥା ଶୋଚନୀୟ

ଲାଠୋର,୪।୧୧(ଭୁବନେଶ୍ୱର ବାରିକ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଟଙ୍କପାଣି ପଞ୍ଚାୟତ ଅଧୀନ ଟଙ୍କପାଣି-ପତ୍ରାପାଲି ବାଇପାସ୍ ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡ଼ିଛି । ଉକ୍ତ ରାସ୍ତା ନିର୍ମାଣ ପାଇଁ ଦାବି ହୋଇ ଆସୁଥିଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନାହିଁ । ଫଳରେ ଲୋକ ମାଟି ରାସ୍ତାରେ ଯିବା ଆସିବା ବେଳେ ନା ନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ସରକାର ବିଭିନ୍ନ ସ୍ଥାନରେ ନୂତନ ସଡକ ନିର୍ମାଣ କରୁଥିବା ବେଳେ ପ୍ରଶାସନିକ ଅବହେଳା ଯୋଗୁ ଏହି ରାସ୍ତା ଅବସ୍ଥା ସୁଧୁରୁନାହିଁ । କେବେ ଏହି ରାସ୍ତା ପକ୍କା ହେବ ସ୍ଥାନୀୟ ଲୋକେ ଚାହିଁ ବସିଛନ୍ତି । ଦୀର୍ଘ ବର୍ଷରୁ ଟଙ୍କପାଣି ଗ୍ରାମ୍ୟ ପୋଖରୀ ନିକଟରୁ ଦାବ୍ରିପଡ଼ା ଏବଂ ନୂଆପଡ଼ା ଦେଇ ପତ୍ରାପାଲି ଗ୍ରାମକୁ ସଂଯୋଗ କରିବା ପାଇଁ ପ୍ରାୟ ୩ କିମି ପଞ୍ଚାୟତ ରାସ୍ତା ନିର୍ମାଣ ହୋଇଛି । ପଞ୍ଚାୟତ ପକ୍ଷରୁ ମାଟି ରାସ୍ତା ନିର୍ମାଣ କରି ଛାଡ଼ି ଦିଆଯାଇଛି । ସେହି ରାସ୍ତା ଦେଇ ପତ୍ରାପାଲି, ନୂଆପଡ଼ା ଏବଂ ଦାବ୍ରିପଡ଼ାର ଲୋକେ ଯିବା ଆସିବା କରୁଛନ୍ତି । ହେଲେ ବର୍ଷ ବର୍ଷ ଧରି ରାସ୍ତା ମରାମତି କିମ୍ବା ନୂଆ ରାସ୍ତା ନିର୍ମାଣ ହେଉନାହିଁ । ସାମାନ୍ୟ ବର୍ଷା ହେଲେ ରାସ୍ତାରେ ହୋଇଥିବା ଖାଲଖମାରେ ପାଣି ଜମି ରହି କାଦୁଅ ପଚପଚ ହେଉଛି । ବିଶେଷ କରି ରାତିରେ ଯିବା ଆସିବା ବେଳେ ସମସ୍ୟା ଦ୍ୱିଗୁଣିତ ହେଉଛି। ଏହି ରାସ୍ତାକୁ ମୁଖ୍ୟମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ସାମିଲ କରିବାକୁ ସାଧାରଣରେ ଦାବି ହେଉଛି।


ଶୋଚନୀୟ ହୋଇ ପଡିଥିବା ଟଙ୍କପାଣି-ପତ୍ରାପାଲି ବାଇପାସ୍ ରାସ୍ତା ।

## ଅବ୍ୟବସ୍ଥା ଘେରରେ କମେଇମୁଣ୍ଡା ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ

କଣ୍ଟାବାଞ୍ଜି, ୫।୧୧(ଗୁରୁଦୟାଲ ହଂସ)

- ୧୦ ଶ୍ରେଣୀ ପାଇଁ ୪ କୋଠରିରେ ଚାଲିଛି ଶିକ୍ଷାଦାନ
- ସରକାରୀ ଅନୁଦାନ ବାଟମାରଣା ଅଭିଯୋଗ




ବଲାଙ୍ଗୀର ଜିଲା ତୁରେକେଲା ବ୍ଲକ କମେଇମୁଣ୍ଡା ପଞ୍ଚାୟତର ସଦର ଗ୍ରାମରେ ଥିବା ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ନା ନା ଅବ୍ୟବସ୍ଥା ମଧ୍ୟରେ ଚାଲିଛି। ୧୯୭୧ ମସିହାରେ ଏହା ପ୍ରାଥମିକ ବିଦ୍ୟାଳୟ ଭାବେ ସ୍ଥାପନ କରାଯାଇଥିଲା। ଗତ ୪-୫ ବର୍ଷ ହେବ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ମାନ୍ୟତା ପାଇଥିବା ବେଳେ ବିଗତ ସରକାର ସମୟରେ ଏହା ୫-ଟି ସ୍କୁଲରେ ରୂପାନ୍ତରିତ ହୋଇଛି। ବିଦ୍ୟାଳୟରେ ଶିଶୁ ବାଟିକାରୁ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ରହିଛି । ଶିକ୍ଷାଦାନ ପାଇଁ ୧୦ଜଣ ଶିକ୍ଷକ କାର୍ଯ୍ୟରତ ଥିବା ବେଳେ ବିଜ୍ଞାନର ସିବିଜେଡ ଶିକ୍ଷକ ପଦବୀ ଖାଲି ପଡିଛି। ବିଦ୍ୟାଳୟରେ ଆବଶ୍ୟକ ସଂଖ୍ୟକ ଶ୍ରେଣୀ କୋଠରୀ ନାହିଁ । ଶିଶୁ ବାଟିକାରୁ ୬ଷ୍ଠ ଶ୍ରେଣୀ ଓ ସପ୍ତମ ଅଷ୍ଟମ ଶ୍ରେଣୀ ପିଲାଙ୍କୁ ଦୁଇଟି କୋଠରୀରେ ଶିକ୍ଷାଦାନ ଦିଆଯାଉଛି। ସେହିପରି ନବମ ଓ ଦଶମ ପାଇଁ ଦୁଇଟି ସ୍ମାର୍ଟ କ୍ଲାସ ରୁମକୁ ମିଶାଇ ମୋଟ ୪ଟି କୋଠରୀରେ ଚାଲିଛି ପାଠପଢା । ଫଳରେ ପିଲାମାନେ ପାଠ ପଢିବାରେ ନା ନା ସମସ୍ୟା ହେଉଛି। ତେବେ ଆବଶ୍ୟକ ସଂଖ୍ୟକ ଛାତ୍ରୀଛାତ୍ର ବିଦ୍ୟାଳୟରେ ନ ଥିବାରୁ ବିଦ୍ୟାଳୟର ଶ୍ରେଣୀ କୋଠରୀ ନିର୍ମାଣ ହେଉ ନ ଥିବା କୁହାଯାଉଛି। ଏହି ବିଦ୍ୟାଳୟ ଉପାନ୍ତ ଅଞ୍ଚଳରେ ଥିବାରୁ ଉପାନ୍ତ ପାହାଡିଆ କମେଇମୁଣ୍ଡା, ରହେନଭଟା, କୁଆବାହାଲି, ଝରନିପଦର,ମାନ୍ଦଲା ,ପଖନମୁଣ୍ଡା,ପୁଟାପଡା ଗ୍ରାମର ପିଲାମାନେ ନିର୍ଭର କରନ୍ତି। ଉକ୍ତ ପଞ୍ଚାୟତର ସମସ୍ତ ଗ୍ରାମ ମୁଖ୍ୟତଃ ଆଦିବାସୀ ବହୁଳ। ଫଳରେ ପ୍ରାଥମିକ ଶିକ୍ଷା ପରେ କେତେଜଣ ଅଭିଭାବକ ସେମାନଙ୍କ ପିଲାମାନଙ୍କୁ ଭୁବନେଶ୍ୱର, ବଲାଙ୍ଗରରେ ପାଠ ପଢାଉଛନ୍ତି। ବିଦ୍ୟାଳୟରେ ଶିକ୍ଷକ ଅନୁପାତରେ ଛାତ୍ରୀଛାତ୍ର ନାହାନ୍ତି। ସେହିପରି ଛାତ୍ରୀଛାତ୍ରମାନଙ୍କ ପାଇଁ ଟଏଲେଟ ସୁବିଧା ନାହିଁ । ବିଦ୍ୟାଳୟ ସମ୍ମୁଖ ପଟ କେବଳ ପାଚେରି ନିର୍ମାଣ ସରିଛି, ହେଲେ ମୁଖ୍ୟ ଗେଟ ଲଗାଯାଇ ନାହିଁ । ଫଳରେ ବିଦ୍ୟାଳୟ ପରିସର ଗାଈଗୋରୁଙ୍କ ଚରାଭୂଇଁ ପାଲିଟିଛି। ବିଦ୍ୟାଳୟଟି ଜଙ୍ଗଲର ପାଦ ଦେଶରେ ଥିବାରୁ ବିଭିନ୍ନ ସରୀସୃପ ଅନେକ ସମୟରେ ବିଦ୍ୟାଳୟ ମଧ୍ୟକୁ ପ୍ରବେଶ କରୁଛି। ଏଣୁ ପାଚେରି ନିର୍ମାଣର ଜରୁରୀ ଆବଶ୍ୟକତା ରହିଛି। ୫-ଟି ଯୋଜନାରେ ବିଦ୍ୟାଳୟର ରୂପାନ୍ତରିତ କରାଯାଇଛି। ହେଲେ ଉପାନ୍ତ ଜଙ୍ଗଲ ଇଲାକା ଓ ମାଓବାଦୀ ପ୍ରଭାବିତ ଅଞ୍ଚଳରେ ଥିବାରୁ ସଂପୃକ୍ତ ଠିକାଦାରମାନେ ନିମ୍ନମାନର କାମ କରି ସରକାରୀ ଅନୁଦାନ ବାଟମାରଣା କରିଥିବାର ଅଭିଯୋଗ ହୋଇଛି। ସରକାରଙ୍କ ତରଫରୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ବାବଦକୁ ୫ ଲକ୍ଷ ଟଙ୍କା, ସ୍ପୋର୍ଟ୍ସ ପାଇଁ ଅନୁଦାନ ଆସିଥିଲେ ସୁଦ୍ଧା ଏହାର ଉପଯୁକ୍ତ ବିନିଯୋଗ ହୋଇନ ଥିବା ଅଭିଯୋଗ ହେଉଛି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏହିସବୁ ସମସ୍ୟା ପ୍ରତି ଦୃଷ୍ଟି ଦେଇ ଯଥାଶୀଘ୍ର ବିହିତ ପଦକ୍ଷେପ ନେବାକୁ ଦାବି ହେଉଛି।

## ଜିଲାସ୍ତରୀୟ ଇଣ୍ଟର ସ୍କୁଲ ଓପେନ ଚେସ୍ ଟୁର୍ନାମେଣ୍ଟ

ବଲାଙ୍ଗୀର,୫।୧୧(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଖର୍ଲିକାନିସ୍ଥିତ ଶେମଫୋର୍ଡ ଫ୍ୟୁଚରିଷ୍ଟିକ୍ ସ୍କୁଲ ପରିସରରେ ତୃତୀୟ ଇଣ୍ଟର ସ୍କୁଲ ଓପେନ ଚେସ୍ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଅଧିବେଶନରେ ବିଦ୍ୟାଳୟ ଅଧ୍ୟକ୍ଷ ପ୍ରତାପ କୁମାର ଜେନା ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ଜିଲା ଚେସ ଆସୋସିଏଶନ ସଭାପତି ଶୁକଦେବ ଗୁରୁ, ସମ୍ପାଦକ ପ୍ରିୟବ୍ରତ ପଣ୍ଡା, ମୁଖ୍ୟ ଅର୍ବିଟର ଦେବେନ୍ଦ୍ର ଯୋଶୀ ଓ ସହ ଅର୍ବିଟର ବିଘ୍ନେଶ୍ୱର ଯୋଶୀ ଉପସ୍ଥିତ ଥିଲେ। ଶେମଫୋଡ ସ୍କୁଲ ସେକ୍ରେଟାରୀ ସଞ୍ଜୀବ କୁମାର ରଥ, ଚେୟାରମ୍ୟାନ ଆଶିଷ କୁମାର ରଥ, ନିର୍ଦ୍ଦେଶିକା ନିଲମ ରଥଙ୍କ ସହ ବିଦ୍ୟାଳୟର ଶିକ୍ଷୟିତ୍ରୀ, ଶିକ୍ଷକ, ଛାତ୍ରୀଛାତ୍ର ଓ ଅଭିଭାବକମାନେ ଉପସ୍ଥିତ ଥିଲେ। ଦୁଇ ଦିନ ଧରି ଚାଲିଥିବା ଏହି ପ୍ରତିଯୋଗିତାରେ ଭିନ୍ନ ଭିନ୍ନ ବିଦ୍ୟାଳୟର ୧୩୧ ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ରୋମାଞ୍ଚକର ମ୍ୟାଚଗୁଡିକର ବିଭିନ୍ନ ବୟସ ବର୍ଗରେ ଅଭ୍ୟମ ହୋତା, ସୁଜଳ କୁମାର ସେନାପତି, ଆରାଧ୍ୟା ବହିଦାର, ଅକ୍ଷିତ୍ ପ୍ରସନ୍ନ ସୁନା, ବରେନ୍ୟା ଭାଗ୍ମ. ଶ୍ରେୟାଂଶ ସାହୁ, ଆର୍ଯ୍ୟା ଅଶ୍ଳେଷ ଷଡଙ୍ଗୀ, ରେୟାଂଶ ଠାକୁର, ସରନ୍ ଆଦିତ୍ୟ ଦାଶ, ଆଦ୍ୟାଶା ତ୍ରିପାଠୀ, ଶ୍ରେୟାଂଶ ଜୈନ, ଆୟୁଷ୍ମାନ ତ୍ରିପାଠୀ, ଶାଶ୍ୱତ ସ୍ୱରୂପ ପଧାନ, ବସୁନ୍ଧରା ପଣ୍ଡା, ସ୍ନିତିକ ପାଣିଗ୍ରାହୀ, ଉଦିତ ମେହେର, ଆଦିତ୍ୟ କୁମାର ଦାଶ, ସୋବି ନାରାୟଣ ଯୋଷୀ, ବେଦାଂଶ ନାଏକ, ସୋବିନ ରଥ, ଅମନ କୁମାର, ବିଦ୍ୟାଧର ଶ୍ରୀୟାଂଶ ମିଶ୍ର ଏବଂ ଧରିତ୍ରୀ ପଣ୍ଡା ବିଜେତା ହୋଇଥିଲେ। ସମସ୍ତ ବିଜେତାଙ୍କୁ ପ୍ରଶଂସାପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା। ଏହି ଅବସରରେ ମୁଖ୍ୟଅତିଥି ଭାବେ ଜିଲା ସଂସ୍କୃତି ଓ ପର୍ଯ୍ୟଟନ ଅଧିକାରୀ ରଶ୍ମିରଞ୍ଜନ ମିଶ୍ର ଯୋଗଦେଇ ବିଜେତାଙ୍କୁ ପୁରସ୍କୃତ କରିଥିଲେ।


ଟୁର୍ନାମେଣ୍ଟର କୃତୀ ବିଜେତାଙ୍କ ସହ ଅତିଥି ଓ ଆୟୋଜକ।

SS LEGACY ENGINEERS PVT LTD

**WALK-IN INTERVIEW**

(For O&M Instrumentation & Electrical Candidates with Industrial Experience)

M/s. S S Legacy Engineers Pvt. Ltd. is a leading company in providing O&M service to some of the very big Alumina & Steel Industries. Based in Ahemadabad & the Odisha branch address for VAL Lanjigarh: At-Jagannathpur, Lanjigarh, Kalahandi, Odisha- 766027, Web address: www.sslegacy.in

| Dept. | Position | Experience | Qualification |
| --- | --- | --- | --- |
| Instrument | Instrumentation Engineer | 5-7 Years | B.Tech in Electronics/ Instrumentation |
| | | 8-10 Years | Diploma in Electronics/ Instrumentation |
| | Instrumentation Technician | 5 Years | ITI/ Diploma in Instrumentation |
| Electrical | Electrical Engineer | 5-7 Years | B. Tech in Electrical |
| | | 8-10 Years | Diploma in Electrical |
| | Electrician | 5 Years | ITI/Diploma in Electrical with Licence |

**Important Notes:** Interested candidate may attend the interview alongwith their CV, Passport size Photo, Adhaar Card Copy, Educational Certificates, Service Certificates, Pay Slip & Bank Proof etc.

**Walk in to explore new career opportunities:**

Walk-in Interview Date : 09.11.2025 (09-Nov-2025)
Time : Morning to 9:00 AM to evening 4:00 PM
Place: Hotel Dayal Residency, Near Jajpur Road, Hotel Contact No. 8093099916.
Hotel Dayal Residency Address : Chandama, Kaneihpur, Jajpur Road, Odisha

Mail Id: redarea.hrval@sslegacy.co.in, hr.sslegacy@gmail.com, soumyakant.mishra@sslegacy.co.in
Contact No. 9937718861, 9337676362, 7008879687, 8310504784

*For, more information, kindly contact the mentioned mobile numbers.*

## ସଂକ୍ଷେପରେ

### ଆ,କା,ମା,ବୈ ଧ୍ୱନିରେ ମୁଖରିତ ହେଲା ଇବ୍ ନଦୀ ପଠା

ସୁନ୍ଦରଗଡ,୫।୧୧(ଜୟ ନାରାୟଣ ମେଣ୍ଡୁଲି): କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ସୁନ୍ଦରଗଡର ବିଭିନ୍ନ ଜଳାଶୟ ଏବଂ ଇବ୍ ନଦୀ ପଠା ଆ,କା,ମା,ବୈ ଧ୍ୱନିରେ ମୁଖରିତ ହୋଇଥିଲା। ବ୍ରତ ପାଳନ କରୁଥିବା ବ୍ରତଧାରୀମାନେ ବ୍ରତ ଉଦ୍‌ଯାପନ ସହ ନଦୀ କୂଳ ଓ ଜଳାଶୟ ନିକଟରେ ପୂଜାର୍ଚ୍ଚନା କରିଥିଲେ। ଏଥିସହ ବିଭିନ୍ନ ଦେବାଳୟ ଗୁଡିକରେ ଶ୍ରଦ୍ଧାଳୁମାନଙ୍କ ଭିଡ ହୋଇଥିଲା।

### ଶ୍ରୀଜୀଉଙ୍କ ରାଜ ରାଜେଶ୍ୱର ବେଶ

ଉଲୁଣ୍ଡା,୫। ୧୧(ଗୌରଚନ୍ଦ୍ର ପରିଛା): ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଆଦ୍ୟ ଲୀଳାକ୍ଷେତ୍ର ସୁବର୍ଣ୍ଣପୁର ଜିଲା ପାତାଳୀ ଶ୍ରୀକ୍ଷେତ୍ର କୋଟସମଲାଇଠାରେ ଶ୍ରୀଜୀଉ ବୁଦବାର ରାଜରାଜେଶ୍ୱର ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି । ସକାଳୁ ଦ୍ୱାରଫିଟା, ମଙ୍ଗଳ ଆଳତୀ, ସୂର୍ଯ୍ୟପୂଜା, ଖେଚୁଡ଼ି ଭୋଗ ଆଦି ପୂଜାନୀତି ପରେ ଶ୍ରୀଜୀଉମାନଙ୍କ ରାଜରାଜେଶ୍ୱର ବେଶ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଶ୍ରୀମଭାଗବତ ପାରାୟଣ ହୋଇଥିଲା। ଘଣ୍ଟ, ଶଙ୍ଖ, ହରିବୋଲ ହୁଳହୁଳି ପାତାଳୀ ଶ୍ରୀକ୍ଷେତ୍ର ପ୍ରକମ୍ପିତ ହୋଇ ଉଠିଥିଲା।

### ନିମ୍ବର୍କ ଜୟନ୍ତୀ ମହୋତ୍ସବ

ଉଲୁଣ୍ଡା, ୫।୧୧(ଗୌରଚନ୍ଦ୍ର ପରିଛା): ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ନୂଆଗାଁ ମରିଚପୁରଠାରେ ବୁଧବାର ୫୧୨୧ତମ ନିମ୍ବର୍କ ଜୟନ୍ତୀ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି । ମଠଧିଶ ବଂଶୀଧର ଜି ମହାରାଜ ତତ୍ତ୍ୱାବଧାନ ଏବଂ ଗ୍ରାମବାସୀଙ୍କ ମିଳିତ ସହଯୋଗରେ ଆୟୋଜିତ ଏହି ଉତ୍ସବର ପ୍ରାରମ୍ଭରେ ପାରମ୍ପରିକ ପୂଜାର୍ଚ୍ଚନା ପରେ ଯଜ୍ଞ ଆରମ୍ଭ ହୋଇଥିଲା । ପରେ ସ୍ୱାଗତ ଅଭ୍ୟର୍ଥନା ତଥା ଶ୍ରୀଶ୍ରୀ ଗୁରୁଦେବଙ୍କ ନଗର ପରିକ୍ରମା ସହ ଦେବଗୁରୁ ପୂଜନ ଅନୁଷ୍ଠିତ ହୋଇଥିଲା ।



ବଡଗାଁରେ ମହିଳାମାନେ ବୋଇତକୁ ବନ୍ଦାଉଛନ୍ତି।

# ଉତ୍ତର ଉତ୍କଳ ତୈଳିକ ବୈଶ୍ୟ ସମାଜର ବୋଇତ ବନ୍ଦାଣ

ବଡ଼ଗାଁ, ୫।୧୧(ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ଦେବ ମଣ୍ଡପଠାରେ ଉତ୍ତର ଉତ୍କଳ ତୈଳିକ ବୈଶ୍ୟ ସମାଜ ଓ ମଧୁ ବୈଶ୍ୟ ସମାଜ ଦ୍ୱାରା ୧୨ତମ ବୋଇତ ବନ୍ଦାଣ ଉତ୍ସବ ପାଳିତ ହୋଇଯାଇଛି। ମଙ୍ଗଳବାର ଚତୁର୍ଦ୍ଦଶୀ ସନ୍ଧ୍ୟାରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ବଡ଼ଗାଁ ଡିଗ୍ରୀ କଲେଜ ଅଧ୍ୟକ୍ଷ ହେମନ୍ତ କୁମାର ପଣ୍ଡା ମୁଖ୍ୟ ଅତିଥି ଓ ଅବସରପ୍ରାପ୍ତ ଓଡ଼ିଆ ଅଧାପକ ହରିଶ୍ଚନ୍ଦ୍ର ପୃଷ୍ଟି, ତୈଳିକ ବୈଶ୍ୟ ସମାଜର କେନ୍ଦ୍ରୀୟ କମିଟି ସମ୍ପାଦକ ବସନ୍ତ କୁମାର ନାଏକ, ସମାଜର ଦିଗ୍‌ଦର୍ଶକ ଚକ୍ରଧର ପୃଷେଟ୍, ମଧୁ ବୈଶ୍ୟ ସମାଜର ବରିଷ୍ଠ କର୍ମକର୍ତ୍ତା ଚିନ୍ତାମଣି ସାହୁ, ତୈଳିକ ସମାଜର ବରିଷ୍ଠକର୍ମୀ ମନୋରଞ୍ଜନ ପୃଷେଟ୍ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ମୁଖ୍ୟ ଅତିଥି ଅଧକ୍ଷ ପଣ୍ଡା ତାଙ୍କ ଅଭିଭାଷଣରେ ପ୍ରାଚୀନ କଳିଙ୍ଗର ଦୁଃସାହସିକ ନୌବାଣିଜ୍ୟ ପରମ୍ପରା ଉପରେ ଆଲୋଚନା କରି ବିଗତ ୧୭ ବର୍ଷ ହେଲା ଏହି ପରମ୍ପରାକୁ ବଡ଼ଗାଁରେ ଆରମ୍ଭ କରିଥିବା ଉଦ୍ୟୋକ୍ତାଙ୍କୁ ପ୍ରଶଂସା କରିଥିଲେ। ଏହି କ୍ରମରେ ସମାଜ ସମ୍ପାଦକ ବସନ୍ତ କୁମାର ନାଏକ ପଞ୍ଚକର ମାହାତ୍ମ୍ୟ ଉପରେ ଆଲୋଚନା କରିଥିଲେ। ସେ କାମନା, କ୍ରୋଧ, କପଟ, କଳହ ଓ କଳଙ୍କଠାରୁ କିପରି ଦୂରେଇ ରହିବେ ସେ ସମ୍ପର୍କରେ ଦିଗ୍‌ଦର୍ଶନ ଦେଇଥିଲେ। ଅବସରପ୍ରାପ୍ତ ଅଧ୍ୟାପକ ପୃଷ୍ଟି ବାରମାସରେ ତେର ପର୍ବ ମଧ୍ୟରେ କାର୍ତ୍ତିକ ମାସର ମହନୀୟତା ଆକାମାବୋଇର ତାତ୍ତ୍ୱିକ ବିଶ୍ଳେଷଣ କରି ନୌବାଣିଜ୍ୟ ଉପରେ ଆଲୋଚନା କରିଥିଲେ। ସାମାଜିକ କର୍ମୀ ଚକ୍ରଧର ପୃଷେଟ୍ ପ୍ରାଚୀନ ନୌବାଣିଜ୍ୟ ଯଦିଓ ସାଧବ ପୁଅ କରୁଥିଲେ ତେବେ ଏହି କ୍ଷେତ୍ରରେ ସାଧବ ପୁଅଙ୍କୁ ଅନ୍ୟ ସମାଜର ଲୋକେ କିପରି ସହାୟତା କରୁଥିଲେ ସେନେଇ କହିଥିଲେ। ମଧୁ ବୈଶ୍ୟ ସମାଜ କର୍ମକର୍ତ୍ତା ଚିନ୍ତାମଣି ସାହୁ ଏହି ପରମ୍ପରାକୁ ବଡ଼ଗାଁବାସୀ ବଜାୟ ରଖିବାକୁ କହିଥିଲେ। ଏହାପରେ ନବନିର୍ମିତ ବୋଇତକୁ ବନ୍ଦାଣ କରାଯାଇଥିଲା। ବଡ଼ଗାଁର ଅବସରପ୍ରାପ୍ତ ଶିକ୍ଷକ ଗୌରାଙ୍ଗ ନାଏକ ସପତ୍ନିକ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ଏହି ଅବସରରେ ସ୍ୱର୍ଗତ ଛବିଳ ସେଠ୍‌ଙ୍କ ସ୍ମୃତିରେ ନୀରବ ପ୍ରାର୍ଥନା କରାଯାଇଥିଲା। ବୁଧବାର ସକାଳୁ ନବନିର୍ମିତ ବୋଇତକୁ ଗ୍ରାମ ପରିକ୍ରମା ପରେ ସ୍ଥାନୀୟ ବଦ୍ରି ବିଶାଳ ପୋଖରୀରେ ସାମୂହିକ ଭାବେ ଭସାଣ କରାଯାଇଥିଲା।

## ରାଜଗାଙ୍ଗପୁରରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ବୋଇତ ବନ୍ଦାଣ

ରାଜଗାଙ୍ଗପୁର,୫।୧୧(ଅଶୋକ ପାଣି)

ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ସହରରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଐତିହାସିକ ବୋଇତ ବନ୍ଦାଣ ଉତ୍ସବ ପାଳିତ ହୋଇଯାଇଛି। ତନ୍ମଧ୍ୟରୁ ମୁଖ୍ୟତଃ ଗାଙ୍ଗପୁର ସାଂସ୍କୃତିକ ପରିଷଦର ସଭାପତି ବିଜୟ ଦାସ ଓ ଅନ୍ୟ ସଦସ୍ୟମାନେ ଏକ ସୁସଜ୍ଜିତ ବୋଇତ ନିର୍ମାଣକରି ସହରର ପାହାଡ଼ି ମନ୍ଦିରରୁ ପୂଜାର୍ଚ୍ଚନାକରି କୀର୍ତ୍ତନ ମାଧମରେ ବାବାତଲାବ ଆଣିଥିଲେ। ପରେ ପାରମ୍ପରିକ ରୀତିରେ ପୂଜାର୍ଚ୍ଚନା କରି ବୋଇତ ଭସାଇଥିଲେ। ସେହିପରି ରାଜଗାଙ୍ଗପୁର ନୀଳଚକ୍ର ଅନୁଷ୍ଠାନର ସଭାପତି ପୂର୍ବତନ ପୌରାଧକ୍ଷା ଶଶିରେଖା ସାମଲଙ୍କ ପୌରୋହିତ୍ୟରେ ଅନୁଷ୍ଠାନର ସଦସ୍ୟମାନେ ବୋଇତ ନିର୍ମାଣକରି ଶୋଭାଯାତ୍ରାରେ ଲିପ୍‌ଲୋଇ ନଦୀରେ ପହଞ୍ଚିଥିଲେ। ସେଠାରେ ବୋଇତ ବନ୍ଦାଣକରି ଭସାଇଥିଲେ। ସହରର ସମସ୍ତ ପୋଖରୀରେ ବୋଇତ ଭସାଣ ପାଇଁ ଜନଗହଳି ହୋଇଥିଲା।



ବୋଇତ ବନ୍ଦାଣ କରାଯାଉଛି।

## ସୁନ୍ଦରଗଡ଼ ଦିବସ, ଜିଲା ମହୋତ୍ସବ ଯତରା ପାଇଁ ପ୍ରସ୍ତୁତି ବୈଠକ



ପ୍ରସ୍ତୁତି ବୈଠକରେ ଉପସ୍ଥିତ ଅଧିକାରୀମାନେ।

ସୁନ୍ଦରଗଡ଼,୫।୧୧(ଜୟ ନାରାୟଣ ମେଣ୍ଡୁଲି)

ସ୍ଥାନୀୟ ସଦ୍‌ଭାବନା ଭବନଠାରେ ଜିଲାପାଳ ତଥା ଜିଲା ସଂସ୍କୃତି ପରିଷଦର ଅଧକ୍ଷ ଡା. ଶୁଭଙ୍କର ମହାପାତ୍ରଙ୍କ ଅଧକ୍ଷତାରେ ଜିଲା ପ୍ରତିଷ୍ଠା ଦିବସ ସୁନ୍ଦରଗଡ଼ ଦିବସ ଏବଂ ଜିଲା ମହୋତ୍ସବ 'ଯତରା' ନିମନ୍ତେ ଏକ ପ୍ରସ୍ତୁତି ବୈଠକ ମଙ୍ଗଳବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ସୁନ୍ଦରଗଡ଼ ଦିବସ ଏବଂ ଯତରାକୁ ସଫଳତାର ସହ ଆୟୋଜନ ନିମନ୍ତେ ବିଭିନ୍ନ ବିଭାଗୀୟ ଅଧିକାରୀ ତଥା ସ୍ଥାନୀୟ କଳାକାର ତଥା ବୁଦ୍ଧିଜୀବୀଙ୍କୁ ନେଇ ଗଠିତ ବିଭିନ୍ନ କମିଟି ପରସ୍ପର ସହ ସମନ୍ୱୟ ରକ୍ଷାକରି ନିଜ ନିଜ କମିଟିର କାର୍ଯ୍ୟଗୁଡିକ ସମ୍ପାଦନ କରିବାକୁ ଜିଲାପାଳ ଡା. ମହାପାତ୍ର ଗୁରୁତ୍ୱାରୋପ କରିଥିଲେ। ପ୍ରତ୍ୟେକ ଦିନ ସଂଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେବ, ଯେଉଁଥିରେ ଆଞ୍ଚଳିକ, ରାଜ୍ୟସ୍ତରୀୟ ଏବଂ ଜାତୀୟସ୍ତରୀୟ ପ୍ରମୁଖ କଳାକାରମାନେ ଅଂଶଗ୍ରହଣ କରିବେ। ଏହାସହିତ ପଲ୍ଲିଶ୍ରୀ ମେଳା, ପୁସ୍ତକ ମେଳା, ଚିତ୍ରକଳା ପ୍ରଦର୍ଶନୀ ଆଦି ଆୟୋଜନ ନେଇ ଆଲୋଚନା କରାଯାଇଥିଲା। ଏଥିସହିତ ଜିଲାବ୍ୟାପୀ ଏହି ପ୍ରତିଷ୍ଠା ଦିବସ ଓ ଯତରା ମହୋତ୍ସବର ମହତ୍ତ୍ୱକୁ ଜନସାଧାରଣଙ୍କ ନିକଟରେ ପହଞ୍ଚାଇବା ପାଇଁ ବ୍ଲକସ୍ତରରେ ମଧ ବିଭିନ୍ନ ପ୍ରତିଯୋଗିତା ଓ ଉତ୍ସବ ଆୟୋଜନ ନିମନ୍ତେ ସ୍ଥିର ହୋଇଛି। ଏହି ପ୍ରସ୍ତୁତି ବୈଠକରେ ଆରକ୍ଷୀ ଅଧୀକ୍ଷକ ଅମ୍ରିତ୍‌ପାଲ କୌର, ଅତିରିକ୍ତ ଜିଲାପାଳ ସୂରଜ ପଟ୍ଟନାୟକ, ଅତିରିକ୍ତ ଜିଲାପାଳ(ରାଜସ୍ୱ) ଅଭିମନ୍ୟୁ ମାଝୀ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲା ପରିଷଦ ସୁରଞ୍ଜନ ସାହୁ, ଉପ ଆରକ୍ଷୀ ଅଧୀକ୍ଷକ ମହେନ୍ଦ୍ର ନାଥ ମୁର୍ମୁ, ଆଇଏଏସ୍ ଶିକ୍ଷାନବିଶ ଫାବି ରସିଦ, ପୂର୍ତ୍ତ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ଅମିତ ଟୁଡୁ, ଭାରପ୍ରାପ୍ତ ଜିଲା ସଂସ୍କୃତି ଅଧିକାରୀ ନନ୍ଦିନୀ ମୁଣ୍ଡାରୀ, ସମସ୍ତ ବିଭାଗୀୟ ଅଧିକାରୀ, ଜିଲାର ପ୍ରମୁଖ କଳାକାରବୃନ୍ଦ, ବୁଦ୍ଧିଜୀବୀ, ଯତରାର ବିଭିନ୍ନ କମିଟିର ସଦସ୍ୟ ପ୍ରମୁଖ ଉପସ୍ଥିତ ରହି ନିଜର ମତାମତ ରଖିଥିଲେ। ଉପରୋକ୍ତ ସମସ୍ତ କାର୍ଯ୍ୟକ୍ରମକୁ କିଭଳି ଭାବେ ସୁରୁଖୁରୁରେ ଏବଂ ଶାନ୍ତିଶୃଙ୍ଖଳାର ସହିତ ଆୟୋଜନ କରାଯିବ ସେଥିନିମନ୍ତେ ଜିଲାପାଳ ଡା. ମହାପାତ୍ର ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଅପରପକ୍ଷରେ ଯତରାର ବିଭିନ୍ନ କମିଟିକୁ ପୁନର୍ଗଠନ ପାଇଁ ମଧ ଉପସ୍ଥିତ କେତେଜଣ ବୁଦ୍ଧିଜୀବୀ ମତ ରଖିଥିଲେ। ଗତଥର ଭଳି କିଛି ଅବ୍ୟବସ୍ଥାର ପୁନରାବୃତ୍ତି ଯେଭଳି ନ ଘଟେ ସେଥିପ୍ରତି ଜିଲା ପ୍ରଶାସନ ବିହିତ ପଦକ୍ଷେପ ନେବା ପାଇଁ ଅନେକେ ମତ ରଖିଥିଲେ।

## ବିରିଙ୍ଗାଟୋଲି ଲ୍ୟାମ୍ପ୍ ପରିଚାଳକଙ୍କ ବିରୋଧରେ ଅଭିଯୋଗ

କୁତ୍ରା,୫।୧୧(ଦେବାଶିଷ ସାହୁ)

କୁତ୍ରା ବ୍ଲକ ଅନ୍ତର୍ଗତ ବିରିଙ୍ଗାଟୋଲି ଠାରେ ଅବସ୍ଥିତ ଲ୍ୟାମ୍ପ୍‌ର ପରିଚାଳକ ଶୁଭ କୁମାର ବେହେରାଙ୍କ ବିରୋଧରେ ମନମୁଖି ତଥା ବେନିୟମ କାର୍ଯ୍ୟ କରୁଥିବା ନେଇ ଜିଲା ସମବାୟ ସମିତିର ଉପନିବନ୍ଧକଙ୍କ ନିକଟରେ ଏହି ଲ୍ୟାମ୍ପ୍‌ର କେତେଜଣ ଋଣୀ ସଦସ୍ୟ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ଲ୍ୟାମ୍ପ୍ ପରିଚାଳକ ଦାୟିତ୍ୱରେ ଥିବା ବେହେରା ନିୟମିତ ନିଜ କାର୍ଯ୍ୟାଳୟକୁ ଆସୁ ନ ଥିବା ଯୋଗୁ ଚାଷୀ ତଥା ଲ୍ୟାମ୍ପ୍ ଉପରେ ବିଭିନ୍ନ କାରଣରୁ ନିର୍ଭର କରୁଥିବା ସ୍ଥାନୀୟ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେ ଏଠାରେ ମନମୁଖି କାର୍ଯ୍ୟ ଚଳାଉଛନ୍ତି। ଋଣ ଆବେଦନକାରୀଙ୍କୁ ଠିକ୍ ସମୟରେ ଋଣ ଦେବାରେ ଅବହେଳା କରୁଛନ୍ତି। ତାଙ୍କ ଅବହେଳା ଯୋଗୁ ଚାଷୀ ଠିକ୍ ସମୟରେ ସାର ପାଇପାରୁନାହାନ୍ତି। ଗତ ଧାନ ସଂଗ୍ରହ ସମୟରେ ଧାନବସ୍ତା ଲୋଡ଼ିଂ କରୁଥିବା ଶ୍ରମିକଙ୍କୁ ସେମାନଙ୍କ ପାଇଁ ନିର୍ଦ୍ଧାରିତ ଦରଠାରୁ କମ୍ ଟଙ୍କା ଦେଇଛନ୍ତି। ଏପରିକି ଲ୍ୟାମ୍ପ୍ ପରିଚାଳନା ଟଙ୍କା ମଧ୍ୟ ଅନିୟମିତତା କରୁଥିବା ନେଇ ଲିଖିତଭାବେ ଅଭିଯୋଗ କରିଛନ୍ତି ସଦସ୍ୟମାନେ। ଏନେଇ ଶାଖା ପରିଚାଳକ ବେହେରାଙ୍କୁ ପଚାରିବାରୁ, ସେ ଏହି ଅଭିଯୋଗକୁ ଖଣ୍ଡନ କରିବା ସହ ଏହା ଭିତ୍ତିହୀନ ଓ ଉଦ୍ଦେଶ୍ୟମୂଳକ ବୋଲି ପ୍ରକାଶ କରିଥିଲେ।



ଜିଲା ସମବାୟ ସମିତିର ଉପନିବନ୍ଧକଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

## ମିନିଟ୍ରକ୍ ସିକ୍ରେଟ୍ ଚାମ୍ବରରେ ଗଞ୍ଜେଇ

ସୋନପୁର,୫।୧୧(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ସହର ବ୍ଲକ ଛକ ନିକଟରେ ବୁଧବାର ପୋଲିସ ଚଢାଉ କରି ଗଞ୍ଜେଇ, ଚୋରା ଚାଲାଣରେ ବ୍ୟବହୃତ ଟ୍ରକ ଓ କାର ଜବତ କରିଛି। ଏହି ଘଟଣାରେ ସୋନପୁର ଟାଉନ ପୋଲିସ ୨ଜଣଙ୍କୁ ଗିରଫ କରିଥିବା ବେଳେ ଅନ୍ୟ ୩ଜଣ ଫେରାର ହୋଇଯାଇଛନ୍ତି। ବୌଦ୍ଧ ଜିଲାର ଅନେକ ହଜାର ହେକ୍ଟର ଜମିରେ ଉନ୍ନତ ମାନର ଗଞ୍ଜେଇ ଚାଷ ହୋଇଛି। ଅମଳ ପରେ ଏହି ଗଞ୍ଜେଇ କିଣିବା ପାଇଁ ଏବେ ପ୍ରତିଯୋଗିତା ଚାଲିଛି। ଉତ୍ପାଦିତ ଗଞ୍ଜେଇଗୁଡିକୁ ଭଲ ଭାବେ ପ୍ୟାକିଂ କରି ଛତିଶଗଡ, ମଧ୍ୟପ୍ରଦେଶ, ଉତ୍ତରପ୍ରଦେଶ, ବିହାର, ପଶ୍ଚିମବଙ୍ଗ, ରାଜସ୍ଥାନ ଓ ଦିଲ୍ଲୀ ଭଳି ରାଜ୍ୟକୁ ଚାଲାଣ କରାଯାଉଛି। ପୋଲିସ ଓ ଅବକାରୀ ବିଭାଗର ଧ୍ୟାନ ହଟାଇବା ପାଇଁ ବ୍ୟବସାୟୀମାନେ ଅଭିନବ ଉପାୟରେ ଗଞ୍ଜେଇ ଚାଲାଣ କରୁଛନ୍ତି। ବୁଧବାର ଅଶୋକ ଲିଲାଣ୍ଡ ମିନି ଟ୍ରକ୍(ନଂ ସିଜି୦୪ପିଇ-୧୫୬୯)ରେ ଛତିଶଗଡ଼କୁ ଗଞ୍ଜେଇ ଚାଲାଣ ହେଉଥିଲା ବେଳେ ସୋନପୁର ପୋଲିସ ଏହାକୁ ଧରିଛି। ମିନି ଟ୍ରକ୍‌ର ଷ୍ଟିୟରିଂ ତଳେ ଥିବା ଏକ ସ୍ୱତନ୍ତ୍ର ଚାମ୍ବରରେ ଗଞ୍ଜେଇ ଭର୍ତ୍ତି କରି ବ୍ୟବସାୟୀ ଅଭିନବ ଉପାୟରେ ଚୋରା ଚାଲାଣ କରୁଥିଲେ। ବ୍ଲକ ଛକ ନିକଟରେ ଟ୍ରକ୍‌କୁ ଅଟକ ରଖି ତନଖି ସମୟରେ ୩୦ଟି ଗଞ୍ଜେଇ ପ୍ୟାକେଟ୍ ମୋଟ ୩୦କିଲୋ ଗଞ୍ଜେଇ ମିଳିଥିଲା। ଟ୍ରକ୍‌ରୁ ମୟୁରଭଞ୍ଜ ଜିଲା ରାଇରଙ୍ଗପୁରର ମୂଳ ବାସିନ୍ଦା ତଥା ଏବେ ଛତିଶଗଡ଼ର ଗୋଗାଁରେ ରହୁଥିବା ରିଙ୍କୁ ସାହୁ(୩୦)ଙ୍କୁ ଗିରଫ କରାଯାଇଛି। ତେବେ ଅନ୍ୟ ଜଣେ ଅଭିଯୁକ୍ତ ଫେରାର ହୋଇଯାଇଛି। ସେହିପରି କିଆ କାର(ନଂ ଓଡି୨୩ଜେ-୪୨୦୪)ରେ ଗଞ୍ଜେଇ ବୋଝେଇ ଟ୍ରକ୍‌କୁ ୩ ଯୁବକ ଏସକର୍ଟ ଦେଇ ଚୋରାଚାଲାଣରେ ସହଯୋଗ କରୁଥିଲେ। ପୋଲିସ ଉକ୍ତ କାରରୁ ବୌଦ୍ଧ ଜିଲା ମନମୁଣ୍ଡା ଥାନା ସହରିଆପାଲି ଗ୍ରାମର ମଧୁସୂଦନ ଜାଲ(୨୩)ଙ୍କୁ ଗିରଫ କରିଛି। ତେବେ କାରରେ ଥିବା ଅନ୍ୟ ୨ ଅଭିଯୁକ୍ତ ଫେରାର ହୋଇ ଯିବାରେ ସକ୍ଷମ ହୋଇଛନ୍ତି। ସୋନପୁର ଥାନାରେ ଏନେଇ ଏକ ମାମଲା(ନଂ.୨୮୩/୨୫)ରୁଜୁ ହୋଇଛି। ଅଧିକ ତଦନ୍ତ ଜାରି ରହିଛି ଗୁରୁବାର ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯିବ। ଏସଆଇ ରାଜକିଶୋର ବାରିକ୍ ମାମଲାର ତଦନ୍ତ କରୁଛନ୍ତି। ଇନିସପେକ୍ଟର ଦିପ୍ତି ରଞ୍ଜନ ଡିଗାଲ, ଏଏସଆଇ ଅରବିନ୍ଦ ସାହୁ, ହାବିଲଦାର କରୁଣାକର ମାଝୀ ଓ ଟିମ୍ ଏହି ମାମଲାର ତଦନ୍ତ କରୁଛନ୍ତି।

## ଉଫୁଲାକୁ ପୋଷ୍ୟ ପଞ୍ଚାୟତ ମାନ୍ୟତା ଦାବି

ବୀରମହାରାଜପୁର,୫।୧(ଯୁଗଳ କିଶୋର ମିଶ୍ର)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଉଫୁଲା ପଞ୍ଚାୟତକୁ ପୋଷ୍ୟ ପଞ୍ଚାୟତଭାବେ ମାନ୍ୟତା ଦେବାକୁ ସରପଞ୍ଚ ଶ୍ରୀୟା କର୍ମୀ ମଙ୍ଗଳବାର ଏକ ଦାବିପତ୍ର ଜିଲାପାଳ ଡ. ନୃପରାଜ ସାହୁଙ୍କୁ ପ୍ରଦାନ କରିଛନ୍ତି। ପ୍ରଶାସନ ଦ୍ୱାରା ଉତ୍ତରଦାୟୀ ଜନକେନ୍ଦ୍ରିକ ସେବା ଯୋଗାଣ, ଉଭୟ ସାମୂହିକ ଓ ବ୍ୟକ୍ତିଗତ ଉନ୍ନୟନ ପ୍ରକଳ୍ପ ଏବଂ ଜନ କଲ୍ୟାଣ ଯୋଜନାର ସଫଳ ରୂପାୟନ ପାଇଁ ଉଫୁଲାକୁ ପୋଷ୍ୟ ପଞ୍ଚାୟତର ମାନ୍ୟତା ଦେବାକୁ ଉକ୍ତ ପତ୍ରରେ ଉଲ୍ଲେଖ କରିଛନ୍ତି। ଗ୍ରାମ ପଞ୍ଚାୟତ ପରିସରରେ କୃଷି ବିଭାଗ ଦ୍ୱାରା ୮ ଲକ୍ଷ ଟଙ୍କା ବ୍ୟୟରେ କୃଷକ ପରାମର୍ଶ କେନ୍ଦ୍ର, ଲକ୍ଷାଧିକ ଟଙ୍କା ଅନୁଦାନ ରାଶିରେ ନିର୍ମିତ ରଥପୁର ଜଳାଯୋଗାଣ ପ୍ରକଳ୍ପ, ଉଫୁଲା ପଞ୍ଚାୟତ ଅଧୀନ ମିଶନ ଶକ୍ତି କେଫେ ଓ ଇ-ଲାଇବ୍ରେରୀ ପ୍ରକଳ୍ପକୁ ଗ୍ରାମପଞ୍ଚାୟତକୁ ହସ୍ତାନ୍ତରଣ ପାଇଁ ମଧ ଦାବି କରିଥିଲେ। ମିଶନ ଶକ୍ତି କାଫେକୁ ପଞ୍ଚାୟତ ଅଧୀନ ଯୋଗ୍ୟ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଚୟନ କରିବାକୁ ଅନୁରୋଧ କରିଥିଲେ।



ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

SS LEGACY ENGINEERS PVT LTD

**WALK-IN INTERVIEW**

(For O&M Instrumentation & Electrical Candidates with Industrial Experience)

M/s. S S Legacy Engineers Pvt. Ltd. is a leading company in providing O&M service to some of the very big Alumina & Steel Industries. Based in Ahemadabad & the Odisha branch address for VAL Lanjigarh: At-Jagannathpur, Lanjigarh, Kalahandi, Odisha- 766027, Web address: www.sslegacy.in

| Dept. | Position | Experience | Qualification |
|---|---|---|---|
| Instrument | Instrumentation Engineer | 5-7 Years | B.Tech in Electronics/ Instrumentation |
| | | 8-10 Years | Diploma in Electronics/ Instrumentation |
| | Instrumentation Technician | 5 Years | ITI/ Diploma in Instrumentation |
| Electrical | Electrical Engineer | 5-7 Years | B. Tech in Electrical |
| | | 8-10 Years | Diploma in Electrical |
| | Electrician | 5 Years | ITI/Diploma in Electrical with Licence |

**Important Notes:** Interested candidate may attend the interview alongwith their CV, Passport size Photo, Adhaar Card Copy, Educational Certificates, Service Certificates, Pay Slip & Bank Proof etc.

**Walk in to explore new career opportunities:**

Walk-in Interview Date : 09.11.2025 (09-Nov-2025)
Time : Morning to 9:00 AM to evening 4:00 PM
Place: Hotel Dayal Residency, Near Jajpur Road, Hotel Contact No. 8093099916.
Hotel Dayal Residency Address : Chandama, Kaneihpur, Jajpur Road, Odisha

Mail Id: redarea.hrval@sslegacy.co.in, hr.sslegacy@gmail.com, soumyakant.mishra@sslegacy.co.in
Contact No. 9937718861, 9337676362, 7008879687, 8310504784

*For, more information, kindly contact the mentioned mobile numbers.*

**OFFICE OF THE SUPERINTENDING ENGINEER (AGRIL.), NORTHERN ZONE, SAMBALPUR, ODISHA**

Govt. of Odisha

E-mail ID - senzsambalpur@gmail.com

"e"-Procurement Notice No - 1768/Agril, Date - 30.10.2025

Bid Identification No. : 03/Agril./NZ/2025-26 dt.30.10.2025

No.L-99 : The Superintending Engineer (Agril.), Northern Zone, Sambalpur, Odisha on behalf of Governor of Odisha, invites percentage rate bids in single cover system from the eligible class of contractors through e-procurement in ONLINE MODE only in the website "www.tendersodisha.gov.in", for the work as detailed below.

| | | |
|---|---|---|
| 1. | Nature/Type of the work | As Mentioned in Column-02 |
| 2. | Estimated Cost put to Tender | Varies from Rs.5.71 Lakhs to Rs.49.25 Lakhs |
| 3. | EMD Amount | Varies from Rs.5,720.00 to Rs.49,250.00 |
| 4. | Bid Cost | As Mentioned in Column-07 |
| 5. | Period of completion | As Mentioned in Column-08 |
| 6. | No. of work (Tender) | 15 nos. |
| 7. | Class of Contractor | "D", "C" & "B" class with valid License as Mentioned in Column - 06 |
| 8. | Date & Time of availability of bid document in the portal | 03.11.2025 at 10.A.M. to Dt.14.11.2025 at 5.30 P.M. |
| 9. | Last date / Time for receipt of bids in the portal | Dt.14.11.2025 at 5.30 P.M. |
| 10 | Date of submission of original documents in the tender box | Dt.13.11.2025 at 10 A.M. to Dt.17.11.2025 at 5.00 P.M. (Working days) only |
| 11 | Date & time of opening of online bids | Dt.18.11.2025 at 11.00 A.M. |
| 12 | Name and address of the officer inviting Bid | Superintending Engineer (Agril.), Northern Zone, Remed Chowk, Sambalpur, Odisha, Pin-768006 |

NB. The Bidders have to participate in **ONLINE bidding only** in the e- Procurement website: https://tendersodisha.gov.in with matching class DSC. Any addendum / corrigendum / cancellation of tender / other details of the DTCN can also be seen in the said website. Authority reserves the right to reject/accept any or all of the tenders, increase/decrease the quantities of works without assigning any reasons thereof.

Sd./- Superintending Engineer (Agril.)
Northern Zone, Sambalpur

OIPR-

**OFFICE OF THE PRINCIPAL**
**CREW TRAINING INSTITUTE, CHANDBALI, DIST.: BHADRAK**

PIN - 756133, Email: ctiportsiwt@rediffmail.com Ph. No.: 06786-295745

**ADVERTISEMENT FOR ADMISSION**

No. JJ-64: Applications in prescribed form are invited from intending experienced candidates having requisite qualification and experience for admission into 3 (Three) months Refreshers Course as per prescribed syllabus of Government conducted by Crew Training Institute, Chandabali, Dist.: Bhadrak from **Dt.01.01.2026 to Dt.31.03.2026**. The course is meant for preparing the candidates to serve as Crews of Inland Mechanically propelled vessels, Fishing Trawlers, Sea going Vessels, Harbour Crafts, Tourist boats etc. with more proficiency.

**ELIGIBILITY:**

| | |
|---|---|
| **01. Age** | Not less than 21 years and not more than 47 years as on Dt.01.01.2026. |
| **02. Educational Qualification** | H.S.C. Pass from Board of Secondary Education, Odisha or equivalent. Candidate must be able to read & write Odia & English. |
| **03. Experience** | Candidates must have minimum 3 (Three) years of experience as crew of Inland Mechanically propelled Vessels of 40 B.H.P. in any public sector/reputed private sector Organization/Registered Co-operative Societies. |
| **04. Physical Fitness** | The candidates should be physically fit to perform the type of work assigned by the authority of the Institute under any condition. A medical fitness certificate from a Medical officer not below the rank of an Assistant Surgeon should be submitted with the application for admission. |

The form and prospectus for admission shall be available from the office of the "Principal, Crew Training Institute, Chandabali, Dist.: Bhadrak" on payment of Rs.50/- (Rupees Fifty) only by cash, money order from **Dt.06.11.25 to Dt.20.11.25 Upto 5.30 P.M.** on all working days. The application forms complete in all respect should reach the undersigned on or before **Dt.30.11.2025 Upto 5.30 P.M.** The application forms should be submitted in an envelope addressed to "Principal, Crew Training Institute, Chandabali, Dist.: Bhadrak".

The application of in-service candidates should be submitted through proper Channel/Competent authority.

Sd./- Principal
Crew Training Institute

OIPR-

## ଅଷ୍ଟପ୍ରହର ନାମଯଜ୍ଞ ଉଦ୍‌ଯାପିତ

ଲଖନପୁର, ୫।୧୧(ଗୌତମ ସାହୁ)- ଲଖନପୁର ବ୍ଲକ ସୀମାନ୍ତ କନକତୋରା ଗ୍ରାମରେ କାର୍ତ୍ତିକ ପୂର୍ଣ୍ଣିମା ଉପଲକ୍ଷେ ଅଷ୍ଟପ୍ରହର ନାମଯଜ୍ଞ ଉଦ୍‌ଯାପିତ ହୋଇଯାଇଛି। ସୋମବାର ସନ୍ଧ୍ୟାରେ ଅଧିବାସ, ମଙ୍ଗଳବାର ଅନ୍ୟାନ୍ୟ କାର୍ଯ୍ୟକ୍ରମ, ବୁଧବାର ପୂର୍ଣ୍ଣାହୁତି ସହିତ ନଗର କୀର୍ତ୍ତନ ଅନୁଷ୍ଠିତ ହୋଇଥିଲା। ଏଥିରେ ବାବୁଡେରା, ଭଦ୍ରାପାଲି, ବାଦୀମାଲ, ପଡୋଶୀ ରାଜ୍ୟର କୋଇଲଙ୍ଗା ଗ୍ରାମର ସଂକୀର୍ତ୍ତନ ଦଳ ଅଂଶଗ୍ରହଣ କରିଥିଲେ। ସୁଶାନ୍ତ ଦାସ ପୂଜା କାର୍ଯ୍ୟ ତୁଲାଇଥିବାବେଳେ କଳ୍ପ ମେହେର ସପତ୍ନୀକ କର୍ତ୍ତା, ସୁମନ୍ତ ଭୋଇ, ଅଶୋକ ସା, ହାଜରୁ ମେହେର, ପ୍ରଭାତ ପଶାଏତ, ଦିଲୀପ ବିଶ୍ୱାଳ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ରେମ୍‌ଜାରେ ରାବଣ ରାଜ୍ ଶେଷ

ବ୍ରଜରାଜନଗର, ୫।୧୧(ବିଜୟ ବରାଡ଼)- ବ୍ରଜରାଜନଗର ପୌରାଞ୍ଚଳ ଅନ୍ତର୍ଗତ ରେମ୍‌ଜାଠାରେ ପୌରାଣିକ କଥାବସ୍ତୁକୁ ନେଇ ଚାଲିଥିବା କାର୍ଯ୍ୟକ୍ରମ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଅନ୍ତିମ ରଜନୀରେ ଶ୍ରୀରାମ, ଲକ୍ଷ୍ମଣଙ୍କ ସହ ହନୁମାନଙ୍କ ବାନରସେନା ମିଶି ଲଙ୍କାରେ ଆକ୍ରମଣ କରିଥିଲେ। ଏଥିସହ କୁମ୍ଭକର୍ଣ୍ଣ, ଇନ୍ଦ୍ରଜିତ୍, ରାବଣବଧ କାର୍ଯ୍ୟକ୍ରମ ହୋଇଥିଲା। କାର୍ଯ୍ୟକ୍ରମରେ ରାବଣ ଭୂମିକାରେ ହୀରାଲାଲ୍ ବଢ଼େଇ, ରାମ ଭୂମିକାରେ ନବକିଶୋର ଠାକୁର, ଲକ୍ଷ୍ମଣ ଭୂମିକାରେ ଦଧିବାମନ ଠାକୁର, ହନୁମାନ ଭୂମିକାରେ ବିକ୍ରମ ପଣ୍ଡା ଏବଂ ସୀତା ଭୂମିକାରେ କୁମାରୀ ରାକ୍ଷୀ ମନ୍ତ୍ରୀ ଅଭିନୟ କରିଥିଲେ।

# ବିଜୁ ନଗରରେ ଡ୍ରେନ୍, କମ୍ୟୁନିଟି ହଲ୍ ନାହିଁ

## ଅସାମାଜିକ ବ୍ୟକ୍ତିଙ୍କ କବ୍‌ଜାରେ ରାସ୍ତାପାର୍ଶ୍ୱ

ଝାରସୁଗୁଡ଼ା, ୫।୧୧(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ପୌରାଞ୍ଚଳ ଅଧୀନ ୯ ନମ୍ବର ୱାର୍ଡର ବିଜୁ ନଗରରେ ଏକାଧିକ ସମସ୍ୟା ରହିଛି। ଏହାର ସମାଧାନ ପାଇଁ ପୌର କର୍ତ୍ତୃପକ୍ଷଙ୍କୁ ୱାର୍ଡବାସୀ ଜଣାଇଥିଲେ। ହେଲେ ଏପର୍ଯ୍ୟନ୍ତ ସମାଧାନ କରାଯାଇ ନ ଥିବାରୁ ଲୋକମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି।

ସୂଚନା ଅନୁଯାୟୀ, ୧୯୯୨-୯୩ ମସିହାରେ ବିଜୁ ନଗର ବସ୍ତି ଆରମ୍ଭ ହୋଇଥିଲା। ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକ ଏହି ସ୍ଥାନକୁ ଆସିଥିବାରୁ ତାଙ୍କ ନାମ ଅନୁସାରେ ବସ୍ତିର ନାମ ବିଜୁ ନଗର ରଖାଯାଇଛି। ଏଠାକାର ଲୋକ ସଂଖ୍ୟା ୨ ହଜାରରୁ ଅଧିକ ହେବ। ହେଲେ ଏଠାରେ ଜଳ ନିଷ୍କାସନ ପାଇଁ ଡ୍ରେନ୍ ବ୍ୟବସ୍ଥା ନାହିଁ। ବର୍ଷା ହେଲେ ବିଭିନ୍ନ ସ୍ଥାନରେ ପାଣି ଜମି ରହୁଛି। ସେହିପରି ଅନେକ ଲୋକଙ୍କ ଘରୁ ବାହାରୁଥିବା ମଇଳାପାଣି ରାସ୍ତା ଉପର ଓ ଖୋଲାସ୍ଥାନରେ ଜମି ରହୁଛି। ଫଳରେ ଦୁର୍ଗନ୍ଧ ହେବା ସାଙ୍ଗକୁ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଛି। ଅପରପକ୍ଷେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ଏଠାରେ କମ୍ୟୁନିଟି ହଲ୍ ନାହିଁ। ଫଳରେ ଲୋକମାନଙ୍କୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ସେହିପରି ବିଜୁ ନଗରକୁ ଯାଇଥିବା ରାସ୍ତାର ଉଭୟ ପାର୍ଶ୍ୱକୁ


ବିଜୁ ନଗର।

ସ୍ଥାନୀୟ କେତେଜଣ ଅସାମାଜିକ ବ୍ୟକ୍ତି ନିଜ କବ୍‌ଜାକୁ ନେଇ ବ୍ୟବହାର କରୁଛନ୍ତି। ଏଥିଯୋଗୁ ରାସ୍ତା ସଙ୍କୁଚିତ ହେବା ସହ ବିଭିନ୍ନ ସମୟରେ ଦୁର୍ଘଟଣା ଘଟୁଛି।

ବିଜୁ ନଗର ବାସିନ୍ଦା ଚନ୍ଦ୍ରଶେଖର ମେହେର, ଶତ୍ରୁଘ୍ନ ମେହେର, ଜଗଦୀଶ ପାଣିଗ୍ରାହୀ, ସୁନୀଲ ପଣ୍ଡା, ଭାଗୀରଥି ନାୟକ, ଜଗଦୀଶ ନାୟକ ପ୍ରମୁଖ କହିଛନ୍ତି, ଉପରୋକ୍ତ ସମସ୍ୟା ସମ୍ପର୍କରେ ପୂର୍ବରୁ ପୌର କର୍ତ୍ତୃପକ୍ଷଙ୍କୁ ଜଣାଇଛୁ। ବିଜୁ ନଗରର ପ୍ରବେଶ ପଥରେ ଏକ ଗେଟ୍ ନିର୍ମାଣ, ବିଜୁ ନଗରର ଉନ୍ନତି ପାଇଁ ଏକ ମାଷ୍ଟର ପ୍ଲାନ୍ କରାଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ କାର୍ଯ୍ୟ ଆରମ୍ଭ କରାଯାଇନାହିଁ। ଆଗାମୀ ଦିନରେ ପୌର ପରିଷଦ ପକ୍ଷରୁ କୌଣସି କାର୍ଯ୍ୟ କରା ନ ଗଲେ ବାଧ୍ୟହୋଇ ଜିଲାପାଳଙ୍କୁ ଜଣାଇବୁ ବୋଲି ସେମାନେ ପ୍ରକାଶ କରିଛନ୍ତି। ଏନେଇ ଝାରସୁଗୁଡ଼ା ପୌର ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ମାନସ ରଞ୍ଜନ ମଲ୍ଲିକ କହିଛନ୍ତି, ବିଜୁ ନଗରରେ ଡ୍ରେନେଜ୍ ବ୍ୟବସ୍ଥା ସହିତ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଖୁବ୍‌ଶୀଘ୍ର ଆରମ୍ଭ ହେବ।

## ବୋଇତ ବନ୍ଦାଣ ଉତ୍ସବ ପାଳିତ


ବ୍ରଜରାଜନଗର ଅଞ୍ଚଳର ନଦୀରେ ମହିଳାମାନେ ଡଙ୍ଗା ଭସାଉଛନ୍ତି।

ବ୍ରଜରାଜନଗର, ୫।୧୧(ବିଜୟ ବରାଡ଼)

ବ୍ରଜରାଜନଗର ଅଞ୍ଚଳର ଇବ୍ ନଦୀଘାଟରେ ବୋଇତ ବନ୍ଦାଣ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବ୍ରଜରାଜନଗରର ଭାଜପା ମଣ୍ଡଳ ଏବଂ ଓଡ଼ିଆ ସମାଜର ମିଳିତ ଉଦ୍ୟମରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ବ୍ରଜରାଜନଗରର ଭାଜପା ମଣ୍ଡଳ ସଭାପତି ତପନ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ନଗରପାଳ ଗୋପାଳ ସିତାନୀ, ବ୍ରଜରାଜନଗର ପୌର ନିର୍ବାହୀ ଅଧିକାରୀ ଚନ୍ଦ୍ରମଣି ସ୍ୱାଇଁ, ଉପେନ ସାହୁ, ଅମରେନ୍ଦ୍ର ରାୟ ଅତିଥି ଭାବେ ଯୋଗଦେଇ ଉତ୍କଳୀୟ ନୌବାଣିଜ୍ୟ ପରମ୍ପରା ଉପରେ ଆଲୋକପାତ କରିଥିଲେ। ଏଥିସହ ଅତିଥିମାନେ ସୁସଜ୍ଜିତ ବୋଇତରେ ନୌବିହାର କରିଥିଲେ। ସେହିପରି ମଣ୍ଡାଲିଆ, ବରଘାଟ, ରେମେଜା, ଇଟାଭଟା ଆଦି ସ୍ଥାନରେ ଶ୍ରଦ୍ଧାଳୁମାନେ ଡଙ୍ଗା ଭସାଇଥିଲେ।

## ଗୁମାଡେରାରେ କାର୍ତ୍ତିକ ପୂର୍ଣ୍ଣିମା ପାଳିତ

ବେଲପାହାଡ଼, ୫।୧୧(ସୁବାସ ପ୍ରଧାନ)

ଝାରସୁଗୁଡ଼ା ଜିଲା ବେଲପାହାଡ଼ ଥାନା ଅଧୀନ ଗୁମାଡେରା ମାଳିପଡ଼ା ଛକଠାରେ ୪୯ ତମ କାର୍ତ୍ତିକ ପୂର୍ଣ୍ଣିମା ପୂଜା ପାଳିତ ହୋଇଯାଇଛି। ମଣ୍ଡପରେ ରାଧାକୃଷ୍ଣଙ୍କ ଯୁଗଳ ମୂର୍ତ୍ତି ପୂଜା କରାଯାଇଛି। କମିଟି ସଭାପତି ଭୀମସେନ ସେଠ, ଉପସଭାପତି ସଞ୍ଜୟ ମହାନ୍ତି, ସମ୍ପାଦକ ଲକ୍ଷ୍ମୀଧର ବେରା, ଯୁଗ୍ମ ସମ୍ପାଦକ କେଶବ ଖମାରୀ, କୋଷାଧ୍ୟକ୍ଷ ଜେନାମଣି ସେଠ, ସହକୋଷାଧ୍ୟକ୍ଷ ହରିଶ୍ଚନ୍ଦ୍ର ଛତ୍ରିଆ, ପୂଜା ସମ୍ପାଦକ ବୃନ୍ଦାବନ ଗୁରୁ, ସାଂସ୍କୃତିକ ସମ୍ପାଦକ କୁଞ୍ଜ ମିର୍ଦ୍ଧା, ଭୋଗ ସମ୍ପାଦକ କମଳ ଖମାରୀ, ରାଜୁ ସେଠଙ୍କ ସମେତ କମିଟିର ସମସ୍ତ ସଦସ୍ୟ ପୂଜା ଆୟୋଜନରେ ସହଯୋଗ କରିଥିଲେ।

## ଘର ଉପରକୁ ମାଡ଼ିଗଲା ହାଇୱା

ଝାରସୁଗୁଡ଼ା, ୫।୧୧(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲା ବଡ଼ମାଲ ଥାନା ଅନ୍ତର୍ଗତ ସାପଡ଼ା ନିକଟରେ ମଙ୍ଗଳବାର ରାତିରେ ଏକ ହାଇୱା ଭାରସାମ୍ୟ ହରାଇ ଏକ ଘର ଉପରକୁ ମାଡ଼ିଯାଇଛି। ଏହି ସମୟରେ ଘରେ ଶୋଇଥିବା ମାଲିକ ଦିଲୀପ ଗର୍ଡିଆ ଅଳ୍ପକେ ରକ୍ଷା ପାଇଯାଇଛନ୍ତି। ସୂଚନା ଅନୁଯାୟୀ, ରାତି ପ୍ରାୟ ୨ଟା ୩୦ରେ ହାଇୱାଟି ରାସ୍ତାରେ ଯାଉଥିବାବେଳେ ବୁଲାଣିରେ ଭାରସାମ୍ୟ ହରାଇ ଏକ ଘରକୁ ମାଡ଼ିଯାଇଥିଲା। ଫଳରେ ଘରର କାନ୍ଥ କ୍ଷତିଗ୍ରସ୍ତ ହୋଇଛି। ଦୁର୍ଘଟଣାରେ ହାଇୱା ହେଲ୍‌ପରଙ୍କ ଗୋଡ଼ି ଭାଙ୍ଗିଯାଇଥିବାରୁ ଚିକିତ୍ସାଲାଗି ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ପରେ ପୋଲିସ ଦୁର୍ଘଟଣା ଘଟାଇଥିବା ହାଇୱା ଚାଳକଙ୍କୁ ଅଟକ ରଖିଛି।


ଦୁର୍ଘଟଣାଗ୍ରସ୍ତ ହାଇୱା।

## ସୁଡ଼ଙ୍ଗରେ ଫସିଗଲେ ମହିଳା ଶ୍ରଦ୍ଧାଳୁ

■୬ ଘଣ୍ଟା ପରେ ସୁରକ୍ଷିତ ଉଦ୍ଧାର
■ଭିମ୍‌ସାରରେ ଭର୍ତ୍ତି : ସ୍ଥିର ରହିଛି ସ୍ୱାସ୍ଥ୍ୟାବସ୍ଥା

ସମ୍ବଲପୁର, ୫।୧୧(ପ୍ରମୋଦ ବହିଦାର)

ପବିତ୍ର କାର୍ତ୍ତିକ ପୂର୍ଣ୍ଣିମାରେ ଏକ ବଡ଼ ଅଘଟଣରୁ ବର୍ତ୍ତିଯାଇଛନ୍ତି ଜଣେ ମହିଳା। ସମ୍ବଲପୁର ଜିଲା ଯୁଯୁମୁରା ବ୍ଲକ ଭଣ୍ଡାରିମାଲ ଗ୍ରାମସ୍ଥିତ ସପ୍ତଋଷି ମନ୍ଦିର ନିକଟରେ ଥିବା ଏକ ଛୋଟ ପାହାଡ଼ ଗୁମ୍ଫା ମଧ୍ୟକୁ ମହିଳା ଜଣକ ପ୍ରବେଶକରି ସୁଡ଼ଙ୍ଗ ମଧ୍ୟରେ ଫସିଯାଇଥିଲେ। ୬ ଘଣ୍ଟାର ଅକ୍ଳାନ୍ତ ପରିଶ୍ରମ ପରେ ଅଗ୍ନିଶମ ବାହିନୀ ତାଙ୍କୁ ସୁରକ୍ଷିତ ଉଦ୍ଧାର କରି ବୁର୍ଲା ଭିମ୍‌ସାର ପଠାଇଛି।

ସୂଚନାଯୋଗ୍ୟ, ଏଠାରେ ଥିବା ପାହାଡ଼ ଗୁମ୍ଫା ଦେଇ ସୁଡ଼ଙ୍ଗ ମଧ୍ୟକୁ ଗଲେ ସମସ୍ତ ମନୋସ୍କାମନା ପୂର୍ଣ୍ଣ ହେବାର ବିଶ୍ୱାସ ରହିଛି। ଏଥିପାଇଁ ପ୍ରତିବର୍ଷ କାର୍ତ୍ତିକ ପୂର୍ଣ୍ଣିମା ଦିନ ଶହ ଶହ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥାଏ। ବୁଧବାର ଏଠାକୁ ବହୁସଂଖ୍ୟାରେ ଶ୍ରଦ୍ଧାଳୁ ଆସିଥିଲେ। ଯୁଯୁମୁରା ଥାନା ଅନ୍ତର୍ଗତ ମେଘପାଳ ଗାଁର ବାସିନ୍ଦା ସୁଜାତା ମେହେର ମଧ୍ୟ ଯାଇଥିଲେ। ସୁଡ଼ଙ୍ଗ ଦେଇ କିଛି ବାଟ ଗଲାପରେ ଏକ ସଙ୍କୀର୍ଣ୍ଣ ସ୍ଥାନରେ ଫସି ଯାଇଥିଲେ। ଫଳରେ ଭିତର ଲୋକ ବାହାରକୁ ଆସିପାରି ନ ଥିଲେ କି ବାହାର ଲୋକ ମଧ୍ୟ ଗୁମ୍ଫା ମଧ୍ୟକୁ ପ୍ରବେଶ କରିପାରି ନ ଥିଲେ। ପୋଲିସ ଅଗ୍ନିଶମ ବାହିନୀ ସହ ଘଟଣାସ୍ଥଳରେ ପହଞ୍ଚିଥିଲା। ଅଗ୍ନିଶମ ବାହିନୀ ଭିତରେ ଥିବା ଏକ ବରଗଛ ଓହଳକୁ କାଟି ତାଙ୍କୁ ସୁରକ୍ଷିତ ଉଦ୍ଧାରକରି ବାହାରକୁ ଆଣିଥିଲା। ଗୁରୁତର ଅବସ୍ଥାରେ ପ୍ରଥମେ ତାଙ୍କୁ ସମ୍ବଲପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଭିମ୍‌ସାରକୁ ସ୍ଥାନାନ୍ତରିତ କରାଯାଇଛି। ସେଠାରେ ତାଙ୍କର ଚିକିତ୍ସା ଚାଲିଥିବା ବେଳେ ତାଙ୍କ ଅଣ୍ଟାର ବାମପାର୍ଶ୍ୱ ଓ ଛାତିରେ ଆଘାତ ଲାଗିଥିବା ପରୀକ୍ଷଣରୁ ଜଣାପଡ଼ିଛି। ମାତ୍ର ବର୍ତ୍ତମାନ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ୱାଭାବିକ ରହିଛି ବୋଲି ଡାକ୍ତର କହିଛନ୍ତି।


ଗୁମ୍ଫା ସୁଡ଼ଙ୍ଗରୁ ମହିଳାଙ୍କୁ ଉଦ୍ଧାର କରି ଅଣାଯାଉଛି।

## ପଦଯାତ୍ରାରେ ସାଇବର ସୁରକ୍ଷା ସଚେତନତା ବାର୍ତ୍ତା



ପଦଯାତ୍ରାରେ ପୋଲିସ ଅଧିକାରୀଙ୍କ ସମେତ ଅନ୍ୟମାନେ।

ବେଲପାହାଡ଼, ୫।୧୧(ସୁବାସ ପ୍ରଧାନ)

ଝାରସୁଗୁଡ଼ା ଜିଲା ବେଲପାହାଡ଼ ପୋଲିସ ପକ୍ଷରୁ ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବେଲପାହାଡ଼ ଥାନାଧିକାରୀ କୃଷ୍ଣଚନ୍ଦ୍ର ମେହେରଙ୍କ ନେତୃତ୍ୱରେ ବେଲପାହାଡ଼ ସମଡ଼ା ଜଗନ୍ନାଥ ମନ୍ଦିରରୁ ଫାଟକ ଯାତ୍ରା ପଡ଼ିଆ ପର୍ଯ୍ୟନ୍ତ ଏକ ପଦଯାତ୍ରା ହୋଇଥିଲା। ପରେ ଯାତ୍ରା ପଡ଼ିଆରେ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ବୃତ୍ତଚିତ୍ର ମାଧ୍ୟମରେ ସାଇବର ଅପରାଧକୁ କିଭଳି ରୋକାଯାଇପାରିବ ସେନେଇ ପୋଲିସ ପକ୍ଷରୁ ଲୋକଙ୍କୁ ସଚେତନ କରାଯାଇଛି। ବିଶେଷକରି ଅସୁରକ୍ଷିତ ତଥା ସନ୍ଦେହଜନକ ଲିଙ୍କ୍‌କୁ ନ ଖୋଲିବା, ଓଟିପି ସମ୍ପର୍କରେ ସମ୍ପୂର୍ଣ୍ଣ ଗୋପନୀୟ ରଖିବା, ବିନା ସରକାରୀ ମାନ୍ୟତାପ୍ରାପ୍ତ ଆପ୍‌ଗୁଡ଼ିକୁ ମୋବାଇଲ ପ୍ଲେ ଷ୍ଟୋର୍‌ରୁ ଡାଉନ୍‌ଲୋଡ୍ ନ କରିବା ପାଇଁ ଅବଗତ କରାଯାଇଥିଲା। ଯଦି କୌଣସି ବ୍ୟକ୍ତି ସାଇବର ଅପରାଧର ଶିକାର ହୁଅନ୍ତି ତେବେ ୧ ଘଣ୍ଟା ମଧ୍ୟରେ ହେଲ୍ପଲାଇନ ନମ୍ବର ୧୯୩୦ ଏବଂ ସ୍ଥାନୀୟ ଥାନାକୁ ଯୋଗାଯୋଗ କରିବାକୁ ଅନୁରୋଧ କରାଯାଇଛି। ଏଥିରେ ଝାରସୁଗୁଡ଼ା ଏଏସ୍‌ପି ମଧୁସିକ୍ତା ମିଶ୍ର, ଡିଏସ୍‌ପି ଜ୍ୟୋତ୍ସ୍ନାମୟୀ ପଧାନ, ବ୍ରଜରାଜନଗର ଏସ୍‌ଡିପିଓ ଚିନ୍ତାମଣି ପ୍ରଧାନ, ଇନ୍ସପେକ୍ଟର ବନ୍ଦନା ନାଏକ, ଗୋପାଳ ଗୁରୁ, ଲାଲସାହେବ ସେନାପତି, ଜୟନ୍ତୀ ବର୍ଗତ୍ତୀ ପ୍ରମୁଖ ଯୋଗଦେଇ ସାଇବର ସୁରକ୍ଷା ସମ୍ପର୍କରେ ସଚେତନ କରିଥିଲେ। ଶିଶୁ ପ୍ରତିଭା ଟିଆ ସା ମଧ୍ୟ ସାଇବର ସୁରକ୍ଷା ସମ୍ପର୍କରେ ଅବଗତ କରାଇଥିଲେ। ଏଥିରେ କହ୍ନେଇ ଚରଣ ସେଠ୍, ତପନକାନ୍ତ ଜେନା, ହିତେଶ ଠକ୍କର, ମୋହନ ସେକସେରିଆ, ରାଜେଶ ଶୁକ୍ଳା, ଜେନାମଣି ସେଠ୍, ସଚ୍ଚିଦାନନ୍ଦ ପଣ୍ଡା, ପୀତବାସ ପ୍ରଧାନ, ରମେଶ ଜୟସ୍ୱାଲ, ବିକାଶ ଅଗ୍ରୱାଲ, ସୁରେନ୍ଦ୍ର ନାଥ ଲେଙ୍କା, ଗୋବର୍ଦ୍ଧନ ପଟ୍ଟନାୟକ ପ୍ରମୁଖ ସାମିଲ ଥିଲେ।

## ଜିଲା ମୁଖ୍ୟ ଚିକିତ୍ସାଳୟରେ ଡାକ୍ତର ପଦବୀ ପୂରଣ କରାଯାଉ

### ଜିଲା ବରିଷ୍ଠ ନାଗରିକ ଫୋରମ୍‌ର ମାସିକ ବୈଠକ

ଦେବଗଡ଼, ୫।୧୧ (ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ବରିଷ୍ଠ ନାଗରିକ ଫୋରମ୍ କାର୍ଯ୍ୟାଳୟରେ ବୁଧବାର ଜିଲା ବରିଷ୍ଠ ନାଗରିକ ଫୋରମର ମାସିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଫୋରମ୍‌ର ସଭାପତି ରାମଚନ୍ଦ୍ର ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ଜିଲାର ବିଭିନ୍ନ ସମସ୍ୟା ସମାଧାନ ନିମନ୍ତେ ଆଲୋଚନା ହୋଇଥିଲା। ଏହି ଅବସରରେ ଦେବଗଡ଼ସ୍ଥିତ ନୂତନ ଜିଲା ମୁଖ୍ୟ ଚିକିତ୍ସାଳୟରେ ଆବଶ୍ୟକ ସଂଖ୍ୟକ ଡାକ୍ତର, ସ୍ୱାସ୍ଥ୍ୟସେବିକା ଏବଂ ଖାଲି ପଡିଥିବା ଅନ୍ୟାନ୍ୟ ପଦବୀ ପୂରଣ, ପୁରୁଣା ଜିଲା ମୁଖ୍ୟ ଚିକିତ୍ସାଳୟ କୋଠାରେ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟସେବା ପ୍ରଦାନ ନେଇ ଫୋରମ ପକ୍ଷରୁ ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା। ଦେବଗଡ଼ ପୌରାଞ୍ଚଳରେ ଡ୍ରେନ୍‌ଗୁଡିକ ଠିକ୍‌ଭାବେ ସଫେଇ କରାଯାଉ ନ ଥିବାରୁ ଆବର୍ଜନାରେ ପରିପୂର୍ଣ୍ଣ ହୋଇପଡିଛି। ସେହିପରି ପୌରାଞ୍ଚଳରେ ମାଙ୍କଡ଼, କୁକୁର, ଗୋରୁଙ୍କ ଦୌରାତ୍ମ୍ୟ ବୃଦ୍ଧି ପାଇଛି। ଏଥିସହ ଗ୍ରାମାଞ୍ଚଳରେ ହାତୀ ଉପଦ୍ରବ ଦିନକୁ ଦିନ ଅନିୟନ୍ତ୍ରିତ ହୋଇପଡୁଛି। ତେଣୁ ଏଗୁଡିକର ପ୍ରତିକାର ବ୍ୟବସ୍ଥା ପାଇଁ ଜିଲା ପ୍ରଶାସନ, ପୌର ପରିଷଦ ଓ ବନ ବିଭାଗ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ ପାଇଁ ବୈଠକରେ ସ୍ଥିର କରାଯାଇଥିଲା। ଏହି ବୈଠକରେ ଫୋରମ୍‌ର ସମସ୍ତ ସଦସ୍ୟ ଏବଂ କର୍ମକର୍ତ୍ତା ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଫୋରମ୍‌ର ସମ୍ପାଦକ ଗୌରହରି ଷଡ଼ଙ୍ଗୀ ଧନ୍ୟବାଦ ଦେଇଥିଲେ।

## ଦିବ୍ୟାଙ୍ଗଙ୍କ ଆକସ୍ମିକ ମୃତ୍ୟୁକୁ ନେଇ ଚର୍ଚ୍ଚା

କୁଚିଣ୍ଡା, ୫।୧୧(ବିରଞ୍ଚି ଦର୍ଶା)

ସମ୍ବଲପୁର ଜିଲା ମହୁଲପାଲି ଥାନାରୁ ପ୍ରାୟ ୩ଶହମିଟର ଦୂର ସାପ୍ତାହିକ ହାଟ ନିକଟସ୍ଥ ବନ୍ଧପାଖ ରାସ୍ତାକଡ଼ରୁ ପୋଲିସ ଜଣେ ଦିବ୍ୟାଙ୍ଗଙ୍କ ମୃତଦେହ ଜବତ କରିଛି। ସେ ହେଲେ ମହୁଲପାଲି ପଞ୍ଚାୟତ ଛତାର (ତୁଳସୀ ଚଉରା) ଗ୍ରାମର ମୋତିଲାଲ ରାଜହଂସ (୩୯)। ପୋଲିସ ମହୁଲପାଲି ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି କୁଚିଣ୍ଡା ମେଡ଼ିକାଲରେ ମୃତଦେହ ବ୍ୟବଚ୍ଛେଦ କରାଇଛି। ଏଥିସହ ପୋଲିସ ଦିବ୍ୟାଙ୍ଗଙ୍କ ଟ୍ରାଇ ସାଇକେଲକୁ ଜବତ କରି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ମୋତିଲାଲଙ୍କ ଯାତାୟାତ ନିମନ୍ତେ ସରକାର ଏକ ଟ୍ରାଇ ସାଇକେଲ ପ୍ରଦାନ କରିଛନ୍ତି। ମଙ୍ଗଳବାର ସନ୍ଧ୍ୟା ପ୍ରାୟ ୫ଟାରେ ମହୁଲପାଲି ଯାଉଛି କହି ସେ ଘରୁ ବାହାରିଥିଲେ। ହେଲେ ରାତିରେ ସେ ଆଉ ଘରକୁ ଫେରି ନ ଥିଲେ। ବୁଧବାର ସକାଳୁ ସ୍ଥାନୀୟ ଲୋକେ ଶୌଚ ପାଇଁ ସାପ୍ତାହିକ ହାଟ ନିକଟସ୍ଥ ବନ୍ଧକୁ ଯିବା ସମୟରେ ଜଣେ ବ୍ୟକ୍ତିଙ୍କ ଟ୍ରାଇସାଇକେଲ ଉପରେ ମୃତଦେହ ଦେଖି ପୋଲିସକୁ ସୂଚନା ଦେଇଥିଲେ। କେଉଁ ପରିସ୍ଥିତିରେ ତାଙ୍କର ଆକସ୍ମିକ ମୃତ୍ୟୁ ଘଟିଲା ସମସ୍ତଙ୍କୁ ଚକିତ କରିଛି। ମୃତକଙ୍କ ସ୍ତ୍ରୀ ଓ ୩ ସନ୍ତାନ ଅଛନ୍ତି। ସେମାନଙ୍କ ପରିବାର ଗରିବ ହୋଇଥିବାରୁ ସରକାରୀ ସହାୟତା ପାଇଁ ସାଧାରଣରେ ଦାବି ହେଉଛି।

**SS LEGACY ENGINEERS PVT LTD**

**WALK-IN INTERVIEW**

(For O&M Instrumentation & Electrical Candidates with Industrial Experience)

M/s. S S Legacy Engineers Pvt. Ltd. is a leading company in providing O&M service to some of the very big Alumina & Steel Industries. Based in Ahemadabad & the Odisha branch address for VAL Lanjigarh: At-Jagannathpur, Lanjigarh, Kalahandi, Odisha- 766027, Web address: www.sslegacy.in

| Dept. | Position | Experience | Qualification |
|---|---|---|---|
| Instrument | Instrumentation Engineer | 5-7 Years | B.Tech in Electronics/ Instrumentation |
| | | 8-10 Years | Diploma in Electronics/ Instrumentation |
| | Instrumentation Technician | 5 Years | ITI/ Diploma in Instrumentation |
| Electrical | Electrical Engineer | 5-7 Years | B. Tech in Electrical |
| | | 8-10 Years | Diploma in Electrical |
| | Electrician | 5 Years | ITI/Diploma in Electrical with Licence |

**Important Notes:** Interested candidate may attend the interview alongwith their CV, Passport size Photo, Adhaar Card Copy, Educational Certificates, Service Certificates, Pay Slip & Bank Proof etc.

**Walk in to explore new career opportunities:**

Walk-in Interview Date : 09.11.2025 (09-Nov-2025)
Time : Morning to 9:00 AM to evening 4:00 PM
Place: Hotel Dayal Residency, Near Jajpur Road, Hotel Contact No. 8093099916.
Hotel Dayal Residency Address : Chandama, Kaneihpur, Jajpur Road, Odisha

Mail Id: redarea.hrval@sslegacy.co.in, hr.sslegacy@gmail.com, soumyakant.mishra@sslegacy.co.in
Contact No. 9937718861, 9337676362, 7008879687, 8310504784

*For, more information, kindly contact the mentioned mobile numbers.*

Govt. of Odisha

**OFFICE OF THE SUPERINTENDING ENGINEER (AGRIL.), NORTHERN ZONE, SAMBALPUR, ODISHA**

E-mail ID - senzsambalpur@gmail.com
"e"-Procurement Notice No - 1768/Agril, Date - 30.10.2025
Bid Identification No. : 03/Agril./NZ/2025-26 dt.30.10.2025

**No.L-99** : The Superintending Engineer (Agril.), Northern Zone, Sambalpur, Odisha on behalf of Governor of Odisha, invites percentage rate bids in single cover system from the eligible class of contractors through e-procurement in ONLINE MODE only in the website "www.tendersodisha.gov.in", for the work as detailed below.

| | | |
|---|---|---|
| 1. | Nature/Type of the work | : As Mentioned in Column-02 |
| 2. | Estimated Cost put to Tender | : Varies from Rs.5.71 Lakhs to Rs.49.25 Lakhs |
| 3. | EMD Amount | : Varies from Rs.5,720.00 to Rs.49,250.00 |
| 4. | Bid Cost | : As Mentioned in Column-07 |
| 5. | Period of completion | : As Mentioned in Column-08 |
| 6. | No. of work (Tender) | : 15 nos. |
| 7. | Class of Contractor | : "D", "C" & "B" class with valid License as Mentioned in Column - 06 |
| 8. | Date & Time of availability of bid document in the portal | : 03.11.2025 at 10.A.M. to Dt.14.11.2025 at 5.30 P.M. |
| 9. | Last date / Time for receipt of bids in the portal | : Dt.14.11.2025 at 5.30 P.M. |
| 10 | Date of submission of original documents in the tender box | : Dt.13.11.2025 at 10 A.M. to Dt.17.11.2025 at 5.00 P.M. (Working days) only |
| 11 | Date & time of opening of online bids | : Dt.18.11.2025 at 11.00 A.M. |
| 12 | Name and address of the officer inviting Bid | : Superintending Engineer (Agril.), Northern Zone, Remed Chowk, Sambalpur, Odisha, Pin-768006 |

NB. The Bidders have to participate in **ONLINE bidding only** in the e- Procurement website: **https://tendersodisha.gov.in** with matching class DSC. Any addendum / corrigendum / cancellation of tender / other details of the DTCN can also be seen in the said website. Authority reserves the right to reject/accept any or all of the tenders, increase/decrease the quantities of works without assigning any reasons thereof.

**Sd./- Superintending Engineer (Agril.)**
**Northern Zone, Sambalpur**

OIPR-

**OFFICE OF THE PRINCIPAL**
**CREW TRAINING INSTITUTE, CHANDBALI, DIST.: BHADRAK**
PIN - 756133, Email: ctiportsiwt@rediffmail.com Ph. No.: 06786-295745

**ADVERTISEMENT FOR ADMISSION**

No. JJ-64: Applications in prescribed form are invited from intending experienced candidates having requisite qualification and experience for admission into 3 (Three) months Refreshers Course as per prescribed syllabus of Government conducted by Crew Training Institute, Chandabali, Dist.: Bhadrak from **Dt.01.01.2026 to Dt.31.03.2026**. The course is meant for preparing the candidates to serve as Crews of Inland Mechanically propelled vessels, Fishing Trawlers, Sea going Vessels, Harbour Crafts, Tourist boats etc. with more proficiency.

**ELIGIBILITY:**

| | |
|---|---|
| **01. Age** | : Not less than 21 years and not more than 47 years as on Dt.01.01.2026. |
| **02. Educational Qualification** | : H.S.C. Pass from Board of Secondary Education, Odisha or equivalent. Candidate must be able to read & write Odia & English. |
| **03. Experience** | : Candidates must have minimum 3 (Three) years of experience as crew of Inland Mechanically propelled Vessels of 40 B.H.P. in any public sector/reputed private sector Organization/Registered Co-operative Societies. |
| **04. Physical Fitness** | : The candidates should be physically fit to perform the type of work assigned by the authority of the Institute under any condition. A medical fitness certificate from a Medical officer not below the rank of an Assistant Surgeon should be submitted with the application for admission. |

The form and prospectus for admission shall be available from the office of the "Principal, Crew Training Institute, Chandabali, Dist.: Bhadrak" on payment of Rs.50/- (Rupees Fifty) only by cash, money order from **Dt.06.11.25 to Dt.20.11.25 Upto 5.30 P.M.** on all working days. The application forms complete in all respect should reach the undersigned on or before **Dt.30.11.2025 Upto 5.30 P.M.** The application forms should be submitted in an envelope addressed to "Principal, Crew Training Institute, Chandabali, Dist.: Bhadrak".
The application of in-service candidates should be submitted through proper Channel/Competent authority.

**Sd./- Principal**
**Crew Training Institute**

OIPR-

# ଆଶାୟୀ ଅନେକ, କଂସ ଲବି ଆରମ୍ଭ

**ବରଗଡ଼ ଧନୁଯାତ୍ରା ମହୋତ୍ସବ**

- ଘୋଷଣା ହୋଇନି ଚୟନ ତାରିଖ
- ଆବେଦନ ଭରିଛନ୍ତି ନୂଆଁ, ପୁରୁଣା

ବରଗଡ଼,୫।୧୧(ପ୍ରେମାନନ୍ଦ ଖମାରୀ)

ବୃହତ୍ ମୁକ୍ତାକାଶ ବରଗଡ଼ ଧନୁଯାତ୍ରା ମହୋତ୍ସବ ଆସନ୍ତା ଡିସେମ୍ବର ମାସ ୨୪ତାରିଖରେ ଆରମ୍ଭ ହେବ। ୨୦୨୬ ଜାନୁୟାରୀ ମାସ ୩ତାରିଖ ପର୍ଯ୍ୟନ୍ତ ଦୀର୍ଘ ୧୧ଦିନ ଧରି ଏହା ଚାଲିବ। ତେବେ ଏଥର କଂସ ସମେତ ଅନ୍ୟ ପ୍ରମୁଖ ଚରିତ୍ର ପାଇଁ କଳାକାର ଚୟନ ପ୍ରକ୍ରିୟା ହେଉଛି। ଗତ ୧ତାରିଖ ଆଶାୟୀଙ୍କ ଆବେଦନ ସରିଯାଇଛି। ତେବେ ଏପର୍ଯ୍ୟନ୍ତ ଚୟନ ତାରିଖ ତ ଘୋଷଣା ହେବା ଦୂରର କଥା, ଆବେଦନ ଫର୍ମର ଯାଞ୍ଚ ସରି ନାହିଁ। ତାହା ଯାଞ୍ଚ ହେବା ପରେ ଚୟନ ପ୍ରକ୍ରିୟାରେ ଭାଗ ନେବା ପାଇଁ ଯୋଗ୍ୟ କଳାକାରଙ୍କ ଚୂଡ଼ାନ୍ତ ତାଲିକା ପ୍ରକାଶ ପାଇବ। ଅନ୍ୟପଟେ କଂସ ସମେତ ବିଭିନ୍ନ ଚରିତ୍ର ପାଇଁ ଲବି ଆରମ୍ଭ ହୋଇଯାଇଛି। କିଏ ନେତା, ଅଫିସରଙ୍କ ପାଖକୁ ଯାଇ ଗୋଡ଼ତଳେ ପଡୁଥିବାବେଳେ ଆଉକେହି ନିଜ ସପକ୍ଷରେ ସମର୍ଥନ ଯୋଗାଡ଼ ପାଇଁ ଭିନ୍ନଶୈଳୀ ଆପଣେଇ ନେଉଥିବା ସାଧାରଣରେ ଆଲୋଚନା ହେଉଛି। ଏଥିରେ ସବାଆଗରେ କଂସ ଚରିତ୍ର ରହିଛି। ଏହି ଚରିତ୍ର ପାଇଁ ଅନେକ ଆଶାୟୀ ଆବେଦନ କରିଛନ୍ତି। ସେମାନଙ୍କ ମଧ୍ୟରେ ନୂଆଁ, ପୁରୁଣା କଳାକାର ରହିଛନ୍ତି। ଅନେକ ସ୍ଥାନରେ ଧନୁଯାତ୍ରା ହେଉଥିଲେ ସୁଦ୍ଧା ବରଗଡ଼ ଧନୁଯାତ୍ରା ମହୋତ୍ସବର ଯେଉଁଳି ଏକ ଅନନ୍ୟ ପରିଚୟ ଏବଂ ଆକର୍ଷଣ ରହିଛି, ଅନୁରୂପଭାବେ ଏହି ମହୋତ୍ସବରେ ଥରୁଟିଏ ଯେଉଁ କଳାକାର କଂସ ଅଭିନୟର ସୁଯୋଗ ପାଇଥାନ୍ତି, କଳା ଜଗତରେ ପୂର୍ବାପେକ୍ଷା ସେମାନଙ୍କର ସମ୍ମାନ ବଢ଼ିବା ସହିତ ତାଙ୍କୁ ମଧ୍ୟ ବରଗଡ଼ ଧନୁଯାତ୍ରାର କଂସ ମହାରାଜଭାବେ ଏକ ନୂଆଁ ପରିଚୟ ମିଳିଥାଏ। ଫଳରେ ଏଠାରେ କଂସ ଅଭିନୟ ପାଇଁ ଅନେକ କଳାକାର ମନରେ ଆଶା ବାନ୍ଧିଥାନ୍ତି ଏବଂ ଚୟନ ପ୍ରକ୍ରିୟାରେ ବିଚାରକବୃନ୍ଦ ଯାହାଙ୍କୁ ମନୋନୀତ କରନ୍ତି, ସେ ହିଁ କଂସ ଅଭିନୟର ସୁଯୋଗ ପାଇଥାନ୍ତି। ସେହି କଳାକାରଙ୍କ କଂସ ଅଭିନୟରୁ ହିଁ ବରଗଡ଼ ଧନୁଯାତ୍ରାର ଆକର୍ଷଣ ବୃଦ୍ଧି ପାଇଥାଏ ଏବଂ ତାହା ଦେଖିବା ପାଇଁ ଦର୍ଶକମାନେ ଉତ୍କଣ୍ଠାର ସହିତ ଚାହିଁ ବସିଛନ୍ତି।

ପ୍ରତି ୩ବର୍ଷରେ ବରଗଡ଼ ଧନୁଯାତ୍ରା ମହୋତ୍ସବର କଳାକାର ଚୟନ କରାଯିବା ବିଧି ବ୍ୟବସ୍ଥା ରହିଛି। ଏହି ଦୃଷ୍ଟିରୁ ଏଥର କଳକାର ଚୟନ ପ୍ରକ୍ରିୟା ଅନେକ ଗୁରୁତ୍ୱ ବହନ କରୁଛି। ତେବେ ଏଥର କଂସ ଅଭିନୟ ସୁଯୋଗ କାହାକୁ ମିଳିବ, ତାକୁ ନେଇ ଏବେଠାରୁ ଚା ଖଟିଠାରୁ ଆରମ୍ଭ କରି ସବୁଠି ଚର୍ଚ୍ଚା ଆରମ୍ଭ ହୋଇ ଗଲାଣି। ଗତ ଧନୁଯାତ୍ରା ମହୋତ୍ସବରେ କଂସ ଅଭିନୟ କରିଥିବା ଭୁବନେଶ୍ୱର ପ୍ରଧାନ ତାଙ୍କ ପୂର୍ବ ଘୋଷଣା ଅନୁଯାୟୀ ଏଥର ଚୟନ ପ୍ରକ୍ରିୟାରେ ଭାଗ ନେଉ ନାହାନ୍ତି। ଅନ୍ୟପଟେ ମହାପ୍ରୟାଣ ଗାଡ଼ିରେ ଶବ ପରିବହନ ବାବଦକୁ ମୃତକଙ୍କ ସମ୍ପର୍କୀୟଙ୍କୁ ଟଙ୍କା ଦାବି ଅଭିଯୋଗ ପରେ ଗତ ଧନୁଯାତ୍ରା ମହୋତ୍ସବରେ ଅଭିନୟରୁ ବଞ୍ଚିତ ହୋଇଥିବା ହୃଷିକେଶ ଭୋଇ(ଜିଲା ସ୍ୱାସ୍ଥ୍ୟ ବିଭାଗର ଡ୍ରାଇଭର) ଚୟନ ପ୍ରକ୍ରିୟାରେ ଭାଗ ନେବା ପାଇଁଆବେଦନଫର୍ମଭରିଛନ୍ତି। କିନ୍ତୁ ତାଙ୍କ ବିରୋଧରେ ପଶ୍ଚିମ ଓଡ଼ିଶା ଧନୁଯାତ୍ରା କଳାକାର ସଂଘ ଜିଲାପାଳଙ୍କୁ ଫେରାଦ ହେବା ହୃଷିକେଶଙ୍କ ପାଇଁ ଅଡୁଆ ସାଜିଛି। କୋର୍ଟରେ ତାଙ୍କ ବିରୋଧରେ ମାମଲା ବିଚାରାଧିନ ରହିଛି ଏବଂ ସେ ଦୋଷମୁକ୍ତ ହୋଇ ନଥିବା ଅଭିଯୋଗ କରି ତାଙ୍କୁ ଚୟନ ପ୍ରକ୍ରିୟାରେ ସାମିଲ ନ କରିବାକୁ ସଂଘ ଜିଲାପାଳଙ୍କଠାରେ ଦାବି କରିଛି। କଂସ ଅଭିନୟ ପାଇଁ ଅନ୍ୟମାନଙ୍କ ମଧ୍ୟରେ ବଲାଙ୍ଗିର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ଆର୍ତ୍ତତ୍ରାଣ ସୁନାନୀ ଯାଦବ, ସୋନପୁର ଜିଲା ବିନିକାର ଗୋପାଳ ପଣ୍ଡା, ବରଗଡ଼ ଜିଲା ଭେଡ଼େନ ବ୍ଲକ ଟିଁଣ୍ଡାର ସୁଶିଲ ମେହେର, ବରଗଡ଼ ବ୍ଲକ ଦେଓଗାଁର ଜଗଦାନନ୍ଦ ମିଶ୍ର, ସୋନପୁର ଜିଲା ସାରସମାଲର ମନୋରଞ୍ଜନ ଚିରଗୁଣଙ୍କ ସମେତ ଅନେକ କଳକାର କଂସ ଅଭିନୟ ପାଇଁ ଆବେଦନ କରିଛନ୍ତି। ଏହା ସହିତ ଉଗ୍ରସେନ, ମହାମନ୍ତ୍ରୀ ସାର୍ତ୍ତକୀ, ଚାଣୁର, ମୁଷ୍ଟିକ, ଅକ୍ରୁର,ବାସୁଦେବ, ଦେବକୀ, ନାରଦ, ସେନାପତି ଚରିତ୍ର ପାଇଁ ମଧ୍ୟ ଅନେକ କଳାକାର ଆବେଦନ କରିଛନ୍ତି। ତେବେ ଚୟନ ପ୍ରକ୍ରିୟା ନେଇ ଧନୁଯାତ୍ରା ମହୋତ୍ସବ ସମିତିର ସମ୍ପାଦକ ସୁରେଶ୍ୱର ଶତପଥୀ କହିଛନ୍ତି, ଆବେଦନ ପ୍ରକ୍ରିୟା ସରିଛି। ଶୀଘ୍ର ଆବେଦନ ଫର୍ମ ଗୁଡ଼ିକର ଯାଞ୍ଚ ସାରି ଚୟନ ପ୍ରକ୍ରିୟାରେ ଭାଗ ନେବା ପାଇଁ ଯୋଗ୍ୟ କଳାକାରଙ୍କ ନାମ ଏବଂ ଚୟନ ତାରିଖ ଘୋଷଣା କରାଯିବ।

**ଏମାନେ କୁହନ୍ତି..**


ଆର୍ତ୍ତତ୍ରାଣ ସୁନାନୀ ଯାଦବ


ଗୋପାଳ ପଣ୍ଡା


ସୁଶୀଲ ମେହେର


ଜଗଦାନନ୍ଦ ମିଶ୍ର


ହୃଷୀକେଶ ଭୋଇ


ମନୋରଞ୍ଜନ ଚିରଗୁଣ

# ବିକାଶରେ ଫ୍ରେସର୍ସ ଡେ କାର୍ଯ୍ୟକ୍ରମ



ଫ୍ରେସର୍ସ ଡେ କାର୍ଯ୍ୟକ୍ରମରେ ବିକାଶ କର୍ତ୍ତୃପକ୍ଷଙ୍କ ଗହଣରେ ଛାତ୍ରୀଛାତ୍ର।

ବରଗଡ଼,୬।୧୧(ପ୍ରେମାନନ୍ଦ ଖମାରୀ)

ବରଗଡ଼ସ୍ଥିତ ବିକାଶ ହାୟର ଏଜୁକେଶନାଲ ଇନଷ୍ଟିଚୁଶନ୍ସ ଅନ୍ତର୍ଗତ ବିକାଶ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜିରେ ନାମ ଲେଖାଇଥିବା ନୂତନ ଛାତ୍ରୀଛାତ୍ରଙ୍କ ଫ୍ରେସର୍ସ ଡେ କାର୍ଯ୍ୟକ୍ରମ ପ୍ରାରମ୍ଭ-୨୦୨୫ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଲକ୍ଷ୍ମୀ ବିକାଶ ଗ୍ରୁପର ଚେୟାରମ୍ୟାନ ଡି. ନାଗେଶ୍ୱର ରାଓ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ନବାଗତ ଛାତ୍ରୀଛାତ୍ରଙ୍କୁ ଅଭିନନ୍ଦନ ଜଣାଇଥିଲେ। ବିକାଶ ଉପରେ ସେମାନଙ୍କ ମା, ବାପାଙ୍କ ଆଶା, ଭରସା ପାଇଁ ସେ ଅଭିଭାବକମାନଙ୍କୁ ସାଧୁବାଦ ଜଣାଇଥିଲେ। ବିକାଶ ହାୟର ଏଜୁକେଶନାଲ ଇନଷ୍ଟିଚୁଶନ୍ସର ଚିଫ୍ ଏଡମିନିଷ୍ଟ୍ରେଟିଭ ଅଫିସର ଇଂ ଅଜୟ କୁମାର ମହାପାତ୍ର ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜଣାଇବା ସହିତ ସେମାନଙ୍କ ଉଜ୍ୱଳ ଭବିଷ୍ୟତ କାମନା କରିଥିଲେ। ବିକାଶ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜିର ଅଧ୍ୟକ୍ଷ ଡଃ ପୂର୍ଣ୍ଣେନ୍ଦୁ ମିଶ୍ର ସଫଳ ଇଞ୍ଜିନିୟର ତଥା ଉଦ୍ୟୋଗୀ ହୋଇ ବିକଶୀତ ରାଷ୍ଟ୍ର ଗଠନରେ ଯୋଗଦାନ ପାଇଁ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ବିକାଶ ପୋଲିଟେକନିକ୍‌ର ଅଧ୍ୟକ୍ଷ ଡଃ ଦିଲ୍ଲିପ ଖମାରୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ବିକାଶ ହାୟର ଏଜୁକେଶନାଲ ଇନଷ୍ଟିଚ୍ୟୁଶନ୍ସର ସିନିୟର ଏଡ଼ଭାଇଜର, ସମସ୍ତ ଅଧ୍ୟକ୍ଷ, ଡିନ୍(ଷ୍ଟୁଡେଣ୍ଟସ୍ ଏଫେୟାର) ଏବଂ ଉପାଧ୍ୟକ୍ଷ ଉପସ୍ଥିତ ଥିଲେ। ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବି-ଟେକ୍‌ରୁ ତପସ୍ୱିନୀ ବିଶ୍ୱାଳ ମିସ୍ ଫ୍ରେସର୍ସ ଏବଂ ଶାଶ୍ୱତ ମିଶ୍ର ମିଷ୍ଟର ଫ୍ରେସର୍ସ ବିବେଚିତ ହୋଇଥିଲେ। ଛାତ୍ରୀଛାତ୍ର ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## ସଂକ୍ଷେପରେ

### ଭାଗବତ ପାରାୟଣ ଉଦ୍‌ଯାପିତ

ଭେଡେନ,୫।୧୧(ହୃଷିକେଶ ଖମାରୀ): ବରଗଡ଼ ଜିଲା ଭେଡେନ ବ୍ଲକ ଦେଶଭଟଲି ଗ୍ରାମରେ ଜଗନ୍ନାଥ ମନ୍ଦିର ପରିସରରେ କାର୍ତ୍ତିକ ମାସ ପ୍ରଥମ ଦିବସର ପୂର୍ଣ୍ଣିମା ପର୍ଯ୍ୟନ୍ତ ଏକ ମାସ ଧରି ଭାଗବତ ପାରାୟଣ ଚାଲିଥିଲା। ବୁଧବାର ଏହା ଉଦ୍‌ଯାପିତ ହୋଇଯାଇଛି। ପଣ୍ଡିତ ଶଶୀଭୂଷଣ ଶତପଥି ପୂଜାର୍ଚ୍ଚନା କରିଥିଲେ। ଗ୍ରାମର ସମୀର ମିଶ୍ର, ପ୍ରଶାନ୍ତ ମିଶ୍ର, କ୍ଷୀରକାନ୍ତ ନାୟକ, ହରିଚନ୍ଦ୍ର ନାୟକ, କମଳାକାନ୍ତ ନାୟକ, ବାବୁଲାଲ ନାୟକ। ଗଦାଧର ନାଏକ, ପୂର୍ଣ୍ଣଚନ୍ଦ୍ର ଷଣ୍ଢ, ସଦାଶିବ ସେଣ, ବନମାଳୀ ଭୁଏ, ତରଣୀ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ଭାଗବତ ପାଠ ବେଳେ ସହଯୋଗ କରୁଥିଲେ।

### ମୃତ୍ୟୁ ପରେ ଚକ୍ଷୁଦାନ

ବରଗଡ଼,୫।୧୧(ପ୍ରେମାନନ୍ଦ ଖମାରୀ): ବରଗଡ଼ ବ୍ଲକ ଅନ୍ତର୍ଗତ ଗାଇସିମା ଗ୍ରାମପଞ୍ଚାୟତ ଳର ମାଳିପାଲି ଗ୍ରାମର



ଗଣେଶ ମଲ୍ଲିକ(୨୭)ଙ୍କ ରବିବାର ସଡ଼କ ଦୁର୍ଘଟଣାରେ ମୃତ୍ୟୁ ହୋଇଥିଲା। ସେ ନିଷ୍ଠା ପରିବାର ଦ୍ୱାରା ଆୟୋଜିତ ଅନେକ ରକ୍ତଦାନ ଶିବିରରେ ରକ୍ତଦାନ କରିଥିଲେ। ନିଷ୍ଠା ପରିବାର ତରଫରୁ ତାଙ୍କ ଚକ୍ଷୁଦାନ ପାଇଁ ମୃତ ଗଣେଶଙ୍କ କାକା ପ୍ରହଲ୍ଲାଦଙ୍କୁ ଅନୁରୋଧ କରାଯାଇଥିଲା। ତାଙ୍କ ପୁତୁରାର ଆଖିରେ ଆଉ ୨ଜଣ ଦୁନିଆଁ ଦେଖି ପାରିବେ ଭାବି ସେ ଚକ୍ଷୁଦାନ ପାଇଁ ସହମତି ଦେଇଥିଲେ। ଏହା ଟେକ୍ନିସିଏନଙ୍କ ଦ୍ୱାରା ଚକ୍ଷୁ ସଂଗ୍ରହ ପ୍ରକ୍ରିୟା ଶେଷ ହୋଇଥିଲା। ଏହି ମହତ କାମରେ ମାରୱାଡ଼ି ମହିଳା ସମିତି, ବରଗଡ ଶାଖାର ଅଞ୍ଜୁ ମିତ୍ତଲ ସହଯୋଗ କରିଥିଲେ।



ଛୋଟ ଛୁଆମାନଙ୍କ ସାଧବ ପୁଅ, ସାଧବ ବୋହୁ ବେଶ।

# କୁବେର ସମାଜର ବୋଇତ ବନ୍ଦାଣ ଉତ୍ସବ

**ଛୋଟ ଛୁଆମାନଙ୍କ ସାଧବ ପୁଅ, ସାଧବ ବୋହୂ ବେଶ**

ପାଇକମାଳ,୫।୧୧(ବଡ଼ ଶତପଥୀ)

ପାଇକମାଳ ନୃସିଂହନାଥ କୁବେର ଭବନଠାରେ ବୋଇତ ବନ୍ଦାଣ ସହ ବାର୍ଷିକ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ପାଇକମାଳ ମାତୃମଞ୍ଚ ସଭାନେତ୍ରୀ ବଉଳ ସାହୁ ଓ ସମ୍ପାଦିକା ଲକ୍ଷ୍ମୀ ସାହୁ ଭାଗବତ ପଠନ କରାଯାଇଥିଲା। ବୁଧବାର ସକାଳୁ ପାଇକମାଳ, ପଦ୍ମପୁର ଗୁଡ଼ୁଲା କୁବେର ସାଇର ସମସ୍ତ ସଦସ୍ୟ ଓ ସଦସ୍ୟା ଯୋଗ ଦେଇ ପ୍ରଥମେ ନୃସିଂହନାଥ ଝରଣାରେ ବୋଇତକୁ ପୂଜା ଅର୍ଚ୍ଚନା କରି ଭସାଇଥିଲେ। ବୋଇତ ଶୋଭାଯାତ୍ରାରେ ଛେତଗାଁ ମହିଳା ସଂକୀର୍ତ୍ତନ ଦଳ ଯୋଗ ଦେଇଥିଲେ। ଏହାପରେ ନୃସିଂହନାଥ ସ୍ଥିତ କୁବେର ପାନ୍ଥଶାଳା ପରିସରରେ କୁବେର ସମାଜ ବରଗଡ଼ ଜୋନର ସଭାପତି ତାରାଚାନ୍ଦ ସାହୁଙ୍କ ସଭାପତିତ୍ୱରେ ସଭା ଅନୁଷ୍ଠିତ ହୋଇ ବିଭିନ୍ନ ପ୍ରତିଯୋଗିତା କରାଯାଇଥିଲା। ଏହି ଅବସରରେ ମ୍ୟୁଜିକ୍ ଚେୟାର, ମୁରଜରେ ଝୋଟି ପ୍ରତିଯୋଗିତା, କୁଇଜ୍, ଓଡ଼ିଆ ଦେଶାତ୍ମକ ବୋଧକ ସଙ୍ଗୀତ/ ଓଡିଆ ଭଜନ କରାଯାଇଥିଲା। ବିଚାରକ ଭାବେ ତାରାଚାନ୍ଦ ସାହୁ, ଟିକେଶ୍ୱର ସାହୁ, ନବକିଶୋର ସାହୁ, ପ୍ରଫୁଲ୍ଲ ସାହୁ, ମନୋଜ ସାହୁ ଦାୟିତ୍ୱ ତୁଲାଇଥିଲେ। ସୁଶାନ୍ତ ସାହୁ, ସୁରଥ ସାହୁ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଉତ୍ସବରେ ବୋଇତ ବନ୍ଦାଣ ପାଇଁ ଛୋଟ ଛୋଟ ପୁଅ ଝିଅମାନେ ସାଧବ ପୁଅ ସାଧବ ବହୁ ବେଶ ପୋଷାକ ଧାରଣ ଅଭିନୟ କରିଥିଲେ। ପ୍ରଫୁଲ ସାହୁ, ଅରୁଣ ସାହୁ, ନିଲେଶ ସାହୁ, ସ୍ମୃତିରଞ୍ଜନ ସାହୁ, ସୂର୍ଯ୍ୟ ରଞ୍ଜନ ସାହୁ ପାଇକମାଳର ସହିତ ସାହିର ସମସ୍ତ ସଦସ୍ୟ ଓ ସଦସ୍ୟାମାନେ ବିଭିନ୍ନ କାର୍ଯ୍ୟରେ ସହଯୋଗ କରିଥିବା ବେଳେ ସାଇର ଲିଙ୍ଗରାଜ ସାହୁ ଧନ୍ୟବାଦ ଦେଇଥିଲେ।

# ତମାଖୁ ବିକ୍ରି ନେଇ ଚଢାଉ, ଜରିମାନା ଆଦାୟ

ପଦ୍ମପୁର,୫।୧୧(ପ୍ରଦୀପ୍ତ ଦାଶ): ପଦ୍ମପୁର ସହରର ବିଭିନ୍ନ ପାନ ଦୋକାନ, ଚା ଦୋକାନରେ ଚାଲିଥିବା ତମାଖୁ ବିକ୍ରି ଉପରେ ବୁଧବାର ଚଢାଉ କରାଯାଇଛି। ୩୦ଟି ଦୋକାନରୁ ୪୯୫୦ଟଙ୍କା ଜରିମାନା ଆଦାୟ କରାଯାଇଥିଲା। ଏହି ଚଢାଉରେ ସ୍ୱାସ୍ଥ୍ୟ ବିଭାଗର ଖାଦ୍ୟ ନିରୀକ୍ଷକ ପରମେଶ୍ୱର ନାଏକ, ଡ୍ରଗ୍ସ ଇନ୍ସପେକ୍ଟର ଦୀପକ କୁମାର ସିଂ, ପ୍ରସନ୍ନ ଜିତ ମହାନ୍ତି, ଅବକାରୀ ଅଧିକାରୀ ଲକ୍ଷ୍ମୀ ଧର ମାଝୀ ସହିତ ପଦ୍ମପୁର ପୋଲିସ କର୍ମଚାରୀ ସାମିଲ ହୋଇଥିଲେ।

# ଅବକାରୀ ଚଢ଼ାଉ, ୩ ଗିରଫ

ଖଡ଼ିଆଳ,୫।୧୧(ସୁଜିତ କୁମାର ପ୍ରଧାନ): ନୂଆପଡା ଜିଲା ଖଡ଼ିଆଳ ଅବକାରୀ ବିଭାଗ ପକ୍ଷରୁ ଗଡ୍ରାମୁଣ୍ଡା ଗ୍ରାମର ଜନବସତି ସ୍ଥାନରେ ବୁଧବାର ଚଢ଼ାଉ କରାଯାଇ ୩ ଜଣଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତମାନେ ହେଲେ ତ୍ରିଲୋଚନ ସଲମା (୪୫), ବୁଲୁ ପଟେଲ (୩୬),ଭୈରବ ଭୋଇ (୩୨) । ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

# ସଂକୀର୍ତ୍ତନ ମହୋତ୍ସବ ଉଦ୍‌ଯାପିତ


ସଂକୀର୍ତ୍ତନ ମହୋତ୍ସବରେ ସଂକୀର୍ତ୍ତନ ପରିବେଷଣ।

ବରଗଡ଼,୫।୧୧(ପ୍ରେମାନନ୍ଦ ଖମାରୀ)

କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ବରଗଡ଼ ପୌର ପରିଷଦ ଅଧିନ ୱାର୍ଡ ନଂ ୧ ନିଗମାନନ୍ଦ ବିହାରରେ ସ୍ଥାନୀୟ ସଂକୀର୍ତ୍ତନ ପରିଷଦ ଆନୁକୁଲ୍ୟରେ ଚାଲିଥିବା ସଂକୀର୍ତ୍ତନ ମହୋତ୍ସବ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ପରିଷଦର ଅଧ୍ୟକ୍ଷ ବାଙ୍କା ବିହାରି ସାହୁଙ୍କ ଅଧ୍ୟକ୍ଷତା ଓ ପ୍ରକାଶ ଭୋଇଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ସଂକୀର୍ତ୍ତନ ଗାୟକ ବୁଲୁ ଶତପଥି, ବାବୁଲାଲ ରଥ, ପ୍ରକାଶ ପଶାୟତ ଏବଂ ମୃଦଙ୍ଗ ବାଦକଭାବେ ବିମଳ ବାଗ ଓ ଭାଗିରଥି ପ୍ରଧାନ, ସହ କଳାକାର ସନି ସାହୁ, ଗେଥଳ ବାରିକ ପ୍ରମୁଖ ଉପସ୍ଥିତ ରହି କାର୍ତ୍ତିକ ମାହାତ୍ମ୍ୟ, ରାଧାକୃଷ୍ଣ ଚରିତ୍ର, ମନ ଶିକ୍ଷା ଆଧାରିତ ସଂକୀର୍ତ୍ତନ ରାତ୍ରି ପର୍ଯ୍ୟନ୍ତ ପରିବେଷଣ କରିଥିଲେ। ପରିଷଦ ପକ୍ଷରୁ ସମସ୍ତ ସଂକୀର୍ତ୍ତନ କଳାକାରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ପଣ୍ଡିତ ଉତ୍ତମ ଆଚାର୍ଯ୍ୟଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ତିକେଶ୍ୱରଙ୍କ ପୂଜାରେ ପଡ଼ାବାସୀଙ୍କ ତରଫରୁ ଅଧାପକ ସୁରେଶ ବାରିକ ଓ ସ୍ତ୍ରୀ ମହିମା କର୍ତ୍ତା ଦାୟିତ୍ୱ ବହନ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଉନ୍ନୟନ କମିଟିର ସଭାପତି ସଦାଶିବ ସାହୁ, ଉପ ସଭାପତି ଅର୍ଜୁନ ସେଟଙ୍କ ସମେତ କୁଞ୍ଜ ବିହାରୀ ଭୋଇ, ବିଦ୍ୟାଧର କର, ନବୀନ ସାବତ, ପ୍ରମୋଦ ସାହୁ, ଦୀପକ ଆଚାର୍ଯ୍ୟ, କୃଷ୍ଣଚନ୍ଦ୍ର ସାହୁ, ପ୍ରଦୀପ ସାହୁ, ମୃତ୍ୟୁଞ୍ଜୟ ମିଶ୍ର, ନରେଶ ପ୍ରଧାନଙ୍କ ସମେତ ସମସ୍ତ ପଡ଼ାବାସୀ ସକ୍ରିୟ ସହଯୋଗ କରିଥିଲେ। ଏହି ଅବସରରେ ଉପସ୍ଥିତ ସମସ୍ତ ଭକ୍ତ ସାମୁହିକ ପ୍ରସାଦ ସେବନ କରିଥିଲେ। ସମ୍ପାଦକ ଟିକେଲାଲ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।


ବରଗଡ଼ ଜିଲା ଅତାବିରା ଆନନ୍ଦ କଲ୍ୟାଣ୍ଡ ମଣ୍ଡପ ପାଖରେ ବିଶ୍ୱ କଲ୍ୟାଣ ପାଇଁ କୋଶଳ ଆନ୍ଧ୍ର କଲଚରାଲ ଆସୋସିଏସନ ପକ୍ଷରୁ ଲକ୍ଷେ ୮ ହଜାର ଦୀପ ପ୍ରଜ୍ୱଳନ କରାଯାଇଛି। (ଫଟୋ: ଯୁଧିଷ୍ଠିର ମହାପାତ୍ର/ସୁରେଶ ଦାଶ)

# ମହାନଦୀ କୂଳେ ବୋଇତ ବନ୍ଦାଣ ଉତ୍ସବ


ମହାନଦୀ କୂଳରେ ଦେଶଭଟଲି ପଞ୍ଚାୟତ ସ୍ତରୀୟ ବୋଇତ ବନ୍ଦାଣ ଉତ୍ସବ ।

ଭେଡେନ,୫।୧୧(ହୃଷିକେଶ ଖମାରୀ)

ବରଗଡ଼ ଜିଲା ଭେଡେନ ବ୍ଲକ ଦେଶଭଟଲି ପଞ୍ଚାୟତ ସ୍ତରୀୟ ବୋଇତ ବନ୍ଦାଣ ଉତ୍ସବ ବୁଧବାର ପାଳିତ ହୋଇଯାଇଛି। ଗ୍ରାମର ଅନତି ଦୂରରେ ଥିବା ମହାନଦୀ ବାଲିପଠାରେ ସମସ୍ତେ ସମବେତ ହୋଇ ଭୋର୍ ୭ଟାରୁ ମହାନଦୀରେ ବୁଡ଼ ପକାଇଥିଲେ। ଦେଶ ଭଟଲି ସରପଞ୍ଚ ତୋଷବନ୍ତ ସାହୁ କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ। ସମ୍ବଲପୁର ଜୟ ଜଗନ୍ନାଥ ଦିବ୍ୟାଙ୍ଗ ଭଜନ, ପୋଡ଼ବାଡି କୃଷ୍ଣଗୁରୁ ଯୋଗଦେଇ ମହାନଦୀ ପଠାରେ ଭଜନ, କୃଷ୍ଣଗୁରୁ ପରିବେଷଣ କରିଥିଲେ। ଆଗକୁ ଏଠାରେ ବାଲିଯାତ୍ରା ଆୟୋଜନ କରିବା ପାଇଁ ପ୍ରସ୍ତାବ ନିଆଯାଇଥିଲା। ଦୂରଦୂରାନ୍ତରୁ ହଜାର ହଜାର ମହିଳା, ପୁରୁଷ ମହାନଦୀକୁ ବୁଡ଼ ପକାଇବାକୁ ଆସିଥିଲେ।

# ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ବୈଠକ

ପଦ୍ମପୁର,୫।୧୧(ପ୍ରଦୀପ୍ତ ଦାଶ)

ପଦ୍ମପୁରସ୍ଥିତ ସରସ୍ୱତୀ ଶିଶୁବିଦ୍ୟାମନ୍ଦିରଠାରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି)ର ନଗର ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବରେ ଏବିଭିପିର ଓଡ଼ିଶା ପଶ୍ଚିମ ପ୍ରାନ୍ତର ଉପସଭାପତି ଶିବ ପ୍ରସାଦ ସା, ସମ୍ମାନିତ ଅତିଥି ଭାବରେ ଜମଲା କଲେଜର ଅଧ୍ୟକ୍ଷ ସ୍ୱାଧୀନ ପ୍ରଧାନ, ମୁଖ୍ୟ ବକ୍ତା ଭାବରେ ସମ୍ବଲପୁର ବିଭାଗ ସଙ୍ଗଠନ ମନ୍ତ୍ରୀ ବିଜୟ କଲତା ମଞ୍ଚାସୀନ ହୋଇଥିଲେ। ସମ୍ପାଦକ ପ୍ରତ୍ୟୁଷ କୁମାର ଦାସ ସର୍ବପ୍ରଥମେ ବାର୍ଷିକ ବିବରଣୀ ପ୍ରଦାନ କରି ବିଗତ ସମୟରେ ହୋଇଥିବା କାର୍ଯ୍ୟକ୍ରମ ବିଷୟରେ ଆଲୋକପାତ କରିଥିଲେ। କିରଣ କୁମାର ବାଗ ମଞ୍ଚ ପରିଚାଳନା କରିଥିଲେ। ଆଦିତ୍ୟ ବନଛୋର ଅତିଥି ପରିଚୟ, ମୁକେଶ ଯାଦବ ଧନ୍ୟବାଦ ଅର୍ପଣ କରିଥିଲେ।


ଏବିଭିପିର ନଗର ସମ୍ମିଳନୀ।

# ଗନ୍ଧମାର୍ଦ୍ଦନ ନାଟକ ମହୋତ୍ସବ, ସମ୍ମାନିତ ହେବେ ନାଟ୍ୟକଳାକାର

ପଦ୍ମପୁର,୫।୧୧(ପ୍ରଦୀପ୍ତ ଦାଶ)

ବୋଡ଼ାସମ୍ବରରେ ୧୯୨୫ ମସିହାରେ ପ୍ରଥମ ନାଟକ ପ୍ରଦର୍ଶିତ ହୋଇଥିଲା। ଏହି ନାଟ୍ୟ ପରମ୍ପରା ଆଜି ୧୦୦ବର୍ଷରେ ପହଞ୍ଚିଛି। ଏହି ଅବସରରେ ପଦ୍ମପୁରର ଅଗ୍ରଣୀ ଅନୁଷ୍ଠାନ ଅବର୍ଣ୍ଣଗୁଁଡା ନାଟ୍ୟ ସଂସଦ ତରଫରୁ ପଦ୍ମପୁର ରାଜବୋଡ଼ାସମ୍ବର ହାଇସ୍କୁଲ ପରିସରରେ ଆସନ୍ତା ନଭେମ୍ବର ୯,୧୦ ଓ ୧୧ତାରିଖ ତିନି ଦିନ ଧରି ରାଜ୍ୟସ୍ତରୀୟ ନାଟ୍ୟ ମହୋତ୍ସବ ଆୟୋଜିତ ହେବ। ଏ ନେଇ ବୁଧବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଅନୁଷ୍ଠାନର ସଭାପତି ଚିନ୍ମୟ କୁମାର ପଣ୍ଡା ଓ ସଂପାଦକ ଅଶୋକ କୁମାର ବହିଦାର ସୂଚନା ଦେଇଛନ୍ତି। ପ୍ରଥମ କରି ହେଉଥିବା ଏହି ଗନ୍ଧମାର୍ଦ୍ଦନ ନାଟକ ମହୋତ୍ସବକୁ ରବିବାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଉଦ୍‌ଘାଟନ କରିବେ, ସେହିପରି ଦ୍ୱିତୀୟ ଦିବସରେ ବରଗଡ଼ ଜିଲାପାଳ ଆଦିତ୍ୟ ଗୋୟଲ ଓ ଆରକ୍ଷୀଧିକ୍ଷକ ପ୍ରହ୍ଲାଦ ସାହୟ ମୀନା ଓ ମଙ୍ଗଳବାର ଉଦ୍‌ଯାପନୀ ସଭାରେ ବରଗଡ଼ ଏମ୍‌ପି ପ୍ରଦୀପ ପୁରୋହିତ ଯୋଗ ଦେବେ। ସେହିପରି ଏଥର ଭୁବନେଶ୍ୱରର ବିଦ୍ୟାକନକ ଅନୁଷ୍ଠାନ, ଗ୍ୟାନର ପ୍ରତିବାଦ ଅନୁଷ୍ଠାନ, ଦେବଗଡ଼ର ଜାଗରଣ ଆର୍ଟ, ସୋହେଲାର ଡ୍ରାମା ଚେତନା, ଖଡିଆଳର ସାଂସ୍କୃତିକ ଅନୁଷ୍ଠାନ ଓ ପଦ୍ମପୁରର ଲୁ ଅନୁଷ୍ଠାନ ସେମାନଙ୍କ ନାଟକ ପରିବେଷଣ କରିବେ। ଏହି ଅବସରରେ ଅଞ୍ଚଳର ନାଟ୍ୟ କଳାକାରମାନଙ୍କୁ ସମ୍ମାନୀତ କରାଯିବ ବୋଲି ସୂଚନା ଦେଇଥିଲେ। ଏହି ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଉପସଭାପତି ବିଶ୍ରାମ ମେହେର, ସାଂସ୍କୃତିକ ସମ୍ପାଦକ ଟେନିସ ପଣ୍ଡା, ଉପଦେଷ୍ଟା ଡାକ୍ତର ପ୍ରଦୀପ ଦୋରା ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ଅନୁଷ୍ଠାନ ତରଫରୁ ସୂଚନା ଦେଉଛନ୍ତି।

# ଘାସିରାମଙ୍କ ପ୍ରଚାରରେ ବହୁ ହେଭିୱେଟ୍

ନୂଆପଡ଼ା,୫।୧୧ (ମକାରୁ ବେମାଲ)

କଂଗ୍ରେସ ପ୍ରାର୍ଥୀ ଘାସିରାମ ମାଝିଙ୍କ ପାଇଁ ଦଳର ହେଭିୱେଟ ନେତା ପ୍ରଚାର ମଇଦାନକୁ ଓହ୍ଲାଇଛନ୍ତି। ନୂଆପଡ଼ା ସଦର ବ୍ଲକ ଜୋନ ନଂ.୮ରେ ସଂଯୋଜକ ଯୁବନେତା ଅଭିଷେକ ଜଗତଙ୍କ ନେତୃତ୍ୱରେ ନେତାମାନେ ଗୋଡଫୁଲା, ସାଲିହା, ବୁଏରଭା ଜାମପାଣି ପଞ୍ଚାୟତ ବୁଲି ଦଳର ପ୍ରାର୍ଥୀ ଘାସିରାମଙ୍କ ପାଇଁ ଭୋଟ ଭିକ୍ଷା କରିଛନ୍ତି। ଏଥିରେ ପୂର୍ବତନ ପ୍ରଦେଶ କଂଗ୍ରେସ କମିଟି ସଭାପତି ନିରଞ୍ଜନ ପଟ୍ଟନାୟକ, ପୂର୍ବତନ ମନ୍ତ୍ରୀ ଜୟଦେବ ଜେନା, ପୂର୍ବତନ ପଦ୍ମପୁର ବିଧାୟକ ସତ୍ୟଭୂଷଣ ସାହୁ, ଖୋର୍ଦ୍ଧା ଜିଲା କଂଗ୍ରେସ ସଭାପତି ରାଜୀବ ପଟ୍ଟନାୟକ, ବରିଷ୍ଠ ନେତା ଅସୀତ ପଟ୍ଟନାୟକ ପ୍ରମୁଖ ସାମିଲ ହୋଇଥିଲେ। ସେହିପରି ଖରିଆର ରୋଡ୍‌ସ୍ଥିତ ଗୁରୁଦ୍ୱାରାଠାରେ ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତଚରଣ ଦାସ ଶିଖ୍ ଧର୍ମଲମ୍ବୀମାନଙ୍କୁ କଂଗ୍ରେସ ପ୍ରାର୍ଥୀ ଘାସିରାମ ମାଝିଙ୍କୁ ଭୋଟ ଦେଇ ବିଜୟୀ କରିବାକୁ ନିବେଦନ କରିଥିଲେ।




କଂଗ୍ରେସ ପାଇଁ ଭୋଟ ଭିକ୍ଷା କରୁଛନ୍ତି ଦଳୀୟ ନେତା।

ଏହି ସମୟରେ ବରିଷ୍ଠ କଂଗ୍ରେସ ନେତା ଅଙ୍କିତ ସିଂଘାଇ, ରମେଶ ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ। ଅନୁରୂପ ଭାବେ କୋମନା ବ୍ଲକ ଜୋନ ୧ର ସିଆଲଲଟି, ଦରଲିପଡ଼ା, ଅଗ୍ରେନ, ଝଗ୍ରାହୀ, ଢୋର୍ଲାମୁଣ୍ଡା ପଞ୍ଚାୟତରେ କଂଗ୍ରେସ ନିର୍ବାଚନୀ ପ୍ରଚାର କରିଛି। ଜୋନ ସଂଯୋଜକ ଭରତଲାଲ ରାଉତଙ୍କ ନେତୃତ୍ୱରେ ନେତାମାନେ ବିଭିନ୍ନ ଗାଁରେ ସଭା କରି କଂଗ୍ରେସ ପ୍ରାର୍ଥୀ ଘାସିରାମ ମାଝୀଙ୍କ ପାଇଁ ଭୋଟ ଭିକ୍ଷା କରିଛନ୍ତି। ଏଥିରେ ପ୍ରଦେଶ କଂଗ୍ରେସ ପ୍ରଭାରୀ ଅଜୟ ଲଲ୍ଲୁ, କୋରାପୁଟ ସାଂସଦ ସପ୍ତଗିରି ଉଲାକା, ମାଲକାନଗିରି ବିଧାୟକ ରାମଚନ୍ଦ୍ର କାଡାମ, ପୂର୍ବତନ ମନ୍ତ୍ରୀ ସୁର ରାଉତରାୟ, ଚିତ୍ରକୋଟ ବିଧାୟକ ମଙ୍ଗୁ ଖିଲେ, କୋରାପୁଟ ଜିଲ୍ଲା କଂଗ୍ରେସ ସଭାପତି ରୂପକ ତୁରୁ ପ୍ରମୁଖ ସାମିଲ ଥିଲେ।

# ବିଜେଡିର ଗଡ଼ ଭାଙ୍ଗିଯାଇଛି: ବସନ୍ତ ପଣ୍ଡା

ନୂଆପଡ଼ା,୫।୧୧ (ମକାରୁ ବେମାଲ)




ଖବରଦାତା ସମ୍ମିଳନରେ ସୂଚନା ଦିଆଯାଉଛି।

ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିର୍ବାଚନୀ ସଭାରେ ଯୋଗଦେବା ପାଇଁ ନୂଆପଡ଼ା ଆସିଥିଲେ। ନୂଆପଡା ମାଟିରେ ଛିଡା ହୋଇ ସେ ନୂଆପଡାବାସୀଙ୍କୁ ଯେଉଁଳି ଗାଳି ଦେଲେ ତାହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ଜିଲା କାର୍ଯ୍ୟାଳୟଠାରେ ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଯୋଗଦେଇ ଭାଜପାର ପୂର୍ବତନ ରାଜ୍ୟ ସଭାପତି, ବରିଷ୍ଠ ନେତା ବସନ୍ତ ପଣ୍ଡା କହିଛନ୍ତି। ସେ ଆହୁରି କହିଥିଲେ, ନବୀନ ବାବୁ ନିଜ ଦୀର୍ଘ ବର୍ଷର ଶାସନ କାଳରେ ଚାଷୀଙ୍କ ପେଟରେ ଲାତ ମାରିଲେ, ଗରିବଙ୍କ ନ୍ୟାଯ୍ୟ ହକ ଛଡାଇ ନେଲେ, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରୁ ଗରିବଙ୍କୁ ବଞ୍ଚିତ ରଖିଲେ। ହେଲେ ଆଜି ସେ ୧୫ ମାସର ଭାଜପା ସରକାର ଉପରେ ପ୍ରଶ୍ନ ଉଠାଉଛନ୍ତି। ଦୀର୍ଘ ୨୪ ବର୍ଷ ଧରି ନୂଆପଡାବାସୀଙ୍କୁ ପ୍ରତାରଣା କରିଥିବା ବିଜେଡି ସରକାର ପାଇଁ ନୂଆପଡା ଆଜି ପଛୁଆ ଜିଲା ହୋଇ ରହିଯାଇଛି। ଏଥର ନୂଆପଡାବାସୀ ନିଷ୍ପତ୍ତି ନେଇସାରିଛନ୍ତି ଯେ ସେମାନେ ବିଜେଡି ଓ ନବୀନ ବାବୁଙ୍କ ଦ୍ୱାରା ଆଉ ପ୍ରତାରଣାର ଶିକାର ହେବେ ନାହିଁ। ବିଜେଡିର ଗଡ ଭାଙ୍ଗିଯାଇଛି। ଗତ ସାଧାରଣ ନିର୍ବାଚନଠାରୁ ଆହୁରି ଅଧିକ ଖରାପ ସ୍ଥିତି ବିଜେଡି ଦେଖିବ ବୋଲି ପଣ୍ଡା କହିଛନ୍ତି। ଜୟ ଢୋଲକିଆଙ୍କ ବିଜୟ ସୁନିଶ୍ଚିତ ଏବଂ ତାଙ୍କ ବିଜୟ ରାଜ୍ୟ ବିଧାନସଭାରେ ଭାଜପାର ଶକ୍ତିକୁ ଆହୁରି ବୃଦ୍ଧି କରିବ ବୋଲି ପଣ୍ଡା ଦୃଢୋକ୍ତି ପ୍ରକାଶ କରିଛନ୍ତି। ଏହି ସମ୍ମିଳନୀରେ ରାଜ୍ୟ ପ୍ରବକ୍ତା ମାନସ ବକ୍ସି ଉପସ୍ଥିତ ଥିଲେ।

# ମତଦାନ ପାଇଁ ଭୋଟରଙ୍କୁ ଅନୁରୋଧ କଲେ ତୃତୀୟ ଲିଙ୍ଗୀ



ତୃତୀୟ ଲିଙ୍ଗୀମାନେ ଭୋଟ ଦେବା ପାଇଁ ଭୋଟରଙ୍କୁ ଅନୁରୋଧ କରୁଛନ୍ତି।

ନୂଆପଡ଼ା,୫।୧୧ (ମକାରୁ ବେମାଲ)

ନୂଆପଡ଼ା ବିଧାନସଭା ଉପନିର୍ବାଚନ ଆସନ୍ତା ୧୧ ତାରିଖରେ ଅନୁଷ୍ଠିତ ହେବ। ଏହି ଦିନ ମତଦାନ କରିବା ପାଇଁ ଜିଲାର ତୃତୀୟ ଲିଙ୍ଗୀମାନେ ବେଶ୍ ଉତ୍ସାହିତ ହୋଇପଡିଛନ୍ତି। ଏହି ନିର୍ବାଚନମଣ୍ଡଳୀରେ ଏଭଳି ୨୧ ଜଣ ଭୋଟର ନାମ ପଞ୍ଜୀକୃତ କରିଛନ୍ତି। ସେମାନେ ମତଦାନରେ ସାମିଲ ହେବା ସହ ନିର୍ବାଚନମଣ୍ଡଳୀର ସମସ୍ତ ଭୋଟର ମତଦାନ କରି ଗଣତନ୍ତ୍ରକୁ ସୁଦୃଢ଼ କରିବାକୁ ତୃତୀୟ ଲିଙ୍ଗୀ ଜୁଲି ମାଝୀ, ରୋଜି ଯାଦବ ଓ ରଙ୍ଗିଲା ଯାଦବ ପ୍ରମୁଖ ଅନୁରୋଧ କରୁଛନ୍ତି। ସୂଚନାଯୋଗ୍ୟ, ନୂଆପଡ଼ା ଉପନିର୍ବାଚନରେ ୧,୨୪,୫୪୪ ମହିଳା, ୧,୨୯,୯୩୨ ପୁରୁଷଙ୍କ ସହିତ ୨୧ ଜଣ ତୃତୀୟ ଲିଙ୍ଗୀ ନିଜର ମତ ସାବ୍ୟସ୍ତ କରିବେ।

# ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକଙ୍କ ଭୋଟ ଭିକ୍ଷା

ନୂଆପଡ଼ା,୫।୧୧ (ମକାରୁ ବେମାଲ)

ନୂଆପଡ଼ା ବିଧାନସଭା ଉପନିର୍ବାଚନ ପରିପ୍ରେକ୍ଷୀରେ ବୁଧବାର ପଏଁରଠାରେ ଭାଜପାର ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶା ସରକାରଙ୍କ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକଙ୍କ ସମେତ ସାଂସଦ ସଙ୍ଗୀତା କୁମାରୀ ସିଂଦେଓ, ପ୍ରଦୀପ ପୁରୋହିତ, ବିଧାୟକ ରଘୁରାମ ମାଛ, ଆକାଶ ଦାସ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ନେତାମାନେ ଭାଜପା ଶାସନ ସମୟରେ ଗ୍ରାମ୍ୟ ଉନ୍ନୟନ, ସ୍ୱାସ୍ଥ୍ୟ, ଶିକ୍ଷା ଓ କୃଷି କ୍ଷେତ୍ରରେ ହୋଇଥିବା ନୂତନ ଯୋଜନାଗୁଡ଼ିକ ବିଷୟରେ ଗ୍ରାମବାସୀଙ୍କୁ ଜଣାଇଥିଲେ। ନୂଆପଡ଼ାରେ ଦାଦନ ସମସ୍ୟା ଦୂର କରିବା ନେଇ ରାଜ୍ୟ ସରକାର ନେଉଥିବା ପଦକ୍ଷେପ ବିଷୟରେ ଅବଗତ କରାଇଥିଲେ। ଏହାସହ ଭାଜପା ପ୍ରାର୍ଥୀ ଜୟ ଢୋଲକିଆଙ୍କୁ ବିଜୟୀ କରେଇବା ପାଇଁ ନିବେଦନ କରିଥିଲେ।

# ପ୍ରରୋଚିତ ମନ୍ତବ୍ୟ କହି ସମାଲୋଚନା କଲା ବିଜେଡି




ଖବରଦାତା ସମ୍ମିଳନୀରେ ସୂଚନା ଦେଉଛନ୍ତି ଦଳୀୟ ନେତ୍ରୀ।

ନୂଆପଡ଼ା,୫।୧୧ (ମକାରୁ ବେମାଲ)

ନୂଆପଡ଼ା ଉପନିର୍ବାଚନର ଭାଜପା ପ୍ରାର୍ଥୀ ଜୟ ଢୋଲକିଆ ଓ ତାଙ୍କ ମା' ଯେପରି ଆକ୍ଷେପ କରୁଛନ୍ତି ତାହା ସାରା ରାଜ୍ୟକୁ ଚକିତ କରିଛି ବୋଲି ବିଜେଡିର ମହିଳା ନେତ୍ରୀମାନେ କହିଛନ୍ତି। ବୁଧବାର ଖୁଣ୍ଟିଆ ଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ପୂର୍ବତନ ମନ୍ତ୍ରୀ ଟୁକୁନି ସାହୁ, ବିଧାୟିକା ବର୍ଷା ସିଂ ବରିହା, ପୂର୍ବତନ ବିଧାୟିକା ଦୀପାଳି ଦାସ, ପୂର୍ବତନ ବିଧାୟିକା ଅଳକା ମହାନ୍ତି ଏହାକୁ ଭାଜପା ପ୍ରରୋଚିତ ମନ୍ତବ୍ୟ କହି ତୀବ୍ର ସମାଲୋଚନା କରିଥିଲେ।

ଟୁକୁନି ସାହୁ କହିଥିଲେ ଯେ, ପୂର୍ବତନ ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆଙ୍କୁ ବିଜେଡି ଓ ନବୀନ ବାବୁ ଅବହେଳା କରିଥିଲେ ବୋଲି ତାଙ୍କ ପରିବାର ସଦସ୍ୟ ଯେଉଁ ଅଭିଯୋଗ ଆଣିଛନ୍ତି ତାହାକୁ ଯେତେ ନିନ୍ଦା କଲେ ବି କମ ହେବ। ନବୀନ ବାବୁ କେବଳ ରାଜ୍ୟ ନୁହେଁ, ସାରା ଭାରତର ଜଣେ ସର୍ବମାନ୍ୟ ନେତା। ରାଜୁ ଭାଇ ୨୪ ବର୍ଷ ଧରି ବିଜେଡିର ଜଣେ ନିଷ୍ଠାପର ନେତା ଥିଲେ। ସେଥିପାଇଁ ତାଙ୍କୁ ମନ୍ତ୍ରିମଣ୍ଡଳରେ ସ୍ଥାନ ଦେବା ସହ ଅନେକ ଦାୟିତ୍ୱ ନ୍ୟସ୍ତ କରିଥିଲେ। ନୂଆପଡ଼ା ଉପନିର୍ବାଚନରେ ଜୟ ଢୋଲକିଆଙ୍କୁ ପ୍ରାର୍ଥୀ କରିବା ପାଇଁ ମଧ୍ୟ ନବୀନ ବାବୁ ପ୍ରସ୍ତାବ ଦେଇଥିଲେ। କିନ୍ତୁ ଜୟ ଦିଲ୍ଲୀ ଯାଇ ବିକ୍ରି ହୋଇଗଲେ ବୋଲି ସେ କହିଥିଲେ।

ବିଧାୟିକା ବର୍ଷା ସିଂ ବରିହା କହିଥିଲେ, ନବୀନ ବାବୁ ଆସିବା ପରେ ନୂଆପଡ଼ାରେ ବିଜେଡି ସପକ୍ଷରେ ମତ ଆହୁରି ମଜଭୁତ ହୋଇଛି। ଏଥିରେ ଭାଜପା ଭୟଭୀତ ହୋଇଯାଇଛି। ସେଥିପାଇଁ ନୈତିକତାର ସବୁ ସୀମା ଟପି ରାଜୁ ଭାଇଙ୍କ ପରିବାର ଲୋକଙ୍କ ମୁହଁରେ ମିଛ କୁହାଉଛନ୍ତି। ପୂର୍ବତନ ବିଧାୟିକା ଦିପାଳୀ ଦାସ କହିଥିଲେ, ଜୟ ଢୋଲକିଆ ଓ ତାଙ୍କ ପରିବାର ପ୍ରଥମେ ନିଜ ପିତାଙ୍କ ଘନିଷ୍ଠ ସହଯୋଗୀ ନବୀନ ବାବୁଙ୍କ ପ୍ରତି ବିଶ୍ୱାସ ଘାତକତା କଲେ। ଆଉ ଏବେ ମିଥ୍ୟା ଆରୋପ ଲଗାଉଛନ୍ତି। ଆରମ୍ଭରୁ ଚୁପ ଥିବା ଜୟ ଓ ତାଙ୍କ ମା' ଭାଜପା ଚାପରେ ମିଛ କହିବାର ସବୁ ସୀମା ଟପି ଯାଇଛନ୍ତି ବୋଲି କହିଥିଲେ। ପୂର୍ବତନ ବିଧାୟିକା ଅଳକା ମହାନ୍ତି କହିଥିଲେ, ନବୀନ ବାବୁ କାହା ପ୍ରତି ଅନ୍ୟାୟ ହେବାକୁ ଦିଅନ୍ତି ନାହିଁ କି ନିରାଶ କରନ୍ତି ନାହିଁ । ଏପରି ଜଣେ ବ୍ୟକ୍ତିଙ୍କ ବିରୋଧରେ ଏତେ ବଡ ଅଭିଯୋଗକୁ କେହି ବିଶ୍ୱାସ କରିବେ ନାହିଁ।

## ଜୟ ବିଜୟୀ ହେଲେ ସହରର ବିକାଶ ହେବ: କନକବର୍ଦ୍ଧନ

ନୂଆପଡ଼ା,୫।୧୧ (ମକାରୁ ବେମାଲ)

ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ବୁଧବାର ଖରିଆର ରୋଡ୍‌ର ୱାର୍ଡ ନଂ. ୧୫ରେ ଘରକୁ ଘର ବୁଲି ଦଳର ପ୍ରାର୍ଥୀ ଜୟ ଢୋଲକିଆଙ୍କୁ ପଦ୍ମଫୁଲ ଚିହ୍ନରେ ଭୋଟ ଦେବାକୁ ନିବେଦନ କରିଥିଲେ। ଏହାସହ ଭାଜପା ପ୍ରାର୍ଥୀ ବିଜୟୀ ହେଲେ ସହରର ବିକାଶ ହେବା ସୁନିଶ୍ଚିତ ବୋଲି କହିଛନ୍ତି। ଏହି ପ୍ରଚାରରେ ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀ,ଏନ୍‌ଏସି ଅଧକ୍ଷା ସୋନିଆ ଜେନ ପ୍ରମୁଖ ସାମିଲ ହୋଇ ଖରିଆର ରୋଡ୍‌କୁ ଏକ ବିକଶିତ ଏନ୍‌ଏସିରେ ପରିଣତ କରିାକୁ ଭାଜପା ସରକାର ସଂକଳ୍ପବଦ୍ଧ ବୋଲି କହିବା ସହ ଜୟଙ୍କୁ ପଦ୍ମଫୁଲ ଚିହ୍ନରେ ଭୋଟ ଦେଇ ଜୟଯୁକ୍ତ କରାଇବାକୁ ଭୋଟର ମାନଙ୍କୁ ନିବେଦନ କରିଥିଲେ।

## ଚା' ଖଟିରେ ମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କ ପ୍ରଚାର

ନୂଆପଡା,୫।୧୧ (ମକାରୁ ବେମାଲ)

ସ୍ୱାସ୍ଥ୍ୟମନ୍ତ୍ରୀ ଡା. ମୁକେଶ ମହାଲିଙ୍ଗ ଦଳୀୟ ପ୍ରାର୍ଥୀ ଜୟ ଢୋଲକିଆଙ୍କ ପାଇଁ ନିର୍ବାଚନ ପ୍ରଚାର କରିଛନ୍ତି। ନୂଆପଡ଼ା ତେଲିପଡାଠାରେ ଏକ ଚା' ଖଟିରେ ସେ ଭୋଟରମାନଙ୍କୁ ଭାଜପାକୁ ଭୋଟ ଦେବାକୁ ସଚେତନ କରାଇଛନ୍ତି। ମନ୍ତ୍ରୀ ଚା' ଖଟିରେ ପହଞ୍ଚିବା କ୍ଷଣି ସେଠାରେ ଲୋକଙ୍କ ଭିଡ ଜମିଥିଲା। ସେମାନଙ୍କ ସାଙ୍ଗରେ ମନ୍ତ୍ରୀ ଚା ପିଇବା ସହ ରାଜ୍ୟର ବିକାଶ ସମ୍ପର୍କରେ ଆଲୋଚନା କରିଥିଲେ। ନୂଆପଡ଼ା ନିର୍ବାଚନ ମଣ୍ଡଳୀର ବିକାଶ ପାଇଁ ପ୍ରାର୍ଥୀ ଜୟଙ୍କୁ ପଦ୍ମ ଚିହ୍ନରେ ଭୋଟ ଦେଇ ବିଜୟୀ କରାଇବାକୁ ନିବେଦନ କରିଥିଲେ।

# ଜୟ ଓ ତାଙ୍କ ମା'ଙ୍କ ମନ୍ତବ୍ୟ ଭିତ୍ତିହୀନ

ନୂଆପଡ଼ା,୫।୧୧(ମକାରୁ ବେମାଲ)

ଭାଜପା ପ୍ରାର୍ଥୀ ଜୟ ଢୋଲକିଆ ଓ ତାଙ୍କ ମା' ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ପ୍ରତି ଯେଉଁ ଅରୁଚିକର ମନ୍ତବ୍ୟ ଦେଇଛନ୍ତି ତାହା ଭିତ୍ତିହୀନ ବୋଲି କହିଛନ୍ତି ବିଜେଡିର ବରିଷ୍ଠ ନେତ୍ରୀ ଲେଖାଶ୍ରୀ ସାମନ୍ତସିଂହାର। ମଙ୍ଗଳବାର ସନ୍ଧ୍ୟାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ପ୍ରତିକ୍ରିୟା ରଖି ସେ କହିଛନ୍ତି ଯେ, ଜୟ ଢୋଲକିଆ ନିଜ ସ୍ୱାର୍ଥ ପାଇଁ କୌଣସି ଦଳକୁ ବି ଯାଇପାରିବେ। କିନ୍ତୁ ଯେଉଁ ଦଳ ସହିତ ତାଙ୍କ ବାପାଙ୍କ ପରିଚୟ ଥିଲା, ଯେଉଁ ନେତାଙ୍କ ସହ ସ୍ୱର୍ଗତ ରାଜୁ ଭାଇ ଦୀର୍ଘ ଦିନ ଧରି କାମ କରିଥିଲେ, ନିଜ ଆନୁଗତ୍ୟ ପ୍ରକାଶ କରି ଆସୁଥିଲେ, ସେହି ଦଳକୁ କୁତ୍ସାରଟନା କରିବା ହୀନମନ୍ୟତାର ପରିଚୟ। ଏହାକୁ ହୀନ ରାଜନୀତି କୁହାଯିବ ବୋଲି ଲେଖାଶ୍ରୀ କହିଛନ୍ତି।




ଖବରଦାତା ସମ୍ମିଳନୀରେ ସୂଚନା ଦେଉଛନ୍ତି ଲେଖାଶ୍ରୀ।

# ଚାଏ ପେ ଚର୍ଚ୍ଚା ମାଧମରେ ଭାଜପାର ପ୍ରଚାର



ଚା' ଖଟିରେ ମନ୍ତ୍ରୀ ସୁରେଶ ପୂଜାରୀ ଓ ଅନ୍ୟ ନେତୃବୃନ୍ଦ।

ନୂଆପଡ଼ା,୫।୧୧ (ମକାରୁ ବେମାଲ)

ଖରିଆର ରୋଡ୍ ଜୈନ ମନ୍ଦିର ଛକରେ ବୁଧବାର ଚାଏ ପେ ଚର୍ଚ୍ଚା କାର୍ଯ୍ୟକ୍ରମ ମାଧ୍ୟମରେ ଭାଜପା ନିର୍ବାଚନ ପ୍ରଚାର କରିଛି। ଏଥିରେ ଓଡ଼ିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ସ୍ଥାନୀୟ ଲୋକମାନଙ୍କ ସହ ସାମିଲ ହୋଇ ସହରର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଏହାସହ ଭାଜପା ପ୍ରାର୍ଥୀ ଜୟ ଢୋଲକିଆଙ୍କୁ ପଦ୍ମ ଚିହ୍ନରେ ଭୋଟ ଦେଇ ବିଜୟୀ କରିବା ଲାଗି ନିବେଦନ କରିଥିଲେ। ଏଥିରେ ଉପସ୍ଥିତ ଲୋକଙ୍କ ମଧ୍ୟରେ ବେଶ୍ ଉତ୍ସାହ ପରିଲକ୍ଷିତ ହୋଇଥିଲା। ବାଟ ମାରଣାକୁ ରୋକିବା ପାଇଁ ଡ଼ିବିଟି ମାଧ୍ୟମରେ ହିତାଧିକାରୀଙ୍କୁ ଦିଆଯାଉଥିବା ଆର୍ଥିକ ସହାୟତା ମୋଦି ସରକାରଙ୍କର ଏକ ବଡ ଉପଲବ୍ଧି ବୋଲି ମତ ପ୍ରକାଶ ପାଇଥିଲା। ଏହି କାର୍ଯ୍ୟକ୍ରମରେ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର, ସାଂସଦ ସୁକାନ୍ତ ପାଣିଗ୍ରାହୀ, ବିଧାୟକ ନବୀନ ଜେନ ଏବଂ ଏନ୍‌ଏସି ଅଧକ୍ଷା ସୋନିଆ ଜୈନଙ୍କ ସମେତ ବହୁ ନେତା ଓ ସ୍ଥାନୀୟ ଜନସାଧାରଣ ସାମିଲ ହୋଇଥିଲେ।

# ସୀମାନ୍ତ ଅଞ୍ଚଳରେ କଂଗ୍ରେସର ଭୋଟ ଭିକ୍ଷା



ସଭାରେ ଭୋଟ ଭିକ୍ଷା କରୁଛନ୍ତି କଂଗ୍ରେସ ପ୍ରାର୍ଥୀ।

ନୂଆପଡ଼ା,୫।୧୧(ମକାରୁ ବେମାଲ)

ନୂଆପଡ଼ା ବିଧାନସଭା ଉପନିର୍ବାଚନ ଯେତିକି ପାଖେଇ ଆସୁଛି ରାଜନୈତିକ ବାତାବରଣ ସେତିକି ସରଗରମ ହେବାରେ ଲାଗିଛି। ବିଭିନ୍ନ ଦଳର ନେତା ଦିନରାତି ଏକ କରି ପ୍ରଚାର କାର୍ଯ୍ୟକୁ ଜୋରଦାର କରୁଛନ୍ତି। ବୁଧବାର କଂଗ୍ରେସ ପ୍ରାର୍ଥୀ ଘାସିରାମ ମାଝି ମାଓବାଦୀ ପ୍ରବଣ କଟିଙ୍ଗପାଣି, ବଡଲୋଡ୍ରା, ଉପକାପାଣି, ଛୋଟଲୋଡ୍ରା, ଭରୁଆମୁଣ୍ଡା, ଜାମପାଣି ଓ ଛତିଶଗଡ ସୀମାନ୍ତ ବୂଠାଭାଟ ପଞ୍ଚାୟତର କୋଦୋପାଲି, ଗଙ୍ଗାଦିଗଡ, ବାଞ୍ଜିପାଣି, ଭଇଁଷାଦାଦର, ବୂଠାଭାଟ ଆଦି ଗ୍ରାମରେ ସଭା ସମିତି କରି ଭୋଟ ଭିକ୍ଷା କରିଛନ୍ତି । ପୂର୍ବ ଓ ବର୍ତ୍ତମାନ ସରକାରଙ୍କ ଅପାରଗତା ଉପରେ କହି ହାତ ଚିହ୍ନରେ ଭୋଟଦେଇ ବିଜୟୀ କଲେ ନୂଆପଡ଼ାର ବିକାଶ କରିବି ବୋଲି ମାଝି କହିଥିଲେ। ଏହି ପ୍ରଚାର ସମୟରେ ପ୍ରଦେଶ କଂଗ୍ରେସ ସମ୍ପାଦକ ତୁଲେଶ୍ୱର ନାଏକ, କଳାହାଣ୍ଡି ଯୁବ କଂଗ୍ରେସ ସଭାପତି ସାଉଲ ମଙ୍ଗରାଜ, ଯୁବନେତା ନିରାକାର ନାଏକ, ଦୀପ୍ତିରଞ୍ଜନ ମାଝି, ଆଖାଶ ଭାଇଙ୍କ ସମେତ ବହୁ କର୍ମୀ ଉପସ୍ଥିତ ଥିଲେ।

# ବିଜୟୀ ହେଲେ ବିକାଶର ନୂଆପଡ଼ା ଗଠନ କରିବୁ

ନୂଆପଡ଼ା,୫।୧୧(ମକାରୁ ବେମାଲ)

ନୂଆପଡ଼ା ଉପନିର୍ବାଚନ ପାଇଁ ବିଭିନ୍ନ ଦଳ ପକ୍ଷରୁ ପ୍ରଚାରକୁ ଜୋର୍‌ଦାର କରାଯାଇଛି। ଏଥିରେ ସ୍ୱାଧୀନ ପ୍ରାର୍ଥୀ ବି ପଛରେ ନାହାନ୍ତି। ସେମାନେ ବିଭିନ୍ନ ସ୍ଥାନରେ ସଭା ସମିତି ସହ ରୋଡ୍ ଶୋ ଓ ବାଇକ୍ ରାଲି କରି ପ୍ରଚାର ଚଳାଇଛନ୍ତି। ମଙ୍ଗଳବାର ଡିଫାଇନ କଳାହାଣ୍ଡି ସହାୟତାରେ ନିର୍ବାଚନୀ ମଇଦାନକୁ ଓହ୍ଲାଇଥିବା ସ୍ୱାଧୀନ ପ୍ରାର୍ଥୀ ନୀତା ବାଗ ଖରିଆର ରୋଡ୍‌ଠାରୁ ଏକ ବିଶାଳ ବାଇକ୍ ରାଲିରେ ବାହାରି ନୂଆପଡ଼ା ଏକତା ଛକ ପର୍ଯ୍ୟନ୍ତ ଆସିଥିଲା। ସେଠାରେ ଥିବା ସ୍ୱର୍ଗତ ଘାସିରାମ ମାଝିଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ପରେ ସଭା ଅନୁଷ୍ଠିତ ହୋଇଥିଲା। ଡିଫାଇନ କଳାହାଣ୍ଡି ସଂସ୍ଥାପକ ମଧୁ ମହାନ୍ତି ଅଧ୍ୟକ୍ଷତାକରି କହିଥିଲେ, ନୂଆପଡ଼ାରେ ବିକାଶ ବୋଲି କିଛି ନାହିଁ। ପୂର୍ବର ବିଜେଡି ସରକାର ଓ ବର୍ତ୍ତମାନର ଭାଜପା ସରକାର କେବଳ ବାହାବା ମାରି ଚାଲିଛନ୍ତି। ଜିଲା ମୁଖ୍ୟାଳୟରେ ୭ ମହଲା ବିଶିଷ୍ଟ ଡାକ୍ତରଖାନା କୋଠା ରହିଥିଲେ ବି ଡାକ୍ତର ନାହାନ୍ତି। ଫଳରେ ଦୂରଦୂରାନ୍ତରୁ ରୋଗୀ ଆସି ନିରାଶ ହୋଇ ଅନ୍ୟତ୍ର ଯାଉଛନ୍ତି। ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ନ ଥିବାବେଳେ ଉପାନ୍ତ ଅଞ୍ଚଳରେ ବିଶୁଦ୍ଧ ପାନୀୟ ଜଳ ମିଳୁନାହିଁ। ବିଜୁଳି ଓ ନେଟ୍‌ୱର୍କ କଥା ନ କହିବା ଭଲ ବୋଲି ସେ କହିଥିଲେ। ପ୍ରାର୍ଥିନୀ ବାଗ ବିଜୟୀ ହୋଇ ବିଧାନସଭାକୁ ଗଲେ ବିକାଶର ନୂଆପଡ଼ା ଗଠନ କରିବେ ବୋଲି କହି ଭୋଟ ଭିକ୍ଷା କରିଥିଲେ।



ସଭାରେ ଉପସ୍ଥିତ ସ୍ୱାଧୀନ ପ୍ରାର୍ଥୀ ନୀତା ବାଗ ଓ ଅନ୍ୟମାନେ।


୨୮ତମ ବେଦବ୍ୟାସ ସଙ୍ଗୀତ ନୃତ୍ୟୋତ୍ସବ ଉଦ୍ୟାପନୀ ସନ୍ଧ୍ୟାରେ କଳାକାରମାନେ ଶାସ୍ତ୍ରୀୟ ସଙ୍ଗୀତ ଗାନ କରୁଛନ୍ତି।

# ଶାସ୍ତ୍ରୀୟ ସଙ୍ଗୀତ, କୁଚିପୁଡ଼ି, ରଣପ୍ପା ଲୋକନୃତ୍ୟ କଲା ବିମୋହିତ

**୨୮ତମ ବେଦବ୍ୟାସ ସଙ୍ଗୀତ ନୃତ୍ୟୋତ୍ସବ ଉଦ୍ୟାପନୀ ସନ୍ଧ୍ୟା**

ରାଉରକେଲା,୫।୧୧(ବିପ୍ଳବ ରଞ୍ଜନ ଦାଶ)

ଭଞ୍ଜ ସାଂସ୍କୃତିକ ନ୍ୟାସର ସାଂସ୍କୃତିକ ଅଂଶ, ଭଞ୍ଜ କଳା କେନ୍ଦ୍ର ଆନୁକୂଲ୍ୟରେ ଆୟୋଜିତ ଜାତୀୟ ସ୍ତରୀୟ ଶାସ୍ତ୍ରୀୟ ସଙ୍ଗୀତ, ଶାସ୍ତ୍ରୀୟ ନୃତ୍ୟ ଓ ଲୋକନୃତ୍ୟ ଉତ୍ସବର ମାନ୍ୟତା ହାସଲ କରିଥିବା ବେଦବ୍ୟାସ ସଙ୍ଗୀତ ନୃତ୍ୟୋତ୍ସବ–୨୦୨୫ ବୁଧବାର ଉଦ୍ୟାପିତ ହୋଇଯାଇଛି। ଉଦ୍ୟାପନୀ ସନ୍ଧ୍ୟାରେ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ ମୁଖ୍ୟ ଅତିଥି, ବିପିୟୁଟିର କୁଳପତି ପ୍ରଫେସର ଡ. ଅମିୟ କୁମାର ରଥ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଦୀପିକା ମହିଳା ସଂଘତିର ଅଧ୍ୟକ୍ଷା ନମ୍ରତା ବର୍ମା, ଉପାଧ୍ୟକ୍ଷା ପ୍ରଭାତୀ ମିଶ୍ର, ଡକ୍ଟର ପ୍ରତିଜ୍ଞା ପଲାଇ, ନବନୀତା ପାଲଚୌଧୁରୀ, ଆର୍‌ଏସ୍‌ପିର ବହୁ ବରିଷ୍ଠ ଅଧିକାରୀ, ଭଞ୍ଜ ସାଂସ୍କୃତିକ ନ୍ୟାସର ଟ୍ରଷ୍ଟିମାନେ ମଧ୍ୟ ଉପସ୍ଥିତ ଥିଲେ। ଅତିଥିମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ ଓ ପ୍ରଭୁ ଜଗନ୍ନାଥଙ୍କ ନିକଟରେ ଭକ୍ତି ନୈବେଦ୍ୟ ଅର୍ପଣ ସହ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ନିଜର ବକ୍ତବ୍ୟରେ ଓରାମ ବେଦବ୍ୟାସ ସଙ୍ଗୀତ ନୃତ୍ୟୋତ୍ସବର ଆୟୋଜନ ଉପଲକ୍ଷେ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇ କହିଥିଲେ,ବେଦବ୍ୟାସ ସଙ୍ଗୀତ ନୃତ୍ୟୋତ୍ସବ ଇସ୍ପାତ ସହରର ସାମାଜିକ ଜୀବନକୁ କଳା ଓ ସଂସ୍କୃତି ମାଧ୍ୟମରେ ପ୍ରଭାବିତ କରିଛି। ସହରର ସାଂସ୍କୃତିକ ମାନଚିତ୍ରରେ ଏହା ଏକ ପ୍ରମୁଖ ଆକର୍ଷଣ। ଭାରତୀୟ ସାଂସ୍କୃତିକ ଐତିହ୍ୟକୁ ଅଧିକ ସମୃଦ୍ଧ କରିବା ନିମନ୍ତେ ନିରନ୍ତର ପ୍ରୟାସ ଜାରି ରହିଛି ଏବଂ ଭବିଷ୍ୟତରେ ମଧ୍ୟ ଏହି ଉଦ୍ୟମ ଅଧିକ ବଳିଷ୍ଠ ହେବ ବୋଲି ସେ ହୋହରାଇଥିଲେ। ଏଥିପୂର୍ବରୁ ଶଙ୍ଖଧ୍ୱନି ମଧ୍ୟରେ ଅତିଥିମାନଙ୍କୁ ଫୁଲଚନ୍ଦନ ପ୍ରଦାନ କରି ସ୍ୱାଗତ କରାଯାଇଥିଲା। ପ୍ରାରମ୍ଭରେ ଗୁରୁ ବୀଣାପାଣି ରଥଙ୍କ ନିର୍ଦ୍ଦେଶନାରେ ଭଞ୍ଜ କଳା କେନ୍ଦ୍ରର ବିଦ୍ୟାର୍ଥୀଙ୍କ ଦ୍ୱାରା ହିନ୍ଦୁସ୍ଥାନୀ ବୃନ୍ଦ ଗାୟନ ସମସ୍ତଙ୍କ ମନକୁ ଛୁଇଁଥିଲା। ଶାସ୍ତ୍ରୀୟ ସଙ୍ଗୀତ ପରିବେଷଣ ବେଶ୍ ମନମୁଗ୍ଧକର ଥିଲା। ଏହି ଅବସରରେ ମୁଖ୍ୟ ଅତିଥି ଏକ ସ୍ମରଣିକା ଉନ୍ମୋଚନ କରିଥିଲେ। ଚେନ୍ନାଇର ବିଶିଷ୍ଟ କୁଚିପୁଡି ନୃତ୍ୟଗୁରୁ ଶ୍ରୀମୟୀ ଭେମ୍ପଟି ଏବଂ ତାଙ୍କର କୁଚିପୁଡି ପ୍ରଶିକ୍ଷଣ ଅନୁଷ୍ଠାନର କଳାକାରମାନେ ଏହି ସନ୍ଧ୍ୟାରେ ଚିତ୍ତାକର୍ଷକ କୁଚିପୁଡି ନୃତ୍ୟ ପରିବେଷଣ କରିଥିଲେ। ପରେ ଗଞ୍ଜାମର ରୋମାଞ୍ଚକର ରଣପ୍ପା ଲୋକନୃତ୍ୟରେ ମଞ୍ଚ ପ୍ରକମ୍ପିତ ହୋଇଥିଲା। କଳାହାଣ୍ଡିର ଲୋକପ୍ରିୟ ସିଙ୍ଗାରି ଲୋକନୃତ୍ୟ ଏହାପରେ ପରିବେଷିତ ହୋଇଥିଲା, ଯାହା ଦର୍ଶକଙ୍କ ମନକୁ ବେଶ ଛୁଇଁଥିଲା। ଅନୁଷ୍ଠାନର ସାଧାରଣ ସମ୍ପାଦକ, ରାଧାକୃଷ୍ଣ ମହାପାତ୍ର ସଭାକାର୍ଯ୍ୟ ପରିଚାଳନା କରିଥିଲେ। ଆର୍‌ଏମ୍‌ଏଚପି ବିଭାଗର ସିଜିଏମ୍ ତଥା ଭଞ୍ଜ କଳା କେନ୍ଦ୍ରର ସଭାପତି ଶୁଭଶଙ୍କର ରାୟଚୌଧୁରୀ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଆର୍‌ଏସ୍‌ପି ଲୋକସମ୍ପର୍କ ବିଭାଗର ଉପପ୍ରବନ୍ଧକ ଶଶାଙ୍କ ଶେଖର ପଟ୍ଟନାୟକ ଏବଂ ସୁଶ୍ରୀ କୋଏନା ଦସ୍ତିଦାର ସାଂସ୍କୃତିକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।



ଅତିଥିମାନଙ୍କ ଦ୍ୱାରା କାର୍ଯ୍ୟକ୍ରମ ଆରମ୍ଭ କରାଯାଉଛି।

# 'ନୌବାଣିଜ୍ୟରୁ ମହତାବ' ପୁସ୍ତକ ଲୋକାର୍ପିତ

ରାଉରକେଲା,୫।୧୧(ସଙ୍ଗୀତା ଜେନା)

କଲଚ୍‌ରାଲ ଏକାଡ଼େମୀ ପରିସରରେ ଜାତୀୟ ଅଭିଲେଖାଗାରର ପୂର୍ବତନ ଉପ–ନିର୍ଦ୍ଦେଶକ ଡ. ଲଲାଟେନ୍ଦୁ ଦାସ ମହାପାତ୍ରଙ୍କର ଗବେଷଣା ଭିତ୍ତିକ ଇତିହାସ ସମ୍ପର୍କିତ ପ୍ରବନ୍ଧ ସଂକଳନ 'ନୌବାଣିଜ୍ୟରୁ ମହତାବ' ଲୋକାର୍ପିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ବିଶିଷ୍ଟ ହେତୁବାଦୀ, ମାର୍କ୍ସୀୟ ପ୍ରବକ୍ତା ତଥା ପ୍ରାବନ୍ଧିକ ଗଗନବିହାରୀ ଧଳ ଇତିହାସ ଲିଖନରେ ଲେଖକଙ୍କର ବୈଜ୍ଞାନିକ ଦୃଷ୍ଟିଭଙ୍ଗୀର ପ୍ରଶଂସା କରିଥିଲେ। ଓଡ଼ିଆ ଅସ୍ମିତାକୁ ବୁଝିବା ନିମନ୍ତେ ଏହା ଏକ ଉପାଦେୟ ପୁସ୍ତକ ଏବଂ ସରଳ ସାବଲିଳ ଲିଖନଶୈଳୀ ସାଧାରଣ ପାଠକଙ୍କୁ ଆକର୍ଷିତ କରିବ ବୋଲି ମତବ୍ୟକ୍ତ କରିଥିଲେ। ପୁସ୍ତକର ସମୀକ୍ଷକ ଭାବରେ ଯୋଗଦେଇ ବିଶିଷ୍ଟ ଐତିହାସିକ ତଥା ପ୍ରାବନ୍ଧିକ ଡ. ପ୍ରଭାତ ମଲ୍ଲିକ କହିଲେ 'ନୌବାଣିଜ୍ୟରୁ ମହତାବ' ପୁସ୍ତକ ରଚ୍‌ନାରେ ଲେଖକ ଲଲାଟେନ୍ଦୁ ଦାସମହାପାତ୍ରଙ୍କର ପ୍ରାମାଣିକ ତଥ୍ୟ ଉପସ୍ଥାପନା ଓ ତା'ର ବିଶ୍ଳେଷଣର ବୈଚାରିକ ଦୃଷ୍ଟି ଓଡ଼ିଆ ଜାତିକୁ ଏକ ମୂଲ୍ୟବାନ୍ ଦସ୍ତାବିଜ୍ ଦେବାରେ ସହାୟକ ହୋଇଛି। ପୁସ୍ତକଟି ଇତିହାସ ସମ୍ପର୍କିତ ହୋଇଥିଲେ ମଧ୍ୟ ଓଡ଼ିଆ ଜାତିର ପ୍ରାଚୀନ ସଂସ୍କୃତି, ଅର୍ଥନୀତି ଓ ଭାଷା ଆଦି କ୍ଷେତ୍ରରେ କିପରି ଶ୍ରୀଲଙ୍କା ଭଳି ଦେଶ ସହିତ ନିବିଡ଼ ଭାବରେ ସମ୍ପର୍କିତ ତାହାର ଆଲୋଚ୍‌ନା ଅତ୍ୟନ୍ତ ଉଲ୍ଲେଖଯୋଗ୍ୟ। ଲେଖକୀୟ ଅଭିବ୍ୟକ୍ତି ପ୍ରଦାନ କରିବା ଅବସରରେ ଡ. ଦାସମହାପାତ୍ର କହିଲେ, ଇତିହାସ ଲିଖନ ଏକ ଅବିରତ ଧାରା। ନୂତନ ଐତିହାସିକ ତଥ୍ୟ ପୁରାତନ ଲିଖନର ଶୂନ୍ୟସ୍ଥାନ ପୂରଣ କରୁଛି ଏବଂ କରୁଥିବ ବୋଲି ମତବ୍ୟକ୍ତ କରିଥିଲେ। କଲଚ୍‌ରାଲ ଏକାଡ଼େମୀର ସଭାପତି ପଶୁପତିନାଥ ଚାଟାର୍ଜୀ ଏହି ସଭାରେ ସଭାପତିତ୍ୱ କରିବା ସହିତ ଅତିଥି ପରିଚ୍‌ୟ ଏବଂ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ମଞ୍ଚ ପରିଚାଳନା ସାଧାରଣ ସମ୍ପାଦକ କାଶୀନାଥ ପାତ୍ର ଏବଂ ସମ୍ପାଦକ ଡ. ନଗେନ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଅନୁଷ୍ଠାନର ଅକ୍ଷୟ କୁମାର ସାମଲ, ଡ. କୃପାସିନ୍ଧୁ ନାୟକ, ଭୂପେନ ମହାପାତ୍ର, ପ୍ରତାପ ପଣ୍ଡା, ଡ. ଗୀତାଞ୍ଜଳି ପତ୍ରୀ, ରଶ୍ମିବାଳା ରାଉତରାୟ, ବଳରାମ ରାଉଳ, ବବିତା ମହାପାତ୍ର, ବିଚିତ୍ରାନନ୍ଦ ସାହୁ, ଗୋକୁଳାନନ୍ଦ ଦାଶ, ଅକ୍ଷୟ କୁମାର ପଣ୍ଡା, କିଶୋର ଚନ୍ଦ୍ର ବେହେରା, ସୁଜିତ ନାୟକ, ରାଧାମୋହନ ନାୟକ, ଅରବିନ୍ଦ ପାତ୍ର, ଆର୍ତ୍ତତ୍ରାଣ ମହାପାତ୍ର, ପ୍ରଶାନ୍ତ ଦାସ, ଜଗନ୍ନାଥ ରାଉତ ପ୍ରମୁଖ ସହରର ବହୁ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

# ଚଳଚଞ୍ଚଳ ହେଲା ରାଉରକେଲାର ବୈକୁଣ୍ଠ ଘାଟ


ସୁସଜ୍ଜିତ ବୋଇତ ସମ୍ମୁଖରେ ସାଧବ ବେଶରେ ଆରଏସ୍‌ପି ଅଧିକାରୀ ଓ କୋଏଲ ନଗର ବୋଇତ ବନ୍ଦାଣ ସମିତି କର୍ମକର୍ତ୍ତା।

ରାଉରକେଲା,୫।୧୧(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ଉତ୍କଳ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ବୁଧବାର ସକାଳେ ବୋଇତ ବନ୍ଦାଣ ହୋଇଥିଲା। ୫ଟାରେ କୋଏଲ ନଗର ବୈକୁଣ୍ଠ ଘାଟରେ ଅନୁଷ୍ଠାନ କର୍ମକର୍ତ୍ତା ତଥା ସ୍ଥାନୀୟ ଅଞ୍ଚଳର ଶ୍ରଦ୍ଧାଳୁ ମହିଳା/ପୁରୁଷ ଏକ ସୁସଜ୍ଜିତ ବୋଇତ ଧରି ଶୋଭାଯାତ୍ରା କରିଥିଲେ। ସୁସଜ୍ଜିତ ବୋଇତରେ ପାନ, ଗୁଆ, ଫୁଲ, ଅରୁଆ ଚାଉଳ ଏବଂ ଦୀପ ରଖି ବୋଇତକୁ ପୂଜାର୍ଚ୍ଚନା କରିଥିଲେ। ଉତ୍କଳର ପ୍ରାଚୀନ ଐତିହ୍ୟ ସଂସ୍କୃତିଭରା ସାଧବ ପୁଅଙ୍କ ନୌବାଣିଜ୍ୟ ସ୍ମୃତିକୁ ଉଜାଗର କରି ଆ.କା.ମା.ବୈ କହି ସୁସଜ୍ଜିତ ବୋଇତକୁ ଭସାଇ ଥିଲେ। ଅନୁଷ୍ଠାନ ପକ୍ଷରୁ ଆୟୋଜିତ ବୋଇତ ଭଷାଣୀ ଶୋଭାଯାତ୍ରାରେ ମୁଖ୍ୟ ଆକର୍ଷଣ ସାଜିଥିଲା ୩୦୧ଜଣ ଓଡିଆ ସାଧବ ବୋହୁଙ୍କର ଯୋଗଦାନ। ଶୋଭାଯାତ୍ରା ଅନୁଷ୍ଠାନ ଅଧ୍ୟକ୍ଷ ସୁନୀଲ କୟାଲ, ସଭାପତି ରଶ୍ମିତ ସାହାଣୀ ଓ

**ଆ-କା-ମା-ବୈ କହି ବୋଇତ ଭସାଇଲେ ଶ୍ରଦ୍ଧାଳୁ**

ସାଧାରଣ ସମ୍ପାଦକ ଶଙ୍କର ଜେନାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିଲା। ଅନୁଷ୍ଠାନର ସମସ୍ତ ମହିଳା ସଭ୍ୟାସଭ୍ୟ ଓ ସ୍ଥାନୀୟ ଅଞ୍ଚଳର ଲୋକେ ସାମିଲ ହୋଇଥିଲେ। ଏଭଳି ଭାବେ କୋଏଲ ନଗର ବୋଇତ ବନ୍ଦାଣ ସମିତି ପକ୍ଷରୁ ଏକ ସୁସଜ୍ଜିତ ଆକର୍ଷଣୀୟ ବୋଇତ ଭଷାଣୀ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଆରଏସ୍‌ପି ଇଡି ବିଭାଗର ଏମ.ଏମ ଅନୀଲ କୁମାର ଓ ଆଇଜିଏଚର ଡ. ଜୟନ୍ତ କୁମାର ଆଚାର୍ଯ୍ୟ ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦାନ କରିଥିଲେ। ଏ ନେଇ ଅତିଥି ଓ ଅଂଶଗ୍ରହଣକାରୀ ସାଧବାଣୀ,ସାଧବ ବେଶରେ ବୋଇତ ଭଷାଣୀ କରିଥିଲେ। ବୁଧବାର ବୈକୁଣ୍ଠ ଘାଟରେ ୧୫ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ବୋଇତ ଭଷାଣୀ କରିଥିଲେ।

# ଗୁରୁ ନାନକଙ୍କ ଜନ୍ମୋତ୍ସବ ସମାରୋହ

ରାଉରକେଲା ୫।୧୧(ବିପ୍ଳବ ରଞ୍ଜନ ଦାଶ)

ସହରର ରେଳଷ୍ଟେଶନ ନିକଟବର୍ତ୍ତୀ ଗୁରୁଦ୍ୱାରରେ ଗୁରୁ ନାନକଙ୍କ ୫୫୬ତମ ଜନ୍ମୋତ୍ସବ (ପ୍ରକାଶ ଉତ୍ସବ) ମହାସମାରୋହରେ ବୁଧବାର ସମ୍ପନ୍ନ ହୋଇଯାଇଛି। ରାଉରକେଲା ଗୁରୁଦ୍ୱାରରେ ଅକ୍ଟୋବର ୨୬ରୁ ଆରମ୍ଭ ହୋଇଥିବା ଗୁରୁ ନାନକଙ୍କ ଜନ୍ମଦିନ ପାଳନ ଅବସରରେ ପ୍ରତ୍ୟେକ ଦିନ ଅପରାହ୍ନ ୩ଟା ୩୦ରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଗୁରୁଙ୍କ ଶବଦ୍ କୀର୍ତ୍ତନ ଅନୁଷ୍ଠିତ ହେଉଥିଲା। ବୁଧବାର ଶେଷ ଦିନରେ ପେଣ୍ଡାଲରେ ଭୋର୍ ୪ଟାରୁ ଆରମ୍ଭ ହୋଇଥିବା ଗୁରୁ ନାନକଙ୍କ ଶବଦ କୀର୍ତ୍ତନ ପାଇଁ ଅମୃତସର ଗୁରୁଦ୍ୱାର ପ୍ରବନ୍ଧକ କମିଟି ପକ୍ଷରୁ ମନଜିତ ସିଂହଙ୍କ ସମେତ ଚଣ୍ଡିଗଡରୁ ପ୍ରକାଶ ସିଂହଙ୍କ କୀର୍ତ୍ତନ ଝଲସା ଗାନରେ ସମାରୋହ ପ୍ରକମ୍ପିତ ହୋଇଥିଲା। ରାଉରକେଲାର ଛେଣ୍ଡ ଓ ବିଭିନ୍ନ ସେକ୍ଟର ସମେତ ରାଜଗାଙ୍ଗପୁର, କାଂଶବାହାଲ, ବୀରମିତ୍ରପୁର ଅଞ୍ଚଳରୁ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ ଯୋଗଦେଇ ଗୁରୁଙ୍କ ଆଶୀର୍ବାଦ ପ୍ରାପ୍ତ କରିବା ସହ ଲଙ୍ଗରରେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ରାଉରକେଲା ଗୁରୁଦ୍ୱାର ଗୁରୁ ସିଂହ ସଭା କମିଟିର ସଭାପତି ନିର୍ମଳ ସିଂହ, ସାଧାରଣ ସମ୍ପାଦକ ବଳଦେବ ସିଂହ, ଉପସଭାପତି ମଜୁନ୍ଦର ସିଂହ ଭଟ୍ଟି, ଯଶବିନ୍ଦର ସିଂହ, ବଳଦେବ ସିଂହ, ସୁଖବିନ୍ଦର ସିଂହ, ଜଗଦେବ ସିଂହ, ଜଗବିର ସିଂହ, ମନଜିତ ସିଂହ, ତେଜବିନ୍ଦର ସିଂହ ପ୍ରମୁଖ ଉପସ୍ଥିତ ରହି ସମାରୋହର କୀର୍ତ୍ତନ ଓ ଲଙ୍ଗରକୁ ପରିଚାଳନା କରିଥିଲେ।


ଗୁରୁ ନାନକଙ୍କ ଜନ୍ମୋତ୍ସବ ସମାରୋହରେ ଯୋଗ ଦେଇଥିବା ଶ୍ରଦ୍ଧାଳୁ।

# ସିଭିଲଟାଉନଶିପ୍ ସାଂସ୍କୃତିକ ପରିଷଦ ପକ୍ଷରୁ ବୋଇତ ବନ୍ଦାଣ

ରାଉରକେଲା, ୫।୧୧(ସଙ୍ଗୀତା ଜେନା)

ଓଡ଼ିଶାର ପର୍ବପର୍ବାଣୀ ଓ ଭାଷା, ପରମ୍ପରାକୁ ଉଜ୍ଜୀବିତ କରିବା ଦିଗରେ ସାମାଜିକ ଅନୁଷ୍ଠାନ ଗୁଡ଼ିକ ପାରମ୍ପରିକ କାର୍ଯ୍ୟକ୍ରମ ରାଉରକେଲାରେ ଜାରି ରଖିଛନ୍ତି। ଏହି କ୍ରମରେ ସିଭିଲ ଟାଉନଶିପ୍ ସାଂସ୍କୃତିକ ପରିଷଦର ୪ର୍ଥ ବୋଇତବନ୍ଦାଣ ଉତ୍ସବ ବୁଧବାର କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ଉଦ୍‌ଯାପିତ ହୋଇଯାଇଛି। ଭୋର ୫ ଟାରେ ସିଭିଲଟାଉନଶିପ୍ ଓ ସ୍ଥାନୀୟ ଏକ ବର୍ଣ୍ଣର ପରିଧାନରେ ୧୫୧ ଜଣ ମହିଳା ଓ ୭ଜଣ ସାଧବ ପୁଅଙ୍କ ଦ୍ୱାରା ଏକ ବିଶାଳ ଶୋଭାଯାତ୍ରାରେ ସିଭିଲଟାଉନସିପ୍‌ରୁ ସୁସଜ୍ଜିତ ଡଙ୍ଗାକୁ ସଂକୀର୍ତ୍ତନରେ ନିଆଯାଇ ପାନପୋଷ ଘାଟରେ ଭସାଇ ଦିଆଯାଇଥିଲା। ସେହିପରି ମଙ୍ଗଳବାର ସନ୍ଧ୍ୟା ୬ଟାରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସଭାପତି ସୁଜିତ ମହାନ୍ତିଙ୍କ ସଭାପତିତ୍ୱରେ ସମ୍ମିଳନୀରେ ଅଧ୍ୟକ୍ଷ ପ୍ରମୋଦ ନାୟକ, ମୁଖ୍ୟ ଉପଦେଷ୍ଟା ପ୍ରମୋଦ ପ୍ରଧାନ, କାର୍ଯ୍ୟକାରୀ ସଭାପତି ସୁଧାଂଶୁ ସାମଲ, ଉପସଭାପତି ଶଶାଙ୍କ ଶେଖର ପ୍ରଧାନ, ସାଧାରଣ ସମ୍ପାଦକ ପ୍ରତୀକ ଭୂୟାଁ, କୋଷାଧ୍ୟକ୍ଷ ପ୍ରକାଶ ଧଳ ପ୍ରମୁଖ ମଞ୍ଚାସୀନ ଥିଲେ। ଭାଷା, ସାହିତ୍ୟ, ସଂସ୍କୃତି ପରମ୍ପରାକୁ ବଜାୟ ରଖିବାକୁ ପାରମ୍ପରିକ ସାଂସ୍କୃତିକ କାର୍ଯ୍ୟକ୍ରମ ଭେଟି ଦିଆଯାଇଥିଲା। ସିଭିଲଟାଉନଶିପ୍ ସ୍ଥିତ ମଡ଼ର୍ନ ପଡ଼ିଆରେ ଏହା ଅନୁଷ୍ଠିତ ହୋଇଥିବାବେଳେ ଏଥିରେ ମୁଖ୍ୟ ଆକର୍ଷଣ ଭାବେ ଓଲିଉଡ଼ କଣ୍ଠଶିଳ୍ପୀ ଅସୀମା ପଣ୍ଡା ଓ ତାଙ୍କ ବ୍ୟାଣ୍ଡ ପାର୍ଟି, ଗାୟକ ଶଶାଙ୍କ ଶେଖର ତଥା ହାସ୍ୟ କଳାକାର ୟୁଟ୍ୟୁବର ଅନୁଗୋଳିଆ ବଣ୍ଟି ଓ ଟିମ୍ ପ୍ରମୁଖ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟି ଥିଲେ। କିଛି ସ୍ଥାନୀୟ ତଥା ଆଞ୍ଚଳିକ କଳାକାରଙ୍କୁ ବିଶେଷ ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା। ଅନୁରୂପ ଭାବେ କୁନି କଳାକାରମାନେ ଓଡ଼ିଶୀ ନୃତ୍ୟ ସାଙ୍ଗକୁ ଜାତୀୟ ସଙ୍ଗୀତ ସାମୂହିକ ଭାବେ ପରିବେଷଣ ଅନ୍ୟତମ ଆକର୍ଷଣ ସାଜିଥିଲା। ଗଗନ ପଣ୍ଡା, ବିରେନ ସେନାପତି, ଭଗବାନ ପତି, ପୁଷ୍ପା ଲେଙ୍କା, ଜ୍ୟୋତ୍ସ୍ନା ନାୟକ, ସନ୍ତୋଷ ନାୟକ, ବଳରାମ ନାୟକ, ମନୋଜ ଜେନା, ହରେକୃଷ୍ଣ ମହାନ୍ତ, ହେମନ୍ତ ସାହୁ, ଅନନ୍ତ ପାତ୍ର, ଶିବୁଲାଲ ସାହୁ, ବିରଞ୍ଚି ସାମଲ, ବୈଦ୍ୟନାଥ ସାହୁ, ଦୁର୍ଯ୍ୟୋଧନ ସାହୁ, ପ୍ରତାପ ସାହୁ ପ୍ରମୁଖ ସହଯୋଗ କରିଥିଲେ। ଅନୁରୂପ ଭାବେ କୋଣାର୍କ ସାଂସ୍କୃତିକ ପରିଷଦ, ଉଦିତନଗର ସାଂସ୍କୃତିକ ପରିଷଦ, ଦକ୍ଷିଣ ରାଉରକେଲାରେ ବୋଇତବନ୍ଦାଣ କାର୍ଯ୍ୟକ୍ରମ ଏବଂ କାର୍ତ୍ତିକ ପୂର୍ଣ୍ଣିମା ଆୟୋଜନ କରାଯାଇଥିଲା।



ମହିଳାମାନେ ବୋଇତ ବନ୍ଦାଣ ପାଇଁ ଶୋଭାଯାତ୍ରାରେ ଯାଉଛନ୍ତି।

# ରାଉରକେଲା ପୋଲିସକୁ ଆମ୍ବୁଲାନ୍ସ ଦେଲା ଏମ୍‌ଜିଏମ୍

ଭୁବନେଶ୍ୱର,୫।୧୧(ଅନୁରାଧା ମହାରଣା)

ସୁନ୍ଦରଗଡ଼ ଜିଲାର କୋଇଡା ବ୍ଲକ୍ ସ୍ଥିତ ଏମ୍‌ଜିଏମ୍, ମିନେରାଲ୍ସ ଲିମିଟେଡ୍‌ର ପଟାବେଡ଼ା ଆଇରନ ମାଇନ୍ସ ପକ୍ଷରୁ ରାଉରକେଲା ପୋଲିସକୁ ଅତ୍ୟାଧୁନିକ ଚିକିତ୍ସା ସୁବିଧା ଥିବା ଆମ୍ବୁଲାନ୍ସ ହସ୍ତାନ୍ତର କରାଯାଇଛି। ରାଉରକେଲା ରିଜର୍ଭ ପୋଲିସ ଅଫିସ ପରିସରରେ ଏମ୍‌ଜିଏମ୍ ମିନେରାଲ୍ସ ଲିମିଟେଡ୍‌ର ଏଜିଏମ୍(ମାଇନ୍ସ) ସତ୍ୟଜିତ୍ ପଣ୍ଡା ଆମ୍ବୁଲାନ୍ସ ପୋଲିସକୁ ପ୍ରଦାନ କରିଥିଲେ। ଅତ୍ୟାଧୁନିକ ସୁବିଧା ଥିବା ଆମ୍ବୁଲାନ୍ସ ପୋଲିସ କର୍ମଚାରୀଙ୍କ ସୁବିଧା ନିମନ୍ତେ କାର୍ଯ୍ୟରେ ଆସିବ ବୋଲି ଆଶା କରାଯାଉଛି। ଏମ୍‌ଜିଏମ୍ ମିନେରାଲ୍ସ ଲିମିଟେଡ୍‌ର ସିଏସ୍‌ଆର୍ ଯୋଜନାରେ ଏହି ଆମ୍ବୁଲାନ୍ସ ପ୍ରଦାନ କରାଯାଇଥିବା ସତ୍ୟଜିତ୍ ପଣ୍ଡା କହିଛନ୍ତି।


ଆମ୍ବୁଲାନ୍ସ ଚାବି ହସ୍ତାନ୍ତର କରାଯାଉଛି।

# କାର୍ତ୍ତିକ ପୂର୍ଣ୍ଣିମାରେ ଉତ୍ସବ ମୁଖରିତ ଇସ୍ପାତ ସହର

ରାଉରକେଲା,୫।୧୧(ସଙ୍ଗୀତା ଜେନା)

ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ରାଉରକେଲାର ଶୈବପୀଠଗୁଡ଼ିକ ଚଳଚଞ୍ଚଳ ହୋଇଉଠିଥିଲା। ମନ୍ଦିରମାନଙ୍କରେ ୨୪ ପ୍ରହର ନାମସଂକୀର୍ତ୍ତନ ସାଙ୍ଗକୁ ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା। ସେକ୍ଟର–୩, ସେକ୍ଟର–୬ , କୋଏଲନଗର, ଶକ୍ତିନଗର, ଝିରପାଣି, ବାସନ୍ତୀ କଲୋନୀ, ଛେଣ୍ଡ, ସିଭିଲଟାଉନଶିପ୍, ପାନପୋଷ ସମେତ ଫର୍ଟିଲାଇଜର, ଲାଠିକଟା ଅଞ୍ଚଳରେ ଏହିପରି ଦେଖାଯାଇଥିଲା। ପଶ୍ଚିମ ଓଡିଶାର ଅନ୍ୟତମ ପ୍ରମୁଖ ଶୈବପୀଠ ଭାବେ ପରିଚିତ ଦେଓଗାଁ ସ୍ଥିତ ଧବଳେଶ୍ୱର ମହାଦେବ ମନ୍ଦିରରେ କାର୍ତ୍ତିକ ପୂର୍ଣ୍ଣିମା ଉତ୍ସବ ପାଳିତ ହୋଇଯାଇଛି। ବୁଧବାର ଭୋର ୪ଟାରେ ମନ୍ଦିରର ମୁଖ୍ୟ ପୂଜକ ବିରଞ୍ଚି ନାରାୟଣ ଦେହୁରୀ ସମସ୍ତ ନୀତି କାର୍ଯ୍ୟ ଶେଷ କରି ମହାଦେବଙ୍କୁ ସକାଳ ଆଳତୀ ଓ ଭୋଗ ଅର୍ପଣ କରିଥିଲେ। ମନରେ ପବିତ୍ର ଭାବ ରଖି ହଜାର ହଜାର ଶ୍ରଦ୍ଧାଳୁ ମହାଦେବଙ୍କ ଦର୍ଶନ ସହିତ ପରିବାରର ମଙ୍ଗଳ କାମନା କରିବା ପାଇଁ ଲମ୍ବା ଧାଡିରେ ଆସିଥିଲେ। ମନ୍ଦିର ପରିଚାଳନା ଟ୍ରଷ୍ଟର ସଭାପତି ତଥା ପୂର୍ବତନ ବିଧାୟକ ରବି ଦେହୁରୀ ମନ୍ଦିରରେ ଉପସ୍ଥିତ ରହି ଶାନ୍ତିଶୃଙ୍ଖଳା ବଜାୟ ରଖିବା ସହିତ ସେଚ୍ଛାସେବୀଙ୍କୁ ଭକ୍ତଙ୍କ ଦର୍ଶନ ପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା କରିବାକୁ ପରାମର୍ଶ ଦେଇଥିଲେ। କାର୍ତ୍ତିକ ପୂର୍ଣ୍ଣିମା ହେତୁ ଦିନ ୩ଟା ପର୍ଯ୍ୟନ୍ତ ଭକ୍ତଙ୍କ ଭିଡ ଲାଗି ରହିଥିଲା। ସକାଳୁ ସମ୍ବଲପୁରର ବାଉରିଗୁଡା, ଦେବଗଡର ଲାଇମୁରା, ସୁନ୍ଦରଗଡର ବଡବାଗ, ସୁନ୍ଦରଗଡର ପଦ୍ମପୁର କୀର୍ତ୍ତନ ଦଳ ହରିନାମ ସଂକୀର୍ତ୍ତନ ପରିବେଷଣ କରିଥିଲେ। ଗୁରୁବାର ମଧ୍ୟ ଉକ୍ତ କୀର୍ତ୍ତନ ଦଳ ହରିନାମ ପରିବେଷଣ କରିବେ ଏବଂ ଦଧିହାଣ୍ଡି ଭଞ୍ଜନ ହେବ ବୋଲି ମୁଖ୍ୟ ପୂଜକ ବିରଞ୍ଚି ନାରାୟଣ ଦେହୁରୀ କହିଛନ୍ତି। ମନ୍ଦିର ପରିଚାଳନା କମିଟି ପକ୍ଷରୁ ସମସ୍ତଙ୍କ ପାଇଁ ଅନ୍ନ ଭୋଗର ବ୍ୟବସ୍ଥା କରାଯାଇଥିଲା। ଏହି ପବିତ୍ର କାର୍ଯ୍ୟରେ ଟ୍ରଷ୍ଟର ସଦସ୍ୟ ଅନିରୁଦ୍ଧ ସ୍ୱାଇଁ, ଅନିତା ଦେହୁରୀ, ଭଜରାମ ପାଣ୍ଡେ, ହିମାଂଶୁ ଶେଖର ମହାପାତ୍ର, ନିଶାନ୍ତ ଦେହୁରୀ, ଅଙ୍କିତା ଦେହୁରୀ, ସୁରେଶ ଦେହୁରୀ, ପ୍ରସନ୍ନ କୁମାର ତ୍ରିପାଠୀ, ଅରୁଣ ତ୍ରିପାଠୀ, ଜନ୍ମେଜୟ ଦେହୁରୀ, ବିଶିକେଷନ ଦେହୁରୀ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ। ସେହିପରି କାର୍ତ୍ତିକ ମାସ ତମାମ ବ୍ରତ ପାଳନ କରିଥିବା ଭକ୍ତ ଭୋର ୪ଟାରୁ ଉଠି ପୂଜାପାଠ ସମ୍ପନ୍ନ କରି କୋଏଲ ଓ ବ୍ରାହ୍ମଣୀ ନଦୀ ତଟରେ ଥିବା ଝିରପାଣି, ତୁମକେଲା, ପାନପୋଷ ଆଦିରେ ଆ, କା,ମା, ବୈ ଗାନ କରି କଦଳୀ, କାଗଜ, ସୋଲରେ ନିର୍ମିତ ଡଙ୍ଗା ପ୍ରବାହ କରିଥିଲେ। ଭକ୍ତମାନଙ୍କ ଗହଳିକୁ ଦୃଷ୍ଟିରେ ରଖି ଝିରପାଣି ଆଦିତ୍ୟଘାଟରେ ସାମାଜିକ ଅନୁଷ୍ଠାନ ପକ୍ଷରୁ ବିଭିନ୍ନ ସେବାକାର୍ଯ୍ୟ କରାଯାଇଥିଲା। ମଙ୍ଗଳବାରଠାରୁ କୋଏଲ ଓ ବ୍ରାହ୍ମଣୀ ନଦୀ ତଟଗୁଡ଼ିକ ସଫେଇ କରାଯାଇଥିଲା। ଭକ୍ତମାନଙ୍କ ପାଇଁ ପୂଜା ସାମଗ୍ରୀ ଓ ଜଳଖିଆ ବ୍ୟବସ୍ଥା କରାଯାଇଥିଲା। କିଛି ଘାଟରେ ସକାଳୁ ଭଜନ ଓ ସଂକୀର୍ତ୍ତନ ଆୟୋଜନ ମଧ୍ୟ କରାଯାଇଥିଲା।


ଦକ୍ଷିଣ ରାଉରକେଲାରେ ପ୍ରସିଦ୍ଧ ଶୈବପୀଠରେ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ।

## ଭାଲୁପାଲିରେ ଭଜନ ସମାରୋହ

ସମ୍ବଲପୁର,(ବି.ଶଙ୍କର): ପବିତ୍ର କାର୍ତ୍ତିକ ମାସ ଉପଲକ୍ଷେ ସମ୍ବଲପୁର ଭାଲୁପାଲି ଉନ୍ନୟନ ପରିଷଦ ଆୟୋଜନରେ ଭଜନ ସନ୍ଧ୍ୟା ବୁଧବାର ସ୍ଥାନୀୟ ଜୟକଡ଼ି ନଗରଠାରେ ଭାବ ଓ ଭକ୍ତି ସହ ଅନୁଷ୍ଠିତ ହୋଇଯାଇଛି। ଏହି ଭକ୍ତି ରସାତ୍ମକ ସମାବେଶରେ ଆର୍ଟ ଅଫ୍ ଲିଭିଙ୍ଗ୍ ଭଜନ ମଣ୍ଡଳୀର ଅକ୍ଷୟ ସୁଣାରି, ସୁବ୍ରତ ବେହେରା, ମାନସ ବେହେରା, ଦେବାଶିଷ ବେହେରା ଓ ସୁଦିପ୍ତ ମୁଖାର୍ଜୀ ପ୍ରମୁଖ ଯୋଗଦାନ କରି ଭଜନ, ପ୍ରାର୍ଥନା ଓ ଜଣାଣ ପରିବେଷଣ କରିଥିଲେ। ସେମାନଙ୍କର ଭକ୍ତି ସଙ୍ଗୀତ ଶ୍ରୋତାମାନଙ୍କର ଆଧାତ୍ମିକ ମନକୁ ଛୁଇଁ ପାରିଥିଲା। ଏହି କାର୍ଯ୍ୟକ୍ରମରେ ଭାଲୁପାଲି ଉନ୍ନୟନ ପରିଷଦ ସଭାପତି ଅମୂଲ୍ୟ ମିଶ୍ର, ସମ୍ପାଦକ ନିଶିକାନ୍ତ ବିଶ୍ୱାଳ ପ୍ରମୁଖ ସହଯୋଗ କରିଥିଲେ।

# ଯୁବପିଢ଼ି ଆମ ଐତିହ୍ୟ, ସଂସ୍କୃତିର ଦୂତ

**ସମ୍ବଲପୁର,୫।୧୧(ଭବାନୀ ଶଙ୍କର ଭୋଇ)**

### ଜିଏମ୍‌ୟୁରେ ବିକଶିତ ଭାରତ କାର୍ଯ୍ୟକ୍ରମ

ଯୁବପିଢିଙ୍କୁ ଆମ ଐତିହ୍ୟ ଏବଂ ସଂସ୍କୃତିର ଦୂତ ହେବାକୁ ପଡିବ। ନଚେତ ଆମ ଇତିହାସ ଏବଂ ସଂସ୍କୃତିର ପୁନରୁଦ୍ଧାର ସମ୍ଭବ ନୁହେଁ। ବୁଧବାର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ(ଜିଏମ୍‌ୟୁ)ର ବିକଶିତ ଭାରତ କାର୍ଯ୍ୟକ୍ରମ ରାଜାବଖରୀର ଉଦ୍‌ଘାଟନ ଅବସରରେ ଏହା କହିଛନ୍ତି ଭାରପ୍ରାପ୍ତ କୁଳପତି ପ୍ରଫେସର ସୁଶାନ୍ତ କୁମାର ଦାସ।

ଏହି କାର୍ଯ୍ୟକ୍ରମରେ ଇତିହାସ ବିଭାଗ ମୁଖ୍ୟ ତଥା ବିକଶିତ ଭାରତ କାର୍ଯ୍ୟକ୍ରମ ସଂଯୋଜକ ଡ଼. ଅତୁଲ କୁମାର ପ୍ରଧାନ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ବିଷୟରେ ସୂଚନା ପ୍ରଦାନ କରିଥିଲେ। ଗବେଷକ ଦୀପକ କୁମାର ପଣ୍ଡା ମୁଖ୍ୟବକ୍ତାଭାବେ ଯୋଗଦେଇ ରାଜାବଖରୀକୁ ଦଶ ମହାବିଦ୍ୟା ପ୍ରାସଦ ଭାବେ ପରିଚିତ ଥିବା କହିଥିଲେ। ଏହାସହ ଏହି ରାଜପ୍ରାସାଦ ସମ୍ବଲପୁର ଇତିହାସ ଏବଂ ବହୁ ଐତିହାସିକ ଘଟଣାର ମୂକସାକ୍ଷୀ ବୋଲି କହିଥିଲେ। ଆବଶ୍ୟକ ସଂରକ୍ଷଣ ଅଭାବରୁ ଏହା ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ିରହିଛି ଏବଂ ସମ୍ବଲପୁରର ଅନେକ ଗୁରୁତ୍ୱପୂର୍ଣ୍ଣ ଘଟଣାକ୍ରମର ପ୍ରମାଣ ମଧ ହଜିବାକୁ ବସିଛି। ବର୍ତ୍ତମାନ ରାଜାବଖରୀର ଛାତ ଭୁଶୁଡି ଯାଇଥିବା ବେଳେ ଏହାର କବାଟ ଝରକାଗୁଡିକ ନଷ୍ଟ ହୋଇଯାଇଛି। ତେବେ କାନ୍ଥଗୁଡିକ ୩୦ ଫୁଟ ଓସାରର ହୋଇଥିବାରୁ ଏହା ସଂରକ୍ଷିତ ହୋଇରହିଛି। ଛାତ୍ରୀଛାତ୍ରମାନେ ରଜାବଖରୀ ବୁଲି ଦେଖିବା ସମୟରେ ଇତିହାସ ବିଭାଗ ମୁଖ୍ୟ ଡ଼. ପ୍ରଧାନ ରାଜାବଖରୀର ସ୍ୱତନ୍ତ୍ର ନିର୍ମାଣଶୈଳୀ ଏବଂ ଇତିହାସରେ ଏହାର ଅବଦାନ ବିଷୟରେ ବୁଝାଇଥିଲେ। ଛାତ୍ରୀଛାତ୍ରମାନେ ନିଜେ ଦାୟିତ୍ୱ ନେଇ ଐତିହସ୍ଥଳୀର ସୁରକ୍ଷା ପାଇଁ ଆଗଭର ହେବାକୁ ବିଶ୍ୱବିଦ୍ୟାଳୟ ଇତିହାସ ବିଭାଗ ପକ୍ଷରୁ ଆହ୍ୱାନ କରାଯାଇଥିଲା।

ଜିଏମ୍‌ୟୁ ଇତିହାସ ବିଭାଗ, ଜାତୀୟ ସେବା ଯୋଜନା ଏବଂ ଐତିହ୍ୟ କ୍ଲବ ଅନୁକୂଲ୍ୟରେ ସମ୍ବଲପୁର ରାଜାବଖରୀରେ ଐତିହ୍ୟ ପରିଦର୍ଶନ ଏକ ସମ୍ପ୍ରସାରିତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରମାନେ କିପରି ନିଜ ଅଞ୍ଚଳର ଐତିହ୍ୟକୁ ଜାଣିପାରିବେ, ଇତିହାସକୁ ପନରୁଦ୍ଧାର କରି ସଂରକ୍ଷଣ କରିପାରିବେ ତାକୁ ନେଇ ଜିଏମ୍‌ୟୁ ପକ୍ଷରୁ ସ୍ୱତନ୍ତ୍ର ଅଭିଯାନ ହାତକୁ ନିଆଯାଇଛି। ଇତିହାସର ଛାତ୍ରୀଛାତ୍ରଙ୍କୁ ଐତିହାସିକ କିର୍ତ୍ତୀରାଜିର ଦୂତ ଭାବରେ ଦାୟିତ୍ୱ ନେବାକୁ ବିଭାଗ ପକ୍ଷରୁ ପ୍ରୋତ୍ସାହିତ କରାଯାଉଛି। ଏହାଦ୍ୱାରା ସ୍ଥାନୀୟ ଇତିହାସ ଲୋକ ଲୋକଲୋଚନକୁ ଆସିବ। ପୂର୍ବଜଙ୍କ କିର୍ତ୍ତିରାଜିଗୁଡ଼ିକୁ ସଂରକ୍ଷଣ କରି ଆଗାମୀ ପିଢ଼ିକୁ ହସ୍ତାନ୍ତରିତ କରିବା ଏହି କାର୍ଯ୍ୟକ୍ରମରେ ଲକ୍ଷ୍ୟ ରଖାଯାଇଛି। ୭୦ରୁ ଅଧିକ ଛାତ୍ରୀଛାତ୍ର ଭାଗନେଇ ରାଜା ବଖରୀର ଇତିହାସ ଏବଂ ସଂରକ୍ଷଣ ଉପରେ ଜ୍ଞାନ ଆହରଣ କରିଥିଲେ। ଛାତ୍ରୀଛାତ୍ରମାନେ ଶ୍ରମଦାନ କରିବା ସହ ଏହି ଐତିହ୍ୟସ୍ଥଳକୁ ସଫା କରିଥିଲେ। ଆଗାମୀ ଦିନରେ ଏହାକୁ ସମ୍ପୂର୍ଣ୍ଣ ଭାବେ ସଫାସୁତୁରା କରାଯିବା ସହ ସହରର ଏକ ଆକର୍ଷଣୀୟ ଏବଂ ଶିକ୍ଷଣୀୟ ପର୍ଯ୍ୟଟନସ୍ଥଳୀଭାବେ ଏହାକୁ ବିକଶିତ କରିବା ଦିଗରେ ଜିଏମ୍‌ୟୁ ପକ୍ଷରୁ ପଦକ୍ଷେପ ନିଆଯିବା ନେଇ ଭାରପ୍ରାପ୍ତ କୁଳପତି ପ୍ରତିଶ୍ରୁତି ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍ୱୟଂସେବୀ ସନ୍ତୋଷ କୁମାର ବେହେରା ଛାତ୍ରୀଛାତ୍ରମାନଙ୍କର ଏପରି କାର୍ଯ୍ୟକୁ ପ୍ରଶଂସା କରିଥିଲେ। ଏପରି କାର୍ଯ୍ୟ ପ୍ରତ୍ୟେକ ଐତିହ୍ୟସ୍ଥଳରେ ହେଲେ ଆମର ଇତିହାସର ଏକ ପୁର୍ନଜାଗରଣ ହେଇପାରିପାରିବ ବୋଲି ସେ କହିଥିଲେ।


ଛାତ୍ରୀଛାତ୍ରମାନେ ରାଜାବଖରୀ ପରିସର ସଫା କରୁଛନ୍ତି।

# ବିଶ୍ୱଶାନ୍ତି ରୁଦ୍ର ମହାଯଜ୍ଞ, କାର୍ତ୍ତିକ ମେଳା

**କୁଚିଣ୍ଡା,୫।୧୧(ବିରଞ୍ଚି ଦର୍ଶା)**

ସମ୍ବଲପୁର ଜିଲ୍ଲା କୁଚିଣ୍ଡା ବ୍ଲକ ବଡବାହାଲ ପର୍ଯ୍ୟଟନସ୍ଥଳୀ ସପ୍ତଗଙ୍ଗା ତୀର୍ଥକ୍ଷେତ୍ର ଗୁଦଗୁଦା ଜଳପ୍ରପାତ ନିକଟରେ ଦୁଇଦିନ ଧରି ଚାଲିଥିବା ଦଶମ ବିଶ୍ୱଶାନ୍ତି ମହାଯଜ୍ଞ ଓ କାର୍ତ୍ତିକ ମେଳା ବୁଧବାର ଅପରାହ୍ନରେ ଉଦ୍‌ଯାପିତ ହୋଇଯାଇଛି। ବୁଧବାର ବ୍ରହ୍ମ ମୂହୁର୍ତ୍ତରେ ପବିତ୍ର କାର୍ତ୍ତିକ ବୁଡ, ପ୍ରାତଃରେ ସୂର୍ଯ୍ୟ ପୂଜାସହ ସମସ୍ତ ଯଥା ରୀତି ପୂଜାର୍ଚ୍ଚନା କରାଯାଇଥିଲା। ଅପରାହ୍ନରେ ଘୃତଯଜ୍ଞ ପୂର୍ଣ୍ଣାହୂତି ପରେ ମାହାଗଙ୍ଗା ଆଳତୀ ସହ ସମସ୍ତ କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ସହସ୍ରାଧିକ ଭକ୍ତ ଓ ଶ୍ରଦ୍ଧାଳୁ ସାମିଲ ହୋଇ ପୁଣ୍ୟଲାଭ କରିଥିଲେ। ଶଙ୍ଖଘଣ୍ଟ, ହରିବୋଲ, ହୁଳହୁଳି ସହ ବେଦ ବିଦ୍ୟାର୍ଥୀଙ୍କ ମନ୍ତ ଧ୍ୱନିରେ ଯଜ୍ଞସ୍ଥଳ ଏକ ଆଧାତ୍ମିକ ଓ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା। ପୂଜ୍ୟ ସ୍ୱାମୀଜୀ ଜୀବନମୁକ୍ତାନନ୍ଦ ପୁରିଜୀ ମହାରାଜଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ଯଜ୍ଞ ଓ ମେଳା କାର୍ଯ୍ୟକ୍ରମ ସୁଚାରୁରୂପେ ସମ୍ପାଦନ ହୋଇଥିବାରୁ ଆୟୋଜକ କମିଟି ସଭାପତି ମିତ୍ରଭାନୁ ପଟେଲ, ଦୀପକ ପଟେଲ, ବିଭୂତିକଲ୍ୟାଣ ପଟେଲ, ସତ୍ୟନାରାୟଣ ପଟେଲ, ଅନିରୁଦ୍ଧ ନାଏକ, ସରପଞ୍ଚ ଧନୁର୍ଜୟ ନାଏକ ଓ ସଙ୍କୀର୍ତ୍ତନ କିଷାନ ପ୍ରମୁଖ ଜନସାଧାରଣଙ୍କୁ କୃତଜ୍ଞତା ଜଣାଇଛନ୍ତି।


ପ୍ରତିଷ୍ଠା ଦିବସରେ ଅତିଥି ଓ ସଭ୍ୟମାନେ।

# ଜ୍ୟୋତିର ପ୍ରତିଷ୍ଠା ଦିବସ, ଅନ୍ତେବାସୀଙ୍କ ଚକ୍ଷୁ ପରୀକ୍ଷା

**ସମ୍ବଲପୁର, ୫।୧୧(ବି.ଶଙ୍କର)**

ଚକ୍ଷୁଦାନ ଓ ଭିନ୍ନକ୍ଷମ କଲ୍ୟାଣ ସଂସ୍ଥା ଜ୍ୟୋତି ଅନୁଷ୍ଠାନର ୩୮ତମ ପ୍ରତିଷ୍ଠା ଦିବସ ବୁଧବାର ପୂର୍ବାହ୍ନ ୧୦ଟା୩୦ରେ ସମ୍ବଲପୁର କୁଲୁଥକାନୀ (ଚାରବାଟି) ସ୍ଥିତ ଆଶା ଆଶ୍ରମରେ ପାଳିତ ହୋଇଯାଇଛି । ସଭାପତି ଡ.ପରେଶ ଚନ୍ଦ୍ର ଦାନୀଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା । ପ୍ରଥମେ ଚକ୍ଷୁ ସୁରକ୍ଷା ଓ ଯତ୍ନ ଉପରେ ଏକ ସଚେତନତା ସଭା ହୋଇଥିଲା । ଏହାପରେ ଚକ୍ଷୁ ବିଶେଷଜ୍ଞ ଡାକ୍ତର ସୁରେଶ ଚନ୍ଦ୍ର ଦାନୀଙ୍କ ଦ୍ୱାରା ଆଶ୍ରମର ୮୦ଜଣ ମାନସିକ ଦିବ୍ୟାଙ୍ଗ ଅନ୍ତେବାସୀମାନଙ୍କର ଚକ୍ଷୁ ପରୀକ୍ଷା କରିଥିଲେ। ୧୦ଜଣ ଅନ୍ତେବାସୀଙ୍କର ମୋତିଆ ବିନ୍ଦୁ ଚିହ୍ନଟ କରାଯାଇଥିଲା। ବରିଷ୍ଠ ସଦସ୍ୟ ରତ୍ନଭୂଷଣ ପୃଷ୍ଠେଠ, ଇଂ. ସୁଶାନ୍ତ କୁମାର ଗୁରୁ, ଅଶୋକ ମିଶ୍ର, ଉପସଭାପତି ଅଖିଳ ରଞ୍ଜନ ପଟ୍ଟନାୟକ, ତାପସ ଦାସ, ବିହାରିଲାଲ ମହାନ୍ତି, ସୁମତୀ ବେରିହା, ଡ. ସତ୍ୟନାରାୟଣ ଠାକୁର, ଡ. ହରିଶଙ୍କର ପଣ୍ଡା, ବଦ୍ରିନାରାୟଣ ହୋତା ପ୍ରମୁଖ ଯୋଗଦାନ କରିଥିଲେ। ସଂଯୋଜକ କଳ୍ପନା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ବିଡ଼ିଓ ଭାବେ ଯୋଗଦେଲେ ଟ୍ରେନିଂ ଆଇଏଏସ୍ ଅଧିକାରୀ

**ନାକଟିଦେଉଳ,୫।୧୧(ବୈକୁଣ୍ଠନାଥ ସାହୁ)**

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକରେ ନୂତନ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଭାବେ ଟ୍ରେନିଂ ଆଇଏଏସ ଅଧିକାରୀ ଶୁଭ୍ରା ପଣ୍ଡା ଗତ ୩ ତାରିଖ ଯୋଗଦେଇଛନ୍ତି। ନୂତନ ବିଡ଼ିଓଭାବେ ଯୋଗଦେବା ପରେ ପଣ୍ଡାଙ୍କୁ ଅତିରିକ୍ତ ବିଡ଼ିଓ ବିଦ୍ୟାଧର ରାଉତରାୟଙ୍କ ସମେତ ବ୍ଲକର ସମସ୍ତ କର୍ମଚାରୀ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ଏହି ଅବସରରେ ସେ ବ୍ଲକ ସମ୍ମିଳନୀ କକ୍ଷରେ ସମସ୍ତ ବିଭାଗ ଅଧିକାରୀଙ୍କ ସହିତ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ନାକଟିଦେଉଳ ବ୍ଲକରେ ଥିବା ଆଦର୍ଶ ଗ୍ରାମ, ଅଙ୍ଗନୱାଡି କେନ୍ଦ୍ର, ଶିକ୍ଷା, ସ୍ୱାସ୍ଥ୍ୟ ସହିତ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଗୁଡିକ କିପରି ସୂଚାରୁ ରୂପେ ସମ୍ପାଦିତ ହୋଇ ପାରିବ ସେ ପଦକ୍ଷେପ ନେବେ ବୋଲି ପଣ୍ଡା କହିଛନ୍ତି। ଟ୍ରେନିଂ ଆଇଏଏସ ଅଧିକାରୀ ପଣ୍ଡା ଏଠାରେ ନଭେମ୍ବର ୨୯ ପର୍ଯ୍ୟନ୍ତ ୪ ସପ୍ତାହ ପାଇଁ କାର୍ଯ୍ୟ କରିବେ ବୋଲି ଜଣାପଡିଛି।


ଶିକ୍ଷାନବିଶ ଆଇଏଏସ୍ ଶୁଭ୍ରା ପଣ୍ଡା ବିଡିଓ ଦାୟିତ୍ୱ ଗ୍ରହଣ କରୁଛନ୍ତି।


ଗୋପୀନାଥ ଷଡଙ୍ଗୀଙ୍କ ରଚିତ ସମ୍ବଲପୁରୀ କବିତା ପୁସ୍ତକ ଉନ୍ମୋଚନ ଅବସରରେ ମଞ୍ଚାସୀନ ଅତିଥି ।

# ସିଦ୍ଧେଶ୍ୱରୀ ଧର୍ମ ସଂସଦ ପକ୍ଷରୁ ସାରସ୍ୱତ ସମାରୋହ

**ସମ୍ବଲପୁର,୫।୧୧(ଭବାନୀ ଶଙ୍କର ଭୋଇ)**

ସମ୍ବଲପୁର ସାମ୍ବାଦିକ ଭବନରେ ବୁଧବାର ସିଦ୍ଧେଶ୍ୱରୀ ଧର୍ମ ସଂସଦ ଶାଖା ଅନୁଷ୍ଠାନ ଗୀତାଞ୍ଜଳି ଷଡଙ୍ଗୀ ସ୍ମୃତିସମିତି ପକ୍ଷରୁ ସାରସ୍ୱତ ସମାରୋହ ଅନୁଷ୍ଠିତ ହୋଇଥିଲା। ସଂସଦ ସଭାପତି ଗୋପୀନାଥ ଷଡଙ୍ଗୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସ୍ୱୀକାର ପତ୍ରିକାର ସମ୍ପାଦକ ହେମନ୍ତ କୁମାର ମହାପାତ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଶିକ୍ଷାବିତ୍ ଅରବିନ୍ଦ ମହାପାତ୍ର ସମ୍ମାନୀୟ ଅତିଥି ଏବଂ ଶଙ୍କର୍ଷଣ ଆଚାର୍ଯ୍ୟ ମୁଖ୍ୟବକ୍ତାଭାବେ ଯୋଗଦେଇଥିଲେ। ଏହି ଅବସରରେ କବି ଗୋପୀନାଥ ଷଡଙ୍ଗୀଙ୍କ ରଚିତ ସମ୍ବଲପୁରୀ କବିତା ପୁସ୍ତକ କବିତା ଗୁଚ୍ଛ ଉନ୍ମୋଚିତ ହୋଇଥିଲା। ପୂର୍ବରୁ ଅନୁଷ୍ଠିତ ନୃତ୍ୟ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଟ୍ରଫି ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା । ଏହି ଅବସରରେ ଅନୁଷ୍ଠାନର ସର୍ବୋଚ୍ଚ ସମ୍ମାନ ସିଦ୍ଧେଶ୍ୱରୀ ପ୍ରଜ୍ଞା ସମ୍ମାନ କୁଚିଣ୍ଡା କଲେଜର ଅଧ୍ୟାପିକା ବେଲମତୀ କୁମୁରାଙ୍କୁ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ରୋଜା ଆଚାରୀଙ୍କୁ ଗୀତାଞ୍ଜଳୀ ଷଡଙ୍ଗୀ ସ୍ମୃତି ସମ୍ମାନ ଓ ସବିତା ଷଡ଼ଙ୍ଗୀଙ୍କୁ ଅଙ୍କିତା ପାଣି ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା। ସିଦ୍ଧେଶ୍ୱରୀ ଧର୍ମ ସଂସଦର ପୂର୍ବତନ ସମ୍ପାଦିକା ଗୀତାଞ୍ଜଳି ଷଡଙ୍ଗୀଙ୍କ ଚତୁର୍ଥ ଶ୍ରାଦ୍ଧବାର୍ଷିକୀ ପାଳନ ଅବସରରେ ବକ୍ତାମାନେ ସ୍ୱର୍ଗୀୟା ଷଡଙ୍ଗୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ବହୁମୁଖୀ ପ୍ରତିଭାର ଅଧିକାରୀ ତଥା ଧର୍ମ ସଂସଦର ସଙ୍ଗଠିକାଭାବେ ତାଙ୍କର ଅବଦାନ ଅତୁଳନୀୟ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ। ଅନୁଷ୍ଠାନପକ୍ଷରୁ ବିଭୂତି ମିଶ୍ରଙ୍କ ସଂଯୋଜନାରେ ସାରସ୍ୱତ ସମାରୋହ ଅନୁଷ୍ଠିତ ହୋଇଥିଲା। ଅନୁପମା ବିଶ୍ୱାଳ କାର୍ତ୍ତିକ ମାସର ବୈଶିଷ୍ଟ୍ୟ ଉପର କହିଥିଲେ। ଏହା ପରେ ଏକ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ବହୁ ସମ୍ବଲପୁର ତଥା ଆଖପାଖ ଅଞ୍ଚଳର ବହୁ କବି ଉପସ୍ଥିତ ରହି କବିତା ପାଠ କରିଥିଲେ । ଅମିୟ ପାଣି ପ୍ରାରମ୍ଭିକ ସୂଚନା ଦେଇଥିବା ବେଳେ ଅଧ୍ୟାପକ ସୋମନାଥ ବିଶ୍ୱାଳ ଓ ରୋହନ ବନଛୋର ପୁରସ୍କାର ବିତରଣ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ସମ୍ପାଦିକା ସବିତା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ୨ଶହ ବର୍ଷରେ ଯୁଯୁମୁରାର ରାସଯାତ୍ରା

**ସମ୍ବଲପୁର,୫।୧୧(ଭବାନୀ ଶଙ୍କର ଭୋଇ)**

୨ଶହ ବର୍ଷରେ ଯୁଯୋମୁରାର ଐତିହାସିକ ରାସଯାତ୍ରା ଆୟୋଜିତ ହୋଇଯାଇଛି। ଦ୍ୱି ଶତବାର୍ଷିକୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ରାଜ୍ୟ ବିଧାନସଭାର ଉପବାଚସ୍ପତି ଭବାନୀ ଶଙ୍କର ଭୋଇ ସାମିଲ ହୋଇ ଉତ୍ସବକୁ ଉଦଘାଟନ କରିଥିଲେ। କାର୍ଯ୍ୟକ୍ରମରେ ବିକାଶ ଫାଉଣ୍ଡେସନର ଅଧକ୍ଷା ମୃଦଳା ଠାକୁର ପ୍ରଧାନ, ସ୍ଥାନୀୟ ସରପଞ୍ଚ ବାସନ୍ତୀ ପ୍ରଧାନ, ଶିକ୍ଷାବିତ୍ ବନମାଳୀ ମିଶ୍ର, ସ୍ଥାନୀୟ ରେଞ୍ଜର ସଞ୍ଜୟ ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଶିକ୍ଷାବିତ ରାଜେନ୍ଦ୍ର ପଣ୍ଡା ଯୋଗଦେଇ ଯୁଯୋମୁରା ରାସଯାତ୍ରାର ଐତିହ୍ୟ ଓ ପରମ୍ପରା ଉପରେ ଆଲୋଚନା କରିଥିଲେ। ବୀର ସୁରେନ୍ଦ୍ର ସାଏଙ୍କ ପ୍ରମୁଖ ସହଯୋଗୀ ମଧୁଗଡତିଆଙ୍କ ସହ ଏହି ରାସ ଉତ୍ସବ ଜଡିତ ରହିଛି। ତେଣୁ ଉତ୍ସବର ମୁଖ୍ୟଅତିଥି ଏହି ଯାତ୍ରାକୁ ଏକ ଯୁଗାନ୍ତକାରୀ ଯାତ୍ରା ଭାବେ ବର୍ଣ୍ଣନା କରିଥିଲେ। ଏହି ଅବସରର ସ୍ମାରକୀ ସ୍ୱରୂପ ଏକ ସ୍ମରଣିକାକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଯାତ୍ରା କମିଟିର ସଭାପତି ଭୁପେନ୍ଦ୍ର ସିଂହଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସଭାକୁ ସମ୍ପାଦକ ବୀରେନ୍ଦ୍ର ନାୟକ ପରିଚାଳନା କରିଥିବାବେଳେ ସୂର୍ଯ୍ୟକାନ୍ତ ପାଣିଗ୍ରାହୀ, ପ୍ରମୋଦ ବିଶ୍ୱାଳ, କୃଷ୍ଣଚନ୍ଦ୍ର ବାଙ୍କ, ରଜନୀ ପାଣିଗ୍ରାହୀ, ଅନାଦୀ ମିର୍ଦ୍ଧା, ମୋହନ ରଣା, ସୁଧାଂଶୁ ବାଙ୍କ ପ୍ରମୁଖ ସହଯୋଗ କରିଥିଲେ। ଏହି ଅବସରେ ଅଞ୍ଚଳର ଶିକ୍ଷା, କ୍ରୀଡା, ସମାଜସେବା କଳା, ସାହିତ୍ୟ ,ସାମ୍ବାଦିକତା, ପରିବେଶ, ସ୍ୱେଚ୍ଛାସେବୀ ତଥା ରାସୋତ୍ସବ ସହିତ ଜଡିତ କର୍ମକର୍ତ୍ତା ପ୍ରାୟ ୧୦୦ ଜଣ ପ୍ରତିଭାଙ୍କୁ ମୁଖ୍ୟଅତିଥି ସ୍ମାରକୀ ପଦକ ଓ ଉତ୍ତରୀୟ ସହ ସମ୍ମାନିତ କରିଥିଲେ। ଶେଷରେ ସଭାପତିଙ୍କ ଅଭିଭାଷଣ ଓ ଧନ୍ୟବାଦ ପରେ ସଭା ସାଙ୍ଗ ହୋଇ ମନୋରଞ୍ଜନ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ସେହିପରି ଯୁଯୋମୁରା ନିକଟସ୍ଥ ଡଙ୍ଗାପାଳ ଗ୍ରାମରେ ମଧ କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ନାବକେଲି ଉତ୍ସବ ଆୟୋଜିତ ହୋଇଯାଇଛି। ଚଳିତବର୍ଷ ଡଙ୍ଗାପାଳର ନାବକେଲି ଉତ୍ସବ ୨୫ ବର୍ଷରେ ପଦାର୍ପଣ କରିଛି। କାର୍ଯ୍ୟକ୍ରମରେ ବିକାଶ ଫାଉଣ୍ଡେସନର ଅଧକ୍ଷା ମୃଦଳା ଠାକୁର ପ୍ରଧାନ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ଏହି ଅବସରରେ ଡଙ୍ଗାପାଳରେ କଂସ ଦରବାର ସହ ନଗର ପରିକ୍ରମା କରାଯାଇଥିଲା। ରାତିରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଯୁଯୋମୁରା ଏବଂ ଡଙ୍ଗାପାଳର କାର୍ତ୍ତିକ ପୂର୍ଣ୍ଣିମାରେ ଆୟୋଜିତ ରାସ ଉତ୍ସବ ଏବଂ ନାବକେଲି ଉତ୍ସବ ଦେଖିବାକୁ ପ୍ରବଳ ଭିଡ ଜମିଥିଲା ।


ଯୁଯୋମୁରାରେ ଆୟୋଜିତ ଉତ୍ସବରେ ମଞ୍ଚାସୀନ ଅତିଥି।

## ଫଟୋରେ ଖବର


ବୁଧବାର ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ତିଥିରେ ସମ୍ବଲପୁର ମୁଦିପଡା ଜଗନ୍ନାଥ ଠାକୁରଙ୍କ ସୁନାବେଶ।


ବୁଧବାର କାର୍ତ୍ତିକ ପୂର୍ଣ୍ଣିମା ତିଥିରେ ସମ୍ବଲପୁର ଝାଡୁଆପଡା ବ୍ରହ୍ମପୁରା ଠାକୁରଙ୍କ ରାଜାଧିରାଜ ବେଶ।


ବୁଧବାର ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ତିଥିରେ ସମ୍ବଲପୁର ମହାନଦୀ ଅଯୋଧ୍ୟା ସରୋବର ଘାଟରେ ଭକ୍ତମାନେ ବୋଇତ ବନ୍ଦାଣ କରୁଛନ୍ତି।

# ବୌଦ୍ଧ ମହାନଦୀରେ ଶ୍ରଦ୍ଧାଳୁ ଭସାଇଲେ ଡଙ୍ଗା

**ବୌଦ୍ଧ,୫।୧୧(ଅଜିତ କୁମାର ବାରିକ)**

ବୁଧବାର ଡଙ୍ଗା ଭସାଇବା ପାଇଁ ବୌଦ୍ଧ ମହାନଦୀରେ ଶହଶହ ଶ୍ରଦ୍ଧାଳୁଙ୍କ ଗହଳି ଦେଖିବାକୁ ମିଳିଥିଲା। ଭୋରରେ ପୁରା ମହାନଦୀ ଚଳଚଞ୍ଚଳ ହୋଇପଡ଼ିଥିଲା। ବୌଦ୍ଧ ସହରର ମହାନଦୀର ହନୁମାନଘାଟରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ହୋଇଥିଲା। ଆ,କା,ମା,ବୈ ଗୀତରେ ପୁରା ମହାନଦୀ କମ୍ପି ଉଠିଥିଲା। ଶ୍ରଦ୍ଧାଳୁମାନେ ବିଭିନ୍ନ ରଙ୍ଗର କାଗଜ ଡଙ୍ଗା ସହ କଦଳୀ ପତ୍ର, ଶାଲପତ୍ର ଡଙ୍ଗା ଆଦି ପୂଜାର୍ଚ୍ଚନା କରିବା ପରେ ମହାନଦୀର ପାଣିରେ ଭସାଇଥିଲେ। ଏହା ସହ ମହାନଦୀରେ ଶ୍ରଦ୍ଧାଳୁମାନେ ଆତସବାଜି ଫୁଟାଇଥିଲେ। ଡଙ୍ଗା ଭସାଇବା ପରେ ଶ୍ରଦ୍ଧାଳୁମାନେ ସହରର ବିଭିନ୍ନ ମନ୍ଦିରକୁ ଯାଇ ଦେବାଦେବୀଙ୍କ ଦର୍ଶନ କରିଥିଲେ। କାର୍ତ୍ତିକ ମାସ ଶେଷ ଯୋଗୁ ପୁରା ମନ୍ଦିର ଗୁଡ଼ିକେ ପ୍ରବଳ ଭିଡ ଲାଗିରହିଥିଲା।



ବୌଦ୍ଧ ସହରର ମହାନଦୀର ହନୁମାନଘାଟରେ ଶ୍ରଦ୍ଧାଳୁ ଡଙ୍ଗା ଭସାଉଛନ୍ତି।

# ବିଶ୍ୱସମୃଦ୍ଧି ଯଜୁର୍ବେଦ ମହାଯଜ୍ଞ ଉଦ୍‌ଯାପିତ

**ବଣିଆପଡ଼ା, ୫।୧୧(ଶ୍ରୀକାନ୍ତ ସାହୁ)**

ବୌଦ୍ଧ ବ୍ଲକର ତାଳସରଡା ପଞ୍ଚାୟତର ଉମରଗାଡ କଙ୍କଲା ସିଦ୍ଧଗୁରୁ ବାବା ମଠଠାରେ ଚାଲିଥିବା ବିଶ୍ୱସମୃଦ୍ଧି ଯଜୁର୍ବେଦ ମହାଯଜ୍ଞ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ମଠର ମହନ୍ତ ସର୍ବେଶ୍ୱର ଦାସଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ମହାଯଜ୍ଞ ଗତ ୨ ତାରିଖ ଠାରୁ ଆରମ୍ଭ ହୋଇଥିବା ବେଳେ ଯଜ୍ଞରେ ସୂର୍ଯ୍ୟପୂଜା, ଗୋପୂଜନ, ଘୃତ ଯଜ୍ଞ, ଅନୟଜ୍ଞ ଅନୁଷ୍ଠିତ ହୋଇଥିଲା। ଯଜ୍ଞର ମୁଖ୍ୟ ମାର୍ଗଦର୍ଶକ ଭାବେ ନେଳାଇ ସତ୍ୟ ଚେତନା ଆଶ୍ରମର ସଦ୍‌ଗୁରୁ ସ୍ୱାମୀ ଆମ୍ନନଦଜୀ ମହାରାଜାଙ୍କ ମାର୍ଗଦର୍ଶନରେ ଉଦ୍ୟକ୍ତା ମାନସ ସୁନ୍ଦର ଶତପଥି ଯଜ୍ଞର ମୁଖ୍ୟ କର୍ତ୍ତା ଭାବେ କାର୍ଯ୍ୟ ତୁଲାଇଥିବା ସହ ଅଞ୍ଚଳର ୨୮ ଯୋଡି ଯଜ୍ଞ କର୍ତ୍ତା ଓ କତ୍ରୀ ଅଂଶଗ୍ରହଣ କରିଥିଲେ। ମୁଖ୍ୟ ଯଜ୍ଞ ଆଚାର୍ଯ୍ୟ ବାମନ ଦାସ ଯଜ୍ଞ ପରିଚାଳକ ସର୍ବେଶ୍ୱର ମହାପାତ୍ରଙ୍କ ସମେତ ୧୮ ଜଣ ଚତୁର୍ବେଦୀ କର୍ମକାଣ୍ଡ ଆଚାର୍ଯ୍ୟ ଯଜ୍ଞ କାର୍ଯ୍ୟ ତୁଲାଇଥିଲେ। ଏହି ଅବସରରେ ବେଦ ମାହାତ୍ମ୍ୟ ଉପରେ ପ୍ରବଚନ କାର୍ଯ୍ୟକ୍ରମରେ ସ୍ୱାମୀ ଆନନ୍ଦଜୀ ମହାରାଜା, ଡ. ହରିହର କାନୁନଗୋ, ଡ. ନାରାୟଣ ରଥ, ଆଦିତ୍ୟ ଦାସ, ଗୌରି ପ୍ରସାଦ ସାହୁ ପ୍ରବଚନ ଦେଇଥିଲେ। ଏହି ଅବସରରେ ବୌଦ୍ଧର ଐତିହ୍ୟ, କଳା, ସଂସ୍କୃତି, ପରମ୍ପରା, ପର୍ଯ୍ୟଟନ ଉପରେ ଏକ ସ୍ମରଣିକା ପୁସ୍ତକ ପ୍ରକାଶନ ଉପରେ କମିଟି ଗଠନ କରାଯାଇଥିଲା। ଯଜ୍ଞ ପରିଚାଳନାରେ କମିଟିର ସଭାପତି ପୟୋଧର ମହାକୁଡ଼, ଉପସଭାପତି ପ୍ରଶାନ୍ତ କୁମାର ସେଠୀ, ଧନମାଳି ଦେହୁରୀ, ସମ୍ପାଦକ ମୟସେନ ରଣା, ସହ ସମ୍ପାଦକ ଶ୍ରୀପତି ମହାକୁଡ, କୋଷାଧ୍ୟକ୍ଷ ମନୋଜ କୁମାର ମହାକୁଡ଼, ସହ କୋଷାଧ୍ୟକ୍ଷ ଶିବ କର୍ମୀ, ରମେଶ ପ୍ରସାଦ ସାହୁ, ବୈକୁଣ୍ଠ ପ୍ରଧାନ, କୃତିବାସ ପଲିଆ ଓ ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

# ତୈଳିକ ବୈଶ୍ୟ ସମାଜର ବୋଇତ ବନ୍ଦାଣ ଉତ୍ସବ

**ବୌଦ୍ଧ, ୫।୧୧(ଅଜିତ କୁମାର ବାରିକ)**

ଓଡ଼ିଆ ନୌବାଣିଜ୍ୟ ପରମ୍ପରାକୁ ବଜାୟ ରଖିବାକୁ ବୌଦ୍ଧ ଜିଲା ତୈଳିକ ବୈଶ୍ୟ ସମାଜ ପକ୍ଷରୁ ବୋଇତ ବନ୍ଦାଣ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଛି। ସମାଜର ସଭାପତି ଶଙ୍କର୍ଷଣ ସାହୁଙ୍କ ତତ୍ତ୍ୱାବଧାନରେ ଓ ସମ୍ପାଦକ ବିଜୟ କୁମାର ସାହୁଙ୍କ ନେତୃତ୍ୱରେ ସମାଜ ପକ୍ଷରୁ ବୌଦ୍ଧ ସହରର ମହାନଦୀ କୂଳରେ ଥିବା ଆଳତି ଘାଟଠାରେ ପୁରା ରୀତିନୀତି ଅନୁଯାୟୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ବ୍ରାହ୍ମ ମୁହୂର୍ତ୍ତରେ ତୈଳିକ ବୈଶ୍ୟ ସମାଜର ସମସ୍ତ ପରିବାରବର୍ଗ ଆଳତି ଘାଟରେ ଉପସ୍ଥିତ ରହି ଏକ ବିରାଟ ସୁସଜ୍ଜିତ ବୋଇତର ପୂଜାର୍ଚ୍ଚନା କରିବା ପରେ ମହାନଦୀର ପାଣିରେ ଭସାଇ ଥିଲେ। ଏହା ସହ ମଧ୍ୟାହ୍ନରେ ରାମେଶ୍ୱର ମନ୍ଦିରଠାରେ ସମାଜର ବାର୍ଷିକ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ସମାଜ ଦ୍ୱାରା ବର୍ଷ ସାରା ହୋଇଥିବା ବିଭିନ୍ନ କାର୍ଯ୍ୟ ଉପରେ ସମୀକ୍ଷା କରିବା ପରେ ଆଗାମୀ ବର୍ଷ ପାଇଁ ଯୋଜନା ପ୍ରସ୍ତୁତ କରାଯାଇଥିଲା। ଉପଦେଷ୍ଟା ସୁବାସ ସାହୁ ସମସ୍ତେ ସଙ୍ଗଠିତ ଭାବେ ସମାଜର ହିତ ପାଇଁ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମକୁ କୋଷାଧ୍ୟକ୍ଷ ଦିଲୀପ କୁମାର ସାହୁ ସଂଯୋଜନା କରିଥିବାବେଳେ ଜୟ ସାହୁ, ସନାତନ ସାହୁ, ଭୋଲା ସାହୁ, ଖଗେଶ୍ୱର ସୁବୁଦ୍ଧି, ବୀଣାପାଣି ସାହୁ, ଭ୍ରମରବର ସାହୁ, ପ୍ରଶାନ୍ତ ସାହୁ, ଅଶୋକ ସାହୁ, ଚକ୍ରଧର ସାହୁ, ପ୍ରଭାସଚନ୍ଦ୍ର ପୃଷ୍ଟି, ଅର୍ଜୁନ ସାହୁ, ନବୀନ ସାହୁ ପ୍ରମୁଖ ସହଯୋଗ କରିଥିଲେ।



ମହାନଦୀର ଆଳତି ଘାଟରେ ବୋଇତ ବନ୍ଦାଣ କରୁଛନ୍ତି।

# ଜଙ୍ଗଲରୁ ୨୬୦ କିଗ୍ରା ଗଞ୍ଜେଇ ଜବତ



କଣ୍ଟାମାଳ ଥାନା ପୋଲିସ ଜଙ୍ଗଲରୁ ଜବତ କରିଥିବା ଗଞ୍ଜେଇ।

**ଘଣ୍ଟାପଡ଼ା,୫।୧୧(ପ୍ରଭାତ କୁମାର ସାହୁ)**

ବୌଦ୍ଧ ଜିଲା କଣ୍ଟାମାଳ ଥାନା ପୋଲିସ ଜଙ୍ଗଲରୁ ୨୬୦ କିଗ୍ରା ଗଞ୍ଜେଇ ଜବତ କରିଛି। ଏହି ଗଞ୍ଜେଇ ଚୋରାଚାଲାଣ ପାଇଁ ପ୍ରସ୍ତୁତି ହେଉଥିଲା। ଏସମ୍ପର୍କରେ ଖବରପାଇ ମଙ୍ଗଳବାର କଣ୍ଟାମାଳ ପୋଲିସ ସାଲେପୁର ଜଙ୍ଗଲରେ ଚୋରାଚାଲାଣ ଲାଗି ପ୍ରସ୍ତୁତି ହେଉଥିବା ସ୍ଥାନରେ ଚଢାଉ କରିଥିଲେ। ହେଲେ ପୋଲିସକୁ ଦେଖି ଚାଲାଣକାରୀମାନେ ଫେରାର ମାରିଥିଲେ। ଘଟଣାସ୍ଥଳରୁ ସମସ୍ତ ଗଞ୍ଜେଇ ଜବତ କରି ମାଜିଷ୍ଟ୍ରେଟଙ୍କ ସମ୍ମୁଖରେ ଓଜନ କରିବାରୁ ୨୬୦.୪ କିଗ୍ରା ଗଞ୍ଜେଇ ହୋଇଥିଲା। ଏନେଇ କଣ୍ଟାମାଳ ଥାନାରେ ଏକ ମାମଲା (ନଂ. ୨୧୫।୨୦୨୫) ରୁଜୁ ହୋଇ ଅଧିକ ତଦନ୍ତ ଜାରି ରଖିଥିବା ଥାନା ଅଧିକାରୀ ରଞ୍ଜିତ କୁମାର ମୁନୀ ପ୍ରକାଶ କରିଛନ୍ତି।

# ସୁପରସିକ୍ସ କ୍ରିକେଟ: ଶିମିଳିପାଳ ଚାମ୍ପିୟନ

**ନାକଟିଦେଉଳ, ୫।୧୧(ବୈକୁଣ୍ଠନାଥ ସାହୁ)**

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ଅନ୍ତର୍ଗତ ଡଙ୍ଗଚା ୟଙ୍ଗଷ୍ଟାର କ୍ରିକେଟ କ୍ଲବ ପକ୍ଷରୁ ଏକଦିବସୀୟ ସୁପରସିକ୍ସ କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଟୁର୍ନାମେଣ୍ଟରେ ୮ଟି କ୍ରିକେଟ ଟିମ ଭାଗ ନେଇଥିଲେ। ଫାଇନାଲ ମ୍ୟାଚ ଶିମିଳିପାଳ ଏବଂ ଡଙ୍ଗଚା ମଧ୍ୟରେ ହୋଇଥିଲା। ଡଙ୍ଗଚା କ୍ରିକେଟ ଟିମ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୬ ଓଭରରେ ୯ ଉଇକେଟ ହରାଇ ୨୭ରନ କରିଥିଲା। ଜବାବରେ ଶିମିଳିପାଳ କ୍ରିକେଟ ଟିମ୍ ୫.୪ ଓଭରରେ ୭ ଉଇକେଟ ହରାଇ ଆବଶ୍ୟକ ରନ ସଂଗ୍ରହ କରି ଚାମ୍ପିୟନ ହୋଇଥିଲା। ଶିମିଳିପାଳର ବାପୁନ ସାହୁଙ୍କୁ ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ ଏବଂ ଡଙ୍ଗଚାର ରଞ୍ଜିତ ଧଳଙ୍କୁ ଶ୍ରେଷ୍ଠ ବୋଲରଭାବେ ପୁରସ୍କୃତ କରାଯାଇଥିଲା। ଫାଇନାଲ ମ୍ୟାଚ ପରିଚାଳନା କରିଥିଲେ ଶ୍ରୀକାନ୍ତ ସାହୁ ଓ ସୁଦର୍ଶନ ମାଝୀ। ଆୟୋଜିତ ପୁରସ୍କାର ବିତରଣ ସମାରୋହରେ ନାକଟିଦେଉଳ ବ୍ଲକର ପୂର୍ବତନ ବ୍ଲକ ଅଧ୍ୟକ୍ଷା ମନ୍ଦାକିନୀ ରାଉଳ ମୁଖ୍ୟ ଅତିଥିଭାବେ ଯୋଗଦେଇ ବିଜେତା ଏବଂ ଉପବିଜେତା ଦଳକୁ ଟ୍ରଫି ଦେଇ ପୁରସ୍କୃତ କରିଥିଲେ। ବିଶ୍ୱମ୍ଭର ମହାରଣା ଧାରା ବିବରଣୀ ପ୍ରଦାନ କରିଥିଲେ। ଟୁର୍ନାମେଣ୍ଟ ଆୟୋଜନରେ ୟଙ୍ଗଷ୍ଟାର କ୍ରିକେଟ ଟିମ ଡଙ୍ଗଚାର କାଳିଆ ସାହୁ, ବାଦଲ ପ୍ରଧାନ, ଶ୍ରୀକାନ୍ତ ଧଳ, ମନୋଜ ଭୁକ୍ତା, ସୁଫିନ ଦେହୁରୀ, ବାଦଲ ଭୁକ୍ତା ଏବଂ ମନୋରଞ୍ଜନ ପ୍ରଧାନଙ୍କ ସମେତ ସମସ୍ତ ସଦସ୍ୟ ସହଯୋଗ କରିଥିଲେ।


## OFFICE OF THE NIMAPARA NOTIFIED AREA COUNCIL

At/P.O./P.S.: Nimapara, Dist.: Puri, Odisha, PIN - 752106
email: nimapdanac@gmail.com, Web: www.nimaparanac.in
Phone No.: (06758) 454167

**ବିଜ୍ଞାପିତ ଅଞ୍ଚଳ ପରିଷଦ, ନିମାପଡ଼ା, ପୁରୀ**

ସୈରାତ ମାମଲା ସଂଖ୍ୟା: 3424 — ତାରିଖ: 01.11.2025

| Digital signature certificate of Bidder | The bidder must posses compatible digital signature certificate (DSC) of Class-II or Class-III |

The detail tender call notice can also be seen in the DOWR website - http://dowrorissa.gov.in

| | |
|---|---|
| Name & Address of the OIT | Superintending Engineer, M.I.Division, Sambalpur At-Motijharan, P.O.-B.S.S. Nagar, Dist.-Sambalpur, PIN-768001, Ph : 0663-2412791, E-mail ID : eemisbp@yahoo.co.in |
| Further details can be seen from the e-Procurement market place | http://tendersorissa.gov.in |

Sd./- Superintending Engineer, M.I.Division, Sambalpur

OIPR-

## OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, RAYAGADA

Advt. No. 06/NHM/2025 — Date: 30.10.2025

REQUEST FOR PROPOSAL

No. E-481: Request for proposal invited for "Rate Contract of Printing & Supplying of IEC/BCC Materials & Different Logistics etc. for the year 2025-26". The tender papers with all terms and conditions shall be download from district website i.e. www.rayagada.odisha.gov.in from 30.10.2025 to 19.11.2025 and to sent their tender porposal to the CDM & PHO, Rayagada, Baruhola, Dist.: Rayagada, PIN No. - 765002 through Speed Post/Regd. Post only on or before 19.11.2025 by 5.00 P.M. which will be opened on 20.11.2025 at 11.00 A.M. in the presence of the bidders/authorized representatives at the office of undersigned in the office chamber of CDM & PHO, Rayagada. The undersigned reserves the right to reject any or all the tenders without assigning any reason thereof.

Sd./- CDM & PHO, Rayagada

OIPR-

## OFFICE OF THE NOTIFIED AREA COUNCIL, KODALA

Odisha, Pin - 761032, e-Mail : nackodala@gmail.com
Lt. No.3051/ Dev / 2025 — e-NOTICE — Dated : 31.10.2025

BID IDENTIFICATION NO. KOD-NAC-11/2025-26

No.C-1378 : The Executive Officer, NAC, Kodala on behalf of Governor of Odisha invites for consultancy or bidders of eligible class registered with the State Govt. and bidders of equivalent grade/class registered with Central Govt./MES/Railways according to norm of e-procurement system in online mode for the work as per DTCN.

| | | |
|---|---|---|
| 1. | Name of the Work | REQUEST FOR PROPOSAL (RFP) |
| 2. | Number of Work | 01 Nos. |
| 3. | Estimated cost | As per DTCN |
| 4. | Period of Completion | As per DTCN |
| 5. | Date and Time of availability of Bid Document in the Portal | From 10.00 A.M. of Dt.04.11.2025 to 05.00 P.M. of Dt.17.11.2025 |
| 6. | Last date and time for receipt of Bid in the Portal | 05.00 P.M. of Dt.17.11.2025 |
| 7. | The bid received online shall be opened on | 12.30 P.M. of dtd. 18.11.2025 |
| 8. | Name and Address of the Officer inviting Bid | Executive Officer, NAC, Kodala |

Further details can be seen from the Procurement Portal : www.tendersodisha.gov.in

Sd./- Executive Officer, Kodala NAC

OIPR-

## OFFICE OF THE CDM&PHO, BHADRAK

Letter No. : 14895 — Date : 01.11.2025

QUOTATION CALL NOTICE

No.E-486 : Sealed quotations are invited from interested bidders/suppliers to quote their lowest rate for Selection of NABL Accredited Lab for Quality Testing of Linen & Water (Used especially in Dialysis Centers) Samples at Public Health Institutions of Bhadrak.

Last date of receiving the Quotation is Dt. 24.11.2025 by 5.00 P.M. Opening of the Quotation will be on Dt. 25.11.2025 at 11.00 AM at O/o CDMO&PHO, Bhadrak. The details specification & description is given below:

The details specification & description is enclosed herewith.

Note Below:

- The Quotation will be addressed to O/o - Chief District Medical & Public Health Officer, Bhadrak.
- Bidder/Agency should have valid PAN & GST number & E-mail ID for further communication.
- The Bidder should provide valid Contact number & E-mail ID for further communication.
- No Quotation will be accepted after stipulated date & time Dt. 24.11.2025 by 5.00 P.M.
- The authority reserved the right to cancel all Quotations without assigning any reason thereof.
- Bidder should be ready to supply the indents within 10 days from the date of receipt of work order.
- Rate must be inclusive GST.
- Payment will be made after supply of items in good condition.
- All the above documents should be attached with the Quotation with the sign & seal.
- The rate should be valid for two years from the date of approval of work order.

Sd./- Chief District Medical & Public Health Officer, Bhadrak

OIPR-

## ଉପ-ନିର୍ଦ୍ଦେଶକ (ଭୂତତ୍ତ୍ୱ) କାର୍ଯ୍ୟାଳୟ, ଭୂତଳ ଜଳ ଉନ୍ନୟନ ବିଭାଗ, ଅନୁଗୋଳ
## OFFICE OF THE DEPUTY DIRECTOR GEOLOGY GROUND WATER DEVELOPMENT DIVISION, ANGUL

At; Tikira Irrigation Colony, Matiasahi, Angul - 759143
Ph.: 06764-319-889, Email: ddgangul.gwd@gmail.com

INVITATION FOR BIDS (IFB)

e-Procurement Notice: 899 — Date: 30.10.2025

(Single - Envelope Bidding Process)

No. A-829: Deputy Director Geology, GWD Division, Angul, At: Tikira Irrigation Colony, Matiasahi, Angul - 759143 on behalf of Governor of Odisha invites bids from bidders Class "D" & "C" registered with the State Governments and bidders of equivalent Grade/Class registered with Central Government/MES/Railways for the construction of works following work.

Bid documents consisting of work, estimated amount put to tender, cost of tender paper, EMD, time of completion, class of contractor, the set of terms and conditions of contract and other necessary documents can be seen in e-procurement portal 'www.tendersodisha.gov.in'.

| Sl. No. | Bid Identification No. | Name of the Work | Estimated Cost (in lakhs) |
|---|---|---|---|
| 01 | 10/GWDANG/CH HATA/2025-26 | Construction of 05 Nos. of RRHS in Govt. Buildings of Dhenkanala Urban Area | Rs.18.26 |
| 02 | 11/GWDANG/CH HATA/2025-26 | Construction of 05 Nos. of RRHS in Govt. Buildings of Angul Urban Area | Rs.17.78 |
| 03 | 12/GWDANG/CH HATA/2025-26 | Construction of 05 Nos. of RRHS in Govt. Buildings of Talcher Urban Area | Rs.18.26 |
| 04 | 13/GWDANG/CH HATA/2025-26 | Construction of 05 Nos. of RRHS in Govt. Buildings of Talcher Block Area | Rs.12.97 |

| | |
|---|---|
| Start date of availability of bid document Online | 04.11.2025 from 11.00 Hrs. |
| Last date of availability of bid document Online | 17.11.2025 upto 12.00 Hrs. |
| Last date and time for receipt of bid document | 17.11.2025 upto 12.00 Hrs. |
| Date & time of opening of bid document | 18.11.2025 from 13.00 Hrs. |
| Date of Lottery (if required) | will be intimated later |

Sd./- Deputy Director Geology, GWD Division, Angul

OIPR-

## NOTICE INVITING TENDER
## OFFICE OF CHIEF CSO/CSO-cum-DISTRICT MANAGER STATE CIVIL SUPPLIES CORPORATION LTD., ODISHA

District: Subarnapur

TENDER No.

Binika Block & NAC - 1766/29.10.2025, Birmaharajpur Block - 1762/29.10.2025, Dunguripali Block - 1763/29.10.2025, Sonepur Block & MPL - 1764/29.10.2025, Tarava Block & NAC - 1765/29.10.2025, Ullunda Block - 1767/29.10.2025

Cost of Tender Document is Rs.1000/- inclusive of GST for each CLUSTER (through online mode)

No. CAD-2161: Online tenders are invited from eligible bidders for selection and appointment of transport contractors for transportation of (i) Paddy from Paddy Purchase Centers (PPCs) / Mandis to Rice Mill points (within or outside district) & (ii) Custom Milled Rice (CMR) from Rice Mill points to Rice Receiving Centers (RRCs)/ Depots (within or outside district).

| | | |
|---|---|---|
| 1 | Availability of tender documents | From Date: 30.10.2025 at 5.00 P.M. Downloadable from website: www.tendersodisha.gov.in, https://subarnapur.odisha.gov.in |
| 2 | Date, time and venue for pre-bid Conference | On Dt.31.10.2025 at 11.30 A.M. in the Conference Hall of Collectorate, Subarnapur |
| 3 | Last date and time for online submission of complete tender documents with enclosures | Through Portal: www.tendersodisha.gov.in Upto 5.00 P.M. of Dt.13.11.2025 |
| 4 | Date, time and venue for opening of Technical Bid by the Tender Committe | On Dt. 14.11.2025 at Conference Hall of Collectorate, Subarnapur at 11.30 A.M. |
| 5 | Date, time and venue of submission of original documents in support of scanned copies uploaded in the portal for verification | On Dt.15.11.2025 at 11.30 A.M. onwards At: Conference Hall of Collectorate, Subarnapur |
| 6 | Date, time and venue of Financial Bid opening by the Tender Committee (Only of Technically Qualified Bidders) | To be announced after technical bid evaluation |
| 7 | Language of the Tender | The tender should be prepared by the bidder in English language only. |
| 8 | Help desk Telephone Number | District Manager: 9437068432, Asst. Manager (Accts.): 7092925898 |

N.B.:
1. If the office happens to be closed on the date of opening of tenders, tenders will be opened on the next working day in the same time.

By Order of Collector
Sd./- District Manager, OSCSC Ltd., Subarnapur

OIPR-

## GOVERNMENT OF ODISHA OFFICE OF THE SUPERINTENDING ENGINEER AUL EMBANKMENT DIVISION, AUL

No.A-853

Dist : Kendrapara, Odisha - 754219, Tel/Fax : 06729-295188, Mail id : aulembankment@gmail.com

'e' Procurement Notice No. AED-15 OF 2025-26

1. No. of the work : 52 No. Flood Control & Road works, 2. Tender Cost : Varies from ₹ 25,33,190.00 to 84,52,722.00. 3. Bid Document Cost : Rs.6000.00 to 10000.00, 4. Bid Security : Varies from Rs.25,400.00 to 84,600.00, 5. Class of Contractor : C & B Class, 6. Period of Completion : Six calendar months, 7. Other details are as follows.

| Procurement Officer | Bid Identification No. | Availability of Tender On-line for bidding From | To | Date of Opening of Technical Bid |
|---|---|---|---|---|
| Superintending Engineer, Aul Embankment Division, Aul | AUL 01 of 2025-26 To AUL 52 of 2025-26 (52 Nos. work) | 07.11.2025 10.00 A.M. | 17.11.2025 5.00 P.M. | 18.11.2025 11.00 A.M. |

8. e-mail Id — aulembankment@gmail.com
9. If required Lottery will be held on dtd.05.12.2025 at 11.00 A.M.

Further detail conditions can be seen from the Govt. website www.tendersodisha.gov.in

Sd./- Superintending Engineer, Aul Embankment Division, Aul

OIPR-

## GOVERNMENT OF ODISHA OFFICE OF THE CHIEF CONSTRUCTION ENGINEER RURAL WORKS CIRCLE, SUNABEDA

e-mail : serwsbd2003@yahoo.com
Letter No. : 4090 — Date : 28.10.2025

2nd Corrigendum

No.O-1300 : In continuation to this office Bid Identification No. CCERWCSBD-Online-12/2025-26 invited vide this office Notice No.3084 Dtd.25.08.2025, partial modification of NCB has been made as follows :-

| Sl. No. | Item | Time Schedule as per original NCB | Time Schedule as per 1st Corrigendum notice | Time Schedule as per 2nd Corrigendum notice |
|---|---|---|---|---|
| 1 | Availability of Tender online for bidding | 03.09.2025 at 11.00 AM to 23.09.2025 up to 5.00 PM | Extended up to 30.10.2025 up to 5.00 PM | Extended up to 21.11.2025 5.00 PM |
| 2 | Date and Time of seeking tender clarification if any | 22.09.2025 up to 2.00 PM | 29.10.2025 up to 2.00 PM | 20.11.2025 up to 2.00 PM |
| 3 | Date & Time of opening of tender (Technical Bid) | 24.09.2025 at 11.00 AM | 31.10.2025 at 11.00 A.M. | 24.11.2025 at 11.00 A.M. |
| 4 | Date & Time of opening of tender (Price Bid) | Will be intimated later on to the successful bidders | Will be intimated later on to the successful bidders | Will be intimated later on to the successful bidders |

All other terms and conditions will remain unaltered.

Sd./- Chief Construction Engineer, RW Circle, Sunabeda

OIPR-

## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# କୋଲ୍ ୱାସେରିରେ ଲିଭୁନି ନିଆଁ


ୱାସେରିରେ ପୋଡିଯାଉଥିବା କୋଇଲା।

■ ନଷ୍ଟ ହେଉଛି ଲକ୍ଷାଧିକ ଟଙ୍କାର ସମ୍ପତ୍ତି
■ ପ୍ରଦୂଷଣରେ ଅତିଷ୍ଠ ଅଞ୍ଚଳବାସୀ

**ଝାରସୁଗୁଡ଼ା,୫।୧୧(ଆଶିଷ ରଞ୍ଜନ ଦାଶ)**

ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ ଅଧୀନ ବନ୍ଧବାହାଲ ଅଞ୍ଚଳର ଗ୍ଲୋବାଲ କୋଲ୍ ୱାସେରିରେ ପ୍ରାୟ ୧ ସପ୍ତାହ ହେବ ନିଆଁ ଲାଗିଛି। ଏଥିରେ ହଜାର ହଜାର ଟନ୍‌ର କୋଇଲା ପୋଡ଼ି ନଷ୍ଟ ହେଉଛି। ଏଥିଯୋଗୁ ସରକାରଙ୍କ ବହୁ କୋଟି ଟଙ୍କାର ସମ୍ପତ୍ତି ନଷ୍ଟ ହେଉଛି। ନିଆଁକୁ ଆୟତ୍ତ କରିବା ପାଇଁ ଏମ୍‌ସିଏଲ୍ କର୍ତ୍ତୃପକ୍ଷ ତତ୍ପରତା ପ୍ରକାଶ କରୁ ନ ଥିବାବେଳେ ଜିଲା ପ୍ରଶାସନ ମଧ ପଦକ୍ଷେପ ନେଉ ନ ଥିବା ସ୍ଥାନୀୟ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି।

ସୂଚନା ଅନୁସାରେ, ଗ୍ଲୋବାଲ କୋଲ୍ ୱାସେରିରେ ଥିବା ବହୁ ହଜାର ଟନ୍ କୋଇଲା କିଛିଦିନ ହେବ ଜଳୁଛି। ଏଥିଯୋଗୁ ସ୍ଥାନୀୟ କୁସ୍ରାଲୋଇ ଓ ଛର୍ଲା ଅଞ୍ଚଳରେ ପ୍ରଦୂଷଣ ବୃଦ୍ଧି ପାଇଛି। ଫଳରେ ଲୋକମାନେ ଅସୁବିଧାର ସମ୍ମୁଖୀନ ହେଉଥିବାବେଳେ ବିଭିନ୍ନ ରୋଗରେ ଆକ୍ରାନ୍ତ ହେବା ଆଶଙ୍କା ପ୍ରକାଶ ପାଇଛି। ୱାସେରିରେ ନିଆଁ ଲାଗିବାର କାରଣ ଜଣାପଡ଼ିନାହିଁ। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ଝାରସୁଗୁଡ଼ା ଜିଲାରେ ଅନେକ କମ୍ପାନୀ ରହିଛି। ସେଠାରୁ ନିର୍ଗତ ପାଉଁଶ ଲୋକଙ୍କ ପାଇଁ ସମସ୍ୟା ସୃଷ୍ଟି କରୁଛି। ଗ୍ଲୋବାଲ କୋଲ୍ ୱାସେରିରେ ଯେତେ କୋଇଲା ପୋଡ଼ିଯାଇଛି, ସେଥିରୁ ବାହାରିଥିବା ପାଉଁଶକୁ ଏମ୍‌ସିଏଲ୍ କର୍ତ୍ତୃପକ୍ଷ କୁଆଡ଼େ ନେଇ ପକାଇବେ, ପୋଡ଼ି ଯାଇଥିବା କୋଇଲାର ମୂଲ୍ୟ କିଏ ଦେବ ତାହାକୁନେଇ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏନେଇ ଏମ୍‌ସିଏଲ୍ ଜିଏମ୍ ଏ. କେ. ପାଣ୍ଡେ ଏବଂ ଜିଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ପ୍ରତିକ୍ରିୟା ମିଳିପାରିନାହିଁ। ଗ୍ଲୋବାଲ କୋଲ୍ ୱାସେରିର ଏମ୍. ଡି. ପାତ୍ର କହିଛନ୍ତି, କୋଇଲା ସଫା କରିବା ଆମର କାମ। କୋଇଲା ପୋଡ଼ିବା ଘଟଣା ଏମ୍‌ସିଏଲ୍ କର୍ତ୍ତୃପକ୍ଷ ବୁଝିବେ। ଅପରପକ୍ଷେ ଏମ୍‌ସିଏଲ୍‌ର ଇନ୍‌ଚାର୍ଜ ଅଧିକାରୀ ସତ୍ୟଭୂଷଣ ବାରିକ କହିଛନ୍ତି, ୱାସେରିରେ ୨ ପ୍ରକାର କୋଇଲା ରହିଥାଏ। ସେଥିମଧ୍ୟରେ ଗୋଟିଏ ହେଲା ୱାଶ୍ କୋଇଲା ଏବଂ ଅନ୍ୟଟି ରିଜେକ୍ଟ କୋଇଲା। ୱାସେରିରେ ଥିବା ରିଜେକ୍ଟ କୋଇଲା ପୋଡ଼ିଯାଇଛି। ଏହାର କୌଣସି ମୂଲ୍ୟ ନ ଥିବାରୁ ପୋଡ଼ିବାରେ ଅସୁବିଧା ନାହିଁ ବୋଲି ସେ କହିଛନ୍ତି।

# ୭ରେ ରାଜ୍ୟର ୫ ସହରରେ ଉଦ୍‌ଘାଟନହେବ ବନ୍ଦେମାତରମ୍ ଗୀତ

■ ୮ରୁ ୨୬ ଯାଏଁ ସବୁ ବିଧାନସଭା କ୍ଷେତ୍ରରେ ଆୟୋଜନ ହେବ କାର୍ଯ୍ୟକ୍ରମ
■ ଦେଶର ୧୫୦ ସ୍ଥାନରେ କାର୍ଯ୍ୟକ୍ରମ ପାଇଁ ନିଷ୍ପତ୍ତି ନେଇଛି କେନ୍ଦ୍ର

**ଭୁବନେଶ୍ୱର, ୫।୧୧(ସୁନିତ୍ ମିଶ୍ର)**

ରାଷ୍ଟ୍ରଗୀତ ବନ୍ଦେମାତରମ୍‌କୁ ଆସନ୍ତା ୭ ତାରିଖରେ ୧୫୦ ବର୍ଷ ପୂରିବାକୁ ଯାଉଛି। ୧୮୭୫ରେ ବଙ୍କିମଚନ୍ଦ୍ର ଚାଟାର୍ଜୀ ଏହାକୁ ରଚନାକରିଥିଲେ। ଦେଶର ଯୁବବର୍ଗ ମଧ୍ୟରେ ଏହି ଦେଶପ୍ରେମର ଭାବନାକୁ ପୁନର୍ଜୀବିତ କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗତ ଅକ୍ଟୋବର ୧ରେ କେନ୍ଦ୍ର କ୍ୟାବିନେଟ୍‌ରେ ଦେଶବ୍ୟାପୀ ରାଷ୍ଟ୍ରଗୀତ ବନ୍ଦେମାତରମ୍‌ର ୧୫୦ ବର୍ଷକୁ ମହାସମାରୋହରେ ପାଳନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଉତ୍ସାହ ସହ ଏହି କାର୍ଯ୍ୟକ୍ରମ କରିବାକୁ ସ୍ଥିର କରିଛନ୍ତି। ଭାଜପା ପକ୍ଷରୁ ମଧ ଏହି ଗୀତକୁ ସାରା ଦେଶରେ ଧୁମଧାମରେ ପାଳନ କରିବାକୁ ସ୍ଥିରୀକୃତ ହୋଇଛି। ଆସନ୍ତା ୭ ତାରିଖରେ ଏହି ଗୀତର ଉଦ୍‌ଘାଟନୀ କାର୍ଯ୍ୟକ୍ରମ ସାରା ଦେଶର ୧୫୦ଟି ସ୍ଥାନରେ ହେବାକୁ ନିଷ୍ପତ୍ତି ହୋଇଛି। ଓଡ଼ିଶାର ୫ଟି ପ୍ରମୁଖ ସହର ଭୁବନେଶ୍ୱର, ବ୍ରହ୍ମପୁର, ବାଲେଶ୍ୱର, କେନ୍ଦୁଝର ଓ ରାଉରକେଲାରେ ଏହାକୁ ଆୟୋଜନ କରାଯିବ। ଏହାପରେ ୮ରୁ ୨୬ ତାରିଖ ମଧ୍ୟରେ ପ୍ରତ୍ୟେକ ବିଧାନସଭା କ୍ଷେତ୍ରରେ ଗୋଟିଏ କାର୍ଯ୍ୟକ୍ରମ ଆୟୋଜନ ହେବ ବୋଲି ଭାଜପା ରାଜ୍ୟ ଉପସଭାପତି ବିଷ୍ଣୁ ଦାସ କହିଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ବିଷ୍ଣୁ କହିଛନ୍ତି, ଓଡ଼ିଶାର ସମସ୍ତ ଜନତା, ବୁଦ୍ଧିଜୀବୀ, ମା', ଭଉଣୀ ଓ ଛାତ୍ରୀଛାତ୍ର, ଧାର୍ମିକ ଅନୁଷ୍ଠାନ, ଯୁବ ସଙ୍ଗଠନ ବନ୍ଦେ ମାତରମ୍ ଗୀତ ଗାଇ ସ୍ୱଦେଶୀ ସଂକଳ୍ପ ସହ ଦେଶପ୍ରେମର ଭାବନାକୁ ଉଜ୍ଜୀବିତକରି ରାଷ୍ଟ୍ର ଗଠନରେ ପ୍ରମୁଖ ଭୂମିକା ଗ୍ରହଣ କରନ୍ତୁ। ୧୯୨୩ରେ କଂଗ୍ରେସ ଏହି ଗୀତ ଗାଇବାକୁ କୁଣ୍ଠାବୋଧ କରିଥିଲା। ଏହାପରେ କଂଗ୍ରେସ ବିଭିନ୍ନ କାର୍ଯ୍ୟକ୍ରମରେ ଉକ୍ତ ଗୀତ ନ ଗାଇବା ପାଇଁ ଆନୁଷ୍ଠାନିକ ଭାବେ ନିଷ୍ପତ୍ତି ନେଇଥିଲା ବୋଲି ସେ କହିଛନ୍ତି।

# ନୂଆଦିଲ୍ଲୀରେ କାର୍ତ୍ତିକ ପୂର୍ଣ୍ଣିମା, ବୋଇତ ବନ୍ଦାଣ ଉତ୍ସବ


ଦିଲ୍ଲୀ ହଉଜ୍‌ଖାସସ୍ଥିତ ଜଗନ୍ନାଥ ମନ୍ଦିର ପରିସରରେ ଅନୁଷ୍ଠିତ ବୋଇତ ବନ୍ଦାଣ ଉତ୍ସବ।

**ଭୁବନେଶ୍ୱର,୫।୧୧ (ସୌମ୍ୟରଞ୍ଜନ ରାଉତ)**

ଶ୍ରୀ ନୀଳାଚଳ ସେବାସଂଘ ପକ୍ଷରୁ ନୂଆଦିଲ୍ଲୀର ହାଉଜ୍‌ଖାସ୍‌ସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିର ପରିସରରେ ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ସହ ବୋଇତ ବନ୍ଦାଣ ଉତ୍ସବ ବୁଧବାର ପାଳିତ ହୋଇଯାଇଛି। ଏହି ଅବସରରେ ଦିଲ୍ଲୀରେ ରହୁଥିବା ଶତାଧିକ ଓଡ଼ିଆ ଏବଂ ଅଣଓଡ଼ିଆ ଲୋକେ ସେମାନଙ୍କ ପରିବାର ବର୍ଗ ଓ ବନ୍ଧୁପରିଜନଙ୍କ ସହ ସାମିଲ ହୋଇଥିଲେ। ବିଶେଷକରି ବୋଇତ ବନ୍ଦାଣ ଉତ୍ସବକୁ ନେଇ ପ୍ରବଳ ଉତ୍ସାହ ଓ ଉଦ୍ଦୀପନା ପ୍ରକାଶ ପାଇଥିଲା। ବଡ଼ି ଭୋର୍‌ରୁ ପୂଜାରୀମାନେ ମୁଖ୍ୟ ମନ୍ଦିର ମଧ୍ୟରେ ଚାରି ଦିଅଁଙ୍କର ସ୍ୱତନ୍ତ୍ର ପୂଜାର୍ଚ୍ଚନା କରିଥିଲେ। ଏହାପରେ ଫୁଆରାର ପୋଖରୀ କୂଳରେ ଭାସମାନ ଥିବା ସୁନ୍ଦର ଓ ସୁସଜ୍ଜିତ ବୋଇତଟିକୁ ପୂଜା କରାଯାଇଥିଲା। ପରେ ମହିଳାମାନେ ବୋଇତ ବନ୍ଦାପନା କରିଥିଲେ। କାର୍ଯ୍ୟକ୍ରମରେ ଅତିଥି ଭାବେ ଦିଲ୍ଲୀ ସରକାରଙ୍କ ମନ୍ତ୍ରୀ ଆଶିଷ ସୁଦ୍ ଓ ତାଙ୍କ ସ୍ତ୍ରୀ ଅନୁ ସୁଦ୍ ଯୋଗଦେଇଥିଲେ। ମୁଖ୍ୟ ଆୟୋଜକ ତଥା ମନ୍ଦିର ପରିଚାଳନା କମିଟି ସମ୍ପାଦକ ରବୀନ୍ଦ୍ର ନାଥ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଓଡ଼ିଶାର ବିଶିଷ୍ଟ କଣ୍ଠଶିଳ୍ପୀ ଅନିନ୍ଦିତା ଦାସ, ଆରାଧନା ପାଣିଗ୍ରାହୀ ଓ ଗୋପୀନାଥ ପାଣିଗ୍ରାହୀ ସୁମଧୁର ଭଜନ ପରିବେଷଣ କରିଥିଲେ। ସେବାସଙ୍ଘ ସଭାପତି ବିଘ୍ନେଶ୍ୱର ରାଉତ, ସମ୍ପାଦକ ରବୀନ୍ଦ୍ରନାଥ ପ୍ରଧାନ, ଉପସଭାପତି ରବି ପାଣି, ଗଜେନ୍ଦ୍ର ସାମନ୍ତ, ଯୁଗ୍ମ ସମ୍ପାଦକ ଅଶୋକ ପ୍ରଧାନ, ଅଭୟ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ସ୍ୱର୍ଣ୍ଣପ୍ରଭା ପତି କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ।

# ଆନନ୍ଦପୁରରେ ବାଘ ଆତଙ୍କ


ଗ୍ରାମ ନିକଟ ପଡ଼ିଆରେ ପଡ଼ିଥିବା ବାଘ ପାଦଚିହ୍ନ।

**ଆନନ୍ଦପୁର,୫।୧୧(ସୁଶାନ୍ତ କୁମାର ସାହୁ)**

କେନ୍ଦୁଝର ଜିଲା ଆନନ୍ଦପୁର ବନଖଣ୍ଡ ଅଧୀନ ଷଡ଼ଙ୍ଗୀ ଗ୍ରାମରେ ବାଘ ଆତଙ୍କ ଦେଖାଯାଇଛି। ଗ୍ରାମ ନିକଟରେ ବାଘ ପାଦଚିହ୍ନ ଲୋକେ ଦେଖିଥିଲେ। ବନ ବିଭାଗ ପକ୍ଷରୁ ଯାଞ୍ଚ କରାଯାଇ ପାଦଚିହ୍ନ ବାଘର ବୋଲି ସ୍ପଷ୍ଟ ପରେ ଗ୍ରାମବାସୀ ଭୟଭୀତ ଅବସ୍ଥାରେ ରହିଛନ୍ତି। ଘଟଣା ଉପରେ ବନ ବିଭାଗ ପକ୍ଷରୁ ନଜର ରଖାଯାଇଥିବା କୁହାଯାଇଛି।

ପ୍ରକାଶ ଯେ, ମଙ୍ଗଳବାର ବିଳମ୍ବିତ ରାତିରେ ଗାଁର ଜଣେ ଯୁବକ ଗ୍ରାମରେ ବାଘ ଦେଖିଥିବା ଗ୍ରାମବାସୀଙ୍କୁ ଜଣାଇଥିଲେ। ଗ୍ରାମବାସୀ ପାଦଚିହ୍ନ ଦେଖିବା ପରେ ବନ ବିଭାଗକୁ ଖବର ଦେଇଥିଲେ। ଆନନ୍ଦପୁର ଉପଖଣ୍ଡ ବନ କର୍ମଚାରୀ ଗାଁରେ ପହଞ୍ଚି ଚାଷଜମିରେ ପଡ଼ିଥିବା ପାଦଚିହ୍ନକୁ ଯାଞ୍ଚ କରିଥିଲେ। ପାଦଚିହ୍ନ ବାଘର ବୋଲି ସ୍ପଷ୍ଟ କରିଥିଲେ। ଆନନ୍ଦପୁରରେ ବାଘର ସ୍ଥିତି ବନ ବିଭାଗ ଜାହିର କରିବା ପରେ ଜଙ୍ଗଲ ନିକଟସ୍ଥ ଗାଁଲୋକେ ଭୟଭୀତ ଅବସ୍ଥାରେ ରହିଛନ୍ତି। ଆନନ୍ଦପୁର ରେଞ୍ଜର ନବ ନାଏକ କହିଛନ୍ତି, ବାଘକୁ ଷଡ଼ଙ୍ଗୀ ଗ୍ରାମ ନିକଟ ସନ୍ତୋଷପୁର ବିଟ୍ ଅଞ୍ଚଳରେ ଦେଖିବାକୁ ମିଳିଥିଲା। ହଦଗଡ଼ ଜଙ୍ଗଲ ଆଡ଼କୁ ଯାଉଥିବା ବେଳେ ପଦାଚିହ୍ନକୁ ଅନୁସରଣକରି କର୍ମଚାରୀ ଯାଉଥିବା ସେ କହିଥିଲେ।

# 'ଚାଷୀଙ୍କ ପଞ୍ଜୀକରଣ, ଅଦିନିଆ ବର୍ଷାରେ କ୍ଷତିଗ୍ରସ୍ତଙ୍କୁ ସହାୟତା ତୁରନ୍ତ ଦିଆଯାଉ'

**ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ବରଗଡ଼ ଏମ୍‌ପି**

**ଭୁବନେଶ୍ୱର, ୫।୧୧(ସୁନିତ୍ ମିଶ୍ର)**

ଧାନ ବିକ୍ରିକରିବା ଲାଗି ପଞ୍ଜୀକୃତ ଚାଷୀଙ୍କୁ ଧାନ ବିକ୍ରୟ ଲାଗି ଅନୁମତି ଏବଂ ଅଦିନିଆ ବର୍ଷା କାରଣରୁ ଚାଷୀମାନଙ୍କ ବ୍ୟାପକ କ୍ଷୟକ୍ଷତିକୁ ତଦନ୍ତକରି ତୁରନ୍ତ କ୍ଷତିପୂରଣ ପ୍ରଦାନ କରିବା ପାଇଁ ବରଗଡ଼ ଏମ୍‌ପି ପ୍ରଦୀପ ପୁରୋହିତ ବୁଧବାର ଚିଠି ଲେଖି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଜଣାଇଛନ୍ତି।

ପ୍ରଦୀପ ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି, ତାଙ୍କ ଲୋକ ସଭା କ୍ଷେତ୍ର ବରଗଡ଼ ଏବଂ ଝାରସୁଗୁଡ଼ା ଜିଲାର ଧାନ ବିକ୍ରି ପାଇଁ ପାଖାପାଖି ୫ ହଜାର ଚାଷୀଙ୍କ ଧାନ କାର୍ଡ ପଞ୍ଜୀକୃତ ହୋଇପାରିନାହିଁ। ତେଣୁ ଉତ୍ପାଦନ କରିଥିବା ଧାନକୁ ମଣ୍ଡିରେ ବିକ୍ରିକରିବା ପାଇଁ ଏହି ଚାଷୀମାନଙ୍କୁ ସରକାର ପଞ୍ଜୀକୃତ କରିବାରେ ବ୍ୟବସ୍ଥା କରିବାକୁ ଅନୁରୋଧ କରାଯାଇଛି। ଏହାସହ ବାତ୍ୟା ମୋନ୍ଥା ପାଇଁ ଅଦିନିଆ ବର୍ଷା ଯୋଗୁ ବରଗଡ଼ ଏବଂ ଝାରସୁଗୁଡ଼ା ଜିଲାର ଅନେକ ଚାଷୀଙ୍କ ଅମଳ ହୋଇଥିବା ଧାନ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ଜିଲାପାଳମାନଙ୍କ ଜରିଆରେ ସରକାରଙ୍କଠାରେ କ୍ଷୟକ୍ଷତିର ରିପୋର୍ଟ ପ୍ରଦାନ କରାଯାଇଛି। ତେଣୁ ତୁରନ୍ତ ରାଜ୍ୟ ସରକାର ଚାଷୀଙ୍କୁ କ୍ଷୟକ୍ଷତିର ଇନ୍‌ପୁଟ ସବ୍‌ସିଡି ଯୋଗାଇଦେବା ପାଇଁ ସେ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି।

# ପ୍ରଦୀପଙ୍କ ଚିଠି ସରକାରଙ୍କୁ ଆଇନା ଦେଖାଇଛି: ବିଜେଡି

**ଭୁବନେଶ୍ୱର, ୫।୧୧(ସୁନିତ୍ ମିଶ୍ର)**

ରାଜ୍ୟର ଚାଷୀମାନେ ପଞ୍ଜୀକରଣ ପାଇଁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ବୋଲି ଭାଜପା ଏମ୍‌ପି ପ୍ରଦୀପ ପୁରୋହିତ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଚିଠି ଲେଖି ଜଣାଇଛନ୍ତି। ଏହାସହ ସେ ତାଙ୍କ ଚିଠିରେ ବାତ୍ୟା ମୋନ୍ଥାରେ ପ୍ରଭାବିତ ଲୋକଙ୍କୁ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ କରିବା ପାଇଁ ଦାବି କରିବାକୁ ଉଲ୍ଲେଖ କରିଛନ୍ତି। ରାଜ୍ୟର ଚାଷୀଙ୍କ ପଞ୍ଜୀକରଣ ସମସ୍ୟାକୁ ନେଇ ବିଜେଡି ସରକାରଙ୍କୁ ପ୍ରଶ୍ନ କରିଆସୁଥିବା ବେଳେ ସରକାର ଏହାକୁ ଅଣଦେଖା କରିଆସୁଥିଲେ। ଏହି ପ୍ରରିପ୍ରେକ୍ଷୀରେ ପ୍ରଦୀପ ପୁରୋହିତଙ୍କ ଚିଠି ରାଜ୍ୟ ସରକାରଙ୍କ ମୁଖା ଖୋଲିଦେଇଛି ବୋଲି ବିଜେଡି ଅଭିଯୋଗ କରିଛି। ଶଙ୍ଖ ଭବନରେ ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଦଳର ମୁଖପାତ୍ର ଲେନିନ୍ ମହାନ୍ତି କହିଛନ୍ତି, ଖରିଫ୍ ଧାନ କିଣା ପାଇଁ ଚାଷୀଙ୍କୁ ପଞ୍ଜୀକରଣ ପାଇଁ କରାଯାଇଥିବା ନିୟମଗୁଡିକ ଅତ୍ୟନ୍ତ ଜଟିଳ ଥିବାରୁ କୃଷକମାନେ ବହୁ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଏହି ପରିପ୍ରେକ୍ଷୀରେ ଚାଷୀଙ୍କ ସମସ୍ୟାକୁ ନେଇ ବିଜେଡି ରାଜରାସ୍ତାକୁ ଓହ୍ଲାଇଥିଲା। ରାଜ୍ୟର ବିଭିନ୍ନ ସ୍ଥାନରେ ଏହାକୁ ନେଇ ବିଦ୍ରୋହ ଦେଖାଦେଇଥିଲା। କିନ୍ତୁ ରାଜ୍ୟ ସରକାର ଏଥିପ୍ରତି କର୍ଣ୍ଣପାତ କରି ନ ଥିଲେ। ଏବେ ପ୍ରଦୀପଙ୍କ ଚିଠି ସରକାରଙ୍କୁ ଆଇନା ଦେଖାଇଛି ବୋଲି ଲେନିନ୍ କହିଛନ୍ତି।

# ୧୮ ଲକ୍ଷ ନଗଦ ଟଙ୍କା ଜବତ ସୂଚନା

**ଉତ୍କଳ ବିଲ୍ଡର୍ସରେ ଆୟକର ଚଢ଼ାଉ ଜାରି**

**ଭୁବନେଶ୍ୱର,୫।୧୧(ସତ୍ୟଜିତ ରାଉତ)**

ଟିକସ ହେରଫେର ଅଭିଯୋଗରେ ଉତ୍କଳ ବିଲ୍ଡର୍ସର ବିଭିନ୍ନ ସ୍ଥାନରେ ଆୟକର ବିଭାଗ ପକ୍ଷରୁ ଚଢ଼ାଉ ଜାରି ରହିଛି। ବୁଧବାର ଚଢ଼ାଉର ଦ୍ୱିତୀୟ ଦିନରେ ସଂସ୍ଥାର ବିଭିନ୍ନ ସ୍ଥାନରେ ଆୟକର ଅଧିକାରୀମାନେ ଯାଞ୍ଚ ଜାରି ରଖିଥିବା ସୂଚନା ମିଳିଛି। ଏଯାଏ ପ୍ରାୟ ୧୮ ଲକ୍ଷ ଟଙ୍କା ଜବତ କରାଯାଇଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡିଛି। ଉତ୍କଳ ବିଲ୍ଡର୍ସର ଅଧକ୍ଷ, ପରିଚାଳନା ନିର୍ଦ୍ଦେଶକ(ଏମ୍‌ଡି)ଙ୍କ ଘର, କାର୍ଯ୍ୟାଳୟ ଓ ବିଭିନ୍ନ ପ୍ରକଳ୍ପ ଅଫିସ୍ ଆଦି ଆୟକର ଟିମ୍ ପକ୍ଷରୁ ଚଢ଼ାଉ ଜାରି ରହିଥିବା ବେଳେ ବିଭିନ୍ନ କାଗଜପତ୍ର, ଟେକ୍ନିକାଲ୍ ଡିଭାଇସ୍ ଆଦି ଯାଞ୍ଚ ଚାଲିଛି। ତେବେ ଚଢ଼ାଉ ହେଉଥିବା ସ୍ଥାନ ମଧ୍ୟରେ ଭୁବନେଶ୍ୱରର ୧୧ଟି ସ୍ଥାନ, କୋଲକାତାର ୪ଟି, ବଡ଼ବିଲ୍ ଓ କଟକ ରହିଥିବା ଜଣାପଡ଼ିଛି। ଗୁରୁବାର ମଧ ଏହି ଚଢ଼ାଉ ଜାରି ରହିବ ବୋଲି ସୂଚନା ମିଳିଛି। ଆୟକର ବିଭାଗ ପକ୍ଷରୁ ଏନେଇ ବିଧିବଦ୍ଧ ଭାବେ ସୂଚନା ଦିଆଯିବ ବୋଲି ଜଣାପଡ଼ିଛି। ବିଭିନ୍ନ ଆର୍ଥିକ ବର୍ଷରେ ଉତ୍କଳ ବିଲ୍ଡର୍ସ ପ୍ରାୟ ୧୦୦ କୋଟି ଟଙ୍କାର ଆୟକର ହେରଫେର କରିଥିବା ଅଭିଯୋଗ ରହିଛି। ମଙ୍ଗଳବାର ସକାଳୁ ଏକକାଳୀନ ଏହି ଯାଞ୍ଚ ପ୍ରକ୍ରିୟା ଆରମ୍ଭ ହୋଇଥିବା ବେଳେ କୌଣସି ଆଇନଶୃଙ୍ଖଳା ପରିସ୍ଥିତିକୁ ପ୍ରତିହତ କରିବା ପାଇଁ ବନ୍ଧୁକଧାରୀ ବିଏସ୍‌ଏଫ୍ ଯବାନଙ୍କ ଦ୍ୱାରା ସୁରକ୍ଷା ଯୋଗାଇ ଦିଆଯାଇଛି।


# Classified Everyday
0674-2580101, 9692975378


REAL ESTATE
SALE

ଭୁବନେଶ୍ୱର ନଖରାଛକ, ଉତ୍ତରାଛକ, ସୁନ୍ଦରପଦା, କଟକ ମହାନଦୀ ବିହାରରେ ଘରବାରି ପ୍ଲଟ୍, 2/3 BHK Flat/Duplex ଅଛି– 8327785834. D-06

LIG House (136, 137, 138, 139) for sale At Sector- 3, Niladri Vihar, Near- Pani Tanki, Bhubaneswar. Contact- 9437229575. D-2473

ଭୁବନେଶ୍ୱର ଜଟଣୀଗେଟ୍‌ରୁ ଅଳ୍ପ ଦୂରତାରେ 1500 Sq.ft, 6,75,000/- ପ୍ଲଟ୍ ବିକ୍ରିହେବ- 9776974912. D-05




The massage felt totally professional & comfortable at all times- 7978109255. D-205

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:– classifieddharitri@gmail.com

## AFFIDAVIT

By virtue of an affidavit sworn before the Executive Magistrate, Sambalpur, No.- 1488, date- 13.05.25, I, Nihal Singh, R/o.- Bishnu Mandirpada, P.O./P.S.- Burla, Dist.- Sambalpur, Odisha, PIN- 768017 declare that I have changed my name from Premraj Nial @ Nihal Singh to Nihal Singh. Henceforth, I shall be known as Nihal Singh for all purposes.
Nihal Singh
D-2488

By virtue of an affidavit sworn before Notary Public, Attabira, I, Ajit Bhoi, S/o.- Late Baishnaba Bhoi, Resident of Kujapali, P.O.-Kumelsingha, Dist.- Bargarh do hear by declared that in my Aadhar card bearing No.- xxxx xxxx 9156 my name has been mentioned as Ajit Bhoi. I am popularity known in my another name as Niranjan Bhoi which has been mentioned in my RPLI Policy No.- R-OR-EA-322830 of Kumelsingha under Godbhaga, S.O. that Ajit Bhoi and Niranjan Bhoi, S/o.- Late Baishnaba Bhoi, At- Kujapali P.O.- Kumelsingha, Dist- Bargarh is the one and same person for all purposes. D-2489

By virtue of an affidavit sworn before Executive Magistrate, Berhampur, Dated.- 23.09.2025, I, Bibek Badatya, S/o.- Abhimanyu Badatya, At- B Nuagam Sasan, P.O.- B Nuagam, P.S.- Jarada, Dist.- Ganjam, Odisha, 761006, declare that I have changed my name from Ganesh Babdatya to Bibek Badatya. Henceforth, I shall be known as Bibek Badatya for all purposes. D-2490

By virtue of an affidavit vide No.- 4805, dated- 24.10.2025 before the Executive Magistrate, Dasarathpur, I, Sushanta Kumar Behuria, S/o.- Dibakar Behuria, At-Thalkudi, P.O.-Mangalpur as per Aadhaar Card No.- xxxx xxxx 2866. But in my Driving License No.- 6176/0506, my name and my father name is wrongly mentioned as Susanta Kumar Behera, S/o.- Diabkar Behera. I declare that my real name is Sushanta Kumar Behuria, S/o.- Dibakar Behuria and is being used for all purposes. D-2491

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

By virtue of an affidavit sworn before Executive Magistrate, Kanika (Rajkanika), dated- 24.09.2025, I, Dhruba Charan Nayak, S/o.- Ananda Chandra Nayak of Vill.- Baghabuda, P.O./P.S.- Rajkanika, Dist.- Kendrapara, PIN- 754220, Odisha declare that I have changed my name as Trilochan Nayak to which has been recorded in Aadhaar card to Dhruba Charan Nayak. Henceforth, I shall be known as Dhruba Charan Nayak for all purpose.
Dhruba Charan Nayak
D-2492

I, Rajlaxmi Panigrahi W/o.- Subrat Kumar Dash and D/o.- Debendra Panigrahi, Resident of E- 404, Shreekhetra Greenwood, P.S.- Bharatpur, Mouza- Shankarpur, Aiginia, Bhubaneswar, Dist.- Khurda, Odisha, PIN- 751019 declare by this affidavit No.- 793, dated- 04.11.2025 that now onwards I shall be known as Rajalaxmi Panigrahi for all future purposes. D-2493

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ମନେ ପଡ଼ନ୍ତି

### ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି


✓ ହୃଷିକେଶ ଭୁଜବଳ
ନିରଞ୍ଜନପୁର, ଜଟଣୀ, ଜିଲ୍ଲା: ଖୋର୍ଦ୍ଧା
ଆବିର୍ଭାବ: ୨୯.୦୭.୧୯୫୪
ତିରୋଧାନ: ୨୭.୧୦.୨୦୨୫
ତୁମର ଅନୁପସ୍ଥିତି ଆମେ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ। ତୁମେ ଦେଇଥିବା ସ୍ନେହ, ଶ୍ରଦ୍ଧା ଓ ପ୍ରେରଣା ଆମପାଇଁ ଚିରସ୍ମରଣୀୟ ହୋଇ ରହିଥିବ। ତୁମ ଅମର ଆତ୍ମାର ସଦ୍‌ଗତି ପାଇଁ ମହାପ୍ରଭୁ ଜଗନ୍ନାଥଙ୍କ ଶ୍ରୀଚରଣରେ ପ୍ରାର୍ଥନା କରୁଅଛୁ।
• ଶୋକ ସନ୍ତପ୍ତ •
ରାକେଶ, ଦୀନେଶ, ମୁକେଶ, ବନ୍ଧୁ ଓ ପରିବାର ବର୍ଗ
D-2495

### ଅଶ୍ରୁଳ ଶ୍ରଦ୍ଧାଞ୍ଜଳି


ସାଧବବାଳା ସାହୁ
କୁମାରୀ, ଜାରକା, ଧର୍ମଶାଳା, ଯାଜପୁର
ଆବିର୍ଭାବ: ୦୧।୦୯।୧୯୬୦
ତିରୋଧାନ: ୨୯।୧୦।୨୦୨୫
ତୁମର ପାର୍ଥିବ ଅନୁପସ୍ଥିତି ଆମ ଜୀବନରେ ଶୂନ୍ୟତା ଭରିଦେଇଛି ତାହା ଅପୂରଣୀୟ। ତୁମ ସ୍ମୃତି ଆମ ହୃଦୟରେ ସଦା ବିଦ୍ୟମାନ। ତୁମ ଅମର ଆତ୍ମା ପ୍ରତି ଭକ୍ତିପୂତ ଶ୍ରଦ୍ଧାସୁମନ ଅର୍ପଣ କରିବା ସହିତ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଅମର ଆତ୍ମାର ସଦ୍‌ଗତି ପାଇଁ ବିନମ୍ର ପ୍ରାର୍ଥନା ଜଣାଉଛୁ।
-:ଶୋକସନ୍ତପ୍ତ:-
ସ୍ୱାମୀ– ମହେଶ୍ୱର ସାହୁ, ଦେଢ଼ଶୁର– ଧ୍ରୁବଚରଣ, ଦିଅର– ଚୈତନ୍ୟ, ପୁଅ– ରୋହିତ, ଶଙ୍କର୍ଷଣ, ପୁତୁରା– ଜ୍ୟୋତିପ୍ରକାଶ, ଜୟପ୍ରକାଶ, ସତ୍ୟପ୍ରକାଶ, ବୋହୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ, ସାହୁ ପରିବାର ଓ ବନ୍ଧୁବର୍ଗ।
ଧ-୨୪୯୪

# ପୂରଣ ହେଲାନି ଆଶା


ବାଣୀ କପୁର

ଅଭିନୟ କ୍ଷେତ୍ରରେ ପାଦ ଦେବା ପୂର୍ବରୁ ବାଣୀ କପୁରଙ୍କର ଏକ ଇଚ୍ଛା ଥିଲା। ଭବିଷ୍ୟତରେ ସେ ଜଣେ ବାସ୍କେଟବଲ୍ ଖେଳାଳି ହେବେ ଆଉ ତାହାକୁ କ୍ୟାରିୟର ମଧ୍ୟ କରିବେ। ହେଲେ କ'ଣ ହେବ ? ତାଙ୍କ ଭାଗ୍ୟରେ ଆଉ କିଛି ଲେଖାଥିଲା। ଟୁରିଜମ୍ ଆଣ୍ଡ ହସ୍ପିଟାଲିଟି ମ୍ୟାନେଜମେଣ୍ଟରେ ଡିଗ୍ରୀ ହାସଲ କରିବା ପରେ ସେ ମଡେଲିଂ ଆରମ୍ଭ କରିଥିଲେ। ଆଉ ତା'ପରେ ସତେଯେମିତି ବଲିଉଡ୍ ତାଙ୍କୁ ଅପେକ୍ଷା କରିଥିଲା। ହେଲେ ଯେତେବେଳେ ସେ ପାଠ ପଢୁଥିଲେ ପ୍ରତିଦିନ କିଛି ସମୟ ଯେମିତି ହେଲେ ବ୍ୟାଡମିଣ୍ଟନ ପ୍ରାକ୍ଟିସ କରୁଥିଲେ। କେବଳ ସେତିକି ନୁହେଁ, ଜାତୀୟସ୍ତରରେ ଆୟୋଜିତ ବ୍ୟାଡମିଣ୍ଟନ ପ୍ରତିଯୋଗିତାରେ ସେ ଅଂଶଗ୍ରହଣ କରିଥିଲେ। ଏ ବିଷୟରେ ବାଣୀ କହନ୍ତି, "ସ୍କୁଲରେ ପଢ଼ିବା ବେଳେ ବ୍ୟାଡମିଣ୍ଟନ ଖେଳିବା ଆରମ୍ଭ କରିଥିଲି। ନ୍ୟାଶନାଲ ଟୁର୍ନାମେଣ୍ଟରେ ଅଂଶ ଗ୍ରହଣ କରିବା ପରେ ଭବିଷ୍ୟତରେ ଜଣେ ବ୍ୟାଡମିଣ୍ଟନ ଖେଳାଳି ହେବାର ସ୍ୱପ୍ନ ମୋ ମନରେ ଜାଗ୍ରତ ହୋଇଥିଲା। ହେଲେ ପରବର୍ତ୍ତୀ ସମୟରେ ସବୁକିଛି ଓଲଟ ପାଲଟ ହୋଇଗଲା। ମଡେଲିଂ ପରେ ମୁଁ ଆକ୍ଟିଂକୁ କ୍ୟାରିୟର ଭାବରେ ବାଛିନେଲି। ଏବେ ମୋତେ ସମୟ ମିଳିଲେ ମୁଁ କିଛି ସମୟ ବ୍ୟାଡମିଣ୍ଟନ ଖେଳିଥାଏ।" ବାଣୀଙ୍କ ଅଭିନୀତ ପ୍ରଥମ ସିନେମା ଥିଲା 'ଶୁଦ୍ଧ ଦେଶୀ ରୋମାନ୍ସ' (୨୦୧୮)। 'ଆହା କଲ୍ୟାନମ'ରୁ ତାଙ୍କୁ ତାମିଲ ଫିଲ୍ମରେ ଅଭିନୟ କରିବାର ସୁଯୋଗ ମିଳିଥିଲା।

ଛୋଟ ପରଦା

# ତୁ ଖରା ମୁଁ ଛାଇ

ଗତ ମାସରୁ ଏହି ଧାରାବାହିକର କାହାଣୀରେ ଆସିଥିଲା ନୂଆ ମୋଡ଼। ଗତିଶୀଳ କାହାଣୀ ଅନୁସାରେ ଏଜେ ଓ ମାନିନୀଙ୍କ ମୃତ୍ୟୁ ପରେ ଅଭି ଓ ମାନି ରୂପରେ ଜନ୍ମ ନେଇଛନ୍ତି। ଆରମ୍ଭରୁ ଦୁଇ ଜଣ ପୂର୍ବ ଜନ୍ମର ଜୀବନ ସାଥୀ ବୋଲି ଜାଣି ପାରୁ ନଥିଲେ ହେଲେ ସମୟକ୍ରମେ ଦୁଇ ଜଣ ପୁଣି ପରସ୍ପରକୁ ଭଲ ପାଇଛନ୍ତି। କାହାଣୀରେ ଖଳନାୟକ ରୂପରେ ଆସିଛି ରାଘବ। ସିଏ ଅଭିର ବଡ ଭିଣୋଇ। କିନ୍ତୁ ନିଜ ଶଳାର ସମସ୍ତ ଧନ ସମ୍ପତ୍ତିକୁ ହାତେଇବାକୁ ସେ ଆଖେଇଛି । ସେଥିପାଇଁ ଅଭି ଓ ମାନିର ବାହାଘର ପାଇଁ ସାଜିଛି କଣ୍ଟା। ହେଲେ ଧରା ପଡିଯାଇଛି ରାଘବର ସମ୍ପତ୍ତି ପାଇଁ ସମସ୍ତ ଖେଳ। ଅଭି ଆଉ ମାନିଙ୍କ ଜୀବନ ଯାତ୍ରା ଆଗକୁ ଆହୁରି କଠିନ ହୋଇଛି। କାରଣ ରଞ୍ଜିତ ରୂପରେ ପୁଣି ଫେରିଛି ରାଘବ। ଏପରିକି ଅଭିର ବନ୍ଧୁ ଦିଶାକୁ ଅଭି ଜୀବନରେ ଆଣିବାକୁ ଚେଷ୍ଟା କରିଛି। ତେବେ କିପରି ଅଭି ଓ ମାନି ପୁଣି ରାଘବକୁ ଦେବେ ଶାସ୍ତି ? କ'ଣ ହେବ ଦିଶାର ଭବିଷ୍ୟତ ? ଏମିତି ସବୁ ପ୍ରଶ୍ନର ଉତ୍ତର ମିଳିବ ବର୍ତ୍ତମାନ ଅନ୍ୟତମ ଲୋକପ୍ରିୟ ଚ୍ୟାନେଲ 'ଜୀ ସାଥର୍କ'ରେ ପ୍ରସାରିତ ହେଉଥିବା ମେଗା ଧାରାବାହିକ 'ତୁ ଖରା ମୁଁ ଛାଇ' (ସୋମବାର–ଶନିବାର, ସମୟ–ରାତି ୮.୩୦)ର ଆଗକୁ ଆସୁଥିବା ବିଭିନ୍ନ ଏପିସୋଡରେ। ସୂଚନାଯୋଗ୍ୟ ଦର୍ଶକଙ୍କ ଅଜସ୍ର ଭଲ ପାଇବା ସାଉଁଟିଥିବା ଏହି ଧାରାବାହିକ ପହଞ୍ଚିଛି ୯୦୦ତମ ଏପିସୋଡରେ ।


'ତୁ ଖରା ମୁଁ ଛାଇ' ଧାରାବାହିକରେ ରଞ୍ଜନ–ସ୍ମୃତି

# ଯାହା ଭାବୁଥିଲେ ବିଭୂତି...


ବିଭୂତି ଭୂଷଣ ଜେନା

ଥରେ ମନେ ପକାନ୍ତୁ ନା ସେ ସମୟର ହିଟ୍ ସିନେମା 'ଆରତି', 'କାବେରୀ' ଏବଂ 'ତୁଣ୍ଡ ବାଇଦ'କୁ। ନଗେନ ସାହୁଙ୍କ ସହ ମିଳିତ ଭାବରେ ସେ ଏଗୁଡିକର ପ୍ରଯୋଜନା କରିଥିଲେ। ଏହାବ୍ୟତୀତ ନିଜସ୍ୱ ପ୍ରଯୋଜନାରେ ସେ ୧୯୯୪ରେ ନିର୍ମାଣ କରିଥିଲେ 'ଲୁହ ସାଜେ ଲହୁ' (ଶ୍ରୀରାମ ପଣ୍ଡା, ବୈଶାଳୀ ପରିଡା)। କିନ୍ତୁ ଶୁଟିଂର ଶେଷ ପର୍ଯ୍ୟାୟରେ ଏହାର ନିର୍ଦ୍ଦେଶକ ଶ୍ୟାମଲ ମୁଖାର୍ଜୀଙ୍କ ଶୁଟିଂସେଟ୍‌ରେ ହାର୍ଟ ଆଟାକରେ ମୃତ୍ୟୁ ଯୋଗୁ ଫିଲ୍ମଟି ଅସମ୍ପୂର୍ଣ୍ଣ ହୋଇ ରହିଯାଇଥିଲା। ଆଉ ବେଶ୍ କିଛି ବର୍ଷ ପରେ ସେ ପୁଣି ଥରେ ପ୍ରଯୋଜନା ମଇଦାନକୁ ଓହ୍ଲାଇ ସାରିଛନ୍ତି। ସେ ହେଲେ ବିଭୂତି ଭୂଷଣ ଜେନା। ତାଙ୍କ ପ୍ରଯୋଜିତ ଆକ୍ସନଭିତ୍ତିକ ସିନେମା 'ଶମ୍ଭୁ' ନିକଟରେ ରିଲିଜ ହୋଇସାରିଛି। କେବଳ ସେତିକି ନୁହେଁ, ପ୍ରାରମ୍ଭିକ ସ୍ତରରେ ଫିଲ୍ମଟିକୁ ସଫଳତା ମିଳିଛି। ଏହି ଚିତ୍ର ବିଷୟରେ ବିଭୂତି କହନ୍ତି, "ଆରମ୍ଭରୁ ମୋର ହୃଦ୍‌ବୋଧ ହୋଇଥିଲା ଯେ ମୋ ସିନେମା ଦର୍ଶକଙ୍କୁ ନିଶ୍ଚୟ ପ୍ରଭାବିତ କରିବ। ଏହି ଫିଲ୍ମର ପ୍ରତିଟି ବିଷୟକୁ ମୁଁ ଭଲ ଭାବରେ ଦୃଷ୍ଟି ଦେଇଥିଲି। ଏପରି କି ଜଣେ ନବାଗତ (ଶୁଭମ)ଙ୍କୁ ଟାଇଟଲ ଭୂମିକାରେ ସାଇନ୍ କରିବା ଛୋଟିଆ ରିକ୍ସ ନ ଥିଲା। ଏହାବ୍ୟତୀତ ନିର୍ଦ୍ଦେଶକ ଦିଲୀପ ପଣ୍ଡା, ସଙ୍ଗୀତ ନିର୍ଦ୍ଦେଶକ ଦୀପକ କୁମାରଙ୍କ ସହଯୋଗ କୌଣସି ଦୃଷ୍ଟିରୁ କମ୍ ହୋଇନାହିଁ। ଫିଲ୍ମଟିର ସଫଳତାକୁ ନେଇ ମୁଁ ଯାହା ଅନୁମାନ କରିଥିଲି ତାହା ସତରେ ପରିଣତ ହୋଇଛି। ଏବେ 'ଶମ୍ଭୁ'ର ସିକୁଏଲ ନିର୍ମାଣ କରିବାକୁ ଚିନ୍ତା କରୁଛି।"

# ସାର୍ କହିବେ ମନ କଥା

ଗୁରୁ ବ୍ରହ୍ମା ଗୁରୁ ବିଷ୍ଣୁ ଗୁରୁଦେବ ମହେଶ୍ୱର। ଗୁରୁ ସାକ୍ଷାତ ପରମବ୍ରହ୍ମ ତସ୍ମୈଶ୍ରୀ ଗୁରବେଃ ନମଃ। ସମସ୍ତଙ୍କ ଜୀବନରେ ଗୁରୁଙ୍କର ଏକ ସ୍ୱତନ୍ତ୍ର ସ୍ଥାନ ରହିଛି। ତେବେ ଶିକ୍ଷାଦାନ ବ୍ୟତୀତ ଚରିତ୍ର ଗଠନରେ ସାହାଯ୍ୟ କରୁଥିବା ଗୁରୁ ବା ସାର୍‌ଙ୍କ ଜୀବନୀକୁ ନେଇ ନିର୍ମିତ ହୋଇଛି ଏକ ଭିନ୍ନ ଧରଣର ଓଡ଼ିଆ ସିନେମା 'ସାର୍'। ଏହାର ଟାଇଟଲ ଭୂମିକାରେ ଅଭିନୟ କରୁଛନ୍ତି ଅନ୍ୟତମ ଲୋକପ୍ରିୟ ଅଭିନେତା ସମରେଶ ରାଉତରାୟ। ଫିଲ୍ମଟି ଚଳିତ ମାସ ୧୪ ତାରିଖରେ ରିଲିଜ ହେବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। କାହାଣୀ ଅନୁସାରେ ଅଗଣି ମହାନ୍ତି ଜଣେ ଶିକ୍ଷକ। ସ୍କୁଲକୁ ଆସୁ ନ ଥିବା ପିଲା କିମ୍ବା ଅଧାରୁ ପାଠ ଛାଡିଥିବା ପିଲାଙ୍କୁ ମଣିଷ କରିବାକୁ ସେ ଲାଗିପଡନ୍ତି। ସମୟକ୍ରମେ ଦୁଇ ଜଣ–ରମେଶ ଛୋଟରାୟ ଏବଂ ମୁରଲୀ ନାୟକ ତାଙ୍କ ପାଖରୁ ପାଠ ପଢ଼ି ଭଲ ଚାକିରି କରନ୍ତି। ହେଲେ ପରବର୍ତ୍ତୀ ସମୟରେ ସାର୍‌ଙ୍କୁ ଖୋଜିବାକୁ ଯାଆନ୍ତି। ଆଉ ସେତବେଳକୁ ଅଗଣି ସାର୍ କିପରି ଅବସ୍ଥାରେ ଥାଆନ୍ତି ଏବଂ ଏହି ଦୁଇ ଜଣ ତାଙ୍କୁ କିପରି ସାହଯ୍ୟ କରନ୍ତି ତାହା ସିନେମାଟି ଦେଖିଲେ ହିଁ ଜାଣିପାରିବେ। ଏହାର ଲିଡ୍ ରୋଲ୍‌ରେ ଅଭିନୟ କରୁଛନ୍ତି ଅଭିଷେକ ରଥ। ଏଥିରେ ତାଙ୍କର ନାୟିକା ସାଜିଛନ୍ତି ଆର୍ଲିନ ଅଙ୍କିତା। ଫିଲ୍ମଟିକୁ ପ୍ରଯୋଜନା କରିଛନ୍ତି ଡା. କମଳ ଲୋଚନ ସାହୁ। କେବଳ ସେତିକି ନୁହେଁ, ସେ ଏହାର କାହାଣୀ ରଚନା କରିବା ସହ ସଂଳାପ ମଧ୍ୟ ଲେଖିଛନ୍ତି। ଗୀତଗୁଡିକୁ ସ୍ୱର ସଂଯୋଜନା କରିଛନ୍ତି ଆରୋହୀ ଅଜିତା। ଫିଲ୍ମଟିର ବିଭିନ୍ନ ଭୂମିକାରେ ଅଭିନୟ କରିଛନ୍ତି ଅଶ୍ରୁମୋଚନ ମହାନ୍ତି, ଦ୍ୱିପନ୍ୱିତ ଦାସମହାପାତ୍ର, ସସ୍ମିତା ମହାନ୍ତି, ମିଲି ମିଶ୍ର, ସୁଶୀଲ ମିଶ୍ର, ନୀଳମଣି ସାହୁ, ରିଷି ପଟ୍ଟନାୟକ, ଚିତ୍ତ ରଞ୍ଜନ ମହାନ୍ତି ଏବଂ ଶିଶୁ କଳାକାର ଯଶ କ୍ରିଷ୍ଣା।


'ସାର୍' ଫିଲ୍ମରେ ଅଭିଷେକ–ଆର୍ଲିନ

# କେବଳ ଆକ୍ସନ


ଶୁଟିଂ ସମୟରେ ନିର୍ଦ୍ଦେଶକ ସୁଧାଂଶୁ ସାହୁ(ବାମ)ଙ୍କ ସହ ପ୍ରେମ ପରିଜା

ଓଡ଼ିଆ ସିନେମାରେ ଆଉ ଏକ ଆକ୍ସନ ଭିତ୍ତିକ ସିନେମା ନିର୍ମିତ ହୋଇଛି। ଏହାର ପ୍ରଯୋଜନା କରିଛନ୍ତି ଅନ୍ୟତମ ଆଗଧାଡିର ପ୍ରଯୋଜକ ପ୍ରୀତମ ସାହୁ। ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି ବରିଷ୍ଠ ନିର୍ଦ୍ଦେଶକ ସୁଧାଂଶୁ ସାହୁ। ଖାସ୍ କଥା ହେଲା ପ୍ରୀତମଙ୍କ ଦ୍ୱାରା ପ୍ରଯୋଜିତ ତଥା ହିଟ୍ ସାବ୍ୟସ୍ତ ହୋଇଥିବା 'କଟକ : ଶେଷରୁ ଆରମ୍ଭ' ପରି ଏଥିରେ ମଧ୍ୟ ଦର୍ଶକ ଆକ୍ସନର ଭରପୂର ମଜା ନେବେ । ତା' ସହ କାହାଣୀରେ ପାରିବାରିକ ଛିଟା ମଧ୍ୟ ରହିଛି। ଏହି ନୂଆ ସିନେମାଟିର ଟାଇଟଲ ହେଉଛି 'ରାମ ରାଜ୍ୟ'। ଏହାର ନାୟକ ଚରିତ୍ରରେ ଅଭିନୟ କରୁଛନ୍ତି ନବାଗତ ପ୍ରେମ ପରିଜା। ମୁମ୍ବାଇର ରୋହିତ ରାୟ, କନିକା ମାନ୍‌ଙ୍କ ବ୍ୟତୀତ ଅଭିଷେକ ପଣ୍ଡା, ପୁନମ ମିଶ୍ର, ଜ୍ୟୋତି ମିଶ୍ର ଏବଂ ଏକ ବିଶେଷ ଭୂମିକାରେ ପ୍ରଯୋଜକ ପ୍ରୀତମଙ୍କୁ ଦେଖିବାକୁ ମିଳିବ। ତେବେ ଆକ୍ସନ–ପ୍ୟାକ୍‌ଡ ଏହି ସିନେମା ଦର୍ଶକଙ୍କୁ ଶତ ପ୍ରତିଶତ ମନୋରଞ୍ଜନ ଦେବ ବୋଲି ଦୃଢ଼ ଆଶା ରଖିଛନ୍ତି ସୁଧାଂଶୁ।

# ସେହି ତିନି ମାସ...

ଆଲିୟା ଭଟ୍ଟ ଜଣେ ଶିଶୁ କଳାକାର ଭାବରେ ନିଜ ଅଭିନୟ ଜୀବନ ଆରମ୍ଭ କରିଥିଲେ। 'ସଂଘର୍ଷ' ଫିଲ୍ମରେ ସେ ପ୍ରୀତି ଜିଣ୍ଟାଙ୍କ ପିଲାବେଳ ଭୂମିକାରେ ଦେଖାଦେଇଥିଲେ। କିନ୍ତୁ କରନ୍ ଜୋହରଙ୍କ 'ଷ୍ଟୁଡେଣ୍ଟ ଅଫ ଦ ଇୟର'ରେ ତାଙ୍କୁ ନାୟିକା ଭାବରେ ବ୍ରେକ୍ ମିଳିଥିଲା। ହେଲେ ଏହି ସମୟରେ ତାଙ୍କର ବାଧକ ସାଜିଥିଲା ଓଜନ। ମାତ୍ର ତିନି ମାସ ମଧ୍ୟରେ ସେ ନିଜ ଓଜନ୧୬ କିଗ୍ରା କମାଇଥିଲେ। ହେଲେ ଆଉ ଏକ କଥା ଜାଣନ୍ତି ? ଯେତେବେଳେ ସେ ଏହାର ଅଡିଶନ ଦେବାକୁ ଗଲେ ସେତେବେଳେ ସେ ନିଜ ସ୍କୁଲ ୟୁନିଫର୍ମ ପିନ୍ଧିଥିଲେ। ନିଜର ଓଜନ ମିଶନ ବିଷୟରେ ଆଲିୟା କହନ୍ତି, "ସତରେ ସେହି ତିନି ମାସ ସତେ ଯେମିତି ମୋ ପାଇଁ ଏକ ଅଗ୍ନି ପରୀକ୍ଷା ଥିଲା। କାରଣ ମୋତେ ସୀମିତ ସମୟ ଭିତରେ ୧୬ କିଗ୍ରା ଓଜନ କମାଇବାକୁ ପଡିବ। ଯାହାହେଉ ଅକ୍ଲାନ୍ତ ପରିଶ୍ରମ ଦ୍ୱାରା ମୋର ଏହି ମିଶନ ସଫଳ ହୋଇଥିଲା। ପିଲାଦିନେ ନିଜ ଲିପଷ୍ଟିକ୍‌କୁ ଖାଇବା ତାଙ୍କର ଏକ ଅଭ୍ୟାସ ଥିଲା।


ଆଲିୟା ଭଟ୍ଟ

# କାହିଁକି ରାଜି ହୋଇ ନ ଥିଲେ ଜାହ୍ନବୀ

ବୋନି ତନୟା ଜାହ୍ନବୀ କପୁରଙ୍କ ବଲିଉଡ୍ କ୍ୟାରିୟର 'ଧଡକ୍'ରୁ ଆରମ୍ଭ ହୋଇଥିଲା। ତାଙ୍କ ସହ ଆଉ ଜଣେ ନବାଗତ ଇଷାନ ଖଟ୍ଟର ମଧ୍ୟ ନିଜର ଆକ୍ଟିଂ କ୍ୟାରିୟର ଏଥିରୁ ଆରମ୍ଭ କରିଥିଲେ। ୨୦୧୮ରୁ ଜାହ୍ନବୀଙ୍କ ପ୍ରଥମ ସିନେମା ପରଦା ଉପରକୁ ଆସିଥିଲା। କିନ୍ତୁ ଏହାପୂର୍ବରୁ ରୋହିତ ସେଟ୍ଟୀଙ୍କ 'ଶିମ୍ବା' ଫିଲ୍ମରେ ନାୟିକା ଭୂମିକାରେ ଅଭିନୟ କରିବାକୁ ତାଙ୍କୁ ଅଫର ଦିଆଯାଇଥିଲା। ହେଲେ ଏହାକୁ ପ୍ରତ୍ୟାଖାନ କରିଥିଲେ ଏହି ଅଭିନେତ୍ରୀ। ଆଉ ତା' ପଛରେ ତ ନିଶ୍ଚୟ କିଛି କାରଣ ଥିବ। ଏ ବିଷୟରେ ଜାହ୍ନବୀ କହନ୍ତି, "ମୁଁ ଯେତେବେଳେ 'ଧଡକ' ସିନେମାର ଶୁଟିଂରେ ବ୍ୟସ୍ତ ଥିଲି ସେତେବେଳେ ମୋତେ 'ଶିମ୍ବା'ରେ ଆକ୍ଟିଂ କରିବାକୁ ଅଫର ମିଳିଥିଲା। କିନ୍ତୁ ପ୍ରାରମ୍ଭରୁ ମୁଁ ରଣବୀର ସିଂଙ୍କ ସହ ଅଭିନୟ କରିବାକୁ ଇଚ୍ଛା କରି ନ ଥିଲି। ତେଣୁ ରୋହିତ ସେଟ୍ଟୀଙ୍କ ଭଳି ନିର୍ଦ୍ଦେଶକଙ୍କ ସହ ପ୍ରଥମ ଥର ପାଇଁ କାମ କରିବା ସୁଯୋଗ ହାତରୁ ଖସି ଯାଇଥିଲା। ଅବଶ୍ୟ ସେଭଳି ନିଷ୍ପତ୍ତି ମୋତେ ଟିକେ ଦୁଃଖ ଦେଇଥିଲା, କିନ୍ତୁ ତା'ବ୍ୟତୀତ ଆଉ କିଛି କରିବାର ନ ଥିଲା।" ଯେତେବେଳେ ଜାହ୍ନବୀ ସ୍କୁଲରେ ପଢୁଥିଲେ ସେତେବେଳେ ସେ ଯେଉଁ ୱାଟର ବଟଲ ବ୍ୟବହାର କରୁଥିଲେ ତାହାର ରଙ୍ଗ ପିଙ୍କ୍ ଥିଲା ଏବଂ ସେଥିରେ 'ଟୁସ୍‌କି' ଲେଖା ଯାଇଥିଲା।


ଜାହ୍ନବୀ

# ଭାରତ ପାଇଁ ସିରିଜ୍ ଅଗ୍ରଣୀ ସୁଯୋଗ



ଅଭ୍ୟାସ ଅବସରରେ ବରୁଣ ଚକ୍ରବର୍ତ୍ତୀ।

## ଚତୁର୍ଥ ଟି୨୦ ଆଜି

**କାରାରା (ଗୋଲ୍ଡକୋଷ୍ଟ), ୫।୧୧(ପି.ଟି.)**

ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ଚାଲିଥିବା ଚଳିତ ଟି୨୦ କ୍ରିକେଟ୍ ସିରିଜ୍‌ର ଚତୁର୍ଥ ମ୍ୟାଚ ଗୁରୁବାର ଏଠାରେ ଅନୁଷ୍ଠିତ ହେବ। ୩ ମ୍ୟାଚ୍‌ବିଶିଷ୍ଟ ସିରିଜ୍ ଏବେ ୧–୧ ସ୍ଥିତିରେ ଅଛି। ତୃତୀୟ ଟି୨୦ ଜିତି ଭାରତୀୟ ଖେଳାଳିଙ୍କ ମନୋବଳ ଦୃଢ଼ ରହିଛି। ଅନ୍ୟପକ୍ଷରେ ତାରକା ଖେଳାଳିଙ୍କ ଅନୁପସ୍ଥିତି ଯୋଗୁ ଅଷ୍ଟ୍ରେଲିଆ ଅପେକ୍ଷାକୃତ ଦୁର୍ବଳ ମନେହେଉଛି। ତେଣୁ ଭାରତକୁ ଫେଭରାଇଟ୍ ବିବେଚନା କରାଯାଉଛି। ଗତ ମ୍ୟାଚରେ ଜୋଶ୍ ହାଜେଲଉଡ୍ ଖେଳି ନ ଥିଲେ। ତାଙ୍କ ଅନୁପସ୍ଥିତି ଅନୁଭୂତ ହୋଇଥିଲା। କାରଣ ୧୮୬ ରନ୍‌କୁ ଡିଫେଣ୍ଡ କରିବାକୁ ଭାରତ ବିଶେଷ ଅସୁବିଧାର ସମ୍ମୁଖୀନ ହୋଇ ନ ଥିଲା। ପରବର୍ତ୍ତୀ ମ୍ୟାଚରେ ମଧ୍ୟ ସେ ଖେଳିବେ ନାହିଁ। ସେହିପରି ୪ର୍ଥ ଗେମ୍‌ରେ ତାରକା ବ୍ୟାଟର ଟ୍ରାଭିସ୍ ହେଡ୍ ଖେଳିବେ ନାହିଁ। ଆଶେସ୍ ସିରିଜ୍‌ଲାଗି ପ୍ରସ୍ତୁତ ହେବା ପାଇଁ ସେ ଶେଫିଲ୍ଡ ଶିଲ୍ଡ ମ୍ୟାଚ ଖେଳିବେ। ତେଣୁ ବିପକ୍ଷ ଦଳର ଦୁଇ ତାରକା ଖେଳାଳିଙ୍କ ଅନୁପସ୍ଥିତି ନିଶ୍ଚିତ ଥିବାରୁ ଭାରତ ୨–୧ରେ ସିରିଜ୍ ଅଗ୍ରଣୀ ନେବା ସମ୍ଭାବନା ବଢ଼ିଛି।

ତୃତୀୟ ଟି୨୦ରେ ଭାରତ ଏପରି କମ୍ବିନେଶନରେ ଖେଳିଥିଲା ଯେ ୮ ନମ୍ବରରେ ମଧ୍ୟ ଭଲ ଅଲ୍‌ରାଉଣ୍ଡର ରହିଥିଲେ। କେବଳ ଶୁବମନ ଗିଲ୍‌ଙ୍କ ଫର୍ମ ଭାରତୀୟ ଟିମ୍ ମ୍ୟାନେଜ୍‌ମେଣ୍ଟ ପାଇଁ ଚିନ୍ତାର କାରଣ ରହିଛି। ଗତ ୬ଟି ମ୍ୟାଚ୍‌ରେ ସେ ଅର୍ଦ୍ଧଶତକଟିଏ ମଧ୍ୟ ହାସଲ କରିପାରି ନାହାନ୍ତି। ଦିନିକିଆ ସିରିଜ୍‌ର ୩ଟି ମ୍ୟାଚ୍ ଏବଂ ୩ଟି ଟି୨୦ରେ ସେ ଏପର୍ଯ୍ୟନ୍ତ ଯଥାକ୍ରମେ ୧୦, ୯, ୨୪, ୩୭*, ୫ ଓ ୧୫ ରନ୍ କରିଛନ୍ତି। କେବଳ କାନ୍‌ବେରାରେ ସେ ଅଧିନାୟକ ସୂର୍ଯ୍ୟକୁମାର ଯାଦବଙ୍କ ସହ ଭାଗୀଦାରି ଅବସରରେ ଭଲ ଟଚ୍‌ରେ ଥିବାର ନଜରକୁ ଆସିଥିଲା। ଗିଲ୍ ଫୁଲ୍ ଲେନ୍ଥ ବଲ୍‌କୁ ଖେଳିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ସେ ଏପର୍ଯ୍ୟନ୍ତ ନିଜ ଦକ୍ଷତା ଅନୁସାରେ ପ୍ରଦର୍ଶନ କରିପାରିନାହାନ୍ତି। ଯୁବ ଓପନର ଅଭିଷେକ ଶର୍ମା କିନ୍ତୁ ନିଜ ନଂ.୧ ର୍ୟାଙ୍କ୍‌କୁ ପ୍ରମାଣିତ କରିବାରେ ସକ୍ଷମ ହୋଇଛନ୍ତି। ସେ ଗୋଟିଏ ଦ୍ରୁତ ଅର୍ଦ୍ଧଶତକ ହାସଲ କରିବା ସହ ୨ଥର ଭାରତକୁ ଦ୍ରୁତ ଆରମ୍ଭ ଦେବାରେ ସକ୍ଷମ ହୋଇଛନ୍ତି। ଅଧିନାୟକ ସୂର୍ଯ୍ୟକୁମାର ପ୍ରଥମ ଓ ତୃତୀୟ ମ୍ୟାଚ୍‌ରେ ଭଲ ଖେଳିଛନ୍ତି। ଦକ୍ଷିଣ ଆଫ୍ରିକା ବିପକ୍ଷ ଟେଷ୍ଟ ସିରିଜ ଲାଗି ପ୍ରସ୍ତୁତ ହେବାକୁ କୁଲଦୀପ ଯାଦବଙ୍କୁ ଦଳରୁ ରିଲିଜ୍ କରାଯାଇଥିଲେ ମଧ୍ୟ ଅର୍ଶଦୀପ ସିଂଙ୍କ ସାମିଲ ଯୋଗୁ ଭାରତୀୟ ବୋଲିଂ କମ୍ବିନେଶନ ଅଧିକ ପ୍ରଭାବୀ ମନେହେଉଛି। କୁଲଦୀପ ଓ ଅର୍ଶଦୀପଙ୍କୁ ଏକାଠି ଖେଳାଇବାରେ ଟିମ୍ ମ୍ୟାନେଜ୍‌ମେଣ୍ଟ ସବୁବେଳେ ଅସୁବିଧାର ସମ୍ମୁଖୀନ ହୋଇଆସିଛି। ଯଦି ଏପରି କଣ୍ଡିଶନରେ କୁଲଦୀପ ଖେଳିଥାନ୍ତେ ତେବେ ବ୍ୟାଟିଂ ଦକ୍ଷତା ରଖିଥିବା ହର୍ଷିତ ରାଣାଙ୍କୁ ସୁଯୋଗ ମିଳିଥାନ୍ତା। ଏବେ ଅର୍ଶଦୀପ ଖେଳୁଥିବାରୁ ୱାଶିଂଟନ ସୁନ୍ଦରଙ୍କୁ ଦଳରେ ସାମିଲ କରାଯାଇଛି।

ଅନ୍ୟପକ୍ଷରେ କେତେଜଣ ତାରକା ଖେଳାଳିଙ୍କ ଅନୁପସ୍ଥିତିରେ ଅଷ୍ଟ୍ରେଲିଆ ଦଳ ଅଧିନାୟକ ମିଚେଲ ମାର୍ଶ ଓ ଟିମ୍ ଡାଭିଡ୍‌ଙ୍କ ବ୍ୟାଟିଂ ଦକ୍ଷତା ଉପରେ ଅଧିକ ନିର୍ଭର କରିବ। ହେଡ୍‌ଙ୍କ ଅନୁପସ୍ଥିତିରେ ମାର୍ଶଙ୍କ ଓପନିଂ ପାର୍ଟନର ମାଥ୍ୟୁ ଶର୍ଟ ହୋଇପାରନ୍ତି। ବୋଲିଂ ବିଭାଗରେ ଯୁବ ଖେଳାଳିଙ୍କୁ ଦକ୍ଷତା ଦେଖାଇବାକୁ ପଡ଼ିବ। ସିଅନ ଆବଟ ନ ଥିବାରୁ ବେନ୍ ଡ୍ୱାରଶୁଇସ କିମ୍ବା ମାହିଲ ବେର୍ଡମ୍ୟାନ ତାଙ୍କ ସ୍ଥାନ ନେଇପାରନ୍ତି।

**ସମୟ: ଅପରାହ୍ଣ ୧.୪୫ ମିନିଟ୍**
**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ/ହଟ୍‌ଷ୍ଟାର**



ନୂଆଦିଲ୍ଲୀରେ ବୁଧବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଦିନିକିଆ ମହିଳା କ୍ରିକେଟ ବିଶ୍ୱକପ ବିଜୟୀ ଭାରତୀୟ ଦଳ।

# ଭାରତୀୟ ମହିଳା କ୍ରିକେଟ ଦଳକୁ ଭେଟିଲେ ପ୍ରଧାନମନ୍ତ୍ରୀ

**ନୂଆଦିଲ୍ଲୀ, ୫।୧୧(ପି.ଟି.):** ଆଇସିସି ମହିଳା ଦିନିକିଆ ବିଶ୍ୱକପ୍ ଚାମ୍ପିୟନ ଭାରତୀୟ ଦଳର ସଦସ୍ୟାଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବୁଧବାର ଲୋକ କଲ୍ୟାଣ ମାର୍ଗସ୍ଥିତ ତାଙ୍କ ବାସଭବନରେ ଭେଟିଛନ୍ତି। ମୁଖ୍ୟ କୋଚ୍ ଅମୋଲ ମଜୁମଦାର ଓ ଅଧିନାୟିକା ହରମନପ୍ରୀତ କୌରଙ୍କ ନେତୃତ୍ୱରେ ଭାରତୀୟ ଦଳ କଡ଼ା ସୁରକ୍ଷା ମଧ୍ୟରେ ସଂନ୍ଧ୍ୟା ପ୍ରାୟ ୫ଟାରେ ପ୍ରଧାନମନ୍ତ୍ରୀଙ୍କ ବାସଭବନରେ ପହଞ୍ଚିଲା। ଦୁଇ ଦିନ ପୂର୍ବେ ଏହି ବୈଠକ ଲାଗି ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମ୍‌ଓ) ପକ୍ଷରୁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)କୁ ଆନୁଷ୍ଠାନିକ ଭାବେ ନିମନ୍ତ୍ରଣ କରାଯାଇଥିଲା। ଖେଳାଳି ଓ ସପୋର୍ଟ ଷ୍ଟାଫ ବିସିସିଆଇ ଲୋଗୋ ରହିଥିବା ନେଭି ବ୍ଲୁ ବ୍ଲେଜର୍ସ ଓ କ୍ରିମ ଟାଉଜର ପିନ୍ଧିଥିଲେ। ଭାରତ ପାଇଁ ଟୁର୍ନାମେଣ୍ଟରେ ଦ୍ୱିତୀୟ ସର୍ବାଧିକ ରନ କରିଥିବା ପ୍ରତୀକା ରାଓ୍ୱଲ ହ୍ୱିଲ–ଚେୟାରରେ ପହଞ୍ଚିଥିଲେ। ଏହି ଅବସରରେ ପ୍ରଧାନମନ୍ତ୍ରୀ ମୋଦି ଟୁର୍ନାମେଣ୍ଟରେ କଷ୍ଟକର ଆରମ୍ଭ ସତ୍ତ୍ୱେ ଭାରତୀୟ ମହିଳା ଦଳ ପ୍ରଦର୍ଶିତ କରିଥିବା ଧୈର୍ଯ୍ୟ ଓ ଦୃଢତାକୁ ପ୍ରଶଂସା କରିଥିଲେ। ମୁଖ୍ୟତଃ ଲଗାତର ୩ ପରାଜୟ ପରେ ସୋସିଆଲ ମିଡିଆରେ ହେଉଥିବା ଟ୍ରୋଲିଂକୁ ଭାରତୀୟ ଦଳ ଯେଉଁ ଭଳି ନିୟନ୍ତ୍ରଣ କରିଥିଲା ଓ ଦଳର ପ୍ରତ୍ୟାବର୍ତ୍ତନ ସମ୍ପର୍କରେ ସେ ଉଲ୍ଲେଖ କରିଥିଲେ। ସେହିଭଳି ଭାରତୀୟ ଖେଳାଳିମାନେ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ସେମାନଙ୍କ ହସ୍ତାକ୍ଷର ଥିବା ଭାରତୀୟ କ୍ରିକେଟ୍ ଦଳର ଜର୍ସି ଉପହାରରେ ଦେଇଥିଲେ।

## ନ୍ୟୁଜିଲାଣ୍ଡ ପ୍ରଧାନମନ୍ତ୍ରୀଙ୍କ ପ୍ରଶଂସା

ଗତ ରବିବାର ମହିଳା ବିଶ୍ୱକପ୍ ଜିତିଥିବା ଭାରତୀୟ ଦଳକୁ ନ୍ୟୁଜିଲାଣ୍ଡ ପ୍ରଧାନମନ୍ତ୍ରୀ ଖ୍ରିଷ୍ଟଫର ଲକ୍ସନ ଅଭିନନ୍ଦନ ଜଣାଇଛନ୍ତି। ନ୍ୟୁଜିଲାଣ୍ଡ ମହିଳା ଦଳ ଟ୍ରଫି ଉଠାଇପାରି ନ ଥିବାରୁ ସେ ଅଷ୍ଟ୍ରେଲିଆ ବିପକ୍ଷ ସେମିଫାଇନାଲ ଓ ଫାଇନାଲରେ ଭାରତକୁ ସମର୍ଥନ କରୁଥିଲେ। ୫୫ ବର୍ଷୀୟ ଲକ୍ସନ ଭାରତୀୟ ମହିଳା ଦଳକୁ ବିଶ୍ୱସ୍ତରୀୟ ବୋଲି ଅଭିହିତ କରିଛନ୍ତି।

# ଭାରତୀୟ ଦଳକୁ ଫେରିଲେ ପନ୍ତ

**ନୂଆଦିଲ୍ଲୀ, ୫।୧୧(ପି.ଟି.)**



ରିଷଭ ପନ୍ତ

## ଦକ୍ଷିଣ ଆଫ୍ରିକା ବିପକ୍ଷ ଟେଷ୍ଟ ସିରିଜ୍

ଆସନ୍ତା ୧୪ ତାରିଖରୁ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଆରମ୍ଭ ହେବାକୁଥିବା ଦୁଇ ମ୍ୟାଚ୍‌ବିଶିଷ୍ଟ ଟେଷ୍ଟ ସିରିଜ୍ ଲାଗି ବୁଧବାର ୧୫ ଜଣିଆ ଭାରତୀୟ ଦଳ ଘୋଷଣା କରାଯାଇଛି। ଆଶା ଅନୁଯାୟୀ ଷ୍ଟାର ଉଇକେଟ୍‌କିପର ବ୍ୟାଟର ରିଷଭ ପନ୍ତ ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ହେଲେ ସିନିୟର ପେସର ମହମ୍ମଦ ଶାମିଙ୍କୁ ପୁଣିଥରେ ଅଣଦେଖା କରାଯାଇଛି।

ଗତ ଜୁଲାଇରେ ଇଂଲଣ୍ଡ ବିପକ୍ଷ ସିରିଜ୍‌ର ଚତୁର୍ଥ ଟେଷ୍ଟରେ ପନ୍ତଙ୍କ ପାଦ ଫ୍ରାକ୍‌ଚର ହୋଇଥିଲା। ଏଥିଯୋଗୁ ଇଂଲଣ୍ଡ ବିପକ୍ଷ ଅନ୍ତିମ ଟେଷ୍ଟ ଓ ୱେଷ୍ଟଇଣ୍ଡିଜ୍ ବିପକ୍ଷ ଦୁଇ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ଲାଗି ସେ ଉପଲବ୍ଧ ନ ଥିଲେ। ରିକଭର କରିବା ପରେ ୨୭ ବର୍ଷୀୟ ପନ୍ତ ନିକଟରେ ଦକ୍ଷିଣ ଆଫ୍ରିକା ଏ’ ବିପକ୍ଷ ମ୍ୟାଚ୍‌ରେ ଭାରତ ଏ’ ଦଳର ନେତୃତ୍ୱ ନେବା ସହ ଦ୍ୱିତୀୟ ଇନିଂସ୍‌ରେ ୯୦ ରନ୍‌ର ଇନିଂସ୍ ଖେଳିଥିଲେ। ସେ ଶୁବମନ ଗିଲ୍‌ଙ୍କ ନେତୃତ୍ୱାଧୀନ ୧୫ ଜଣିଆ ଦଳରେ ଏନ୍. ଜଗଦୀଶନ୍‌ଙ୍କ ସ୍ଥାନ ନେଇଛନ୍ତି। ବେଙ୍ଗଲ ପେସର ଆକାଶ ଦୀପ ମଧ୍ୟ ଦଳକୁ ଫେରିଛନ୍ତି। ସେ କାନ୍ଧଜନିତ ଆହତ ସମସ୍ୟାରୁ ରିକଭର କରିବା ପରେ ଇରାନୀ ଟ୍ରଫି ଓ ରଣଜୀ ଟ୍ରଫି ଜରିଆରେ ପ୍ରତିଦ୍ୱନ୍ଦ୍ୱିତାମୂଳକ କ୍ରିକେଟ୍‌କୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଆସନ୍ତା ଗୁରୁବାରଠାରୁ ବେଙ୍ଗାଲୁରୁରେ ଦକ୍ଷିଣ ଆଫ୍ରିକା ଏ’ ବିପକ୍ଷରେ ହେବାକୁଥିବା ଦ୍ୱିତୀୟ ୪ ଦିନିଆ ମ୍ୟାଚ୍‌ରେ ସେ ଭାରତ ଏ’ ପାଇଁ ଖେଳିବେ। ଭାରତୀୟ ପେସ୍ ଆଟାକ୍‌ରେ ଯଶପ୍ରୀତ ବୁମ୍‌ରା ଓ ମହମ୍ମଦ ସିରାଜ ରହିଥିବା ବେଳେ ଭେଟେରାନ୍ ରବୀନ୍ଦ୍ର ଜାଡେଜ, ଅକ୍ଷର ପଟେଲ, କୁଲଦୀପ ଯାଦବ ଓ ୱାଶିଂଟନ ସୁନ୍ଦର ସ୍ପିନ୍ ବିଭାଗ ସମ୍ଭାଳିବେ। ସିରିଜ୍‌ର ପ୍ରଥମ ଟେଷ୍ଟ ଆସନ୍ତା ୧୪ ତାରିଖରୁ କୋଲ୍‌କାତାରେ ଓ ଦ୍ୱିତୀୟ ଟେଷ୍ଟ ୨୨ ତାରିଖରୁ ଗୁଆହାଟୀରେ ଖେଳାଯିବ।

ଅନ୍ୟପକ୍ଷରେ ରଣଜୀ ଟ୍ରଫିରେ ଗତ ୩ ମ୍ୟାଚ୍‌ରେ ବେଙ୍ଗଲ ପାଇଁ ଭଲ ପ୍ରଦର୍ଶନ କରିଥିବା ଶାମିଙ୍କୁ ଦଳରେ ସ୍ଥାନ ମିଳିନାହିଁ। ୩୫ ବର୍ଷୀୟ ପ୍ରିମିୟର ପେସର ଗତ ୩ ମ୍ୟାଚ୍‌ରେ ୯୩ ଓଭର ବୋଲିଂ କରି ୧୫ ଉଇକେଟ ନେଇଛନ୍ତି। ଏହାସତ୍ତ୍ୱେ ତାଙ୍କୁ ଦଳରେ ନିଆଯାଇନାହିଁ। ଏତଦ୍ ବ୍ୟତୀତ ଦକ୍ଷିଣ ଆଫ୍ରିକା ଏ’ ବିପକ୍ଷ ୩ ମ୍ୟାଚ୍‌ବିଶିଷ୍ଟ ଦିନିକିଆ ସିରିଜ୍ ଲାଗି ତିଲକ ବର୍ମାଙ୍କ ନେତୃତ୍ୱରେ ଭାରତ ଏ’ ଦଳ ଘୋଷଣା କରାଯାଇଛି। ସିରିଜ୍‌ର ସମସ୍ତ ମ୍ୟାଚ୍ ରାଜକୋଟରେ ଆସନ୍ତା ୧୩, ୧୬ ଓ ୧୯ ତାରିଖରେ ଖେଳାଯିବ।

**ଭାରତୀୟ ଟେଷ୍ଟ ଦଳ:** ଶୁବମନ ଗିଲ (ଅଧିନାୟକ), ରିଷଭ ପନ୍ତ (ଉପ ଅଧିନାୟକ), ଯଶସ୍ୱୀ ଜୟସ୍ୱାଲ, ଲୋକେଶ ରାହୁଲ, ସାଇ ସୁଦର୍ଶନ, ଦେବଦତ୍ତ ପାଡିକଲ, ଧ୍ରୁବ ଜୁରେଲ, ରବୀନ୍ଦ୍ର ଜାଡେଜା, ୱାଶିଂଟନ ସୁନ୍ଦର, ଅକ୍ଷର ପଟେଲ, ଯଶପ୍ରୀତ ବୁମ୍‌ରା, ନୀତୀଶ କୁମାର ରେଡ୍ଡୀ, ମହମ୍ମଦ ସିରାଜ୍, କୁଲଦୀପ ଯାଦବ ଓ ଆକାଶ ଦୀପ।

**ଭାରତ ଏ’ ଦିନିକିଆ ଦଳ:** ତିଲକ ବର୍ମା(ଅଧିନାୟକ), ଋତୁରାଜ ଗାଏକ୍ୱାଡ୍ (ଉପ ଅଧିନାୟକ), ଅଭିଷେକ ଶର୍ମା, ରିୟାନ ପରାଗ, ଇଶାନ କିଶାନ, ଆୟୁଷ ବଦୋନୀ, ନିଶାନ୍ତ ସିନ୍ଧୁ, ବିପ୍ରଜ ନିଗମ, ମାନବ ସୁଥାର, ହର୍ଷିତ ରାଣା, ଅର୍ଶଦୀପ ସିଂ, ପ୍ରସିଦ୍ଧ କ୍ରିଷ୍ଣା, ଖଲିଲ ଅହମ୍ମଦ ଓ ପ୍ରଭସିମରନ୍ ସିଂ।

# ଓଡ଼ିଶା ଚେସ୍ ପ୍ରିମିୟର ଲିଗ୍ ଅକ୍ସନ ଆଜି

**ଭୁବନେଶ୍ୱର, ୫।୧୧(ତପନ ସ୍ୱାଇଁ)**

- ୨୩ ରାଜ୍ୟରୁ ୧୯୦ ଚେସ୍ ଖେଳାଳି ପଞ୍ଜୀକୃତ
- ଓଡ଼ିଶାର ୯୦ ଖେଳାଳି ସାମିଲ




ଆଇକନିକ୍ ଓଡ଼ିଶା ଚେସ୍ ପ୍ରିମିୟର ଲିଗ୍ (ଆଇଓସିପିଏଲ୍)–୨୦୨୫ର ଅକ୍ସନ (ଖେଳାଳି ନିଲାମ) ଗୁରୁବାର ଏଠାରେ ଅନୁଷ୍ଠିତ ହେବ। ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନ (ଏଓସିଏ) ଏବଂ ଆଇକନିକ୍ ସ୍ପୋର୍ଟ୍ସ ଫାଉଣ୍ଡେଶନ (ଆଇଏସ୍‌ଏଫ୍)ର ଯୁଗ୍ମ ଆୟୋଜନରେ ଏହି ସମ୍ମାନ୍‌ଜନକ ଲିଗ୍ ଚଳିତ ମାସ ୧୪ରୁ ୧୬ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଇଣ୍ଡିଆନ ପ୍ରିମିୟର ଲିଗ୍(ଆଇପିଏଲ୍) ଫ୍ରାଞ୍ଚାଇଜ୍ ଫର୍ମାଟରେ ଏହି ପ୍ରତିଯୋଗିତା ଆୟୋଜନ ହେବାକୁ ଯାଉଛି। ଚଳିତବର୍ଷ ଟାଇଟଲ ପାଇଁ ୧୨ଟି ଦଳ ମଧ୍ୟରେ ଲଢ଼େଇ ହେବ। ଅକ୍ସନ ସମୟରେ ଖେଳାଳି, ପ୍ରାୟୋଜକ ଏବଂ ଆୟୋଜକମାନେ ଉପସ୍ଥିତ ରହିବେ ବୋଲି ଇଭେଣ୍ଟ ନିର୍ଦ୍ଦେଶକ ତଥା ଏଓସିଏ ସମ୍ପାଦକ ଦେବବ୍ରତ ଭଞ୍ଜ ପ୍ରକାଶ କରିଛନ୍ତି। ଅକ୍ସନ ଅବସରରେ ପଦ୍ମଶ୍ରୀ ଇଦା ବାଗୁସ ପୁତ୍ରା ମୁନାବା ମୁଖ୍ୟ ଅତିଥି ଏବଂ ସର୍ବଭାରତୀୟ ଚେସ୍ ଫେଡେରେଶନର ପରିଚାଳନା ମୁଖ୍ୟ ଅଜିତ୍ କୁମାର ବର୍ମା, ଯୁଗ୍ମ ସମ୍ପାଦକ ମନୀଷ କୁମାର ଏବଂ ନିଲାମକାରୀ ଅଙ୍କିତ୍ କୁମାର ଦଲାଲ ପ୍ରମୁଖ ଅନ୍ୟତମ ଅତିଥିଭାବେ ଉପସ୍ଥିତ ରହିବେ। ଗ୍ରାଣ୍ଡମାଷ୍ଟର, ଅନ୍ତର୍ଜାତୀୟ ମାଷ୍ଟର ଏବଂ ଅନ୍ୟ ଟାଇଟଲଧାରୀଙ୍କ ସମେତ ଏପର୍ଯ୍ୟନ୍ତ ୨୩ ରାଜ୍ୟରୁ ୧୯୦ ଚେସ୍ ଖେଳାଳି ନାମ ପଞ୍ଜୀକୃତ କରିସାରିଛନ୍ତି। ଏହା ମଧ୍ୟରେ ୯୦ ଜଣ ଓଡ଼ିଶା ଖେଳାଳି ସାମିଲ। ୧୨ଟି ଫ୍ରାଞ୍ଚାଇଜ୍ ଦଳରେ ୮ ଜଣ ଲେଖାଏ ଖେଳାଳି ରହିବେ। ପ୍ରତି ମ୍ୟାଚ୍‌ରେ ୬ ଜଣ ଖେଳିବେ ଏବଂ ଅବଶିଷ୍ଟ ୨ ଖେଳାଳି ଷ୍ଟାଣ୍ଡବାଇ ରହିବେ ବୋଲି ଦେବବ୍ରତ ସୂଚନା ଦେଇଛନ୍ତି।

# ଅଭିମନ୍ୟୁ–ସୂରଜ ଯୋଡ଼ି ପ୍ରଥମ

## ରାଜ୍ୟସ୍ତରୀୟ ନୌକାଚାଳନା ପ୍ରତିଯୋଗିତା

**ସୋନପୁର,୫।୧୧(ମୃତ୍ୟୁଞ୍ଜୟ ଶତପଥୀ)**

ସ୍ୱଚ୍ଛ, ସୁସ୍ଥ ଓ ସବୁଜ ମହାନଦୀ ବାର୍ତ୍ତା ନେଇ ପ୍ରତିବର୍ଷ ଭଳି ଚଳିତଥର ସୋନପୁର ସହର ତେନ୍ତୁଲିଘାଟସ୍ଥିତ ଭାଗବତ ପାଠାଗାର ପକ୍ଷରୁ ରାଜ୍ୟସ୍ତରୀୟ ନୌକା ପ୍ରତିଯୋଗିତା ବୁଧବାର ଆୟୋଜିତ ହୋଇଥିଲା। ମହାନଦୀର ଲଙ୍କେଶ୍ୱର ଗଣ୍ଡ ନିକଟରେ ଆୟୋଜିତ ପ୍ରତିଯୋଗିତାରେ ସୁବର୍ଣ୍ଣପୁର, ସମ୍ବଲପୁର, ବରଗଡ, ବଲାଙ୍ଗୀର, କଳାହାଣ୍ଡି, ଝାରସୁଗୁଡା, ସୁନ୍ଦରଗଡ, ବୌଦ୍ଧ ଓ ଅନୁଗୋଳ ଭଳି ଜିଲାରୁ ୪୦ ଯୋଡି ପ୍ରତିଯୋଗୀ ଭାଗ ନେଇଥିଲେ। ସୁବର୍ଣ୍ଣପୁର ସହରର ଅଭିମନ୍ୟୁ ବେହେରା ଓ ସୁରଜ ତରିଆ ଯୋଡି ପ୍ରଥମ ସ୍ଥାନ ଅଧିକାର କରିଥିଲେ। ବଲାଙ୍ଗୀର ଜିଲା ଠେଲ୍‌କାମୁଣ୍ଡାର ବିକାଶ ଛତ୍ରିଆ ଓ ଆଲୋକ ତରିଆ ଯୋଡି ଦ୍ୱିତୀୟ ଏବଂ ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ କେଉଟିପାଲିର ଶରତ ମହାଲିଙ୍ଗ ଓ ଅନଙ୍ଗ ତରିଆଙ୍କ ଯୋଡି ତୃତୀୟ ସ୍ଥାନ ଅଧିକାର କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ସୁବର୍ଣ୍ଣପୁର ଜିଲାପାଳ ଡ. ନୃପରାଜ ସାହୁ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥିଭାବେ ସୋନପୁର ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ପ୍ରତାପ ଚନ୍ଦ୍ର ତ୍ରିପାଠୀ, ପ୍ରାକ୍ତନ ନଗରପାଳ କଇରୁ ସ୍ୱାଇଁ, ସାମାଜିକକର୍ମୀ ଶ୍ରୀବତ୍ସ ମଲ୍ଲିକ, ପୁରୁଷୋତ୍ତମ ପାଣିଗ୍ରାହୀ, ଦୀପକ କୁମାର ମହାପାତ୍ର, ଗୋବିନ୍ଦ ମହାରଣା ଓ ଚକ୍ରାୟୁଧ ନାୟକ ପ୍ରମୁଖ ଯୋଗଦାନ କରିଥିଲେ। ବିଜେତା ଦଳକୁ ଟ୍ରଫି ସହ ନଗଦ ରାଶି ପ୍ରଦାନ କରାଯାଇଥିଲା। ପାଠାଗାର ସଭାପତି ସୂର୍ଯ୍ୟ ନାରାୟଣ ବେହେରା, ସମ୍ପାଦକ ପବିତ୍ର କୁମାର ସାହୁଙ୍କ ନେତୃତ୍ୱରେ ପାଠାଗାର କର୍ମକର୍ତ୍ତା ପ୍ରତିଯୋଗିତା ଆୟୋଜନରେ ସହଯୋଗ କରିଥିଲେ। କ୍ରୀଡା ଶିକ୍ଷକ ସଞ୍ଜୟ କୁମାର ସାହୁ, ମଧୁସୂଦନ ପଧାନ ଓ ଗୋବିନ୍ଦ ନାଏକ ରେଫେରି ଦାୟିତ୍ୱ ତୁଲାଇଥିଲେ।



ସୁବର୍ଣ୍ଣପୁର ସହର ନିକଟସ୍ଥ ମହାନଦୀର ଲଙ୍କେଶ୍ୱରୀ ଗଣ୍ଡରେ ଆୟୋଜିତ ନୌକା ଚାଳନା ପ୍ରତିଯୋଗିତା।

# ଦ୍ୱିତୀୟ ରାଉଣ୍ଡ ସୁଦ୍ଧା ଉମେଦ ଏକକ ଅଗ୍ରଣୀ

## ଦିଲୀପ ତିର୍କୀ ଆମନ୍ତ୍ରଣୀୟ ଗଲ୍ଫ

**ଭୁବନେଶ୍ୱର, ୫।୧୧(ତପନ ସ୍ୱାଇଁ)**

ଭୁବନେଶ୍ୱର ଗଲ୍ଫ କୋର୍ସ (ବିସିଜି)ଠାରେ ଚାଲିଥିବା ପିଜିଟିଆଇ ନେକ୍ସଟଜେନ୍ସ ‘ଦିଲୀପ ତିର୍କୀ ଆମନ୍ତ୍ରଣୀୟ ଗଲ୍ଫ ଟୁର୍ନାମେଣ୍ଟ’(ଡିଟିଆଇଜିଟି)ର ଦ୍ୱିତୀୟ ରାଉଣ୍ଡ ସୁଦ୍ଧା ଉମେଦ କୁମାର ଟୁ–ଅଣ୍ଡର ୭୦ ପାର୍ ସହ ୩ ଶଟ୍‌ରେ ଅଗ୍ରଣୀଲାଭ କରିଛନ୍ତି। ପ୍ରଥମ ରାଉଣ୍ଡ ଶେଷରେ ଯୁଗ୍ମ ଅଗ୍ରଣୀଥିବା ହରିୟାଣାର ଉମେଦ (୬୭–୭୦) ଦ୍ୱିତୀୟ ରାଉଣ୍ଡ ଶେଷବେଳକୁ ସେଭେନ–ଅଣ୍ଡର ୧୩୭ ପାର୍ ସ୍କୋର ସହ ଚଳିତ ସିଜନରେ ନିଜର ଦ୍ୱିତୀୟ ନେକ୍ସଟ୍‌ଜେନ ଟାଇଟଲ ହାସଲ ଆଶା ଉଜ୍ଜୀବିତ କରିଛନ୍ତି। ପୂର୍ବଦିନ ଅନ୍ୟତମ ଯୁଗ୍ମ ଅଗ୍ରଣୀଥିବା ଦିଭେଶ ରାଣା (୬୭–୭୩) ଦ୍ୱିତୀୟ ରାଉଣ୍ଡ ଶେଷସୁଦ୍ଧା ଫୋର୍–ଅଣ୍ଡର ୧୪୦ ପାର୍ ସ୍କୋର ସହ ଦ୍ୱିତୀୟ ସ୍ଥାନକୁ ଖସିଆସିଛନ୍ତି। ସଞ୍ଜୀବ କୁମାର (୭୨–୬୯) ୪ଟି ସ୍ଥାନ ଉପରକୁ ଉଠି ଏବେ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ତାଙ୍କର ମୋଟ ସ୍କୋର ଥ୍ରୀ–ଅଣ୍ଡର ୧୪୧ ପାର୍ ରହିଛି। ଏଥିରେ ଅଂଶଗ୍ରହଣ କରିଥିବା ସ୍ଥାନୀୟ ପେସାଦାର ଖେଳାଳିଙ୍କ ମଧ୍ୟରେ ଅଙ୍କିତ୍ ପାଢ଼ୀ ଓ ଅଜୟ କୁମାର ସାହୁ ଫାଇଭ୍–ଅଣ୍ଡର ୧୪୯ ପାର୍ ସହ ମିଳିତଭାବେ ୨୬ତମ ସ୍ଥାନରେ ରହିଛନ୍ତି। ୨୪ ବର୍ଷୀୟ ଉମେଦ ନେକ୍ସଟ୍‌ଜେନ୍‌ର ଅଣ୍ଡର ଅଫ୍ ମେରିଟ୍‌ରେ ଦ୍ୱିତୀୟ ସ୍ଥାନରେ ଥିବାରୁ ର୍ୟାଙ୍କିଂରେ ଶୀର୍ଷ ସ୍ଥାନ ପାଇଁ ପ୍ରମୁଖ ଦାବିଦାର ପାଲଟି ଯାଇଛନ୍ତି। ସଞ୍ଜୀବ କୁମାର ବର୍ତ୍ତମାନ ନେକ୍ସଟଜେନ୍ ଅଣ୍ଡର ଅଫ୍ ମେରିଟ୍‌ର ପ୍ରଥମ ସ୍ଥାନରେ ରହିଛନ୍ତି। ଗୁରୁବାର ଅନ୍ତିମ ଦିବସରେ ଶୀର୍ଷସ୍ଥାନ ପାଇଁ ଦୁହେଁ କଡ଼ା ଚ୍ୟାଲେଞ୍ଜର ସମ୍ମୁଖୀନ ହେବେ। ପ୍ରକାଶଯୋଗ୍ୟ, ପ୍ରଫେଶନାଲ ଗଲ୍ଫ ଟୁର୍ ଅଫ୍ ଇଣ୍ଡିଆ(ପିଜିଟିଆଇ) ଅନୁମୋଦିତ ଏହି ପ୍ରତିଯୋଗିତା ଓଡ଼ିଶାର ପ୍ରଥମ ପେସାଦାର ଗଲ୍ଫ ଟୁର୍ନାମେଣ୍ଟର ମାନ୍ୟତା ଲାଭ କରିଛି। ଏହି ପ୍ରତିଯୋଗିତା ଲାଗି ୨୦ ଲକ୍ଷ ଟଙ୍କାର ଆର୍ଥିକ ପୁରସ୍କାର ରାଶି ରଖାଯାଇଛି।




ଦ୍ୱିତୀୟ ରାଉଣ୍ଡରେ ଶଟ୍ ଖେଳିବା ଅବସରରେ ଉମେଦ କୁମାର।

Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ